ଧରିତ୍ରୀ 51 Years

ପୃଷ୍ଠା–୧୨+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ସେପ୍ଟେମ୍ବର ୨୭/୨୦୨୫ (୧୨+୮=୨୦ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, September 27/2025 Page 20 ₹ 7.00

୫୧ଶ ଭାଗ ୩୦୩ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 303 ମୂଲ୍ୟ₹୭/-

DSPL-279

ସତ୍ୟମେଵ ଜୟତେ
ଭାରତ ସରକାର ଓଡ଼ିଶା ସରକାର



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ
ସେବା ହିଁ ସଂକଳ୍ପ
ରାଷ୍ଟ୍ର ହିଁ ପ୍ରଥମ ପ୍ରେରଣା.... ୭୫ ବର୍ଷ



ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

# ସେବା ପର୍ବ-୨୦୨୫

## ~ ₹୬୦,୦୦୦ କୋଟି ମୂଲ୍ୟର ଭିତ୍ତିପ୍ରସ୍ତର ସ୍ଥାପନ ଓ ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଶୁଭ ଉନ୍ମୋଚନ

ପ୍ରଧାନମନ୍ତ୍ରୀ
**ଶ୍ରୀ ନରେନ୍ଦ୍ର ମୋଦୀଙ୍କ**
କରକମଳରେ

୨୭ ସେପ୍ଟେମ୍ବର ୨୦୨୫ | ପୂର୍ବାହ୍ନ ୧୧:୩୦ | ଅମଲିପାଲି ପଡ଼ିଆ, ଝାରସୁଗୁଡ଼ା

### ଭିତ୍ତିପ୍ରସ୍ତର ସ୍ଥାପନ

**ଆଠଟି** IIT (ଭିଲାଇ, ଧାରୱାଡ଼, ଜମ୍ମୁ, ପଲକ୍କଡ଼, ଯୋଧପୁର, ଇନ୍ଦୋର, ପାଟନା ଏବଂ ତିରୁପତି) ର ଭିତ୍ତିଭୂମି ସମ୍ପ୍ରସାରଣ ସହିତ ଆଗାମୀ ୪ ବର୍ଷରେ **୧୨ ହଜାର** ସିଟ୍ ବୃଦ୍ଧି - **₹ ୧୧,୦୦୦ କୋଟି**

**ସମ୍ବଲପୁର ସିଟି-ସରଲା** ମଧ୍ୟରେ **273 କୋଟି** ଟଙ୍କାର ରେଳ ଫ୍ଲାଇଓଭର

ଭୁବନେଶ୍ୱର IIT ର ସହଯୋଗରେ ସେମିକଣ୍ଡକ୍ଟର ଏବଂ ESDM ପାର୍କ ସ୍ଥାପନା ପାଇଁ ଶିଳାନ୍ୟାସ

### ନୂତନ ପ୍ରକଳ୍ପ/ ଯୋଜନା

**MERITE** ଯୋଜନା ମାଧ୍ୟମରେ ଇଞ୍ଜିନିୟରିଂ ଏବଂ ପଲିଟେକ୍‌ନିକ୍ ଶିକ୍ଷାନୁଷ୍ଠାନ ମାନଙ୍କର ଉନ୍ନତୀକରଣ -**₹ ୪,୨୦୦ କୋଟି**

**BSNL** ଦ୍ୱାରା ସ୍ୱଦେଶୀ 4G (5G ପ୍ରସ୍ତୁତ) ନେଟୱର୍କ ସେବା

ଓଡିଶାରେ କୌଶଳ ବିକାଶକୁ ଆଗେଇ ନେବା ପାଇଁ ବିଶ୍ୱ ଦକ୍ଷତା ବିକାଶ କେନ୍ଦ୍ର ସ୍ଥାପନା ସହିତ **₹ ୧,୯୭୯ କୋଟି** ଟଙ୍କାର ପ୍ରକଳ୍ପ

### କାର୍ଯ୍ୟାଦେଶ ବଣ୍ଟନ

**"ଅନ୍ତ୍ୟୋଦୟ ଗୃହ ଯୋଜନା"** ଅଧୀନରେ **୫୦ ହଜାର** ଘର ନିର୍ମାଣ ନିମନ୍ତେ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପତ୍ର ବଣ୍ଟନ

### ଶୁଭାରମ୍ଭ

**ବ୍ରହ୍ମପୁର ଏବଂ ସୁରଟ (ଉଧନା)** ମଧ୍ୟରେ ଅମୃତ ଭାରତ ଏକ୍ସପ୍ରେସ୍‌କୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ

### ରାଷ୍ଟ୍ରକୁ ସମର୍ପଣ

**କୋରାପୁଟ-ବାଇଗୁଡ଼ା** ରେଳ ଲାଇନ୍ ଦୋହରୀକରଣ -**₹ ୪୮୧ କୋଟି**

**ମାନାବାର-କୋରାପୁଟ-ଗୋରାପୁର** ରେଳ ଲାଇନ୍ ଦୋହରୀକରଣ - **₹ ୯୫୫ କୋଟି**

### ଉଦ୍‌ଘାଟନ

ରାଜ୍ୟର **୧୩୦ଟି** ଉଚ୍ଚଶିକ୍ଷା ଅନୁଷ୍ଠାନରେ **WI-FI ସୁବିଧା,** ଉପକୃତ ହେବେ **୨.୫ ଲକ୍ଷରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ - ₹ ୯୦ କୋଟି**

### ଯୋଜନା ଉନ୍ମୋଚନ

ବୀର ସୁରେନ୍ଦ୍ର ସାଏ ଆର୍ୟୁବିଜ୍ଞାନ ଓ ଗବେଷଣା ପ୍ରତିଷ୍ଠାନ, ବୁର୍ଲା ଏବଂ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟ, ବ୍ରହ୍ମପୁରକୁ ବିଶ୍ୱସ୍ତରୀୟ **ସୁପରସ୍ପେଶାଲିଟି** ଚିକିତ୍ସାଳୟରେ ରୂପାନ୍ତରିଣ କରାଯିବ - **₹ ୩,୦୦୦ କୋଟି**

ଗରିମାମୟ ଉପସ୍ଥିତି

**ଡ଼. ହରି ବାବୁ କମ୍ଭମପାଟି**
ରାଜ୍ୟପାଳ, ଓଡ଼ିଶା

**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ଶ୍ରୀ ଜୁଏଲ ଓରାମ**
କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ

**ଶ୍ରୀ କନକ ବର୍ଦ୍ଧନ ସିଂହ ଦେଓ**
ଉପ- ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ଶ୍ରୀମତୀ ପ୍ରଭାତୀ ପରିଡ଼ା**
ଉପ- ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ଶ୍ରୀ ସୁରେଶ ପୂଜାରୀ**
ମନ୍ତ୍ରୀ, ଓଡ଼ିଶା ସରକାର
(ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା)

**ଶ୍ରୀ ରବି ନାରାୟଣ ନାଏକ**
ମନ୍ତ୍ରୀ, ଓଡ଼ିଶା ସରକାର
(ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଏବଂ ପାନୀୟ ଜଳ)

**ଡ଼. ମୁକେଶ ମହାଲିଙ୍ଗ**
ମନ୍ତ୍ରୀ, ଓଡ଼ିଶା ସରକାର
(ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା)

**ଶ୍ରୀ ସୂର୍ଯ୍ୟବଂଶୀ ସୂରଜ**
ମନ୍ତ୍ରୀ, ଓଡ଼ିଶା ସରକାର
(ଉଚ୍ଚଶିକ୍ଷା, କ୍ରୀଡା ଏବଂ ଯୁବସେବା, ଓଡ଼ିଆ ଭାଷା, ସାହିତ୍ୟ ଏବଂ ସଂସ୍କୃତି)

**ଶ୍ରୀ ବୈଜୟନ୍ତ ପଣ୍ଡା**
ସାଂସଦ, କେନ୍ଦ୍ରାପଡ଼ା

**ଶ୍ରୀ ପ୍ରଦୀପ ପୁରୋହିତ**
ସାଂସଦ, ବରଗଡ଼

**ଶ୍ରୀ ଜୟନାରାୟଣ ମିଶ୍ର**
ବିଧାୟକ, ସମ୍ବଲପୁର

**ଶ୍ରୀ ଟଙ୍କଧର ତ୍ରିପାଠୀ**
ବିଧାୟକ, ଝାରସୁଗୁଡ଼ା

**ଓଡ଼ିଶା ସରକାର**

Scan for Live View

OIPR-11001/13/0108/2526

**Live on DD News and DD Odia**



GST BACHAT UTSAV
0 0 0
Down Payment Interest Processing
PATRA'S BIG FESTIVAL SALE
21st SEP - 2nd OCT
PATRA®
Creating Better Lifestyles
GET UPTO 2 EMI Refund
TRIPLE CASHBACK UPTO ₹30,000/-
EMI Starts 990/-
UPTO 36 MONTHS EMI FACILITY
ASSURED GIFTS for EMI Card holders
PROTEKT UPTO 4 YEARS EXTENDED WARRANTY WITH EASY EMI
Pay ₹3990/- Take 4 Products
INSTANT DELIVERY
Daily Lucky Draw Win 2.5 Lakhs Everyday
(VALID UNTIL 31.12.2025)
EXCHANGE SAVE UPTO 10,000/-
GIFT VOUCHER SMART WATCH WORTH ₹5990/- On Your Next Purchase
VALID UNTIL 30.12.2025
UP TO 7.5% INSTANT DISCOUNT* SBI card
*Min. Trxn.: `15,000; Max. Discount: `5,000 per card. Also valid on EMI Trxns. Validity: 24 Sep - 08 Oct 2025. T&C Apply.
iPhone 17 Series ₹0/- Down Payment 24 EMI EMI STARTS ₹3500/- + Get a smart watch worth ₹5999* FREE
SAMSUNG Galaxy Z Fold 7 EMI STARTS ₹2575/-
SAMSUNG Galaxy s25 ultra EMI STARTS ₹3999/-
oppo Oppo Reno 14 EMI STARTS ₹2790/-
oppo F31 Series 0 DOWN PAYMENT
vivo X200 fe EMI STARTS ₹2950
vivo V60 EMI STARTS ₹2950/-
ONEPLUS 13 EMI STARTS ₹3490/-
SAMSUNG Tablet EMI STARTS ₹999/-
ipad EMI STARTS ₹1999/-
Macbook EMI STARTS ₹3490/-
hp EMI STARTS ₹2990/-
DELL EMI STARTS ₹3190/-
acer Price STARTS ₹25,999/-
Lenovo Price STARTS ₹29,990/-
EMI STARTS ₹1490/-
EMI STARTS ₹999/-
hp EMI STARTS ₹1500/-
EMI STARTS ₹1199/-
Nikon EMI STARTS ₹5990/-
Canon EMI STARTS ₹4499/-
Smart Watch Price STARTS ₹1199/-
Price STARTS ₹799/-
EMI STARTS ₹5990/-
Power Bank Price STARTS ₹999/-
Neckband Price STARTS ₹299/-
Sound Bar upto 30% off
Bluetooth Speaker Price STARTS ₹799/-
UPTO 30% off EMI STARTS ₹1990/-
UPTO 35% off EMI STARTS ₹1250/-
UPTO 30% off EMI STARTS ₹850/-
UPTO 25% off EMI STARTS ₹2790/-
UPTO 30% off EMI STARTS ₹4590/-
UPTO 20% off EMI STARTS ₹1690/-
UPTO 25% off EMI STARTS ₹950/-
VISI COOLER EMI STARTS 2490/-
WATER COOLER EMI STARTS 2090/-
DEEP FREEZER EMI STARTS ₹1990/-
1.5 Ton 3 Star AC Price Starts ₹25,990/-
EMI STARTS ₹1990/-
KUTCHINA FREE
UP TO 30% Off
ଏବେ ଘରେ ପାଇବେ ସିନେମା ହଲ ର ଅନୁଭୂତି
100" MINI LED TV
Sound Box II
₹9990/-
Price ₹4,49,999/- + Price ₹9,990/- = ₹4,59,989/-
Offer Price Rs. 2,49,999/-
Rs. 1,15,490/- + Rs. 31,590/- = Rs. 1,47,080/-
Offer Price Rs. 75,000/-
SBS REF.
32" Smart Google TV
0% Finance ● EASY EMI ● EXCHANGE OLD HOME & OFFICE FURNITURE & SAVE UPTO ₹10,000/-
Hisense
Check Out Exciting Festive Offers Now
Avail GST Benefits
GLOBAL NO.1 in 100"+ TV
Fixed EMI ₹1999*
Zero* Downpayment
Cashback upto ₹10000*
1 YEAR* JioHotstar Premium Voucher
*T&C Apply. Offer applicable on selected models.
*Limited Period Offer
PATRA ELECTRONICS
Contact Us : 9040035044, 9937544443
DASPALLA : PH : 9078059633, BOUDH : PH : 9078058633, PATTAMUNDAI : PH : 8093007949, NABARANGPUR : PH : 8093009158, RAYAGADA : PH : 8093009134, JEYPORE : PH : 8093009132, SONEPUR : PH : 8093009159, SUNDARGARH : PH : 8093446128, SEMILIGUDA : PH : 8093009031, TALCHER : PH : 8093446129, RAHAMA : PH : 8093009032, SALEPUR : PH : 8093004353, BERHAMPUR : PH : 9938998049, 9040075527, PURI : PH : 9938060499, CHANDIKHOL : PH : 9938060899, BALANGIR : PH : 9178919222, BARGARH : PH : 9777220955, SAMBALPUR : AINTHAPALI: PH : 9777362111, DHANUPALI : PH : 8093004351, JHARSUGUDA : PH: 9040075526, ROURKELA : PH : 8260524244, ANGUL : PH : 9178128333, DHENKANAL : PH : 9777272111, KEONJHAR : PH : 9861024244, JAJPUR ROAD : PH : 9692474244, BARIPADA : PH : 8260024244, BALASORE : PH : 7853074244, 9861724244, KHORDHA : PH : 9040014044, JAGATSINGHPUR : PH : 9937250300, 9937178700, BHUBANEWSAR : HANSPAL : PH : 9778224244, SAI MANDIR CHACK, TANKAPANI ROAD : PH : 9777939344, BARAMUNDA: PH : 9040026744, BAPUJI NAGAR : PH: 9040035444, SAHEEDNAGAR : PH : 8984074244, PATIA : PH : 9437020420, KHANDAGIRI : PH : 9438803734, CUTTACK : CHOUDWAR : PH : 9777089501, CDA : PH : 9437061055, CHAULIAGANJ : PH : 9777268111, BADAMBADI : PH : 9437579644, COLLEGE SQUARE : PH : 8093009035, JALESWAR : PH : 9163690709, ETERNAL ELECTRONICS BARIKPUR BAZAR, BHADRAK PH : 7008046628
T & C Apply. Indicated Offers are selected models & brands specific. Product visuals are for representational purpose only, offers valid till stock last & can not be clubbed. exchange offer at sole discretion of the company. All EMI`s offer are applicable at sole discretion of financing companies &tenure of EMI varies from company to company. All disputes are subject to the juridiction of courts at cuttack only

ଧରିତ୍ରୀ
DHARITRI
ଧରିତ୍ରୀ 51 Years



# ଓଡ଼ିଶାରେ ଏସ୍‌ଆଇଆର୍ ଆରମ୍ଭ

## ୪୫ ହଜାର ବିଏଲ୍‌ଓ ନିୟୋଜିତ ହେବେ: ସିଇଓ

**ଭୁବନେଶ୍ୱର, ୨୬।୯ (ରବିନାରାୟଣ ଜେନା)**

ଓଡ଼ିଶାରେ ନୂଆପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀକୁ ବାଦ୍ ଦେଇ ଅନ୍ୟ ୧୪୬ ଆସନ ପାଇଁ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ପ୍ରକ୍ରିୟା ଆରମ୍ଭ ହୋଇଛି। ଏନେଇ ଭାରତର ନିର୍ବାଚନ ଆୟୋଗ (ଇସିଆଇ)ଙ୍କ ପକ୍ଷରୁ ଅନୁମତି ମିଳିଛି। ତେବେ ଚୂଡ଼ାନ୍ତ ସୂଚୀ ଘୋଷଣାକୁ ଅପେକ୍ଷା କରାଯାଇଥିବା ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ) ଆର. ଏସ୍. ଗୋପାଲନ୍ କହିଛନ୍ତି।

ଶୁକ୍ରବାର ପୂର୍ବାହ୍ନରେ ସିଇଓଙ୍କ କାର୍ଯ୍ୟାଳୟରେ ଗୋପାଲନ୍‌ଙ୍କ ଅଧ୍ୟକ୍ଷତାରେ ଏନେଇ ରାଜ୍ୟର ସମସ୍ତ ଜିଲା ନିର୍ବାଚନ ଅଧିକାରୀ ଏବଂ ଜିଲାପାଳଙ୍କ ସହିତ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକର ସୂଚନା ଅନୁଯାୟୀ, ଏସ୍‌ଆଇଆର୍ ପ୍ରକ୍ରିୟାରେ ସିଇଓଙ୍କ କାର୍ଯ୍ୟାଳୟ ପକ୍ଷରୁ ଏଥର ୪୫ହଜାର ବ୍ଲକସ୍ତରୀୟ ଅଧିକାରୀ (ବିଏଲ୍‌ଓ)ଙ୍କୁ ସାମିଲ କରାଯିବ। ପୂର୍ବରୁ ୩୮ହଜାର ବିଏଲ୍‌ଓ ଏହି କାର୍ଯ୍ୟ ତୁଲାଉଥିବାବେଳେ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶକ୍ରମେ ଏହି ସଂଖ୍ୟା ବଢ଼ାଯାଇଛି। ଚଳିତଥର ଏସ୍‌ଆଇଆର୍ ଯେପରି ସୁରୁଖୁରୁରେ ହେବ ସେଥିପାଇଁ ଅଧିକ ବୁଥ୍ ବଢ଼ାଯାଇଛି। ଏହି ଅବସରରେ କ୍ଷେତ୍ରସ୍ତରୀୟ କାର୍ଯ୍ୟାନ୍ୱୟନର ବର୍ତ୍ତମାନ ସ୍ଥିତି ଏବଂ ଏସ୍‌ଆଇଆର୍‌ର ସୁଗମ ପରିଚାଳନା ପାଇଁ ନିଆଯାଇଥିବା ପଦକ୍ଷେପଗୁଡ଼ିକ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଇସିଆଇଙ୍କ ନିର୍ଦ୍ଦେଶକୁ ସମୟ ଭିତରେ ଅନୁପାଳନ କରିବାକୁ କୁହାଯାଇଛି। ଏହି ସଂଶୋଧନ ପ୍ରକ୍ରିୟା ଚାଲୁଥିବା ଓ ଅନ୍ୟାନ୍ୟ ସମୟରେ ବିଏଲ୍‌ଓଙ୍କୁ ପୂର୍ଣ୍ଣ ସହଯୋଗ କରିବାକୁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ବୈଠକରେ ୨୦୦୨ ଏବଂ ୨୦୨୫ ଭୋଟର ତାଲିକା ମଧ୍ୟରେ ତୁଳନାତ୍ମକ ସ୍ଥିତି ଏବଂ ସାରାଂଶ ରିପୋର୍ଟ ଦାଖଲ କରାଯିବା କୁହାଯାଇଛି। ସେପ୍ଟେମ୍ବର ୨୫ ଆଧାରରେ ଫର୍ମ ୬, ୭ ଏବଂ ୮ର ପ୍ରସ୍ତୁତ କରାଯାଉଛି। ଏସ୍‌ଆଇଆର୍ ସୂଚୀ ଘୋଷଣା ପରେ ତୁରନ୍ତ ପରିଗଣନା ଫର୍ମ ☞ପୃଷ୍ଠା-୨

# ଆଜି ଝାରସୁଗୁଡ଼ା ଆସୁଛନ୍ତି ପ୍ରଧାନମନ୍ତ୍ରୀ


ନରେନ୍ଦ୍ର ମୋଦି

## କାର୍ଯ୍ୟକ୍ରମ ସ୍ଥଳରେ ସମୀକ୍ଷାକଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୨୬।୯(ସୁନିତ୍ ମିଶ୍ର)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ଦିନିକିଆ ଝାରସୁଗୁଡ଼ା ଗସ୍ତରେ ଆସିବେ। ଝାରସୁଗୁଡ଼ାସ୍ଥିତ ଆମଲିପାଲି ପଡ଼ିଆଠାରେ ଆୟୋଜିତ ସାଧାରଣ ସଭାରେ ଯୋଗଦେଇ ପ୍ରଧାନମନ୍ତ୍ରୀ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଏବଂ ଲୋକାର୍ପଣ କରିବା କାର୍ଯ୍ୟକ୍ରମ ରହିଛି। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ଯେପରି ସଫଳ ହେବ ସେଥିଲାଗି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୂର୍ବରୁ ଝାରସୁଗୁଡ଼ା ଗସ୍ତ କରି ସମୀକ୍ଷା କରିଛନ୍ତି। କାର୍ଯ୍ୟକ୍ରମ ସ୍ଥଳର ବ୍ୟବସ୍ଥାକୁ ମଧ୍ୟ ସେ ☞ପୃଷ୍ଠା-୨

# ମିଗ୍-୨୧ ଯୁଗର ଅବସାନ

**ଚଣ୍ଡିଗଡ଼, ୨୬।୯**



ଦୀର୍ଘ ୬୨ ବର୍ଷ ଧରି ଭାରତକୁ ସେବା ଦେବା ପରେ ବାୟୁସେନାର ପ୍ରସିଦ୍ଧ ଯୁଦ୍ଧ ବିମାନ ମିଗ୍-୨୧ ଶୁକ୍ରବାର ଅବସର ଗ୍ରହଣ କରିଛି। ଏହି ଅବସରରେ ଚଣ୍ଡିଗଡ଼ ଏୟାରଫୋର୍ସ ଷ୍ଟେଶନରେ ଏକ ଭବ୍ୟ ବିଦାୟୀ ସମାରୋହ ଅନୁଷ୍ଠିତ ହୋଇଥିଲା। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ, ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ (ସିଡିଏସ୍) ଜେନେରାଲ ଅନିଲ ଚୌହାନ, ଏୟାର ଚିଫ୍ ମାର୍ଶାଲ ଏପି ସିଂ, ନୌସେନା ମୁଖ୍ୟ ଆଡ୍‌ମିରାଲ ଦୀନେଶ କୁମାର ତ୍ରିପାଠୀ, ଅନେକ ପୂର୍ବତନ ବାୟୁସେନା ମୁଖ୍ୟ ଏହି କାର୍ଯ୍ୟକ୍ରମରେ ପହଞ୍ଚିଥିଲେ। ସମାରୋହରେ ଆକାଶଗଙ୍ଗା ପାରାଚ୍ୟୁଟ୍ ଟିମ୍ ପକ୍ଷରୁ ରୋମାଞ୍ଚକ ସ୍କାଏ ଡାଇଭିଂ ଶୋ'ର ପ୍ରଦର୍ଶନ କରାଯାଇଥିଲା। ଏହି ଅବସରରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ କହିଛନ୍ତି, ପ୍ରତିରକ୍ଷା ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ** | ନେତୃତ୍ୱ ଅପେକ୍ଷାରେ










#Min. Trxn.: ₹3,000; Max. Discount: ₹500 per card; Valid only on one trxn. per card; Validity: 13 Sep - 20 Oct 2025. T&C Apply.

₹3499 ର କିଣାକିଣି କରନ୍ତୁ ଏବଂ ଏକ ଆକର୍ଷଣୀୟ ଉପହାର ପାଆନ୍ତୁ*





*ସର୍ତ୍ତାବଳୀ ଲାଗୁ । ଉପହାର ପାଇବା ପାଇଁ କ୍ରେତାଙ୍କୁ କେବଳ ₹249 ଦେବାକୁ ହେବ । ଅନ୍ୟାନ୍ୟ ଉପହାର ଅଫର ମଧ ଷ୍ଟୋରରେ ଉପଲବ୍ଧ । ଷ୍ଟକ୍ ରହିବା ପର୍ଯ୍ୟନ୍ତ ଅଫର ବୈଧ । ଅଫର ବିନା ସାମଗ୍ରୀଗୁଡ଼ିକ କିଣାଯାଇପାରିବ ।

# ଆଜି କ'ଣ କେଉଁଠି

## କଟକ
- ଶ୍ରୀରାମଚରିତ ମାନସ ଓ ସାମୂହିକ ରାମାୟଣ ପାଠର ପଞ୍ଚମ ଦିବସ, ସ୍ଥାନ: ଶ୍ରୀରାଧା କୁଟୀର, ମହିଦାସ ବଜାର, ସମୟ: ସକାଳ ୭ଟା।

## ଖୋର୍ଦ୍ଧା
- ସୁସ୍ଥ ନାରୀ, ସଶକ୍ତ ପରିବାର ଅଭିଯାନ କାର୍ଯ୍ୟକ୍ରମ ଉପଲକ୍ଷେ ଜଟଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ଜଟଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ସମୟ: ପୂର୍ବାହ୍ନ ୧୦ଟା ୩୦।

## ବାଲେଶ୍ୱର
- ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ସାମ୍ବାଦିକ ପ୍ରକୋଷ୍ଠ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- କବିବର ସ୍ମୃତି ପର୍ବ-୨୦୨୫, ସ୍ଥାନ: ଓମ୍ ସାଇ ମଣ୍ଡପ, ସୋର, ସମୟ: ସନ୍ଧ୍ୟା ୬ଟା ୩୦।
- କବିତା ପାଠ ଓ ସାହିତ୍ୟ ସଭା, ସ୍ଥାନ: ବିବେକାନନ୍ଦ ଶିକ୍ଷାକେନ୍ଦ୍ର, ବସ୍ତା, ସମୟ: ଅପରାହ୍ନ ୩ଟା।

## କେନ୍ଦୁଝର
- ରାଷ୍ଟ୍ରୀୟ ସେବିକା ସମିତିର ପଥ ସଂଚଳନ କାର୍ଯ୍ୟକ୍ରମ, ସ୍ଥାନ: କାଳି ପଡ଼ିଆ, କେନ୍ଦୁଝର ସମୟ: ସକାଳ ୯ ଟା।
- ଶ୍ରୀଶ୍ରୀଶନିଦେବଙ୍କ ମନ୍ଦିରରେ ପୂଜାର୍ଚ୍ଚନା, ଭଜନ କୀର୍ତ୍ତନ, ସ୍ଥାନ: ଛେନାପଦି ଛକ, ଛେନାପଦି, ସମୟ: ସକାଳ ୭ ଟା ଓ ସନ୍ଧ୍ୟା ୬ ଟା।
- ବିଶ୍ୱ ପର୍ଯ୍ୟଟନ ଦିବସ ପାଳନ, ସ୍ଥାନ: ସୁନ୍ଦରାପାଳ, ହଦଗଡ଼, ଛେନାପଦି, ସମୟ: ପୂର୍ବାହ୍ନ ୧୦ ଟା।

## ମୟୂରଭଞ୍ଜ
- ବନବିଭାଗର ଭିଏସ୍ଏସ୍ କାର୍ଯ୍ୟକ୍ରମ,ସ୍ଥାନ:ଚକୁଳିଆ, ରାସଗୋବିନ୍ଦପୁର,ସମୟ: ପୂର୍ବାହ୍ନ ୧୦ଟା।
- ହସ୍ତତନ୍ତ ଓ ହସ୍ତଶିଳ୍ପ ମେଳା,ସ୍ଥାନ: ଛଉ ପଡ଼ିଆ,ବାରିପଦା,ସମୟ: ପୂର୍ବାହ୍ନ ୧୧ଟା।

## ବ୍ରହ୍ମପୁର
- ବନ୍ଦେ ଭାରତ ଟ୍ରେନ ଉଦ୍‌ଘାଟନ, ସ୍ଥାନ: ବ୍ରହ୍ମପୁର ଷ୍ଟେଶନ, ସମୟ: ସକାଳ ୯ଟା ୩୦।

## ଜଗତ୍‌ସିଂହପୁର
- ପିଇଡିଏ ପକ୍ଷରୁ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ, ସ୍ଥାନ: ମାଛଧରାବନ୍ଦର, ନେହେରୁବଙ୍ଗଳା, ପାରାଦୀପ, ସମୟ: ସକାଳ ୭ଟା।
- ବିଶ୍ୱ ପର୍ଯ୍ୟଟନ ଦିବସ ଉପଲକ୍ଷେ ଜିଲାସ୍ତରୀୟ କୁଇଜ୍ ପ୍ରତିଯୋଗିତା, ସ୍ଥାନ: ଆଦିକବି ସାରଳା ଦାସ ସଂସ୍କୃତି ଭବନ, ଜଗତ୍‌ସିଂହପୁର, ସମୟ: ପୂର୍ବାହ୍ନ ୧୦ଟା।
- ପୋର୍ଟ ବଣିକସଂଘ ପକ୍ଷରୁ ଷୋଡଶ ପୂଜା, ସ୍ଥାନ: ବଡ଼ପଡିଆ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।
- ଇଫ୍‌କୋ ଜ୍ୟୋତି ଲେଡିଜ କ୍ଲବ ପକ୍ଷରୁ ନବରାତ୍ର ଉପଲକ୍ଷେ ଦାଣ୍ଡିଆ ନୃତ୍ୟ କାର୍ଯ୍ୟକ୍ରମ, ସ୍ଥାନ: ସଂସ୍କୃତି ଭବନ, ଇଫ୍‌କୋ ଟାଉନଶିପ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା
- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ଜମଧର, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼
- ଷୋଡଶ ଦିବସୀୟ ପୂଜାର ଚର୍ତୁଦଶ ଦିବସ, ସ୍ଥାନ: କନକ ଦୁର୍ଗା ଦେବୀ ଠାକୁରାଣୀ ପୀଠ ନୟାଗଡ଼ ପୁରୁଣା ସହର ରାଜବାଟି ପାଖ, ସମୟ: ସକାଳ ୭ଟା।
- ନାରାୟଣୀଙ୍କ ଷୋଡଶ ପୂଜାର ଚର୍ତୁଦଶ ଦିବସ, ସ୍ଥାନ: ଭାପୁର ବ୍ଲକର ପଥରଚକଡା ପୀଠ, ସମୟ: ସକାଳ ୮ଟା।
- ସତ୍ୟ ସାଇବାବାଙ୍କର ଦିବ୍ୟ ପାଦୁକା ଯାତ୍ରା, ସ୍ଥାନ: ନୟାଗଡ଼ ସହର, ଓଡ଼ଗାଁ ବ୍ଲକର ସୋଲପଟା, ଦରପଦା, ସାବିଦେଇପୁର, କଟରାଝରି, ଶରଣକୁଳ ସମେତ ଆଖପାଖ ଅଞ୍ଚଳ, ସମୟ: ସକାଳ ୮ଟାରୁ ରାତି ୯ଟା ୩୦ଟା।
- ଦୁର୍ଗାପୂଜା ଅବସରରେ ଷଷ୍ଠୀ ପୂଜା, ସ୍ଥାନ: ଖଣ୍ଡପଡ଼ା ବ୍ଲକର ବନମାଳିପୁର ପଞ୍ଚାୟତ ବାହାଡାଗୁଣୀ ପୀଠ, ସମୟ: ପୂର୍ବାହ୍ନ ୧୦ଟା।
- ଦକ୍ଷିଣ ଚଣ୍ଡୀଙ୍କ ବାର୍ଷିକ ଉତ୍ସବ, ସ୍ଥାନ: ଖଣ୍ଡପଡ଼ା ବ୍ଲକର କଣ୍ଟିଲୋ କୃଷ୍ଣଚନ୍ଦ୍ରପୁରପାଟଣା, ସମୟ: ଅପରାହ୍ନ ୨ଟା।
- ବିମଳାଙ୍କ ଷୋଡଶ ପୂଜାର ଚର୍ତୁଦଶ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ପୀଠ, ସମୟ: ସନ୍ଧ୍ୟା ୭ଟା।
- ଷୋଡଶ ଦିବସୀୟ ପୂଜାର ଚର୍ତୁଦଶ, ସ୍ଥାନ: ଶରଣକୁଳ ଲଡୁବାବାଙ୍କ ପୀଠ ପାର୍ବତୀ ଠାକୁରାଣୀଙ୍କ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ରାୟଗଡ଼ା
- ସୁସ୍ଥ ନାରୀ, ସଶକ୍ତ ପରିବାର ପକ୍ଷରୁ ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ରାୟଗଡା ମହିଳା ମହାବିଦ୍ୟାଳୟ ସେମିନାର ହଲ, ସମୟ: ପୂର୍ବାହ୍ନ ୧୦ଟା।
- ଏକଲକ୍ଷ ଦୀପ ପ୍ରଜ୍ୱଳନ କାର୍ଯ୍ୟକ୍ରମ, ସ୍ଥାନ: ମା' କନକ ଦୁର୍ଗା ମନ୍ଦିର, ପୁରୁଣା ଗୁଣପୁର, ସମୟ: ଅପରାହ୍ନ ୩ଟା ୩୦।
- ବ୍ରହ୍ମପୁର-ଉଧନା ସ୍ୱତନ୍ତ୍ର ଅମ୍ରିତ ଭାରତ ଟ୍ରେନ୍ ଶୁଭାରମ୍ଭ କାର୍ଯ୍ୟକ୍ରମ, ସ୍ଥାନ: ରାୟଗଡ଼ା ରେଳ ଷ୍ଟେଶନ ପରିସର, ସମୟ: ଅପରାହ୍ନ ୫ଟା।

## ନବରଙ୍ଗପୁର
- ପର୍ଯ୍ୟଟନ ବିଭାଗ ପକ୍ଷରୁ କୁଇଜ୍ ପ୍ରତିଯୋଗିତା, ସ୍ଥାନ: ନବରଙ୍ଗପୁର ସଂସ୍କୃତି ଭବନ, ସମୟ: ସକାଳ ୯ଟା।

## କୋରାପୁଟ
- ନବରାତ୍ର ନେଇ ମା' ବିମଳାଙ୍କ କାତ୍ୟାୟନୀ ବେଶ, ସ୍ଥାନ: ଶାବର ଶ୍ରୀକ୍ଷେତ୍ର, କୋରାପୁଟ, ସମୟ: ପ୍ରାତଃ ୫ଟା।
- ସଂସ୍କୃତ ବିଦ୍ୟାପୀଠ ସ୍ଥାପନା ନେଇ ଖବରଦାତା ସମ୍ମିଳନୀ, ସ୍ଥାନ: ଜ୍ଞାନ ମନ୍ଦିର, ଶାବର ଶ୍ରୀକ୍ଷେତ୍ର, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ସମ୍ବଲପୁର
- ଯୋଗ ପରିବାର ଆୟୋଜନରେ ନିଃଶୁଳ୍କ ଯୋଗ ଶିବର, ସ୍ଥାନ: ହାୱା ମଇଦାନସ୍ଥିତ ଗାନ୍ଧୀ ପାର୍କ, ସମୟ: ସକାଳ ୬ଟା।
- କାମାକ୍ଷା ମନ୍ଦିରରେ ଚଣ୍ଡି ହୋମ ଓ ଚଣ୍ଡିପାଠ, ସ୍ଥାନ: ଭାଲୁପାଲି ନିକଟସ୍ଥ ମନ୍ଦିର ପରିସର, ସମୟ: ସକାଳ ୮ଟା।
- ଶ୍ରୀଶ୍ରୀ ରଣେଶ୍ୱର ରାମଚଣ୍ଡି ପୀଠରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା, ସ୍ଥାନ: ଦାନୀପାଲି ସ୍ଥିତ ମନ୍ଦିର ପରିସର, ସମୟ: ସକାଳ ୮ଟା।
- ଶାରଦୀୟ ଦଶହରା ପୂଜା ସକାଶେ ପୀଠରେ ଷଷ୍ଠୀ ପୂଜା, ସ୍ଥାନ: ସମଲେଶ୍ୱରୀ ମନ୍ଦିର, ସମୟ: ସକାଳ ୮ଟା।
- ଶ୍ରୀରାମ ବିଜୟା ଦଶମୀ ମହୋତ୍ସବ ସମିତି ଆୟୋଜିତ ଶ୍ରୀରାମ ଲିଳା କାର୍ଯ୍ୟକ୍ରମ, ସ୍ଥାନ: ଅଇଁଠାପାଲି ପିଏଚଡି ପଡିଆ, ସମୟ: ସନ୍ଧ୍ୟା ୭ଟା।

## ବଲାଙ୍ଗୀର
- ଦୁର୍ଗାପୀଠରେ ସ୍କନ୍ଦମାତା ପୂଜା, ସ୍ଥାନ: ରୁଗୁଡିପଡା, ପିପି ଏକାଡେମୀ, ପେଲେସଲାଇନ୍, ଗାନ୍ଧୀନଗରପଡା, ଟିକ୍ରାପଡା, କନ୍ଧପାଲିପଡା, ଠିକାଦାରପଡା, ବଲାଙ୍ଗୀର, ସମୟ: ସକାଳ ୭ଟା।

## ରାଉରକେଲା
- ମ୍ୟୁନିସିପାଲ କଲେଜରେ ସଫେଇ ଅଭିଯାନ କାର୍ଯ୍ୟକ୍ରମ, ସ୍ଥାନ: ଉଦିତ ନଗର, ସମୟ: ସକାଳ ୯ଟା।
- ମାସିକ ସାହିତ୍ୟ ଆସର, ସ୍ଥାନ: ବାସନ୍ତୀ ପାଠାଗାର, ସମୟ: ସନ୍ଧ୍ୟା ୬ଟା ୩୦।

## ସୁନ୍ଦରଗଡ଼
- ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଶତାବ୍ଦୀ ବର୍ଷ ଓ ବିଜୟା ଦଶମୀ ଉତ୍ସବ ପାଳନ,ସ୍ଥାନ:ଭବାନୀ ଭବନ ଷ୍ଟାଡିୟମ ପଡିଆ,ସମୟ:ଅପରାହ୍ନ ୪ଟା।
- ହେମନ୍ତ ସାହୁ ସ୍ମୃତି ସନ୍ଧ୍ୟା, କବି ହେମନ୍ତ ସାହୁଙ୍କ ସାହିତ୍ୟ ଓ ଜୀବନୀ ସମ୍ପର୍କିତ ଆଲୋଚନା ଓ କବିତା ପାଠ, ସ୍ଥାନ: ନାରୀ କଲ୍ୟାଣ କେନ୍ଦ୍ର ପରିସର ବୀରମିତ୍ର କ୍ଲବ,ପବ୍ଲିକ ସ୍କୁଲ, ସମୟ: ସନ୍ଧ୍ୟା: ୬ଟା।

## ବରଗଡ଼
- ସୁପ୍ରିୟା ସ୍ମାରକୀ ଫୁଟବଲ,ସ୍ଥାନ: ଲେଙ୍ଗୁ ମିଶ୍ର ଷ୍ଟେଡିୟମ, ବରଗଡ଼, ସମୟ : ଅପରାହ୍ନ ୨ଟା ।
- କିଶନ ପଟ୍ଟନାୟକଙ୍କ ଶ୍ରାଦ୍ଧବାର୍ଷିକୀ ପାଳନ, ସ୍ଥାନ: ଯଦୁମଣି ପ୍ରଧାନ ଅଡିଟୋରିୟମ, ବରଗଡ଼, ସମୟ:ସନ୍ଧ୍ୟା ୬ଟା।

## କଳାହାଣ୍ଡି
- ଶାରଦୀୟ ଦୁର୍ଗାପୂଜା ଆରମ୍ଭ, ସ୍ଥାନ: ଭବାନୀପାଟଣା ପ୍ରଦେଶୀପଡା, ସମୟ: ସକାଳ ୮ଟା।
- ନୂତନ ଟ୍ରେନ୍ ଅମୃତ ଭାରତ ଏକ୍ସପ୍ରେସ୍‌ର ଶୁଭ ଉଦ୍‌ଘାଟନ, ସ୍ଥାନ: କେସିଙ୍ଗା ରେଳଷ୍ଟେଶନ, ସମୟ: ସନ୍ଧ୍ୟା ୭ଟା ୪୫।

## ଦେବଗଡ଼
- ନବରାତ୍ର ପୂଜା ଷଷ୍ଠ ଦିବସ, ସ୍ଥାନ: ମା' କନକଦୁର୍ଗା ମନ୍ଦିର, ଶନି ମନ୍ଦିର, ଶିରିଡ଼ି ସାଇ ମନ୍ଦିର, ମା' ପଧାନୀ ଓ ଦକ୍ଷିଣକାଳୀ ମନ୍ଦିର, ଦେବଗଡ଼ ସହର, ସମୟ: ପୂର୍ବାହ୍ନ ୧୧ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ଼ ପଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର
- ସୁବର୍ଣ୍ଣପୁରର ଇଷ୍ଟଦେବୀ ମା' ସୁରେଶ୍ୱରୀଙ୍କ କାତ୍ୟାୟନୀ ବେଶ, ସ୍ଥାନ:ମନ୍ଦିର ପରିସର, ସମୟ: ସକାଳ ୮ଟା ୩୦।
- ବୀରମହାରାଜପୁର ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପକ୍ଷରୁ ବିଜୟାଦଶମୀ ଉତ୍ସବ,ସ୍ଥାନ:ଅନ୍ନପୂର୍ଣ୍ଣା ରେସିଡେନ୍ସି, ବୀରମହାରାଜପୁର, ସମୟ: ଅପରାହ୍ନ ୪ଟା
- ସୁବର୍ଣ୍ଣପୁର ସହରର ନ୍ୟୁ ଷ୍ଟାର କ୍ଲବ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍ ୨୦୨୫, ସ୍ଥାନ: ଝୁପୁଡିପଡା ପଡିଆ, ସମୟ: ସନ୍ଧ୍ୟା ୬ଟା ୩୦।

## ନୂଆପଡ଼ା
- ଶ୍ରୀ ଦୁର୍ଗା ମନ୍ଦିରରେ ଅଖଣ୍ଡ ଦୀପ ପ୍ରଜ୍ୱଳନ, ସ୍ଥାନ: ବୋଡେନ ବ୍ଲକ ରାମତୀର୍ଥ ପାତାଳ ଗଙ୍ଗା, ସମୟ: ସକାଳ ୭ଟା।
- ଶାରଦୀୟ ନବରାତ୍ର ଦୁର୍ଗା ପୂଜାରେ ମାତା ସ୍କନ୍ଦମାତା ପୂଜା, ସ୍ଥାନ: କୋମନା ବ୍ଲକ ତରବୋଡ ସାପ୍ତାହିକ ବଜାର ପଡିଆ, ସମୟ: ସକାଳ ୮ଟା।
- ମିଶନ ଶକ୍ତି କମ୍ୟୁନିଟି ସପୋର୍ଟ ଷ୍ଟାଫ ଧାରଣା ଷଷ୍ଠ ଦିବସ, ସ୍ଥାନ: ବ୍ଲକ ମିଶନ ଶକ୍ତି କାର୍ଯ୍ୟାଳୟ ନୂଆପଡା, ସମୟ: ପୂର୍ବାହ୍ନ ୧୦ଟା।
- ବ୍ରହ୍ମପୁର - ଉଧାନ (ସୁରତ) ଅମୃତ ଭାରତ ଏକ୍ସପ୍ରେସ ଟ୍ରେନ୍ ଉଦ୍‌ଘାଟନ, ସ୍ଥାନ: ଖରିଆର ରୋଡ ରେଳଷ୍ଟେଶନ, ସମୟ: ପୂର୍ବାହ୍ନ ୧୧ଟା।
- ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ ଏକାଦଶ ଦିବସ, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ ନୂଆପଡା, ସମୟ: ପୂର୍ବାହ୍ନ ୧୧ଟା।
- ଜୟହିନ୍ଦ ଯୁବକ ସଂଘ ନବଦୁର୍ଗା କମିଟି ବିରେଶକେଲା ପକ୍ଷରୁ ରାମଲୀଳା ପରିବେଷଣ, ସ୍ଥାନ: ବୋଡେନ ବ୍ଲକ ବିରେଶକେଲା ଗାଁ, ସମୟ: ରାତି ୯ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଅଷ୍ଟମ ଚନ୍ଦ୍ର ହେତୁ କର୍ମକ୍ଷେତ୍ରରେ ଅପ୍ରୀତିକର ପରିସ୍ଥିତିର ସାମ୍ନା କରିବାକୁ ପଡ଼ିପାରେ। ସମ୍ମୁଖରେ ଭଲ କହୁଥିବା ଲୋକଟି ପଛରେ ବିଭିନ୍ନ କଥା କହୁଥିବାର ଶୁଣିବାକୁ ପାଇବେ। ପରିବାରରେ ଅବସ୍ଥା ଦେଖି ବ୍ୟବସ୍ଥା ନ କଲେ ଅନୁତାପ କରିବାକୁ ପଡ଼ିବ। ସଭାସମିତିରେ ବିଶିଷ୍ଟ ବ୍ୟକ୍ତିଙ୍କ ସହ ମିତ୍ରତା ସ୍ଥାପନ ସୁଯୋଗ ପାଇବେ ।

**ବୃଷ** ଆଲୋଚନା କ୍ଷେତ୍ରରେ କାର୍ଯ୍ୟବ୍ୟସ୍ତ ଯୋଗୁ କେତେକ କାମ ଠିକ୍ ସମୟରେ କରିପାରିବେ ନାହିଁ। ଦେବଗୁରୁଙ୍କ କୃପାରୁ ଅନୁଷ୍ଠାନିକ କାମରେ ଜଣେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରିପାରନ୍ତି। ମାତ୍ର ଘରୋଇ କ୍ଷେତ୍ରରେ ଅଭାବ ନ ଥାଇ ମଧ୍ୟ ମନଟା ଭଲ ଲାଗି ନ ପାରେ। ସନ୍ତାନହେତୁକ ପୀଡ଼ା କିମ୍ବା ଅନୁପସ୍ଥିତିରେ ଅଭାବ ଅନୁଭବ କରିବେ।

**ମିଥୁନ** ଭାବପ୍ରବଣତାକୁ ନିୟନ୍ତ୍ରଣରେ ନ ରଖି ଅନ୍ୟ ଉପରେ ଶୁଖାଇଲେ ତିକ୍ତତା ସୃଷ୍ଟି ହେବ। ଦ୍ୱିତୀୟସ୍ଥ କର୍ମାଧିପ ଯୋଗୁ କର୍ମାରମ୍ଭ ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। ପ୍ରକାଶନ, ରାଜନୀତି, ଆନୁଷ୍ଠାନିକ କ୍ଷେତ୍ରରେ କାମ ଆରମ୍ଭ କରି ପ୍ରଶଂସିତ ହେବେ। ସହଧର୍ମିଣୀଙ୍କ ସୌହାର୍ଦ୍ଦ୍ୟରୁ ପାରିବାରିକ ଜୀବନ ସୁଖ ସନ୍ତୋଷରେ କଟିବ।

**କର୍କଟ** ରାଶ୍ୟାଧିପ ଦୁଃସ୍ଥାନସ୍ଥ ଯୋଗୁ ପ୍ରତ୍ୟେକ କ୍ଷେତ୍ରରେ ଭାରସାମ୍ୟ ରକ୍ଷା କରି ନ ଚଳିଲେ ଅଶାନ୍ତି ସୃଷ୍ଟି ହେବ। ଜଣେ ପ୍ରତିଷ୍ଠାବାନ୍ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଆତ୍ମବିଭୋର ହୋଇପାରନ୍ତି। ମାଲିମକଦ୍ଦମାରେ ଜୟଲାଭ ଆଶା କ୍ରମଶଃ ବୃଦ୍ଧି ପାଇପାରେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଏବଂ ପରିବହନ କ୍ଷେତ୍ରରେ ବିଦ୍ରୋହ ଓ ଅଶାନ୍ତି ବଢ଼ିବ।

**ସିଂହ** କେତୁଯୁକ୍ତ କର୍ମାଧିପ ରାଶିରେ ଅବସ୍ଥାନ କରୁଥିବାରୁ ବିଭିନ୍ନ ସମସ୍ୟା ଭିତରେ ଗତି କରିବାକୁ ପଡ଼ିପାରେ। ବନ୍ଧୁ କିମ୍ବା ସହକର୍ମୀଙ୍କ କଥାରେ ପ୍ରଭାବିତ ହୋଇ ନୂତନ କାମ କରିପାରନ୍ତି। ସାମାଜିକ ସ୍ତରରେ କ୍ରୀଡ଼ା, କଳା, ସାହିତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ସୁନାମ ଅର୍ଜନ କରିବେ। ଦୀର୍ଘଦିନରୁ ଲାଗି ରହିଥିବା କଚେରି ମାମଲାର ଶୁଣାଣିରୁ ମନ ଖୁସି ରହିବ।

**କନ୍ୟା** ବୁଧାଦିତ୍ୟ ଯୋଗରୁ ଆଜି ଦିନଟି ଭଲରେ କଟିବ। ଜମା ପଡୁନଥିବା ବନ୍ଧୁ କିମ୍ବା ଶତ୍ରୁତା କରୁଥିବା ଲୋକଟି ମନକୁ ବାଧିଲା ଭଳି କଥା କହିପାରେ। ବ୍ୟବସାୟ କ୍ଷେତ୍ରରେ ଅଧିକ କିଛି ଆଶା ମନରେ ଦୁଃଖ ଦେଇପାରେ ଓ କଳହର ସମ୍ଭାବନା ରହିଛି। ବନ୍ଧୁ ଓ ପରିଜନଙ୍କ ସହିତ ଆଜିର ଯାତ୍ରାରେ ଅଭିଳଷିତ କାମ ମଧ୍ୟ ହୋଇଯିବ।

**ତୁଳା** କର୍ମାଧିପତିଙ୍କ ଦୁର୍ବଳତାରୁ ବନ୍ଧୁଙ୍କୁ ଅନୁରୋଧ କରି କାମ ହାସଲ ପାଇଁ ଚେଷ୍ଟା କରିବେ। ଶତ୍ରୁଠାରୁ ଦୂରତା ରଖି କାମ କରିବା ଭଲ। ଫେରି ଯାଉଥିବା ବନ୍ଧୁଟି ବାଟରୁ ଲେଉଟି ଆସିବ, ଫଳରେ ନିଜର କାମ ସମ୍ପନ୍ନ କରିବାରେ ବ୍ୟସ୍ତତା ବଢ଼ିଯାଇପାରେ। ସହକର୍ମୀଙ୍କ ସହ ବିବାଦ ବୃଦ୍ଧି ହେବ ମାତ୍ର ଆପଣଙ୍କୁ ଅନ୍ୟମାନେ ସାହାଯ୍ୟ କରିବେ।

**ବିଛା** ଭାଗ୍ୟାଦରପ ସ୍ୱରାଶିରେ ଥିବାରୁ ଅଟକିଥିବା କାମ ଆଜି ଆକସ୍ମିକ ଭାବରେ ହୋଇଯିବ। ପରିବହନ, ଶିଳ୍ପ ଓ ବ୍ୟବସାୟ,ବାଣିଜ୍ୟରେ ପ୍ରତିବନ୍ଧକ ଦୂରେଇବା ପାଇଁ ପ୍ରଯତ୍ନ କରିବେ ଓ ସଫଳ ମଧ୍ୟ ହେବେ। ନିଜ ପରିବାରର ସଦସ୍ୟମାନଙ୍କଠାରୁ କିମ୍ବା ସହକର୍ମୀମାନଙ୍କ ତରଫରୁ ସମସ୍ୟା ଆସିପାରେ।

**ଧନୁ** ଶନିଙ୍କଜନିତ ଦଶମ ଦୃଷ୍ଟିପ୍ରଭାବରୁ ପରିଚିତ ବ୍ୟକ୍ତିଙ୍କ କାର୍ଯ୍ୟକଳାପ କର୍ମକ୍ଷେତ୍ରକୁ ବିଶୃଙ୍ଖଳିତ କରିବ। ଆର୍ଥିକ ଦିଗରୁ ସମସ୍ୟା ଲାଗି ରହିଲେ ମଧ୍ୟ ସମାଧାନର ପନ୍ଥା ଖୋଜି ପାଇବେ। ସହକର୍ମୀଙ୍କ ସହ ମିଷ୍ଟାଳାପରେ ମାତିରହିବେ ଓ ସମୟ ଅବଶ୍ୟ ଖୁସିରେ କଟିଯିବ। ପାରିବାରିକ କ୍ଷେତ୍ରରେ ହାତକୁ ନେଇଥିବା କାମ ସହଜରେ ସମ୍ପନ୍ନ ହେବ।

**ମକର** ଆଜି ହଠାତ୍ କୌଣସି ଖବର ପାଇ ଖୁସି ହୋଇଯିବେ। ବୃହସ୍ପତିଙ୍କ ସ୍ଥିତିରୁ ଆଜି ଆପଣଙ୍କ ଶତ୍ରୁମାନେ ଚେଷ୍ଟା କଲେ ମଧ୍ୟ କିଛି କ୍ଷତି କରିପାରିବେ ନାହିଁ। ବନ୍ଧୁମାନଙ୍କ ଆର୍ଥିକ ସାହାଯ୍ୟରୁ ଆପଣଙ୍କ ଅଭାବ ଅସୁବିଧା ଦୂର ହୋଇଯିବାର ସୂଚନା ରହିଛି। ଶିଳ୍ପ, ବ୍ୟବସାୟ, ପରିବହନ, ନିର୍ମାଣ, ସଭାସମିତି, ଲେଖାପଢ଼ାରୁ ସୁଫଳ ପାଇବେ।

**କୁମ୍ଭ** ଗୁରୁକ୍ଷେତ୍ରସ୍ଥ ଶନିଙ୍କ ଯୋଗୁ ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣାଧୀନ ରହିବାରୁ ଆଶ୍ୱସ୍ତି ଅନୁଭବ କରିବେ। ଧନହାନି, ପରିବହନରେ ତର୍କ ବିତର୍କ ଓ ସାଧାରଣ କଥାକୁ କେନ୍ଦ୍ରକରି ପାଟିତୁଣ୍ଡ ଲାଗି ରହିବ। ପାରିବାରିକ ସମସ୍ୟା ସମାଧାନ ସକାଶେ ବନ୍ଧୁଙ୍କ ସାହାଯ୍ୟ ଭିକ୍ଷା କରିବେ। କ୍ରୀଡ଼ା, ସଙ୍ଗୀତ, ସାହିତ୍ୟ କ୍ଷେତ୍ରରେ ସମସ୍ୟା ସମାଧାନ ହେବ।

**ମୀନ** ବୁଧଙ୍କ ଶୁଭପ୍ରଭାବରୁ ପରିବାରର ଅସଜଡା ପରିସ୍ଥିତିକୁ ସଜାଡି ନେବେ। ବାଣିଜ୍ୟ, ବ୍ୟବସାୟ, ପରିବହନରେ ଦେଖିଚାହିଁ ପଦକ୍ଷେପ ନିଅନ୍ତୁ ନଚେତ୍ ସମସ୍ୟା ଉପୁଜିପାରେ। କୌଣସି ଅପରିଚିତ ବ୍ୟକ୍ତିଙ୍କୁ ବିଶ୍ୱାସ କରି ଖାଲରେ ପଡ଼ିପାରନ୍ତି। ଆଜିର ଯାତ୍ରା ସମୟରେ ଅନ୍ୟମନସ୍କ ହେତୁକ କୌଣସି ଭୁଲ୍ କାମ କରି ଅନୁତାପ କରିପାରନ୍ତି।

ଆଜି ସେପ୍ଟେମ୍ବର ୨୭ ତାରିଖ, ବିଶ୍ୱ ପର୍ଯ୍ୟଟନ ଦିବସ, ଆଶ୍ୱିନ ଶୁକ୍ଳ ୫ମୀ ଯୁକ୍ତ ଷଷ୍ଠୀ, ଶନିବାର, ରାଶିନକ୍ଷତ୍ର- ଅନୁରାଧା/ବିଛା, ଷଷ୍ଠୀର ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୭।୧୫ ଗତେ ଘ.୦୮।୩୮ ମଧ୍ୟେ, ଘ.୧୨।୦୧ ଗତେ ଘ.୦୧।୦୬ ମଧ୍ୟେ ଶୁଦ୍ଧ ଶୁଭବେଳା। ସକାଳ ଘ.୦୮।୩୮ ଗତେ ଘ.୧୦।୦୮ ମଧ୍ୟେ ରାହୁ କାଳ ॥

# ପିଏସ୍‌ୟୁ କର୍ମଚାରୀଙ୍କ ୨% ଡିଏ ବଢ଼ାଇଲେ ରାଜ୍ୟ ସରକାର

**ଭୁବନେଶ୍ୱର,୨୬।୯(ସୁନିତ୍ ମିଶ୍ର)**

ପୂଜା ପୂର୍ବରୁ ରାଜ୍ୟର ସରକାରୀ ଉଦ୍ୟୋଗ କର୍ମଚାରୀଙ୍କ ପାଇଁ ସରକାର ଖୁସି ଖବର ଆଣିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ରାଜ୍ୟର ସରକାରୀ ଉଦ୍ୟୋଗ(ଷ୍ଟେଟ୍ ପିଏସ୍‌ୟୁ)ର କର୍ମଚାରୀମାନଙ୍କ ପାଇଁ ୨ % ମହଙ୍ଗା ଭତ୍ତା (ଡିଏ) ବୃଦ୍ଧି କରିଛନ୍ତି। ଏହାଦ୍ୱାରା ସରକାରୀ ଉଦ୍ୟୋଗ କର୍ମଚାରୀଙ୍କ ସମୁଦାୟ ମହଙ୍ଗା ଭତ୍ତା ୫୩ରୁ ୫୫ ପ୍ରତିଶତକୁ ବୃଦ୍ଧି ପାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କାର୍ଯ୍ୟକ୍ରମ ପାଇଁ ଝାରସୁଗୁଡ଼ା ଗସ୍ତରେ ଥିବା ମୁଖ୍ୟମନ୍ତ୍ରୀ ଦିନତମାମ ବ୍ୟସ୍ତବହୁଳ କାର୍ଯ୍ୟକ୍ରମ ପରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ସରକାରୀ କାର୍ଯ୍ୟ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମହଙ୍ଗା ଭତ୍ତା ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି। ଏହି ବର୍ଦ୍ଧିତ ମହଙ୍ଗା ଭତ୍ତା ପିଛିଲା ଭାବେ ୨୦୨୫ ଜାନୁଆରୀ ପହିଲାରୁ ଲାଗୁହେବ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ସଞ୍ଜ-ସକାଳେ ଯେ ପୋଖରୀ ଯାଏ**
**ତା' କଉଡ଼ିକି ବଇଦ ଖାଏ?**

ନିର୍ଦ୍ଦିଷ୍ଟ ସମୟରେ ନିତ୍ୟକର୍ମ କରିବା ଉଚିତ। ସଞ୍ଜ ଏବଂ ସକାଳ ବେଳା ଯାହାର ମଳତ୍ୟାଗ ଠିକ୍ ଭାବେ ହେଉଥାଏ, ସେହି ବ୍ୟକ୍ତି ଅତି ସହଜରେ କୌଣସି ବ୍ୟାଧିର ସମ୍ମୁଖୀନ ହୋଇ ନ ଥାନ୍ତି ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ସାପ ମରିବ ନାହିଁ।**
**କି ବାଡ଼ି ଭାଙ୍ଗିବ ନାହିଁ।**

ବେଳେବେଳେ ଦୁଇପଟକୁ ରକ୍ଷା କରିବା ପାଇଁ କିଛି ବ୍ୟକ୍ତି ସୁହାଇଲା ଭଳି କଥା କହୁଥିବାର ଲକ୍ଷ୍ୟ କରାଯାଇଥାଏ। ଏପରିସ୍ଥଳେ କୌଣସି ଦୃଢ଼ ନିଷ୍ପତ୍ତି ନିଆ ନ ଯିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ପ୍ରଥମ ପୃଷ୍ଠାରୁ...

### ଓଡ଼ିଶାରେ ଏସ୍‌ଆଇଆର୍ ...



ଓଡ଼ିଶାରେ ଭୋଟର ତାଲିକାର ଏସ୍‌ଆଇଆର୍ ପ୍ରକ୍ରିୟା ଆରମ୍ଭ ନେଇ ସିଇଓ ଆର୍.ଏସ୍. ଗୋପାଲନ୍‌ଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଅନୁଷ୍ଠିତ ବୈଠକରେ ଅଧିକାରୀମାନେ ।

ମୁଦ୍ରଣ ଏବଂ ସେଗୁଡ଼ିକର ବୁଥ୍‌ସ୍ତରୀୟ ଅଧିକାରୀଙ୍କ ମଧ୍ୟରେ ବଣ୍ଟନ ପାଇଁ ଯୋଜନା ପ୍ରସ୍ତୁତ କରିବା ଉପରେ ସିଇଓ ଗୁରୁତ୍ୱ ଦେଇଛନ୍ତି। ଏହାସହିତ ଜିଲା ନିର୍ବାଚନ ଅଧିକାରୀ (ଡିଇଓ) ଏବଂ ଜିଲାପାଳମାନଙ୍କ ଦ୍ୱାରା ନିର୍ବାଚନ କାର୍ଯ୍ୟକଳାପ ସହ ଜଡ଼ିତ ଖାଲି ପଦବୀ ପୂରଣ କରାଯିବ। ନିର୍ବାଚନ ପଞ୍ଜୀକରଣ ଅଧିକାରୀ (ଇଆର୍‌ଓ), ସହକାରୀ ନିର୍ବାଚନ ପଞ୍ଜୀକରଣ ଅଧିକାରୀ (ଏଇଆର୍‌ଓ)ଙ୍କ କାର୍ଯ୍ୟାଳୟରୁ ଆବଶ୍ୟକ ସାମଗ୍ରୀର ପରିବହନ ଏବଂ ମାନବ ସମ୍ବଳ (ଏଚ୍‌ଆର୍) ସହାୟତାରେ ସ୍ଥିରୀକୃତ ସ୍ଥାନରେ ପରିଗଣନା ଫର୍ମ ଅପଲୋଡ୍ ପାଇଁ ବୁଥ୍ ସ୍ତରୀୟ ଅଧିକାରୀଙ୍କୁ ସହଯୋଗ କରିବାକୁ କୁହାଯାଇଛି। ସେହିପରି ଏସ୍‌ଆଇଆର୍ ଘୋଷଣା ଦିନ ଖବରଦାତା ସମ୍ମିଳନୀ ଏବଂ ରାଜନୈତିକ ଦଳଙ୍କ ସହ ବୈଠକ ପାଇଁ ପ୍ରସ୍ତୁତି କରିବାକୁ ସିଇଓ କହିଛନ୍ତି।

### ଆଜି ଝାରସୁଗୁଡ଼ା ....

ଗୋଟି ଗୋଟି କରି ଦେଖିବା ସହ ଯେଉଁଠି କିଛି ତ୍ରୁଟି ରହିଯାଇଛି ତୁରନ୍ତ ତାକୁ ଠିକ୍ କରିବା ପାଇଁ ନିର୍ଦ୍ଦେଶ ଦେଇଥିବାର ଭିଡିଓ ସାମାଜିକ ଗଣମାଧ୍ୟମରୁ ଦେଖିବାକୁ ମିଳିଛି। ପ୍ରଧାନମନ୍ତ୍ରୀ ଶନିବାର ସକାଳ ୯ଟା ୨୦ମି. ସମୟରେ ନୂଆଦିଲ୍ଲୀ ବିମାନବନ୍ଦରରୁ ସ୍ୱତନ୍ତ୍ର ବାୟୁସେବା ବିମାନ ଯୋଗେ ବାହାରି ଝାରସୁଗୁଡ଼ା ବିମାନବନ୍ଦରଠାରେ ପୂର୍ବାହ୍ନ ୧୧ଟା୧୦ମିନିଟ୍‌ରେ ପହଞ୍ଚିବେ। ସେଠାରୁ ସଡ଼କ ପଥରେ ଯାଇ ପୂର୍ବାହ୍ନ ୧୧ ଟା ୨୫ମି.ରେ ଅମଲିପାଲି ସ୍ଥିତ ପଡ଼ିଆରେ ପହଞ୍ଚି ଆୟୋଜିତ କାର୍ଯ୍ୟକ୍ରମ ସ୍ଥଳରେ ଯୋଗଦେବେ। ସେଠାରେ ପ୍ରଧାନମନ୍ତ୍ରୀ ପୂର୍ବ ନିର୍ଦ୍ଧାରଣ ଅନୁସାରେ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ, ଉଦ୍‌ଘାଟନ ଏବଂ ଲୋକାର୍ପଣ କରିବେ। ଏହାପରେ ଅପରାହ୍ନ ୧୨ଟା ୪୫ମି.ରେ ନୂଆଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିବା କାର୍ଯ୍ୟକ୍ରମ ରହିଛି। ଏହି କାର୍ଯ୍ୟକ୍ରମରେ ଜନସାଧାରଣ, ମହିଳା, ଛାତ୍ରୀଛାତ୍ର, ଯୁବବର୍ଗଙ୍କ ସମେତ ପ୍ରାୟ ୬୦ହଜାର ଜନସମାବେଶ ହେବା ନେଇ ଆଶା କରାଯାଉଛି। ପ୍ରଧାନମନ୍ତ୍ରୀଙ୍କ ଗସ୍ତ କାର୍ଯ୍ୟକ୍ରମକୁ ଦୃଷ୍ଟିରେ ରଖି ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ଝାରସୁଗୁଡ଼ାର ବିଭିନ୍ନ ସ୍ଥାନରେ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ବ୍ୟାନର, ପୋଷ୍ଟର ଏବଂ ଫ୍ଲେକ୍ସରେ ଛାଉଣି ହୋଇସାରିଥିବା ଦେଖିବାକୁ ମିଳିଛି। ସୂଚନାଯୋଗ୍ୟ, ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ପ୍ରଥମେ ବ୍ରହ୍ମପୁରଠାରେ ହେବ ବୋଲି ନିଷ୍ପତ୍ତି ହୋଇଥିଲା। ହେଲେ ପାଣିପାଗ ବିଭାଗ ତରଫରୁ ବର୍ଷା ହେବା ସମ୍ପର୍କରେ ପୂର୍ବାନୁମାନ ଯୋଗୁ ପରବର୍ତ୍ତୀ ସମୟରେ ଏଥିରେ ପରିବର୍ତ୍ତନ କରାଯାଇଛି।

### ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷା ବ୍ୟବସ୍ଥାକୁ ନେଇ ଡିଜିପିଙ୍କ ଉପରେ ରାଗିଗଲେ ମୁଖ୍ୟମନ୍ତ୍ରୀ

**ଝାରସୁଗୁଡ଼ା, ୨୬।୯(ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ଜିଲା ଅମଲିପାଲିସ୍ଥିତ ରିଜର୍ଭ ପଡିଆରେ ଶନିବାର ସର୍ବଭାରତୀୟ ଯୁବ ସମାବେଶ ଅନୁଷ୍ଠିତ ହେବ। ଏଥିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୋଗଦେବେ। ତେବେ ପ୍ରଧାନମନ୍ତ୍ରୀଙ୍କ ଗସ୍ତ କାର୍ଯ୍ୟକ୍ରମ ପାଇଁ ହୋଇଥିବା ସୁରକ୍ଷା ବ୍ୟବସ୍ଥା ତଦାରଖ କରିବାକୁ ଗୁରୁବାର ରାତିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରିଜର୍ଭ ପଡିଆସ୍ଥିତ ସମାବେଶ ସ୍ଥଳକୁ ଯାଇଥିଲେ। ଏହି ସମୟରେ ଡିଜିପି ୱାଇ. ବି. ଖୁରାନିଆ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ ସହିତ ଉପସ୍ଥିତ ଥିଲେ। ପେଣ୍ଡାଲ ନିର୍ମାଣରେ ବିଳମ୍ବ ଏବଂ ସଭାସ୍ଥଳରେ ସମ୍ପୂର୍ଣ୍ଣ ବ୍ୟାରିକେଡ୍ ବ୍ୟବସ୍ଥା ହୋଇ ନ ଥିବା ମୁଖ୍ୟମନ୍ତ୍ରୀ ଦେଖି ଡିଜିପି ଖୁରାନିଆଙ୍କ ଉପରେ ରାଗିଯାଇଥିଲେ। ଆପଣ ଏତେ ପୁରୁଣା ଅଫିସର ହୋଇ ମଧ୍ୟ ଏପରି ବ୍ୟବସ୍ଥାରେ ଭୁଲ ହେବା ଠିକ୍ ନୁହେଁ, ତ୍ରୁଟିର ସୁଧାର ଆଣିବା ସହ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ମୁଖ୍ୟମନ୍ତ୍ରୀ କହିଥିଲେ। ଏହାପରେ ଡିଜିପି କାର୍ଯ୍ୟ ଶୀଘ୍ର ସମ୍ପୂର୍ଣ୍ଣ ହୋଇଯିବ ବୋଲି ମୁଖ୍ୟମନ୍ତ୍ରୀଙ୍କୁ କହିଥିଲେ। ମୁଖ୍ୟମନ୍ତ୍ରୀ ଡିଜିପିଙ୍କ ଉପରେ ବିରକ୍ତଭାବ ପ୍ରକାଶ କରିବା ସମୟରେ ଉପସ୍ଥିତ ସମସ୍ତ ନେତା ଓ ଅଧିକାରୀ ଚୁପ୍ ହୋଇ ଶୁଣୁଥିଲେ।

### ମିଗ୍-୨୧ ଯୁଗର ...

କ୍ଷେତ୍ରରେ ଆତ୍ମନିର୍ଭରଶୀଳତା ପାଇଁ ମିଗ୍-୨୧ର ମହତ୍ତ୍ୱ ସର୍ବଦା ମନେରହିବ। ଏହି ବିମାନ ସାହସ ଏବଂ ଦେଶପ୍ରେମକୁ ଦର୍ଶାଉଥିବାବେଳେ ଏଲ୍‌ସିଏ ତେଜସ୍ ଏବଂ ଆଡ୍‌ଭାନ୍ସଡ୍ ମିଡିୟମ କମ୍ବାଟ୍ ଏୟାରକ୍ରାଫ୍ଟ (ଏଏମ୍‌ସିଏ) ଭଳି ସ୍ୱଦେଶୀ ପ୍ଲାଟ୍‌ଫର୍ମର ବିକାଶକୁ ଏହା ପ୍ରେରଣା ଯୋଗାଇବ। ୧୯୬୩ରେ ମିଗ୍-୨୧ ଭାରତୀୟ ବାୟୁସେନାରେ ସାମିଲ ହୋଇଥିଲା। ୧୯୬୧ରେ ତତ୍କାଳୀନ ସୋଭିଏତ ୟୁନିୟନଠାରୁ ଭାରତ ଏହି ଯୁଦ୍ଧ ବିମାନ କିଣିଥିଲା। ୧୯୬୫ ଯୁଦ୍ଧରେ ଏହା ପାକିସ୍ତାନର ଅନେକ ଠିକଣାକୁ ନଷ୍ଟ କରିଥିଲା। ସେହିପରି ୧୯୭୧ ଯୁଦ୍ଧରେ ମିଗ୍-୨୧ ସହାୟତାରେ ଢାକାର ଗଭର୍ନର ହାଉସରେ ବୋମା ପକାଯାଇଥିଲା। ୧୯୯୯ କାର୍ଗିଲ ଯୁଦ୍ଧରେ ଭାରତକୁ ବିଜୟୀ କରିବାରେ ମଧ୍ୟ ମିଗ୍ ୨୧ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା। ୨୦୧୯ରେ ଏହା ପାକିସ୍ତାନୀ ଯୁଦ୍ଧ ବିମାନ ଏଫ୍-୧୬କୁ ଖସାଇ ଦେଇଥିଲା। ମିଗ୍-୨୧ର ଅବସର ପରେ ଏଲ୍‌ସିଏ ତେଜସ୍ ଏମ୍‌କେ ୧ଏ, ତେଜସ୍ ଏମ୍‌କେ ୨ ଆଦି ଉନ୍ନତ ଜେଟ୍ ଏବେ ବାୟୁସେନାର ଶକ୍ତି ବଢ଼ାଇବେ।

Hero

125M CELEBRATING 125 MILLION CUSTOMERS

ଆସୁଛି ମା ଦୁର୍ଗାଙ୍କ ପରବ,
ହିରୋ ରେ ସବାର ହୋଇ

Destini 125 | XOOM 125



GST ଲାଭ

| ଉତ୍ପାଦଗୁଡ଼ିକ | ଏକ୍ସ-ସୋରୁମ୍ ମୂଲ୍ୟ | GST ଲାଭ |
|---|---|---|
| DESTINI | ~~₹86 780~~ ₹79 997# | ₹6 783 |
| XOOM 125 | ~~₹94 016~~ ₹86 667# | ₹7 349 |

ସୀମିତ ସମୟର ଅଫର

+ ତୁରନ୍ତ ରିହାତି ₹10 000^ ପର୍ଯ୍ୟନ୍ତ HDFC BANK CREDIT CARDS FESTIVE TREATS Powered by pine labs +

ଦୈନିକ EMI ₹75$ ରୁ ଆରମ୍ଭ

ଡାଉନ୍ ପେମେଣ୍ଟ ₹1 999$ ରୁ ଆରମ୍ଭ

ସ୍ୱତନ୍ତ୍ର କର୍ପୋରେଟ୍ ଅଫର୍ ₹3 700~ ପର୍ଯ୍ୟନ୍ତ

INDIA'S FIRST 5 YEAR WARRANTY* *Conditions apply

Hero GoodLife ଜିତିବାର ସୁଯୋଗ 100% କ୍ୟାସବ୍ୟାକ | 24 କ୍ୟାରେଟ ସ୍ୱର୍ଣ୍ଣ ମୁଦ୍ରା ଏବଂ ଆହୁରି ଅନେକ ସୁନିଶ୍ଚିତ ଲାଭ*

Additional offers on: Flipkart amazon.in

Hero MotoCorp Ltd. Regd. Office: The Grand Plaza, Plot No.2, Nelson Mandela Road, Vasant Kunj Phase - II, New Delhi - 110070, India. I CIN: L35911DL1984PLC017354 I For further information, contact your nearest Hero MotoCorp authorized outlet or visit us on www.HeroMotoCorp.com. Accessories and features shown may not be a part of standard fitment. Always wear a helmet while riding a two-wheeler. ~Offer amount and combination of offer may vary for model/variant and states and it is applicable on select models only, for a limited time period or till stock lasts. $Finance offer is at the sole discretion of the Financier, subject to its respective T&Cs, Available at select dealerships. ^T&C apply, Offer available only on limited stores. *Limited period offer, T&C apply. As per cumulative dispatch numbers till August 2025. #Ex-showroom price of Destini and Xoom125 in Bhubaneshwar.

TOLL FREE 1800 266 0018

Authorized Dealers: , Baripada: Aditya Hero, Ph: 7799766370, Bhadrak: Sanjib Hero, Ph: 9289922608, Cuttack: JMG Hero, Ph: 9289922178, Sunny Hero, Ph: 9289922697, Essen Hero, Ph: 9289923078, Jagatsinghpur: SUNNY AUTOBIKES, Ph: 9289233592, Bhubaneswar: Rohan Hero, Ph: 9289922474, Bharat Hero, Ph: 9289922180, DD Hero, Ph: 0674-2747448 / 9439650824, Arundhati Hero, Ph: 9289923183, Vishal Hero, Ph: 9289922984, Nayagarh: Bhagabati Hero, Ph: 9289922687, Puri: Sanjib Hero, Ph: 9289923107,Chandikhol: S. K. Hero, Ph: 9289922900,, Jajpur Road: Soumik Hero, Ph: 9289922611 Authorized HeroSure Dealers: Bhubaneshwar: Arundhati Motobikes, Ph- 7682841658 Associate Dealers: Telkoi: Panchamukhi Motors-9717004926, Barbil: Wheels Motors-9776931870 Rairangpur: Maa Sakambari Motors-7008581719, Mayurbhanj: Jk Motors-9040909925, Mayurbhanj: Mahaveer Motors-7326872255/9853290346, BasudevPur: Bidyalalita Automobile-9827487072, Kamrda: Siddhivinayak Motors-7208675074, Rahama: Sarala Automobiles-9937018532, Kendrapara: Baishnabi Motors-9437000437 Pattamundai: Mishra Auto-9853843713, Narsinghpur: Ambika Motocorp-9861811411, Nimapara: Basudev Automobiles-9861020724, Pipili: Shri Ram Motors-9437110789, Balugaon: Mahamayee Motors-9437004624, Khurdha: Dinesh Trading Co.-9778097876, Sakhigopal: Sai Motors-9439765820, Begunia: Rashmi Automobiles-9178316145, Balipatna: M/S Jagannath Motors-7064309702, Chandpur: Apsara-9861418161, Khuakia: Binayak Automobiles-9090444379 Jajpur Town: Ayush Automobiles-9556189870, Champus: SK Motors- 9437200263, Banamalipur: Duladei Motors- 7735425890, Sunderpada: Basudev Motors- 6371525029, Nakhra: S.G. Automobiles- 9778779778, Balichandanpur: Tarini Motocorp- 9437118933, Nischitakoili: AJS Automobiles- 9439754039,, Katikata: Naaz Automobiles- 9866243937, Tangi: Sanam Motors- 9438703786, Turmunga: Maa Tarini Motors- 9777780823, Harichandanpur: Kalindi Motors- 9938989407



MARUTI SUZUKI ARENA

ଉତ୍ସବର ଖୁଶୀ
ଏବେ ହେଲା ଆହୁରୀ ବଡ଼

GST ଲାଭ ଏବଂ ସୀମିତ ଅବଧି ଫେଷ୍ଟିଭ୍ ଅଫର୍ସର ସହିତ

30 ସେପ୍ଟେମ୍ବର, 2025 ପର୍ଯ୍ୟନ୍ତ ମାନ୍ୟ

| MODEL | S-PRESSO | ALTO K10 | CELERIO | WAGONR | SWIFT | DZIRE | BREZZA | ERTIGA | EECO |
|---|---|---|---|---|---|---|---|---|---|
| REDUCTION IN PRICE^ (₹) UP TO | 129 600 | 107 600 | 94 100 | 79 600 | 84 600 | 87 700 | 112 700 | 46 400 | 68 000 |
| NOW STARTING AT^ (₹) | 349 900 | 369 900 | 469 900 | 498 900 | 578 900 | 625 600 | 825 900 | 880 000 | 518 100 |
| ADDITIONAL FESTIVE OFFERS* (₹) UP TO | 65 500 | 75 500 | 65 500 | 70 500 | 98 000 | - | 48 000 | - | 40 500 |

BOOK NOW | UP TO 100% PROCESSING FEE WAIVER ON CAR FINANCE#



ARENA SAFETY SHIELD

SCAN TO CONNECT TO SHOWROOM NEAR YOU

E-BOOK TODAY AT WWW.MARUTISUZUKI.COM

Contact us at 1800-102-1800

T&C available at dealership. Features/accessories vary by variant. Black glass shade on the vehicle is due to lighting effect. *Offers / Prices differ by variant/model/location/city and may change or end without notice. Includes consumer, exchange, and institutional/rural offers (where applicable) on select models. Offer values shown are maximums. Prices subject to GST rates as notified by the Government. ^Reductions and starting prices vary by variant. #Valid with select financiers, for personal-use vehicles only.

ତୁମେ ନିଜ ଭିତରେ ପବିତ୍ରତାର ଅଗ୍ନିକୁଣ୍ଡ ଜଳାଇ କାହିଁକି ବାରମ୍ବାର ସହିତ ତା'ଭିତରେ ପଶି ନିଜକୁ ଶୁଦ୍ଧ କରୁ ନାହଁ ? ତା'ହେଲେ ଏହି ଭୟଙ୍କର ଏବଂ ପ୍ରଚଣ୍ଡ ଧ୍ୱଂସକାରୀ ଶକ୍ତି- ଯାହାକି ସମଗ୍ର ସଭ୍ୟତାକୁ ଅନ୍ଧକାର ମଧ୍ୟରେ ନିକ୍ଷିପ୍ତ କରିଦେବାକୁ ବସିଛି- ତାହା ଆଉ ତୁମକୁ ଆକ୍ରାନ୍ତ କରିପାରନ୍ତା ନାହିଁ। -ଶ୍ରୀମା

-ତପଃକ୍ଷଶ୍ରୀ, ବିଲୁବରଣ



# ନେତୃତ୍ୱ ଅପେକ୍ଷାରେ

## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଆମେରିକା ସହ ଆରମ୍ଭ ହୋଇଥିବା ଭାରତର ବାଣିଜ୍ୟିକ ଆଲୋଚନାର ଦାୟିତ୍ୱରେ ଥିବା ରାଜେଶ ଅଗ୍ରୱାଲ ଖୁବ୍ ଶୀଘ୍ର ବାଣିଜ୍ୟ ସଚିବ ହେବେ। ୧୯୯୪ ବ୍ୟାଚ୍ ଆଇଏଏସ୍ ଅଧିକାରୀ ଅନେକ ଜଟିଳ ବୁଝାମଣା ସହ ଓତପ୍ରୋତ ଭାବେ ଜଡ଼ିତ। ବାଣିଜ୍ୟିକ ବିକାଶଠାରୁ ଆରମ୍ଭକରି ରପ୍ତାନି ଓ ନୀତି ସଂସ୍କାର ଆଦିରେ ସେ ଭଲ କାମ କରିଛନ୍ତି। ଆସିଆନଠାରୁ ଆରମ୍ଭକରି ଅଷ୍ଟ୍ରେଲିଆ ଓ ଭାରତ ପ୍ରଶାନ୍ତ ମହାସାଗରୀୟ ସଙ୍ଗଠନ ଯାଏ ଭାରତ ପକ୍ଷରୁ ବୁଝାମଣାଭିତ୍ତିକ ଆଲୋଚନାରେ ସେ ସହଯୋଗ କରିଆସିଛନ୍ତି। ବୈଠକରେ ସେ ବିଶେଷ ତଥ୍ୟ ଓ ରଣନୀତିକ ଜ୍ଞାନ ଉପସ୍ଥାପନ କରିଛନ୍ତି। ସେ ଅନ୍ତର୍ଜାତୀୟ ବିଜ୍‌ନେସ୍, ଅପରେଶନ ରିସର୍ଚ୍ଚ ଏବଂ ପରିସଂଖ୍ୟାନରେ ଡିଗ୍ରୀ ହାସଲ କରିଛନ୍ତି। ତେବେ ନିକଟରେ ୧୬ ସେପ୍ଟେମ୍ବରରେ ଦିଲ୍ଲୀରେ ଆମେରିକା ସହ ହୋଇଥିବା ବୈଠକ ବା ଆଲୋଚନା ଏକ ସାମାନ୍ୟ କଥା ନ ଥିଲା। ଭାରତ ରୁଷିଆରୁ ତୈଳ ଆମଦାନୀ କରୁଥିବା ଦର୍ଶାଇ ଭାରତୀୟ ସାମଗ୍ରୀଗୁଡ଼ିକ ଉପରେ ୫୦% ଟାରିଫ ଲଗାଇଥିବା ଆମେରିକା ଏବେ ଭାରତର ଡେଏରୀ ଓ କୃଷିଜାତ ବଜାରର ଅଧିକ ଉପଲବ୍ଧତା ଚାହୁଁଛି। ଆମ ପାଇଁ ଏଠାରେ ନୂଆ ନିୟମ ପ୍ରଣୟନ କରିବା ଅପେକ୍ଷା ଏହିସବୁ ଶିଳ୍ପ ଉପରେ ନିର୍ଭର କରୁଥିବା କୃଷକଙ୍କ ଜୀବିକାର ସୁରକ୍ଷା ଅଧିକ ଗୁରୁତ୍ୱପୂର୍ଣ୍ଣ। ତେଣୁ ବୁଝାମଣା ଘରୋଇ ଅସ୍ତିତ୍ୱ ଏବଂ ଅନ୍ତର୍ଜାତୀୟ ବାଣିଜ୍ୟ ଚାପକୁ ଦୃଷ୍ଟିରେ ରଖି କରାଯିବା ଦରକାର, ଟାରିଫ ବିଷୟରେ ନୁହେଁ। ବଜାର ପ୍ରବେଶ ନାମରେ ଦେଶର ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ନ ଛାଡ଼ିବା ପାଇଁ ଅଗ୍ରୱାଲ ଭାରତର ପ୍ରତିରକ୍ଷାତ୍ମକ ସ୍ଥିତିକୁ ବାର୍ଗେନିଂ ଶକ୍ତିରେ ପରିବର୍ତ୍ତନ କରିବା ଦରକାର। ସେପ୍ଟେମ୍ବର ୩୦ ପରେ ଔପଚାରିକ ଭାବେ ନେତୃତ୍ୱ ନେବାକୁ ପ୍ରସ୍ତୁତ ହେଉଥିବାରୁ ଅଗ୍ରୱାଲଙ୍କ ପାଇଁ ଆରମ୍ଭରୁ ସ୍ଥିତି କଠିନ ରହିବ। ଭାରତ ପ୍ରତିକ୍ରିୟା ପ୍ରକାଶ କରିବା ବଦଳରେ ନୂଆ ନୀତି ନିର୍ଦ୍ଧାରଣ କରୁଛି କି ନାହିଁ ତାହା ଦେଖିବାକୁ ବିଶ୍ୱ ଅପେକ୍ଷାରେ ରହିଛି।

### ସମ୍ଭାବ୍ୟ ଅଦଳବଦଳ

ନଭେମ୍ବରରେ ବିଏସ୍ଏଫ୍ ଡିଜି ଏବଂ ଚଳିତ ମାସରେ ଆଇଟିବିପି ଓ ସିଆଇଏସ୍ଏଫ୍‌ର ଡିଜି ଅବସର ନେବାକୁ ଯାଉଥିବାରୁ ଭାରତର କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ଫୋର୍ସ (ସିଏପିଏଫ୍ଏସ୍)ର ସର୍ବୋଚ୍ଚ ସ୍ତରରେ ଏକ ଅଦଳବଦଳ ହେବାକୁ ଯାଉଛି। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ(ଏମ୍ଏଚ୍ଏ) ଏହାର ବିକଳ୍ପଗୁଡ଼ିକ ଉପରେ ବିଚାର କରୁଥିବା ଜଣାପଡ଼ିଛି। ଅବସର ନେବାକୁ ଥିବା ଆଇପିଏସ୍ ଅଧିକାରୀଙ୍କ କାର୍ଯ୍ୟକାଳ ବୃଦ୍ଧି ହେବା ସମ୍ଭାବନା ନ ଥିବାରୁ ଏକ ନୂତନ ପିଢ଼ିର ଅଧିକାରୀମାନେ ନେତୃତ୍ୱ ନେବେ ବୋଲି ଆଶା କରାଯାଉଛି। ସମ୍ଭାବ୍ୟ ଚୟନ ମଧ୍ୟରେ, ସିଆରପିଏଫ୍‌ରୁ ଭିତ୍ତିଲ କୁମାର ଆଇଟିବିପିର ମୁଖ୍ୟ ହେବା ମନେହେଉଛି ଏବଂ ଏନ୍ଏସ୍‌ଜିର ବି. ଶ୍ରୀନିବାସନ ସିଆଇଏସ୍ଏଫ୍‌ର ମୁଖ୍ୟ ଭାବେ ଦାୟିତ୍ୱ ନେବାକୁ ପ୍ରସ୍ତୁତ ହେଉଥିବା ଦେଖାଯାଏ। ଦୁଇ ଅଭିଜ୍ଞ ଅଧିକାରୀଙ୍କର କାର୍ଯ୍ୟଦକ୍ଷତା ଏବଂ ରଣନୀତିକ ବିଶେଷଜ୍ଞାନ ରହିଛି, ଯାହା ଏହିସବୁ ଫୋର୍ସ ଆବଶ୍ୟକ କରେ। ବିଏସ୍ଏଫ୍ ଡିଜି ଦଲ୍‌ଜିତ ସିଂ ଚୌଧୁରୀଙ୍କ କାର୍ଯ୍ୟକାଳ ସାମୟିକ ଭାବେ ବୃଦ୍ଧି କରାଯିବା ସମ୍ଭାବନା ରହିଥିବାରୁ ନିଷ୍ପତ୍ତି ଏଯାବତ୍ ନିଆଯାଇପାରିନାହିଁ। ଚୟନରେ ଏକେଏମ୍‌ସିସି, ଯୁପି ଏବଂ ଅନ୍ୟ କ୍ୟାଡରଗୁଡ଼ିକର ବରିଷ୍ଠ ଅଧିକାରୀମାନଙ୍କୁ ବିଚାରକୁ ନେବା ବେଳେ କ୍ୟାଡର, ଅଭିଜ୍ଞତା ଏବଂ ଯୋଗ୍ୟତା ମଧ୍ୟରେ ସନ୍ତୁଳନ ରକ୍ଷା କରାଯିବା ଉପରେ ଏମ୍ଏଚ୍ଏ ଧ୍ୟାନଦେବା ଦରକାର। ସଶସ୍ତ୍ରବଳଗୁଡ଼ିକୁ ନେତୃତ୍ୱ ଦେବା ଅତି ଗୁରୁତ୍ୱପୂର୍ଣ୍ଣ। ସୀମା ସୁରକ୍ଷାଠାରୁ ଶିଳ୍ପ ସୁରକ୍ଷା ପର୍ଯ୍ୟନ୍ତ ସିଏପିଏଫ୍ଏସ୍ ଅଧିକ ବିପଦ ଓ ଅଧିକ ଚାପରେ କାମ କରନ୍ତି। ତେବେ ଏ କ୍ଷେତ୍ରରେ ଏହିସବୁ ସୁରକ୍ଷା ବଳ ସାମ୍ନା କରୁଥିବା ଆହ୍ୱାନଗୁଡ଼ିକର ମୁକାବିଲା କରିପାରୁଛନ୍ତି କି ନାହିଁ ତାହା ଆଗାମୀ ଦିନରେ ଏମ୍ଏଚ୍ଏର ନିଷ୍ପତ୍ତିରୁ ସ୍ପଷ୍ଟ ହୋଇଯିବ।

### ବାବୁଙ୍କ ନେତାଗିରି

ଜନସେବା ଜାରି ରଖିବା ନାଁରେ ଅବସରପ୍ରାପ୍ତ ହୋଇଥାନ୍ତୁ କିମ୍ବା ସେବାରେ ଥାଆନ୍ତୁ, ସିଭିଲ ସର୍ଭାଣ୍ଟମାନେ ନେତାଗିରି ପାଇଁ ଧାଡ଼ି ଲଗାଉଛନ୍ତି। ବିହାର କଥା ଦେଖାଯାଉ। ଆଗକୁ ନିର୍ବାଚନ ଆସୁଥିବାରୁ ରାଜ୍ୟରେ ଅନେକ ଅଧିକାରୀଙ୍କ ଭିଆର୍‌ଏସ୍‌କୁ ସ୍ୱୀକୃତି ଦେବାକୁ ପଡୁଛି। ୨୦୨୫ରେ ଅବସର ନେବାକୁ ଥିବା ବରିଷ୍ଠ ଅଧିକାରୀ ଏସ୍. ସିଦ୍ଧାର୍ଥ ଅଧିକ ଦିନ ଅପେକ୍ଷା ନ କରି ଭିଆର୍‌ଏସ୍ ଚାହିଁଲେ ଏବଂ ଏବେ ଜେଡି(ୟୁ) ଟିକେଟ ନେଉଥିବା କୁହାଯାଉଛି। ଅନ୍ୟ ଜଣେ ଅବସରପ୍ରାପ୍ତ ପୋଲିସ ଅଧିକାରୀଙ୍କ ମାର୍ଗଦର୍ଶନରେ, ଆଉ ୬ ଜଣ ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ ଜନ ସ୍ୱରାଜ ପାର୍ଟିରେ ଯୋଗଦାନ କରିଛନ୍ତି। କେବଳ ବିହାରରେ ଏଭଳି ଘଟୁଛି ତାହା ନୁହେଁ। ପୂର୍ବତନ ରାଷ୍ଟ୍ରଦୂତ ତରଣଜିତ ସିଂ ସାନ୍ଧୁ, ଅପରାଜିତା ଷଡ଼ଙ୍ଗୀ, କେ. ଆନାମୋଲି ରାଜନୀତିକୁ ଆସିଛନ୍ତି। ଏପରିକି ଓଡ଼ିଶାର ଭି. କେ. ପାଣ୍ଡିଆନ ଆଇଏଏସ୍ ଅଧିକାରୀରୁ ବିଜେଡି ରଣନୀତିକାର ହୋଇଥିଲେ। ଦେଖିବାକୁ ଗଲେ ୨୦୨୪ ଲୋକ ସଭା ନିର୍ବାଚନରେ ବାବୁମାନେ ରାଜନୀତିରେ ଏକାଠିହେବା ଦେଖାଗଲା। ଏଣୁ ଆଇଏଏସ୍ ଭଳି ଦୃଢ଼ ଢାଞ୍ଚା ଏବେ ଏକ ସ୍ପ୍ରିଙ୍ଗବୋର୍ଡ ଭଳି ମନେହେଉଛି। ତେବେ ସେମାନଙ୍କ ଆକର୍ଷଣକୁ ପ୍ରତ୍ୟାଖ୍ୟାନ କରାଯାଇପାରିବ ନାହିଁ। ସେମାନଙ୍କ ପ୍ରଶାସନିକ ପାରଦର୍ଶିତା, ସମ୍ମାନଜନକ ଆଚରଣ ଓ ଜ୍ଞାନ ଯୋଗୁ ପାର୍ଟିଗୁଡ଼ିକ ଏହି ପୂର୍ବ ଅଧିକାରୀମାନଙ୍କୁ ପସନ୍ଦ କରୁଛନ୍ତି। ତେବେ ଅନେକ ଅଧିକାରୀ କାର୍ଯ୍ୟରେ ଥିବାବେଳେ ସେମାନଙ୍କ ରାଜନୈତିକ କ୍ୟାରିୟର ଆରମ୍ଭକରି ସେମାନଙ୍କ ଭବିଷ୍ୟତର ରାଜନୀତିକୁ ସବୁଠୁ ସହଜ କରିବା ପାଇଁ ଆପୋସ ବୁଝାମଣା କରୁଛନ୍ତି। ଦେଖିବାକୁ ପ୍ରଶାସନର ମୂଳଦୁଆ, ନିରପେକ୍ଷତାକୁ ଏତକରେ ଫାଇଲ୍‌ସ୍ ପିଙ୍କିଆଯାଏ।

Email: dilipcherian@gmail.com

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 5 | | | | | 8 | 1 | 4 |
| | 6 | | | 2 | 4 | | | |
| | | 3 | | | | | | |
| | | 6 | | | 5 | 7 | | |
| 2 | | 9 | | 3 | | | 4 | |
| | | | 9 | | 2 | 3 | | |
| 9 | 8 | | | | | | 7 | |
| | | | 7 | | | 4 | | |
| | | | | 3 | 2 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 5 | 7 | 8 | 1 | 9 | 3 | 6 | 4 |
| 6 | 4 | 1 | 7 | 5 | 3 | 8 | 9 | 2 |
| 8 | 3 | 9 | 6 | 2 | 4 | 1 | 5 | 7 |
| 1 | 7 | 6 | 4 | 9 | 5 | 2 | 3 | 8 |
| 3 | 8 | 2 | 1 | 6 | 7 | 5 | 4 | 9 |
| 4 | 9 | 5 | 2 | 3 | 8 | 7 | 1 | 6 |
| 5 | 2 | 4 | 3 | 8 | 6 | 9 | 7 | 1 |
| 7 | 1 | 3 | 9 | 4 | 2 | 6 | 8 | 5 |
| 9 | 6 | 8 | 5 | 7 | 1 | 4 | 2 | 3 |

ଗତକାଲିର ଉତ୍ତର

# ମୋଦୀ ମନ୍ତ୍ର: ଜନସେବା

ମୋହନ ଚରଣ ମାଝୀ

'ସେବାପକ୍ଷ'ର ଗୌରବମୟ ସମୟରେ ଦେଶର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ପୁଣି ଓଡ଼ିଶା ଆଗମନ ଆମ ୪.୫କୋଟି ଓଡ଼ିଆଙ୍କ ପାଇଁ ସମ୍ମାନ ଓ ସ୍ୱାଭିମାନର ଦିନ। ସାଢ଼େ ଚାରି କୋଟି ଓଡ଼ିଆଙ୍କ ତରଫରୁ ମୁଁ ଏହି ମହାନ୍ ବ୍ୟକ୍ତିତ୍ୱଙ୍କ ଜନ୍ମଦିନ ଅବସରରେ ସେବା ମାଧ୍ୟମରେ ପାଳନର ମହାନ୍ ପରମ୍ପରାରେ ସାମିଲ ହୋଇଥିବା ଆପଣମାନଙ୍କ ତରଫରୁ ମୋଦିଙ୍କୁ ସ୍ୱାଗତ କରୁଛି। ମହାପ୍ରଭୁ ଜଗନ୍ନାଥ, ମା' ସମଲେଇ ତଥା ଓଡ଼ିଶାର ଏହି ପୁଣ୍ୟ ଭୂମିର ଆଶୀର୍ବାଦ ତାଙ୍କୁ ଦୀର୍ଘ, ନିରାମୟ ତଥା ଦେଶ ଓ ଦେଶବାସୀଙ୍କ ସେବା ପାଇଁ ଆହୁରି କର୍ମଠ କରୁ ଏହି ଦିନରେ ମୋର ଏତିକି ପ୍ରାର୍ଥନା। ରାଜ୍ୟରେ ବିଜେପି ସରକାର କାର୍ଯ୍ୟଭାର ଗ୍ରହଣ କରିବା ଅର୍ଥାତ୍ ମୁଁ ନୂଆ ମୁଖ୍ୟମନ୍ତ୍ରୀ ଶପଥ ନେଲା ଦିନ ଓଡ଼ିଶା ଗସ୍ତଠାରୁ ଆଜି ଝାରସୁଗୁଡ଼ା ଗସ୍ତକୁ ହିସାବ କଲେ ଏହା ତାଙ୍କର ସପ୍ତମ ଓଡ଼ିଶା ଗସ୍ତ। ଏହା ସହ, ଦେଶ ସ୍ୱାଧୀନତାଠାରୁ ଦେଶରେ ଯେତେ ପ୍ରଧାନମନ୍ତ୍ରୀ ହୋଇଛନ୍ତି ସେମାନେ ସମସ୍ତେ ମିଶି ଓଡ଼ିଶାକୁ ଯେତେଥର ଆସିଛନ୍ତି ମୋଦୀ ତାଙ୍କର କାର୍ଯ୍ୟକାଳରେ ତା'ଠାରୁ ଅଧିକ ଥର ଆମ ରାଜ୍ୟକୁ ଗସ୍ତ କରି ସାରିଲେଣି। ଏହା ଏହି ରାଜ୍ୟକୁ, ରାଜ୍ୟବାସୀଙ୍କୁ ତାଙ୍କ ହୃଦୟର ନିଚ୍ଛତମ କୋଣରୁ ଭଲ ପାଇବା ବିନା ସମ୍ଭବ ହେବ ନାହିଁ। ଆଜି ମୋଦିଜୀ ଝାରସୁଗୁଡ଼ାରେ 'ଯୁବ ସମାବେଶ'କୁ ସମ୍ବୋଧନ କରିବେ ଏବଂ ଅନେକ ବିକାଶମୂଳକ କାର୍ଯ୍ୟର ଶୁଭାରମ୍ଭ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିବେ। ଓଡ଼ିଶା ଓ ଓଡ଼ିଶାବାସୀଙ୍କୁ ଏତେ ଭଲ ପାଉଥିବା ଓଡ଼ିଶାର ଏହି ମହାନ୍ ଦରଦୀବନ୍ଧୁଙ୍କୁ ପୁଣି ଥରେ ହୃଦୟରୁ ସ୍ୱାଗତ କରୁଛି।

ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ ୧୭ ସେପ୍ଟେମ୍ବରରୁ ୧୫ ଦିନ ପର୍ଯ୍ୟନ୍ତ ଆମେ ସେବାପକ୍ଷ ପାଳନ କରିବା ପଛରେ ଭାରତୀୟ ଜନତା ପାର୍ଟିର ରାଜନୈତିକ ସିଦ୍ଧାନ୍ତର ପ୍ରତିଫଳନ, ମାତ୍ର ଆମେ ବିଜେପିର କାର୍ଯ୍ୟକର୍ତ୍ତାମାନଙ୍କ ପାଇଁ ରାଜନୀତି ସରକାର ବା କ୍ଷମତା କେନ୍ଦ୍ରିକ ନୁହେଁ। ବିଜେପି ଏବଂ ଏହାର ମୂଳ ଦଳ ଜନସଂଘ ଆରମ୍ଭରୁ ରାଜନୀତିର ପୃଷ୍ଠଭୂମି ଲୋକ କଲ୍ୟାଣ। ସେବାପକ୍ଷ ମୋଦିଜୀଙ୍କ ଜନ୍ମଦିନ ୧୭ ସେପ୍ଟେମ୍ବରରୁ ଗାନ୍ଧିଜୀ ଏବଂ ଶାସ୍ତ୍ରୀଜୀଙ୍କ ଜୟନ୍ତୀ ୨ ଅକ୍ଟୋବର ପର୍ଯ୍ୟନ୍ତ ଚାଲିବ ସତ, ମାତ୍ର ବର୍ଷର ୩୬୫ ଦିନ ଆମ ପାଇଁ ରାଜନୀତି ସେବା ଓ ସମର୍ପଣର ଦିନ। ଏହି ୧୫ ଦିନରେ ପ୍ରତୀକ ଭାବରେ ବିଭିନ୍ନ ସମାଜ ମଙ୍ଗଳ କାର୍ଯ୍ୟକ୍ରମ ମାଧ୍ୟମରେ ଓଡ଼ିଶାର ଜନ ସାଧାରଣଙ୍କୁ ଭାଗିଦାରି କରିବା ମୂଳ ଉଦ୍ଦେଶ୍ୟ। ମୁଁ ଅତ୍ୟନ୍ତ ଆନନ୍ଦିତ ମୋଦିଜୀଙ୍କ ଜନ୍ମଦିନ ୧୭ ସେପ୍ଟେମ୍ବରର ଅବ୍ୟବହିତ ପୂର୍ବରୁ "ମା' ପାଇଁ ଗଛଟିଏ" ଅଭିଯାନରେ ୭୫ ଲକ୍ଷ ବୃକ୍ଷରୋପଣ ପାଇଁ ମୁଁ ଅନୁରୋଧ କରିଥିଲି। ମୋ ରାଜ୍ୟବାସୀ ଏହିଦିନ ଦେଢ଼ କୋଟି ଗଛ ଲଗାଇଥିବା ନିର୍ଦ୍ଧାରିତ ଆପ୍ ମାଧ୍ୟମରେ ଅପଲୋଡ୍ କରି ଏକ ନୂଆ ରେକର୍ଡ ସୃଷ୍ଟି କରିଥିଲେ। ଆପ୍‌ରେ ଅପଲୋଡ୍ କରିବା ବାହାରେ ଆହୁରି ହଜାର ହଜାର ଓଡ଼ିଆ ଜନତା ବୃକ୍ଷରୋପଣ କରିଥିବାର ଖବର ମୋ ପାଖରେ ଅଛି। ଏହା ତ ଓଡ଼ିଶାବାସୀଙ୍କର ମୋଦିଜୀଙ୍କ ପ୍ରତି ଥିବା ଅଖଣ୍ଡ ଭଲ ପାଇବାର ପ୍ରମାଣ। ଏହି ଭଲ ପାଇବା ଦୀର୍ଘସ୍ଥାୟୀ ହେଉ ଆଜି ମୋଦୀଙ୍କ ଓଡ଼ିଶା ଆଗମନ ଦିନରେ ମହାପ୍ରଭୁଙ୍କ ପାଖରେ ପ୍ରାର୍ଥନା।

ମୋଦିଜୀଙ୍କ ଦୃଢ଼ ନେତୃତ୍ୱ କାରଣରୁ ଓଡ଼ିଶାର ପ୍ରଗତି ଅଧିକ ଗତିଶୀଳ ହୋଇଛି। ୨୦୧୪ରୁ ୨୦୨୫ ମୋଦିଜୀଙ୍କ ୧୧ବର୍ଷର ଶାସନରେ ଓଡ଼ିଶା ତଥା ଓଡ଼ିଶାବାସୀଙ୍କ ପାଇଁ ମୋଦିଜୀଙ୍କ ଦୁଆର ଖୋଲା। କେନ୍ଦ୍ରି ଓ କ' ଣ କ' ଣ ଓଡ଼ିଶା ଲାଭ ପାଇଲା ଏହାର ବିବରଣୀ ଆପଣମାନଙ୍କ ସମ୍ମୁଖରେ ରଖିବା ପାଇଁ ମୁଁ ଏହି ଆଲେଖ୍ୟ ଲେଖୁନାହିଁ। ଆପଣମାନଙ୍କ ଆଶୀର୍ବାଦରେ ରାଜ୍ୟରେ ବିଜେପି ସରକାର ଗଠନ ହେଲା ଓ ମୁଁ ରାଜ୍ୟର ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ନେଲି। ବିଜେପିର କାର୍ଯ୍ୟକର୍ତ୍ତା ଓ ବିଧାୟକ ଭାବରେ ଅନେକ ଥର ମୋଦିଜୀଙ୍କ ସାନିଧ୍ୟ ଲାଭ କରିଥିଲି। ମାତ୍ର ମୁଖ୍ୟମନ୍ତ୍ରୀ ହେବା ପରେ ମୋଦିଜୀଙ୍କ ସହ ସମ୍ପର୍କର ନିବିଡ଼ତା ସହିତ ସିଧା ସିଧା ତାଙ୍କରି ମାର୍ଗଦର୍ଶନ ଓ ରୋଡ୍ ମ୍ୟାପ୍ ଆଧାରରେ ଓଡ଼ିଶାର ବିକାଶ ରଥକୁ ଦ୍ରୁତ ଗତିରେ ଆଗେଇ ନେବାର ଭୂମିକା ମୋତେ ମୋଦିଜୀଙ୍କ ବ୍ୟକ୍ତିତ୍ୱ ନେଇ ଅନେକ ସମୟରେ ଅନ୍ତର୍ମୁଖୀ କରିଛି। ମୋତେ ଓ ମୋ ସରକାରକୁ ସମୟ ଓ ବିକାଶର କଷଟି ପଥରରେ ମାପିବାକୁ ବାରମ୍ବାର ଚେଷ୍ଟା କରିଛି ସେତେବେଳେ ଆମ୍ ସମୀକ୍ଷା କରିଛି, ମୋଦିଜୀଙ୍କ ମାର୍ଗ ଦର୍ଶନକୁ ବ୍ୟାଖ୍ୟା କରିଛି, ସେତେଥର ମୋତେ ଜନସେବାର ନୂଆ ନୂଆ ରାସ୍ତା ଦେଖାଇଯାଇଛି। ଆହୁରି ଯୋଜନାବଦ୍ଧ ଉଦ୍ୟମ ଓ କଠିନ ପରିଶ୍ରମ କରିବା ପାଇଁ ପ୍ରେରଣା ମିଳିଛି।

ମୋର ମନେଅଛି ୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ମୋଦିଜୀ ଗୁଜରାଟର ନର୍ମଦା ନଦୀ କୂଳରେ କେବଡ଼ିଆଠାରେ ଲୌହ ମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କର ବିଶ୍ୱର ସର୍ବୋଚ୍ଚ ମୂର୍ତ୍ତି ସ୍ଥାପନ ପାଇଁ ନିଷ୍ପତ୍ତି ନେଲେ। ମାତ୍ର ଦେଶର ଅନନ୍ୟ କିଷାନ ନେତା ସର୍ଦ୍ଦାର ପଟେଲଙ୍କର ବିଶାଳ ଲୌହ ଅବୟବ ନିର୍ମାଣ ପାଇଁ ସାରା ଦେଶକୁ ସାମିଲ କରିବା ଲାଗି ଆମେ ଦଳୀୟ କାର୍ଯ୍ୟକର୍ତ୍ତା ଓ ଦେଶର ସାଧାରଣ ଜନତାଙ୍କୁ ଆହ୍ୱାନ ଦେଲେ। ସେ ଅନୁରୋଧ କଲେ ଦେଶର ପ୍ରତି ପରିବାରରୁ ଲୁହା ସଂଗ୍ରହ କରିବାକୁ ବିଶେଷ ଭାବରେ ଚାଷ କାମରେ ବ୍ୟବହୃତ ହୋଇଥିବା ହଳ-ଲଙ୍ଗଳ ବା ଅନ୍ୟ ଉପକରଣର ଲୁହା ଦାନ କରିବାକୁ ଆହ୍ୱାନ ଜଣାଇଲେ। ବିଜେପିର କାର୍ଯ୍ୟକର୍ତ୍ତା ଭାବରେ ଆମେ ଆମ ଅଞ୍ଚଳର ପରିବାର ପରିବାର ବୁଲି ଲୁହାଖଣ୍ଡ ସବୁ ସଂଗ୍ରହ କଲୁ। ଘରକୁ ଘର ବୁଲି ମୋଦିଜୀଙ୍କ ଆହ୍ୱାନ, ସର୍ଦ୍ଦାର ପଟେଲଙ୍କର ଦେଶକୁ ଅଖଣ୍ଡ ରଖିବାର ଭାବନା ଏବଂ ଭବିଷ୍ୟତ ଭାରତ ଗଢ଼ିବା କଥା ଆଲୋଚନା କଲାବେଳେ ସାଧାରଣ ପରିବାରମାନଙ୍କର ଏକ ରାଷ୍ଟ୍ରୀୟ ଆନ୍ଦୋଳନରେ ସାମିଲ ହେବା ଖୁସିକୁ ସେତେବେଳେ ମନେ ମନେ ଅନୁଭବ କରୁଥିଲୁ। ହୃଦୟଙ୍ଗମ ହେଉଥିଲା ମୋଦୀଙ୍କ ଭଳି ଜଣେ ବ୍ୟକ୍ତିତ୍ୱ କେବଳ ସଫଳତାର ନାୟକ ନୁହନ୍ତି, ଜନ ଭାଗିଦାରି ତାଙ୍କ କାର୍ଯ୍ୟ ପଦ୍ଧତିର ଅବିଚ୍ଛେଦ୍ୟ ଅଙ୍ଗ।

ଭାରତୀୟ ସମାଜ ଜୀବନରେ ଆଉ ଦୁଇ ବିଭୂତି ଗାନ୍ଧିଜୀ ଏବଂ ଶାସ୍ତ୍ରୀଜୀଙ୍କ ଜୀବନ ଦର୍ଶନ ସହ ମୋଦିଜୀଙ୍କ ବିଚାରରେ ସମାନତାକୁ ମୁଁ ଅନୁଭବ କରୁଛି। ଗାନ୍ଧିଜୀ ଦେଶର ସ୍ୱାଧୀନତା ସଂଗ୍ରାମକୁ ଖାଲି ବ୍ରିଟିଶ ସାଙ୍ଗରେ ଅସହଯୋଗରେ ସୀମିତ ରଖି ନ ଥିଲେ। ଅସହଯୋଗ ଆନ୍ଦୋଳନ ସଫଳତା ପଛରେ ତାଙ୍କର ଜନ ଭାଗୀଦାରି ପାଇଁ ସୁଦୃଢ଼ ପ୍ରସାରୀ ଚିନ୍ତା, ଯୋଜନା ଏବଂ ସଫଳ କ୍ରିୟାନ୍ୱୟନ ସ୍ପଷ୍ଟ ଦେଖାଯାଉଛି। କୁଟି ଖାଦି- କାଟି ପିନ୍ଧ, ଲବଣ ସତ୍ୟାଗ୍ରହ ଆଦି ଲୋକଙ୍କୁ ଆନ୍ଦୋଳନ ସହ ଯୋଡ଼ିବା ହିଁ ତ ଥିଲା ମୂଳ ଉଦ୍ଦେଶ୍ୟ। ଶାସ୍ତ୍ରୀଙ୍କ ନେତୃତ୍ୱରେ ଦେଶ ଲଢ଼ୁଥିଲା ବିଦେଶୀ ଶକ୍ତି ସହ ସାମରିକ ଓ କୂଟନୈତିକ ଯୁଦ୍ଧ। ମାତ୍ର ଦେଶରେ ଖାଦ୍ୟାନ୍ନ ଅଭାବକୁ ସାମ୍ନା କରିବା ପାଇଁ ସପ୍ତାହରେ ଗୋଟିଏ ଓଳିର ଆହାର ତ୍ୟାଗକରି ଉପବାସ ରହିବା ପାଇଁ ଆହ୍ୱାନ ଦେଶରେ ନୂଆ ଜାଗରଣର ଲହରି ଆଣିଥିଲା।

ଆଜି ସେତେବେଳେ ଆମେ ମୋଦିଜୀଙ୍କ ୧୧ ବର୍ଷର କାର୍ଯ୍ୟକାଳକୁ ଦେଶର ସାଧାରଣ ଜନତା ଭାବରେ ସମୀକ୍ଷା କରୁଛୁ ସେତେବେଳେ ତାଙ୍କର ଜନ ଭାଗୀଦାରି ମାଧ୍ୟମରେ ଜନ ଆନ୍ଦୋଳନ ତିଆରି ବିକାଶକୁ ସର୍ବବ୍ୟାପି ଏବଂ ସର୍ବସ୍ପର୍ଶୀ କରିବାରେ ମୂଳ ମନ୍ତ୍ର ହୋଇଛି। ମୋଦିଜୀ ନିଜ ପ୍ରଧାନମନ୍ତ୍ରୀତ୍ୱର ପ୍ରାରମ୍ଭିକ ବର୍ଷରେ ସ୍ୱଚ୍ଛତା ଅଭିଯାନ ଆରମ୍ଭ କଲେ। ସେତେବେଳର ତାଙ୍କର ପ୍ରମୁଖ ସଚିବ ନୃପେନ୍ଦ୍ର ମିଶ୍ରଙ୍କର ଅନୁଭବ ଥିବା ଏକ ଭିଡିଓ ସାକ୍ଷାତ୍କାର ଦେଖିଲି। ମୋଦିଜୀଙ୍କର ଜନତାଙ୍କ ସମସ୍ୟାର ଅନୁଭବ ଓ ପ୍ରଶାସନିକ କଳକୁ ମାର୍ଗଦର୍ଶନର ପ୍ରସଙ୍ଗରେ ନୃପେନ୍ଦ୍ର ମିଶ୍ରଙ୍କ ବ୍ୟାଖ୍ୟା ଆମ ଭଳି ନୂଆ ପିଢ଼ିର ରାଜନେତାଙ୍କୁ ଆତ୍ମ ସମୀକ୍ଷା କରିବାକୁ ବାଧ୍ୟ କରୁଛି। ଲାଲକିଲ୍ଲାରୁ ଶୌଚାଳୟ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀଙ୍କ ଭାଷଣରେ ସାମିଲ ପ୍ରସଙ୍ଗ ପ୍ରଶାସନିକ ବ୍ୟବସ୍ଥାକୁ ନୂଆ ନୂଆ ଲାଗୁଥିଲା। କିନ୍ତୁ ଲାଲକିଲ୍ଲାରୁ ୨୦୧୪ ଅଗଷ୍ଟ ୧୫ ଭାଷଣରେ ମୋଦିଜୀଙ୍କ ଏହା ସବୁଠୁ ବଡ଼ ଲାଗୁଥିଲା।

ମୋଦିଜୀ ସେତେବେଳେ ରାସ୍ତାରୁ କାଗଜ ଉଠାଇ ନିଜ ପକେଟରେ ରଖୁଛନ୍ତି ସ୍ୱଚ୍ଛତା ଜନ ଆନ୍ଦୋଳନରେ ନୂଆ ଉତ୍ସାହ ଯୋଡ଼ି ହେଉଛି। ଆଣ୍ଡାମାନର ସମୁଦ୍ର କୂଳରେ ସେତେବେଳେ ନିଜେ ବୁଲି ଭାରତର ପର୍ଯ୍ୟଟନ ବିକାଶ ମାଧ୍ୟମରେ ଅର୍ଥନୀତିକୁ ଦୃଢ଼ କରିବା ପାଇଁ ବାର୍ତ୍ତା ଦେଉଛନ୍ତି ତାହା ଜନ ଆନ୍ଦୋଳନ ହେଉଛି। ଯେତେବେଳେ 'ଦେଖୋ ଅପନା ଦେଶ' ସନ୍ଦେଶ ଦେଉଛନ୍ତି ସେତେବେଳେ ଦେଶର ପର୍ଯ୍ୟଟନ କ୍ଷେତ୍ରରେ ଭିଡ଼ ଲାଗି ଯାଉଛି। ଖାଦି ପିନ୍ଧିବାର ଆହ୍ୱାନ, ଦେଶରେ ନୂଆ ବାତାବରଣ ସୃଷ୍ଟି କରୁଛି। ସମୟ ମିଳିଲେ ଯୁବ୍ବାବ ଖୋଲି ମୋ ପରଦର ବ୍ୟକ୍ତିମାନଙ୍କର ସାକ୍ଷାତ୍କାର ଦେଖିବାକୁ ମୋତେ ଭଲ ଲାଗେ। ନିକଟରେ ଏକ ଜାତୀୟ ଟିଭି ଚ୍ୟାନେଲର ୩ ଜଣ ଆଙ୍କର୍ ମୋଦିଜୀଙ୍କ ସାକ୍ଷାତ୍କାର କରୁଥିଲେ। ସେମାନଙ୍କର ପ୍ରଶ୍ନ ଥିଲା ଆପଣ ଦେଶବାସୀଙ୍କ ମନ ଉପରେ କବ୍ଜା କରିଦେଇଛନ୍ତି। ମୋଦିଜୀ ନମ୍ରତାର ସହ ଉତ୍ତର ଦେଇଥିଲେ ଜନମନକୁ ଯିଏ କବ୍ଜା କରିବାର ଦୁଃସାହସ କରିବ, ସିଏ ଶେଷ ହୋଇଯିବ। ଜନମନକୁ ବୁଝିବା ଦରକାର, ଜନ ମନର ବିଚାର ଓ ଆମର ବିଚାର ମାଧ୍ୟମରେ ଥିବା ଦୂରତାକୁ ବୁଝିବା ଏବଂ ଏହି ଦୂରତାକୁ ଦୂର କରି ଜନ ମନର ଇଚ୍ଛାକୁ ସମ୍ମାନ ଦେଇ ସେମାନଙ୍କ ପାଖକୁ ଗଲେ ସେମାନେ ଖୋଲା ମନରେ ଖାଲି ସ୍ୱୀକାର କରନ୍ତିନି ବରଂ ଏଥିରେ ଖୁସିରେ ସାମିଲ ହୋଇଯାଆନ୍ତି। ଲାଲକିଲ୍ଲାରୁ ଶୌଚାଳୟ ଆନ୍ଦୋଳନର କଥା ହେଉ, କୁମ୍ଭ ମେଳାରେ ସଫେଇ କର୍ମଚାରୀଙ୍କ ପାଦ ଧୋଇବା ହେଉ ଜନମାନସ ମନରେ ଏକ ସକାରାତ୍ମକ ଭାବନା ତିଆରି କରୁଛି। ଜନଧନ ବ୍ୟାଙ୍କ ଖାତା ଖୋଲିବା ହେଉ ଅଥବା ଦେଶର ମେହନତୀ ମଣିଷ ପାଇଁ ମୁଦ୍ରା ଲୋନ, ଦେଶର ଗରିବ ଓ ଉପେକ୍ଷିତ ଲୋକଙ୍କୁ ବିକାଶର କେନ୍ଦ୍ରବିନ୍ଦୁକୁ ଆଣି ପାରିଛି।

ମୋଦିଜୀ ଆମର ରାଜ୍ୟରେ ବିକାଶ ପାଇଁ ନୂଆ ସୁଯୋଗ ତିଆରି କରିଛନ୍ତି। ଯୁପିଏ ଶେଷ ୫ ବର୍ଷରେ ଆମ ରାଜ୍ୟର ରେଳବାଇ ପାଇଁ ବର୍ଷକୁ ହାରାହାରି ୮୩୮ କୋଟି ଟଙ୍କା ଆସୁଥିଲା। ଏଥର ଶେଷ ରେଳ ବଜେଟରେ ମୋଦିଜୀ ଓ ଅଶ୍ୱିନୀ ବୈଷ୍ଣବ ୧୦ ହଜାର ୫୯୯ କୋଟି ଅର୍ଥାତ୍ ୧୨.୬ ଗୁଣ ଅଧିକ ଅର୍ଥ ପ୍ରଦାନ କରିଛନ୍ତି। ରାଜ୍ୟରେ ଏବେ ୮୦ ହଜାର କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ରେଳ ପ୍ରକଳ୍ପ ଚାଲିଛି। ୧୨ ହଜାର କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ସଡ଼କ ପ୍ରକଳ୍ପ ନିର୍ମାଣ ଚାଲିଛି। ରାଜ୍ୟରେ ଫିଜିକାଲ ଇନ୍‌ଫ୍ରାଷ୍ଟ୍ରକଚର ହେଉ ବା ସୋସିଆଲ ଇନ୍‌ଫ୍ରାଷ୍ଟ୍ରକଚର ମୋଦିଜୀଙ୍କ ସମୟ ଓଡ଼ିଶା ପାଇଁ ସୁବର୍ଣ୍ଣ ଯୁଗ। ମୋଦିଜୀଙ୍କୁ ସ୍ୱାଗତ କରିବା ସମୟରେ ଗୋଟିଏ କଥା କହିବି, ଆମ ପାଖରେ ଅମାପ ଖଣିଜ ସମ୍ପଦ, ସୁଦୀର୍ଘ ବେଳାଭୂମି, ଅଜସ୍ର ଜଳ ସମ୍ପଦ, ଜଙ୍ଗଲ ସମ୍ପଦ ତଥା ପରିଶ୍ରମୀ ଓ ବୁଦ୍ଧିମାନ ମାନବ ସମ୍ବଳ ଅଛି, ଯାହା ଭାରତର ଅନ୍ୟ କୌଣସି ରାଜ୍ୟ ପାଖରେ ନାହିଁ। ଓଡ଼ିଶା ଧନୀ, ମାତ୍ର ଓଡ଼ିଆ ଗରିବ। ଆମକୁ ଏହି ଅପମାନଦାୟକ ପରିସ୍ଥିତିରୁ ବାହାରିବାକୁ ପଡ଼ିବ। ଖାଲି ଓଡ଼ିଶା ଧନୀ ନୁହେଁ, ଓଡ଼ିଶାବାସୀ ବି ସମୃଦ୍ଧ। ଏହା ୨୦୩୬ ମସିହା ସୁଦ୍ଧା ଆମେ ସମ୍ଭବ କରି ଦେଖାଇପାରିବା।

ମୋଦିଜୀ ପ୍ରଧାନମନ୍ତ୍ରୀ ହେବାବେଳେ ଆମ ଦେଶ ବିଶ୍ୱର ୧୧ ନମ୍ବର ଅର୍ଥନୀତି ଥିଲା। ଏବେ ଆମେ ୪ ନମ୍ବରରେ। ଦେଶର ବିକାଶ ପଛରେ ରହିଛି ଦେଶବାସୀଙ୍କର ଦେଶର ନେତୃତ୍ୱ ଉପରେ ଅଖଣ୍ଡ ବିଶ୍ୱାସ ଓ ଆଗକୁ ବଢ଼ିବା ପାଇଁ ଆମ୍ ବିଶ୍ୱାସ। ମୋଦିଜୀଙ୍କର ନେତୃତ୍ୱରେ ଡବଲ ଇଞ୍ଜିନ ସରକାର ଓଡ଼ିଶାର ଅଭ୍ୟୁଦୟରେ ନିର୍ଣ୍ଣାୟକ ଭୂମିକା ନେବ। ଏହା ସମ୍ଭବ ହେବା ପାଇଁ ମୋଦିଜୀଙ୍କର ପୂର୍ବୋଦୟ ବିଚାର ମୂଳ ସହାୟକ ହେବ। ମୋଦିଜୀଙ୍କ ଆଜି ଓଡ଼ିଶା ଆଗମନ ଓ ବିକଶିତ ଓଡ଼ିଶା ଗଠନ ପାଇଁ 'ଯୁବ ସମାବେଶ'ରେ ଯୋଗଦାନ ଅବସରରେ ତାଙ୍କୁ ସ୍ୱାଗତ କରିବା। ଏସ ସହ ଜନ ଭାଗିଦାରି, ଗରିବ କଲ୍ୟାଣ ଓ ଦ୍ରୁତ ଆର୍ଥିକ ବିକାଶକୁ ସଫଳ କରିବା ପାଇଁ ଶପଥ ନେବା। ସାଢ଼େ ୪ କୋଟି ଓଡ଼ିଆଙ୍କ ଏହି ବିକାଶ ଯାତ୍ରାରେ ଡବଲ ଇଞ୍ଜିନ ସରକାର ଓ ମୁଁ ନିମିତ୍ତ ମାତ୍ର। ଜୟ ଜଗନ୍ନାଥ

ମୁଖ୍ୟମନ୍ତ୍ରୀ, ଓଡ଼ିଶା ସରକାର

# ମୁକ୍ତିସଂଗ୍ରାମର ଦସ୍ତାବିଜ

ମୀରା ବେଉରା

ପ୍ରସିଦ୍ଧ ହିନ୍ଦୀ ଔପନ୍ୟାସିକ ପ୍ରେମ ଚାନ୍ଦ ଥିଲେ ଜଣେ ପ୍ରତିଭାବାନ୍ ବ୍ୟକ୍ତିତ୍ୱ। କିନ୍ତୁ ଗୋଟିଏ ବ୍ୟତିକ୍ରମ ଦେଖାଯାଏ ଯେ ସବୁ ପ୍ରତିଭା ସତ୍ତ୍ୱେ ସେ କିନ୍ତୁ ଲେଖାପଢ଼ାରୁ ବିଚ୍ଛିନ୍ନ ରହୁ ନ ଥିଲେ। ଦିନେ ତାଙ୍କର ଅସୁସ୍ଥତା ଦେଖି ତାଙ୍କର ଧର୍ମପତ୍ନୀ ତାଙ୍କୁ ଗାଳିଦେଇ କହିଲେ ତୁମର ଏବେ ବିଶ୍ରାମ ଲୋଡ଼ା ଅଥଚ ତୁମେ ବହିଗୁଡ଼ାକ ଘାଣ୍ଟୁଛ ? ପ୍ରେମ ଚାନ୍ଦ କହିଲେ, ଦୀପର କର୍ତ୍ତବ୍ୟ ହେଲା ଆଲୋକ ବିତରଣ କରିବା। ଏହି ସମୟରେ କ'ଣ ଲାଭ କ୍ଷତି ହେଲା ତାହା ବିଚାର କରିବା ଦୀପର ବିଚାର୍ଯ୍ୟ ନୁହେଁ। ମୃତ୍ୟୁ ପର୍ଯ୍ୟନ୍ତ ପ୍ରେମ ଚାନ୍ଦଙ୍କ ଲେଖା ଜାରି ରହିଥିଲା। ତାଙ୍କର ଶେଷ ଉପନ୍ୟାସ ମଧ୍ୟ ସରି ନ ଥିଲା। ଏହା ଏଠାରେ ଉପସ୍ଥାପନ କରିବାର ଉଦ୍ଦେଶ୍ୟ ହେଉଛି ଯଦିଓ ଆଜି ଅନେକ ଲେଖକଙ୍କ ଲେଖା ସାହିତ୍ୟକୁ ସମୃଦ୍ଧ କରିଛି, ହେଲେ ସେହି ଲେଖକଙ୍କର ଲେଖନୀ ସମାଜ ଓ ରାଷ୍ଟ୍ରରେ ସଂସ୍କାର ଆଣିପାରିଛି କି? ଅନ୍ୟାୟ, ଶୋଷଣ, ପୀଡ଼ନ ବିରୋଧରେ ସ୍ୱର ଉତ୍ତୋଳନ କରିପାରିଛି କି? ସେହିସବୁ ସାହିତ୍ୟ ସମାଜର ହିତସାଧନରେ ଅସ୍ତ୍ର ହୋଇଛି କି? ସମ୍ପ୍ରତି ଏଠିକ୍ ଉତ୍ତର ଆମେ ସମସ୍ତେ ଜାଣୁ। ଆଜିର ଲେଖା କେବଳ ପୁରସ୍କାର ଓ ସମ୍ବର୍ଦ୍ଧନା ସର୍ବସ୍ୱ ହୋଇଯାଇଛି। ଲେଖକଟି ସବୁବେଳେ ଚିନ୍ତା କରୁଛି ମୁଁ କ'ଣ ଲେଖିଲେ ଗୋଟିଏ ସାକୃତିପ୍ରାପ୍ତ ଲେଖକ ହୋଇପାରିବି ଏବଂ ଅନେକ ପୁରସ୍କାର ହାତେଇ ପାରିବି। କିନ୍ତୁ ସତ୍ୟକୁ ନିର୍ଭୀକ ଭଙ୍ଗରେ ଉପସ୍ଥାପନ କରିବା ଓ ସମାଜର ହିତ ସାଧନ କରିବା ହେଉଛି ଲେଖକର ପ୍ରଥମ କର୍ତ୍ତବ୍ୟ। ଯେଉଁ ସାହିତ୍ୟ ସମାଜର ହିତ ସାଧନ କରେ ନାହିଁ ତାହା ସାହିତ୍ୟ ହୋଇପାରେନା। ଲେଖକର ଲେଖନୀ ଯଦି ସମାଜ ତଥା ରାଷ୍ଟ୍ରରେ ସଂସ୍କାର ନ ଆଣେ ତେବେ ରାଷ୍ଟ୍ର ବିକାଶଲାଭ କରିପାରିବନି। ଯେଉଁ ସାହିତ୍ୟ ଶାସକର ତୋଷାମଦ କରି ପୁରସ୍କାର ହାସଲ କରେ ତାହା ସାହିତ୍ୟ ନୁହେଁ। ଯେଉଁ ସାହିତ୍ୟ ନୂତନ ରାଷ୍ଟ୍ର ନିର୍ମାଣରେ ସାହାଯ୍ୟ ସହଯୋଗ କରେ ତାହା ହିଁ ପ୍ରକୃତ ସାହିତ୍ୟ। କିନ୍ତୁ ଆଜିର ଲେଖନୀ ଆତ୍ମପ୍ରଚାର ସର୍ବସ୍ୱ ହୋଇଛି। ସାହିତ୍ୟ ଯଦି ସମାଜକୁ ଦିଗ୍‌ଦର୍ଶନ ନ ଦେଇ କେବଳ ଶାସକଙ୍କୁ ତୋଷାମଦ କରି ପୁରସ୍କାର ପାଇଁ ଲେଖା ଯାଏ ତେବେ ଗୋଟିଏ ଜାତି ଧ୍ୱଂସ ହୋଇଯାଏ।



ସାହିତ୍ୟ ହିଁ ସମାଜ ପରିବର୍ତ୍ତନର ଅସ୍ତ୍ର। ଲେଖାରେ ଯଦି ସାମାଜିକ ସଂସ୍କାର ନ ଥାଏ, ପ୍ରତିଶ୍ରୁତିବଦ୍ଧତା ନ ଥାଏ, ସଚେତନତା ନ ଥାଏ, ମୂଲ୍ୟବୋଧ ନ ଥାଏ ଏବଂ ଲେଖା ଯଦି ମାନବଧର୍ମୀ ନ ହୁଏ, ଯୁଗୋପଯୋଗୀ ନ ହୁଏ ତେବେ ରାଷ୍ଟ୍ରର ମୂଳ ଲକ୍ଷ୍ୟ ଲକ୍ଷ୍ୟଚ୍ୟୁତ ହୁଏ। ବର୍ତ୍ତମାନ ଦେଖାଯାଉଛି ସମାଜ ତଥା ରାଷ୍ଟ୍ର ଯେତେ ଅସୁବିଧାରେ ସମ୍ମୁଖୀନ ହେଲେ ମଧ୍ୟ ଭୟରେ କେହି ପାଟି ଖୋଲିବାକୁ ରାଜି ନୁହନ୍ତି। ସମସ୍ତେ ଚାହାନ୍ତି ଶାସକ ଦଳର ପ୍ରିୟ ହେବାକୁ ଏବଂ ତାଙ୍କର ଭାଟ ସାଜିବାକୁ। ଅନ୍ୟାୟ ଅତ୍ୟାଚାର ଦୁର୍ନୀତି ବିରୋଧରେ ଲେଖନୀ ଚାଳନା କଲେ ପୁରସ୍କାର ନ ମିଳିପାରେ, ତିରସ୍କାର ମିଳୁ ପଛକେ କିନ୍ତୁ ସମାଜ ଓ ରାଷ୍ଟ୍ର ତା'ର ପ୍ରତିଦାନକୁ କେବେ ଭୁଲେ ନାହିଁ। ଯେଉଁ ଲେଖନୀ ପଥଭ୍ରଷ୍ଟ ଯୁବକଙ୍କୁ ବାଟ ଦେଖାଏ ନାହିଁ, ଜୀବନ ଜିଇବାର କଳା ଶିଖାଏ ନାହିଁ କିମ୍ବା ଜୀବନର ସମସ୍ୟାକୁ ସମାଧାନ କରିବାକୁ ଦୃଢ଼ ମନୋବଳ ସୃଷ୍ଟି କରିପାରେ ନାହିଁ ତାହା ସାହିତ୍ୟ ହୋଇପାରିବନି। ସେଦିନର ସାହିତ୍ୟ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ପ୍ରେରଣା ଦେଉଥିଲା। ଭାରତ, ଆମେରିକା, ଇଟାଲୀ, ଜର୍ମାନୀ, ଫ୍ରାନ୍ସ, ରୁଷିଆ ଆଦି ପ୍ରତ୍ୟେକ ଦେଶର ସ୍ୱାଧୀନତା ସଂଗ୍ରାମ ଲେଖକଙ୍କ ଲେଖନୀ ଚାଳନାରୁ ତୀବ୍ର ହୋଇଥିଲା। ରୁଷୋ, ଭଲ୍ଟାୟାର, ମଣ୍ଟେସ୍କ୍ୟୁ, ମହାତ୍ମା ଗାନ୍ଧୀ, ଶ୍ରୀଅରବିନ୍ଦ, ରବୀନ୍ଦ୍ରନାଥ ଟାଗୋର, ଉତ୍କଳମଣି ଗୋପବନ୍ଧୁ, ମଧୁବାବୁ, ଗୌରୀ ଶଙ୍କର, ଗୋଦାବରୀଶ ମହାପାତ୍ର, କଥା ସମ୍ରାଟ ଫକୀର ମୋହନ ସେନାପତିଙ୍କ ଲେଖନୀ ସେଦିନ ବିପ୍ଳବର ମଞ୍ଜି ବୁଣି ଦେଇଥିଲା ପ୍ରତିଟି ହୃଦୟରେ। ସାହିତ୍ୟରେ ଜନ ଜାଗରଣ ନିହାତି ଆବଶ୍ୟକ।

ଦେଉଳସାହି, ତୁଳସୀପୁର, କଟକ

ମୋ: ୭୮୪୬୯୨୧୪୦୦

## ପାଠକ ଶ୍ରେଷ୍ଠ ବିଚାରକ

### ବିପଦରେ ଚନ୍ଦ୍ରଶେଖର ପାଠାଗାର

ମହାଶୟ,

ପୁରୀ(କୁଞ୍ଜବେଣ୍ଟସାହି, ହେରାଗୋହିରୀ ସାହି) ବୋର୍ଡିଙ୍ଗ ଛକରେ ରହିଛି ପୁରାତନ ଲାଇବ୍ରେରୀ ଚନ୍ଦ୍ରଶେଖର ପାଠାଗାର। ଏହାର ଛାତରୁ ବଡ଼ ବଡ଼ ପ୍ଲାଷ୍ଟର ଖଣ୍ଡ ଖସୁଛି। ଫଳରେ ସେଠାରେ ପାଠପଢ଼ୁଥିବା ଅନ୍ୟୁନ ୫୦ ଜଣ ପାଠକ/ପାଠିକାଙ୍କ ମନରେ ଭୟ ଉପୁଜୁଛି। ଏହା ବ୍ୟତୀତ ପାଠକମାନଙ୍କ ଏକାଗ୍ରତା ମଧ୍ୟ ନଷ୍ଟ ହେଉଛି। ଏଣୁ ବିଭାଗୀୟ ଅଧିକାରୀ, ବଦାନ୍ୟ ବ୍ୟକ୍ତି, ସାମାଜିକ ଓ ସାହିତ୍ୟ ଅନୁଷ୍ଠାନ ତଥା ସର୍ବୋପରି ପୁରୀ ଜିଲା ପ୍ରଶାସନ ଓ ପୁରୀ ପୌରସଂସ୍ଥା ଏଥିପ୍ରତି ଦୃଷ୍ଟିଦେବା ଦରକାର। ଆର୍ଥିକ ସହଯୋଗ କରି ପୁରୁଣା ଚନ୍ଦ୍ରଶେଖର ପାଠାଗାରର ମରାମତି ପାଇଁ ଆର୍ଥିକ ସହଯୋଗ ଯୋଗାଇ ଦିଆଯାଉ। ପାଠାଗାରର ପୁନର୍ନିର୍ମାଣ ହୋଇ ପାରିଲେ ସେଠାକୁ ଅଧିକରୁ ଅଧିକ ପାଠକ ଆସିବେ ଏବଂ ତାହାର ଗୌରବ ଅକ୍ଷୁଣ୍ଣ ରହିବ।

-ଡି.ପି. ତ୍ରିପାଠୀ, ଶ୍ରୀନିବାସ ବିହାର, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଏଇ ଭାରତରେ

ଡେଜର୍ଟ ରୋଜ୍ (ଶୁଷ୍କ ଅଞ୍ଚଳରେ ଫୁଟୁଥିବା ଏକ ପ୍ରକାର ଗୋଲ୍ ସଦୃଶ ଫୁଲ)ର ମୂଲ୍ୟ ନାହିଁ ବୋଲି କୁହାଯାଏ। କିନ୍ତୁ ଏହି ଫୁଲ ଚାଷ କରି ତାହାକୁ ଲାଭଜନକ ବୋଲି ପ୍ରମାଣ କରିପାରିଛନ୍ତି ତାମିଲନାଡୁର ଜଣେ କୃଷକ। ସେ ବିଭିନ୍ନ ଦେଶକୁ ଏହି ଫୁଲ ଓ ଚାରାଗଛ ରପ୍ତାନି କରୁଛନ୍ତି ଏବଂ ସେଥିରୁ ବର୍ଷକୁ ୬୦ ଲକ୍ଷ ଟଙ୍କା ପାଉଛନ୍ତି। ଜଣାଯାଏ ୧୯୮୬ରେ ତାମିଲନାଡୁର ଥୁତୁକୁଡ଼ି ଜିଲାର ଏସାଇମ କୁମାର ଗାଁରେ ଏହି ଚାଷ ଆରମ୍ଭ କରିଥିଲେ। ଏବେ ୧୫ ଏକରରେ ୪୫୦ କିସମର ଡେଜର୍ଟ ରୋଜ ଚାଷ ହେଉଛି। ସେ ପ୍ରଥମ ଗଛଟି ମୁମ୍ବାଇରୁ ସଂଗ୍ରହ କରିଥିଲେ। ତା' ପରେ ଥାଇଲାଣ୍ଡ, ତାଇୱାନ, ଭିଏତନାମ ଆଦି ଦେଶକୁ ଯାଇ ତାହା ଚାଷ କଲାମି ପଦ୍ଧତି ସମ୍ପର୍କରେ ଶିକ୍ଷା ଲାଭ କରି ଚାଷକୁ ଆଗକୁ ବଢ଼ାଇଥିଲେ।

## ୫୦ ବର୍ଷ ତଳର ଧରିତ୍ରୀ

୨୭ ସେପ୍ଟେମ୍ବର ୧୯୭୬

■ ଜନ୍ମନିୟନ୍ତ୍ରଣ ଅସ୍ତ୍ରୋପଚାର କରି ନ ଥିଲେ ନୂଆଦିଲ୍ଲୀରେ କୌଣସି ଲୋକଙ୍କୁ ବନ୍ଧୁକ, ରିଭଲଭର, ପିସ୍ତଲ ଓ ରାଇଫଲ ପାଇଁ ଲାଇସେନ୍ସ ମିଳିବ ନାହିଁ ବୋଲି ଘରୋଇ ପ୍ରଶାସନ ପକ୍ଷରୁ ଆଇନ ପ୍ରଣୟନ।

## ଚିରନ୍ତନୀ

ଜଗତର ଶତ ପୀଡ଼ରେ ପୀଡ଼ିତ
ଦଗ୍ଧ ପରାଣେ ମୋରି
ଚମ୍ପକହାସ ହସିଯାଅ ଧୀରେ
ଆଗୋ ଗୋରଚନା-(ଗୋରି)
-(ରୂପର ସ୍ତବ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ




# ଆହୁରି ୪୮ ଘଣ୍ଟା ଅତି ପ୍ରବଳ ବର୍ଷା

ଭୁବନେଶ୍ୱର, ୨୬।୯(ବନ୍ଦନା ସେଠୀ)

ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଶୁକ୍ରବାର ଅବପାତରେ ପରିଣତ ହୋଇଛି। ଏହା ପଶ୍ଚିମ ଦିଗକୁ ଗତିକରି ୨୭ ତାରିଖ ଶନିବାର ସକାଳେ ପୁରୀ ଏବଂ କଳିଙ୍ଗପଟନମ୍ ମଧ୍ୟରେ ଗୋପାଳପୁର ନିକଟ ଦେଇ ଦକ୍ଷିଣ ଓଡ଼ିଶା-ଉତ୍ତର ଆନ୍ଧ୍ର ପ୍ରଦେଶ ଉପକୂଳ ଅତିକ୍ରମ କରିବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ଆଗାମୀ ୪୮ ଘଣ୍ଟା ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ଆକଳନ କରିଛି। କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ଏବଂ କିଛି ସ୍ଥାନରେ ଅତ୍ୟନ୍ତ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ବିଶେଷକରି ନବରଙ୍ଗପୁର ଜିଲାର କିଛି ସ୍ଥାନରେ ବିଜୁଳି ଓ ଘଡଘଡି ସହିତ ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ବର୍ଷା ସହିତ ୪୦-୫୦ କି.ମି. ବେଗରେ ପବନ ହେବା ସହ ମଝିରେ ମଝିରେ ୬୦କି.ମି. ବେଗରେ ଝଡ଼ିକା ପବନ ବହିବ। ସେହିପରି କୋରାପୁଟ, ମାଲକାନାଗିରି, ରାୟଗଡା, ଗଜପତି, ଗଞ୍ଜାମ, କଳାହାଣ୍ଡି ଓ ନୂଆପଡ଼ା ଜିଲା ପାଇଁ ୟେଲୋ ୱାର୍ନିଂ ଜାରି କରାଯାଇଛି। ୨୮ ତାରିଖରେ ଅବପାତ ଦକ୍ଷିଣ ଓଡ଼ିଶା ଅତିକ୍ରମ କରିବା ପରେ ରାଜ୍ୟରେ ବର୍ଷାର ବିସ୍ତୃତି କମିବ। ଏହାସତ୍ତ୍ୱେ ୧୨ ଜିଲାକୁ ବିଜୁଳି ଘଡ଼ଘଡ଼ି ସହ ବର୍ଷା ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ମୁଖ୍ୟତଃ ଉତ୍ତର ଓ କେନ୍ଦ୍ରୀୟ ଉପକୂଳବର୍ତ୍ତୀ ଜିଲାକୁ ସତର୍କତା ଜାରି ହୋଇଥିବା ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶକ ଡ. ମନୋରମା ମହାନ୍ତି ସୂଚନା ଦେଇଛନ୍ତି। ୨୯ ତାରିଖରୁ ରାଜ୍ୟରେ ବର୍ଷା କମିବ। ହେଲେ ଅକ୍ଟୋବର ୧ ବେଳକୁ ଆଉ ଏକ ଲଘୁଚାପ ସୃଷ୍ଟି ହେବା ସମ୍ଭାବନା ଥିବାରୁ ରାଜ୍ୟରେ ବର୍ଷା ପରିମାଣ ବଢ଼ିବ। ଅପରପକ୍ଷେ ଅବପାତ ପ୍ରଭାବରେ ଶୁକ୍ରବାର ସାରା ରାଜ୍ୟରେ ପ୍ରବଳ ବର୍ଷା ହୋଇଥିବାବେଳେ ୯ ଜିଲାରେ ଅତିପ୍ରବଳ ବର୍ଷା ରେକର୍ଡ କରାଯାଇଛି। କଳାହାଣ୍ଡି ଜିଲା ଲାଞ୍ଜିଗଡ଼ରେ ସର୍ବାଧିକ ୬.୩ ମି.ମି ବର୍ଷା ହୋଇଛି। ସେହିପରି ଭଦ୍ରକ ଜିଲାର ଚାନ୍ଦବାଲି, କେନ୍ଦ୍ରାପଡ଼ା ଜିଲାର ଆଳି, ଯାଜପୁର ଜିଲାର ବିଞ୍ଝାରପୁର, କଟକ ଜିଲାର ମାହାଙ୍ଗା ଓ କଟକ ସମେତ ଢେଙ୍କାନାଳ, ନୟାଗଡ, ରାୟଗଡା, ନୂଆପଡ଼ା, ବରଗଡ଼ ଓ ଦେବଗଡ଼ ଜିଲାର ବିଭିନ୍ନ ସ୍ଥାନରେ ପ୍ରବଳରୁ ଅତିପ୍ରବଳ ବର୍ଷା ହୋଇଥିବା ପାଣିପାଗ କେନ୍ଦ୍ର ସୂଚନା ଦେଇଛି।

# ଯୁକ୍ତ ୨ ପରୀକ୍ଷା ପ୍ରସ୍ତୁତିରେ ସାହାଯ୍ୟ କରିବ ଏଆଇ

## 'ସିଏଚ୍‌ଏସ୍‌ଇ ଏକ୍‌ଜାମ୍ ପ୍ରିପେୟାର ପୋର୍ଟାଲ' ଉଦ୍‌ଘାଟିତ

ଭୁବନେଶ୍ୱର, ୨୬।୯(ସୁଚିସ୍ମିତା ସାହୁ)

ଯୁକ୍ତ ୨ ଶିକ୍ଷା ଶୈଳୀରେ ପରିବର୍ତ୍ତନ ଅଣାଯିବ। ଏଣିକି ପିଲାଙ୍କ ପାଠପଢ଼ାଠାରୁ ଆରମ୍ଭ କରି ସେମାନଙ୍କର ମୋ ଜ୍ଞାନ ପରୀକ୍ଷା ଓ ହୋମ୍‌ୱାର୍କରେ କୃତ୍ରିମ ବୁଦ୍ଧିମତା(ଏଆଇ) ସାହାଯ୍ୟ କରିବ। ସେହିପରି ଯୁକ୍ତ ୨ ପରୀକ୍ଷା ପ୍ରସ୍ତୁତି ପାଇଁ ଏଆଇର ଟେକ୍ନୋଲୋଜିକୁ ବ୍ୟବହାର କରାଯିବ। ଘରେ ବସି ପିଲାମାନେ ଏଆଇ ମାଧ୍ୟମରେ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇ ନିଜ ଦକ୍ଷତାକୁ ଜାଣିପାରିବେ। ପିଲାମାନେ ନିଜ ଅନୁସାରେ ମଡ୍ୟୁଲଗୁଡ଼ିକର ଅଭ୍ୟାସ କରିବା ସହିତ ମକ୍ ଟେଷ୍ଟ, ଜେଇଇ, ନିଟ୍ ଓ କ୍ଲାଟ ଭଳି ପ୍ରତିଯୋଗିତା ମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତ ହୋଇପାରିବେ। ଏଆଇ ପିଲାଙ୍କ ପାଇଁ ବିଭିନ୍ନ ମଡ୍ୟୁଲର ପ୍ରଶ୍ନପତ୍ର ଯୋଗାଇଦେବ, ଯାହାର ଉତ୍ତର ପିଲାମାନଙ୍କୁ ଦେବାକୁ ପଡିବ। ଏଭଳି ପରୀକ୍ଷା ପ୍ରସ୍ତୁତି ପାଇଁ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ 'ସିଏଚ୍‌ଏସ୍‌ଇ ଏକ୍‌ଜାମ୍ ପ୍ରିପେୟାର ପୋର୍ଟାଲ'ର ଉଦ୍‌ଘାଟନ କରାଯାଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗୋଣ୍ଡ ଶୁକ୍ରବାର ଏହି ପୋର୍ଟାଲକୁ ଉଦ୍‌ଘାଟନ କରି କହିଛନ୍ତି, ଛାତ୍ରୀଛାତ୍ରଙ୍କୁ କୃତ୍ରିମ ବୁଦ୍ଧି ଆଧାରିତ ଶିକ୍ଷା ଓ ମୂଲ୍ୟାଙ୍କନ ସଶକ୍ତ କରିବ। ଛାତ୍ରୀଛାତ୍ର ପ୍ରଯୁକ୍ତି ବିଦ୍ୟା ଓ କୌଶଳକୁ ଆଧାର କରି ପାଠ ପଢ଼ିପାରିବେ। ଯୁକ୍ତ୨ ଶିକ୍ଷାର ଗୁଣାତ୍ମକ ମାନବୃଦ୍ଧି ଦିଗରେ ଏହାଏକ ଉତ୍ତମ ପଦକ୍ଷେପ ବୋଲି ସେ କହିଥିଲେ। ଏହି ଅବସରରେ ଶିକ୍ଷା ପରିଷଦ ଅଧ୍ୟକ୍ଷ ମୃଣାଳକାନ୍ତି ଦାଶ କହିଛନ୍ତି, ଏହି ପୋର୍ଟାଲ ଗ୍ରାମାଞ୍ଚଳ ଓ ସହରାଞ୍ଚଳର ସମସ୍ତ ଛାତ୍ରଙ୍କ ପାଇଁ ସମାନ ସୁବିଧା ସୁଯୋଗ ରହିଛି। ପ୍ରଧାନ ଶିକ୍ଷକ ଓ ଶିକ୍ଷକଙ୍କୁ ପ୍ରଗତି ଡ୍ୟାସବୋର୍ଡ ଦ୍ୱାରା ସଶକ୍ତ କରିପାରିବ। ଏଆଇ ମାଧ୍ୟମରେ ପିଲାମାନେ ନିଜ ପାଠକୁ ବୁଝିବାରେ ସହଯୋଗ କରିବ ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମରେ ଉଚ୍ଚମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶିକା ନିୟତି ପଟ୍ଟନାୟକ, ସ୍କୁଲ ଓ ଗଣଶିକ୍ଷା ବିଭାଗର ଅତିରିକ୍ତ ଶାସନ ସଚିବ ଶୁଭଶ୍ରୀ ନନ୍ଦ, ପରିଷଦର ଅନ୍ୟାନ୍ୟ କର୍ମକର୍ତ୍ତା, ଯାନ୍ତ୍ରିକ ପରାମର୍ଶଦାତା ପ୍ରମୁଖ ଉପସ୍ଥିତ ଥିଲେ।

# ଷଣ୍ଢ ପେଟରୁ ବାହାରିଲା ୩୦ କେଜି ପଲିଥିନ୍, ବ୍ଲେଡ୍

## ୨ ଘଣ୍ଟାର ଉଦ୍ୟମ ପରେ ସଫଳ ଅସ୍ତ୍ରୋପଚାର

ଜଗତ୍‌ସିଂହପୁର, ୨୬।୯
(ପ୍ରମୋଦ କୁମାର ନାୟକ)



ପଲିଥିନ ଯୋଗୁ ପରିବେଶ ପ୍ରଦୂଷିତ ହେଉଛି। ଏହାସତ୍ତ୍ୱେ ପଲିଥିନର ବ୍ୟବହାର କମିବା ପରିବର୍ତ୍ତେ ବଢ଼ିବାରେ ଲାଗିଛି। ପଲିଥିନର ଦୁରୁପଯୋଗ କରାଯାଉଥିବାରୁ ପ୍ରତ୍ୟହ ବହୁସଂଖ୍ୟକ ପ୍ରାଣୀ ପ୍ରଭାବିତ ହେଉଛନ୍ତି। ଶୁକ୍ରବାର ଜଗତ୍‌ସିଂହପୁର ସହରରେ ଏହାର ଦୃଷ୍ଟାନ୍ତ ଦେଖିବାକୁ ମିଳିଛି। ଚାତ୍ରା ପୁରୁଣା ପ୍ରାଥମିକ ବିଦ୍ୟାଳୟ ନିକଟ କେନାଲ ପାର୍ଶ୍ୱରେ ବାବା ଗୋରେଖନାଥ ଗୋ ଚିକିତ୍ସା କେନ୍ଦ୍ର ପରିସରରେ ଜୀବନ ସହ ସଂଗ୍ରାମ କରୁଥିବା ଏକ ବୁଲାଷଣ୍ଢ ପେଟରୁ ପାଖାପାଖି ୩୦ କିଲୋଗ୍ରାମ(କେଜି) ପଲିଥିନ୍ ବାହାରିଛି। କେବଳ ଏତିକି ନୁହେଁ, ଏକ ପୁରୁଣା ବ୍ଲେଡ୍, ପଲିଥିନ, ରଶି ଓ ତାର ମଧ୍ୟ ବାହାର କରାଯାଇଛି। ଆନିମଲ ହେଲ୍ପଲାଇନ୍ ସହଯୋଗରେ କୁଞ୍ଜବିହାରୀ ସ୍ୱାଇଁ ଏବଂ ଡା. ବିଦ୍ୟାଧର ଶତପଥୀ ଦୀର୍ଘ ୨ ଘଣ୍ଟା ଧରି ଅସ୍ତ୍ରୋପଚାର କରି ଉପରୋକ୍ତ ସାମଗ୍ରୀ ଓ ପଲିଥିନ ବାହାର କରିଛନ୍ତି।

ଏ ସମ୍ପର୍କରେ ଡାକ୍ତରଦ୍ୱୟ କହିଛନ୍ତି, ଷଣ୍ଢଟିର ପେଟ ଏତେ ଫୁଲି ରହିଥିଲା ଯେ, ସେ ଯନ୍ତ୍ରଣାରେ ଛଟଛଟ ହେଉଥିଲା। ଏ ପରିସ୍ଥିତିରେ ଷଣ୍ଢ ପେଟ କଟାଯିବାଠାରୁ ପ୍ରକ୍ରିୟା ଶେଷ କରିବା ପର୍ଯ୍ୟନ୍ତ ବଡ଼ ଚ୍ୟାଲେଞ୍ଜ ଥିଲା। ଅସ୍ତ୍ରୋପଚାରରେ ସହାୟତା କରିଥିଲେ ନୃସିଂହ ଚରଣ ପରିଡ଼ା, ଶୁଭ୍ରାଂଶୁ ବେହେରା ଓ ଦୁଇ ସମାନ ନାମଧାରୀ ବିଶ୍ୱଜିତ ସାହୁ। ସବୁଠାରୁ ଅଧିକ ଧନ୍ୟବାଦର ପାତ୍ର ହେଉଛନ୍ତି ବାବା ଗୋରେଖନାଥ ଗୋ ଚିକିତ୍ସା କେନ୍ଦ୍ରର ଶୁଭେନ୍ଦୁକାନ୍ତ ଦାଶ, ମହାପ୍ରସାଦ ଦାସ ଓ ଅନ୍ୟ ସ୍ୱେଚ୍ଛାସେବୀମାନେ। ଯେଉଁମାନେ ଷଣ୍ଢଟିକୁ ଆଣି ସୁରକ୍ଷିତ ସ୍ଥାନରେ ରଖିବା ସହ ଦେୟମୁକ୍ତ ରାଜ୍ୟ ହେଲ୍ପଲାଇନ୍ ନମ୍ବର ୧୯୬୨କୁ ଫୋନ୍ କରି ଷଣ୍ଢଟିର ଅବସ୍ଥା ସମ୍ପର୍କରେ ଅବଗତ କରିଥିଲେ। ଯେଉଁ କାରଣରୁ ପ୍ରାଣୀ ଚିକିତ୍ସକ ପହଞ୍ଚି ଷଣ୍ଢର ଅସ୍ତ୍ରୋପଚାର ସହ ଚିକିତ୍ସା କରିପାରିଥିଲେ। ପଲିଥିନ ଓ ବ୍ଲେଡ୍ ଆଦି ପେଟରୁ କାଢି ଦିଆଯିବା ପରେ ସିଲେଇ କରାଯାଇଛି। ଏବେ ଷଣ୍ଢଟି ବିପଦମୁକ୍ତ ହୋଇପାରିଛି। ଆଉ ୭ରୁ ୧୦ ଦିନ ଭିତରେ ସେ ସୁସ୍ଥ ହୋଇଯିବ ବୋଲି ଆଶା କରାଯାଉଛି। ସମସ୍ତ ଚିକିତ୍ସା ମାଗଣାରେ ହେବ। ଏହି ଦାୟିତ୍ୱ ଆନିମଲ ହେଲ୍ପଲାଇନ୍ ନେଇଥିବା ଜଣାପଡ଼ିଛି।

# କଂଗ୍ରେସର ୩୫ ସାଙ୍ଗଠନିକ ଜିଲା ସଭାପତି ନିଯୁକ୍ତ

ଭୁବନେଶ୍ୱର,୨୬।୯(ରବିନାରାୟଣ ଜେନା)

ଦୀର୍ଘଦିନ ଧରି କଂଗ୍ରେସ ପକ୍ଷରୁ ଚାଲିଥିବା ଜିଲା ସଭାପତି ନିର୍ବାଚନ ପ୍ରକ୍ରିୟା ଶୁକ୍ରବାର ଶେଷ ହୋଇଛି। କେନ୍ଦ୍ରୀୟ ପର୍ଯ୍ୟବେକ୍ଷକଙ୍କ ସୁପାରିସ ଆଧାରରେ ଶୁକ୍ରବାର ଏଆଇସିସି ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କ ଅନୁମୋଦନକ୍ରମେ ଓଡ଼ିଶାର ସମସ୍ତ ୩୫ଟି ସାଙ୍ଗଠନିକ ଜିଲା କଂଗ୍ରେସ କମିଟିର ସଭାପତି ନିଯୁକ୍ତ ହୋଇଛନ୍ତି। ସଙ୍ଗଠନ ସୃଜନ ଅଭିଯାନର ଏକ ଅଂଶ ଭାବରେ ଏହି ନିଯୁକ୍ତି ପ୍ରଦାନ କରାଯାଇଛି ବୋଲି ଏଆଇସିସି ସାଧାରଣ ସମ୍ପାଦକ(ସଙ୍ଗଠନ) କେ.ସି. ବେଣୁଗୋପାଳ ଦର୍ଶାଇଛନ୍ତି।

| ସାଙ୍ଗଠନିକ ଜିଲା | ସଭାପତିଙ୍କ ନାମ |
|---|---|
| ଅନୁଗୋଳ | ସୁନୀଲ ପ୍ରଧାନ |
| ବାଲେଶ୍ୱର | ସତ୍ୟ ଶିବ ଦାସ |
| ବରଗଡ଼ | ହରଦୀପ ସିଂ |
| ଭଦ୍ରକ | ନଳିନୀକାନ୍ତ ମହାନ୍ତି |
| ଭୁବନେଶ୍ୱର | ପ୍ରକାଶ ଚନ୍ଦ୍ର ଜେନା |
| ବଲାଙ୍ଗୀର | ଅନିଲ ମେହେର |
| ବୌଦ୍ଧ | ବିନ୍ଧ୍ୟବିନୀ ସାହୁ |
| କଟକ | ପ୍ରଦୀପ୍ତ କୁମାର ଦାସ |
| କଟକ ସହର | ଗିରିବାଳା ବେହେରା |
| ଦେବଗଡ଼ | ସେମ ହେମ୍ବ୍ରମ |
| ଢେଙ୍କାନାଳ | ଛବିରାଜ ବିଶ୍ୱାଳ |
| ଗଜପତି | ଦାଶରଥି ଗମାଙ୍ଗୋ |
| ଗଞ୍ଜାମ ପୂର୍ବ | ରଶ୍ମିରଞ୍ଜନ ପଟ୍ଟନାୟକ |
| ଗଞ୍ଜାମ-ପଶ୍ଚିମ | ରମେଶ ଚନ୍ଦ୍ର ଜେନା |
| ଜଗତ୍‌ସିଂହପୁର | ଦେବପ୍ରସାଦ ନାୟକ |
| ଯାଜପୁର | ମାଗୁଣି ବଟକୃଷ୍ଣ ଜେନା |
| ଝାରସୁଗୁଡ଼ା | ଜୀବନ ସାର୍ଥକ ଦାସ |
| କଳାହାଣ୍ଡି | ଜଳନ୍ଧର ନାୟକ |
| କନ୍ଧମାଳ | ଚନ୍ଦ୍ରଶେଖର ପରିଡ଼ା |
| କେନ୍ଦ୍ରାପଡ଼ା | ଦେବସ୍ମିତା ଶର୍ମା |
| କେଉଁଝର | ମନୋଜ କୁମାର ଜେନା |
| ଖୋର୍ଦ୍ଧା | ରାଜୀବ କୁମାର ପଟ୍ଟନାୟକ |
| କୋରାପୁଟ | ରୂପକ ତୁରୁକ୍ |
| ମାଲକାନଗିରି | ଜି. ଶ୍ରୀନିବାସ ରାଓ |
| ମୟୂରଭଞ୍ଜ-ପୂର୍ବ | ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ |
| ମୟୂରଭଞ୍ଜ-ପଶ୍ଚିମ | ଭୁବନବିହାରୀ ସାହୁ |
| ନବରଙ୍ଗପୁର | ଲିପିକା ମାଝୀ |
| ନୟାଗଡ଼ | ରଞ୍ଜିତ ଦାସ |
| ନୂଆପଡା | ଘାସୀ ରାମ ମାଝୀ |
| ପୁରୀ | ରାଜେଶ କୁମାର ମିଶ୍ର |
| ରାୟଗଡା | ଆପାଲାସ୍ୱାମୀ କାଡ୍ରାକା |
| ରାଉରକେଲା | ସବୀର ହୁସେନ୍ |
| ସମ୍ବଲପୁର | ଅମିତ କୁମାର ଗୁରୁ |
| ସୁବର୍ଣ୍ଣପୁର | ବିନୋଦ ପାତ୍ର |
| ସୁନ୍ଦରଗଡ | ନିର୍ମଳ ଚାନ୍ଦ ନାୟକ |



## ଓଡ଼ିଶାର ନିଜସ୍ୱ ପରମ୍ପରା :

# ଅକାଳବୋଧନୀ ପୂଜା

**ଅବଲୋକନ**

**ଗୋପାଳକୃଷ୍ଣ ଆଚାର୍ଯ୍ୟ**

ଏଇ ଯଉଁ ଅକାଳବୋଧନୀ କଥା କହିଲି ନା, ସେ ଅକାଳଟି ହେଲା ଶୋଇବା କାଳ। ଜଣେ ଶୋଇଥିବେ, ଆପଣ ତାଙ୍କୁ ଆପଣଙ୍କ ସ୍ୱାର୍ଥ ପାଇଁ ଜବରଦସ୍ତ ଉଠେଇବେ, ଏ କ'ଣ ଭଲକଥା? ଠାକୁରାଣୀ ସେମିତି ଶୋଇଥିଲେ। ଶୁଅନ୍ତି ଆଷାଢ଼ ଶୁକ୍ଳ ଏକାଦଶୀରୁ ଲଗାତର ଚାରିମାସ କାର୍ତ୍ତିକ ଶୁକ୍ଳ ଏକାଦଶୀଯାଏ। ଆମ ଜଗନ୍ନାଥ ଠାକୁର ବି ନାରାୟଣ ରୂପରେ ଶୁଅନ୍ତି- ଶୟନ ଏକାଦଶୀରୁ ଦେବୋତ୍ଥାପନ ଏକାଦଶୀ ଯାଏ। ଶ୍ରାବଣରୁ ପୌଷ ଛଅମାସ ସୂର୍ଯ୍ୟଦେବତାଙ୍କର ଦକ୍ଷିଣାୟନ। ହାଉଲେ ହାଉଲେ ତାପ ନରମି ପରିବେଶ ଶୀତଳ ହୋଇଯାଏ। ଏଣୁ ନିଦ କାହୁଁ କାହୁଁ ଘୋଟିଆସେ। ତେଣୁ ଏ କାଳ ଦେବଦେବୀଙ୍କ ପ୍ରଶସ୍ତ ଶୋଇବା ରାତ୍ରି। ମାଘରୁ ଆଷାଢ଼ ମାସ ଛଅମାସ ଆଦିତ୍ୟଙ୍କର ଉତ୍ତରାୟଣ। ଠାକୁର ଠାକୁରାଣୀଙ୍କ ଚଳପ୍ରଚଳ ସମୟ ଏଇ ଛଅମାସ। ଏଣୁ ଶୋଇବା ଠାକୁରଙ୍କୁ ଉଠାଇବା ଅପରାଧ ନୁହେଁ କି? ବ୍ରହ୍ମା ବରରେ ବଳୀୟାନ୍ ଦଶଶିର ବିଶ୍ରବା ନନ୍ଦନଙ୍କୁ ନିହତ କରିବାକୁ ହେଲେ କୁମାରୀ ଦେବୀଙ୍କ କୃପା ଦରକାର। କୁମାରୀ ଦେବୀ ନିଘୋଡ଼ ନିଦରେ ତ୍ରିଶାଖା ବିଲ୍ୱଦଳରେ। ବିଲ୍ୱବୃକ୍ଷ କଣ୍ଟକିତ ହେଲେ ମଧ୍ୟ ଠାକୁରାଣୀଙ୍କର ପରମପ୍ରିୟ। କାରଣ ଏହା ମହାଦେବଙ୍କର ଆଦରଣୀୟ ବୃକ୍ଷ। ଏଣୁ ମହାଦେବଙ୍କ ଉପଲବ୍ଧି ହିଁ ମହାଦେବୀଙ୍କ ପାଇଁ ଆହ୍ଲାଦଦାୟକ।

ବୃକ୍ଷମୂଳରେ ସନ୍ଧ୍ୟାକାଳରେ ଶ୍ରୀରାମଚନ୍ଦ୍ର ଷଷ୍ଠୀଦିନ ବିଲ୍ୱବରଣ ଅଧିବାସ କଲେ। ଠାକୁରାଣୀ ଉଠିଲେନି। ସପ୍ତମୀଦିନ ଷୋଡ଼ଶୋପଚାର ପୂଜା ଘଣ୍ଟ, ଘଣ୍ଟି, ମର୍ଦ୍ଦଳ, ତୂରୀ, କାହାଳ ନିନାଦ କଲେ। ସେ କାହୁଁ ଉଠିବେ! ବିକଳ ହୋଇ ଅଷ୍ଟମୀଦିନ ଯୋଗିନୀଗଣଙ୍କର ଶରଣ ପଶିଲେ ଠାକୁରେ। କିଳିକିଳା ରଡ଼ିରେ ଉଚ୍ଛନ୍ନ କଲେ ଯୋଗିନୀଗଣ। ବିରକ୍ତ ହୋଇ ଠାକୁରାଣୀ କଡ଼ ଲେଉଟେଇଲେ। ଆଶା ଜାଗ୍ରତ ହେଲା। ହେଲେ ପୁଣି ସେଇ ଅବସ୍ଥା। ଶୋଇଲେ ଅଗଣ୍ଡ ଠାକୁରାଣୀ। ଏ ଆଶ୍ୱିନ ମାସ କନ୍ୟାମାସ। କୁମାରୀଙ୍କର ଧାକ ଏ ମାସରେ ପ୍ରବଳ। ଠାକୁରାଣୀ ଘୋର ନିଦ୍ରାରେ। ଏଣୁ ଠାକୁରାଣୀଙ୍କ ନାଁ ଏଇ ସମୟରେ ନିଦ୍ରାଦେବୀ- ''ଯା ଦେବୀ ସର୍ବଭୂତେଷୁ ନିଦ୍ରାରୂପେଣ ସଂସ୍ଥିତା।''

ଦେବୀଭାଗବତ କହନ୍ତି, ଆପଣ ଶୟନ କାଳରେ ବିଛଣା ଛୁଇଁବା ଆଗରୁ ମା' ନିଦ୍ରାଦେବୀଙ୍କୁ ଓଁ ଦୁର୍ଗା-ଦୁର୍ଗା-ଦୁର୍ଗା ବୋଲି ତିନିଥର ସ୍ମରଣ କରି ଶୟନ କଲେ ସୁନିଦ୍ରା ହୋଇଥାଏ। ସେ ଯାହା ହେଉ, ତାଙ୍କୁ ତ ଜଗତର ମଙ୍ଗଳ ପାଇଁ ଉଠିବା ଦରକାର। ଏଣୁ ପ୍ରଭୁ ରଘୁନନ୍ଦନ ଅଷ୍ଟମୀ ଓ ନବମୀର ସନ୍ଧିକ୍ଷଣ (ଅଷ୍ଟମୀ ଚବିଶ ମିନିଟ୍+ନବମୀ ଚବିଶ ମିନିଟ୍) ଅଠଚାଳିଶ ମିନିଟ୍ ତଲ୍ଲୀନ ହୋଇ ଆହ୍ୱାନ କଲେ ମା' ଚାମୁଣ୍ଡାଙ୍କୁ। ଚାମୁଣ୍ଡା ମାଆଙ୍କ ସହଯୋଗରେ ନିଦ୍ରାଦେବୀ, କୁମାରୀଦେବୀ ଜାଗ୍ରତ ହେଲେ। ତତ୍‌କ୍ଷଣାତ୍ ସୀତାପତି ଶହେଆଠ ନୀଳପଦ୍ମ ଅର୍ପଣ କରି କୁମାରୀଦେବୀଙ୍କୁ ତୁଷ୍ଟ କଲେ। ସେଇଦିନ ହେଲା ଅକାଳବୋଧନୀ।

ଏ କୁମାରୀପୂଜା ସନ୍ଧିପୂଜା ବିଧିରେ ନବମୀଦିନ ହୁଏ। ଯଦିଓ ଓଡ଼ିଶାର ସବୁଠାରେ କୁମାରୀପୂଜା ଦେଖାଯାଉ ନାହିଁ, ତଥାପି ଜଗତ୍‌ସିଂହପୁର ଜିଲାର ପୁନଙ୍ଗ ଗ୍ରାମରେ ଘୋଷଘର ପୂଜାମଣ୍ଡପରେ ଏବେ ମଧ୍ୟ 'କୁମାରୀଲକ୍ଷ୍ମୀ' ପୂଜା ଜାରି ରହିଥିବା ଜଣାଯାଏ। ଷୋଳବର୍ଷ ପର୍ଯ୍ୟନ୍ତ ନାରୀମାନେ କୁମାରୀ ଥାଆନ୍ତି ବୋଲି ଆମ ଶାସ୍ତ୍ର କୁହନ୍ତି। ବିଶେଷକରି ପ୍ରଥମ ରଜୋଦର୍ଶନ ପର୍ଯ୍ୟନ୍ତ ତାଙ୍କର କୁମାରୀତ୍ୱ ବା ଦେବୀତ୍ୱ ଥାଏ ବୋଲି ପ୍ରବାଦ ରହିଛି। ଏହିଦିନ ଚତୁର୍ବର୍ଗ ପ୍ରାପ୍ତି ପାଇଁ ସାତରୁ ଆଠବର୍ଷର ବାଳିକାମାନଙ୍କୁ ଉତ୍ତମ ନୂତନ ଶାଢ଼ି, ପାଦରେ ଅଳତା, ମଥାରେ ଚନ୍ଦନ ଓ ଆଖିରେ କଜ୍ଜଳ ଦେଇ ଅନେକେ ଆରାଧନା କରନ୍ତି।

ଆମ ଏଠିକା ମାଟିତିଆରି ଠାକୁରାଣୀଙ୍କ ପୂଜା ବିଧାନ ଯଦିଓ ବହୁଳାଂଶରେ ବଙ୍ଗୀୟ ଓ ଅର୍ବାଚୀନ, ତଥାପି ଆମ ଦେବୀମନ୍ଦିରମାନଙ୍କରେ ମାଆଙ୍କ ଘଟପୂଜା କାହିଁ କେତେ କାଳରୁ ପ୍ରଚଳିତ ହୋଇ ଆସିଛି। ସତୀଙ୍କର ଶରୀରର ବିଭିନ୍ନ ଛେଦିତ ଅଂଶ ଓଡ଼ିଶାରେ ଅନେକତ୍ର ପତିତ ହୋଇଥିବାରୁ ଶକ୍ତିପୀଠ ଓ ତତ୍‌ସଂଲଗ୍ନ ଶକ୍ତି ଉପାସନାର ପରମ୍ପରା ଆଦୌ ଧାରକରା ନୁହେଁ, ଖୋଦ୍ ଆମର।

ସହକାରୀ ପ୍ରଫେସର, ଓଡ଼ିଆ,
ରମାଦେବୀ ମହିଳା ମହାବିଦ୍ୟାଳୟ,
ଭୁବନେଶ୍ୱର
ମୋ: ୯୭୭୬୫୪୬୧୩୦



## ପୁସ୍ତକ ପରିଚୟ

### ଗଦ୍ୟ ସମ୍ଭାର (ପ୍ରଥମ ଭାଗ)




**ଲେଖକ:** ରବିନାରାୟଣ ସେନାପତି
**ପ୍ରକାଶକ:** ଏଥେନା ବୁକ୍ସ, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୫, **ମୂଲ୍ୟ:** ଟ. ୭୦୦/-

୪୫୬ ପୃଷ୍ଠାର କଳେବର ମଣ୍ଡନ କରି ଗ୍ରନ୍ଥାୟିତ ହୋଇଛି ଲେଖକଙ୍କର ଗଳ୍ପ ସଂକଳନ 'ଆତ୍ମସମର୍ପଣର ମୁହୂର୍ତ୍ତ', ଶିଶୁ ସାହିତ୍ୟ 'ଦୀପୁ ଓ ଟିପୁ' ଓ 'ବୃକ୍ଷ ଆମର ବନ୍ଧୁ' ଏବଂ ଆଧ୍ୟାତ୍ମିକ ସାହିତ୍ୟ 'ଭକ୍ତବତ୍ସଳ ଶ୍ରୀସାଇନାଥ', 'ସଦ୍‌ଗୁରୁ ସାଇନାଥ', 'ସାଇବାବାଙ୍କ ଅମୃତଲୀଳା ଓ ମହିମା', 'ସାଇ ଚିନ୍ତନ' ଓ 'Sai Baba: The Living God' ଆଲୋଚ୍ୟ 'ଗଦ୍ୟ ସମ୍ଭାର'ରେ। ଗଳ୍ପ ସଂକଳନଟିରେ ୧୨ଟି ଗଳ୍ପ ଏବଂ ଏହା ଲେଖକଙ୍କର ଏକମାତ୍ର ଗଳ୍ପଗ୍ରନ୍ଥ, ଯାହା ପ୍ରକାଶ ପାଇଥିଲା ୧୯୯୭ରେ। 'ମୁଖବନ୍ଧ'ରେ ଲେଖକ ନିଜ ଲେଖକ ଜୀବନର ଉନ୍ମେଷ ଓ ଉତ୍ତର-ଗତି ସମ୍ପର୍କରେ ସୂଚନା ଦେଇଛନ୍ତି। ଗଳ୍ପଗୁଡ଼ିକ ଜୀବନଧର୍ମୀ, ଦର୍ଶନ ପୀଡ଼ିତ ନୁହନ୍ତି। ଶିଶୁ ଗଳ୍ପଗୁଡ଼ିକ ଶିଶୁ ଓ କିଶୋରମାନଙ୍କ ପାଇଁ ଶିକ୍ଷଣୀୟ। ବୃକ୍ଷକୁ ନେଇ ଏକ Narrative ନିର୍ମାଣ ହେଉଛି ପୁସ୍ତକ 'ବୃକ୍ଷ ଆମର ବନ୍ଧୁ'। ସାଇବାବାଙ୍କ ସମ୍ପର୍କରେ ଯେଉଁ ପ୍ରବନ୍ଧଗୁଡ଼ିକୁ ଲେଖକ ଗ୍ରନ୍ଥାୟିତ କରିଛନ୍ତି, ତା'ର ମୂଳ ଉଦ୍ଦେଶ୍ୟ ହେଉଛି ସ୍ୱକୀୟ ଅନୁଭବରେ ସାଇବାବାଙ୍କର ଅଲୌକିକ ମହିମାର ପ୍ରକଟନ। ଏଗୁଡ଼ିକୁ ପଢ଼ିଲେ ଯେକୌଣସି ପାଠକର ସଂସାରୀ ମନ ଏକ ଦିବ୍ୟ ଉଚ୍ଚତାରେ ପ୍ରବିଷ୍ଟ ହେବା ପରି ମନେକରିବ। ସାଇବାବାଙ୍କର ଯେଉଁ ଅମୃତବାଣୀ, ତାହା ମଧ୍ୟ ଗ୍ରନ୍ଥରେ ସ୍ଥାନିତ ହୋଇ ସାହିତ୍ୟର ଲୋକମଙ୍ଗଳ ଭୂମିକା ତୁଲାଇଛି। ସାଇବାବାଙ୍କ ଜୀବନକାଳର କିଛି ପ୍ରମୁଖ ଘଟଣା 'ସାଇବାବାଙ୍କ ଅମୃତ ଲୀଳା ଓ ମହିମା'ରେ ସ୍ଥାନିତ, ଯହିଁରେ ବାବାଙ୍କର ଶିରିଡ଼ି ଆଗମନ (୧୮୫୪)ଠୁଁ ଆରମ୍ଭ କରି ମହାସମାଧି (୧୯୧୮) ପର୍ଯ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଘଟଣାବଳୀ ବିବୃତ ହୋଇଛି। 'ଗଦ୍ୟ ସମ୍ଭାର' ପାଠିକାପାଠକଙ୍କୁ ଅନୁଭବର ବିବିଧତାରେ ସଂଦୀପିତ କରିବ ବୋଲି ଆଶା।

### ସେଇ ନୀଳାଭ ଓଠ




**କବି:** କିଶୋର ମିଶ୍ର
**ପ୍ରକାଶକ:** ବ୍ୟଙ୍ଗବାଣୀ, ଖୋର୍ଦ୍ଧା
**ପ୍ରଥମ ପ୍ରକାଶ:** ୨୦୨୫, **ମୂଲ୍ୟ:** ଟ. ୧୨୦/-

ମୋଟ ୩୪ଟି କବିତା ଆଲୋଚ୍ୟ କବିତାଗ୍ରନ୍ଥରେ ସଂକଳିତ। ଅଧିକାଂଶ କବିତା ପ୍ରେମାନୁଭବରେ ଉବୁଟୁବୁ। ଯଥା: ୧. ''ମୋତେ ଅନୁମତି ଦିଅ/ ଚୁମିବାକୁ ଥରେ ତୁମ ଓଠକୁ/ ଓ ଶୋଷିନେବାକୁ ସବୁ ଗରଳ/ ତୁମ ନାଭିବିନ୍ଦୁରୁ।'' (ରଂଗଶାଳା, ପୃ:୩୪) ଓ ୨. ''ତମାଳ ଲତାର ଗୋଧୂଳି ଲଗ୍ନରେ/ ଆକଣ୍ଠ ପାନ କରିବି/ ପଦ୍ମମଧୁ/ ବକ୍ଷର ଅମରାବତୀ ଓ କ୍ଷୀର ସମୁଦ୍ରରୁ/ ମୁକ୍ତ ହୋଇ/ ବାରିଧାରା ପରି ଝରିପଡ଼/ ମୋର ପାପୁଲିରେ।'' (ଈଶ୍ୱରୀ, ପୃ:୫୦)। ରମଣୀର କଟାକ୍ଷ କିଶୋରଙ୍କ କବିତାରେ ପ୍ରଣୟର ରଣମୁଦ୍ରାରେ ଉଦ୍ୟତ। (ଶେଷ ଯୁଦ୍ଧ, ପୃ:୪୨) 'ନଈ' ପରି କବିତାରେ କବି ଖୁବ୍ ଅନ୍ତର୍ମୁଖୀ, ଯେତେବେଳେ କହନ୍ତି ଗୋଟେ ନଈର କଥା, ଯାହା ବହୁଥାଏ ନିରନ୍ତର ନିଜ ଭିତରେ। ଶୀର୍ଷକ କବିତା 'ସେଇ ନୀଳାଭ ଓଠ'ରେ ଗୋଟିଏ ଶବ୍ଦ ଖଟ୍‌କା ଲାଗେ। ତାହା ହେଲା 'ପ୍ରାଚୁର୍ଯ୍ୟତା', ଯାହା 'ପ୍ରାଚୁର୍ଯ୍ୟ' ହିଁ ହେବା କଥା। ଦାୟିତ୍ୱବାନ୍ କବି ତାଙ୍କ କବିତାରେ ଶବ୍ଦ ବା ଅକ୍ଷର ନୁହେଁ, ଗୋଟିଏ ବିନ୍ଦୁର ବି ଯତ୍ନନେବା କଥା। ତା' ନ ହେଲେ ଦେବୀଙ୍କ ପୂଜାଥାଳିରୁ ଗୋଟିଏ ନୀଳୋତ୍ପଳ ସବୁବେଳେ ଉଣା ହୋଇ ସୃଜନ-ପ୍ରମାଦର କାରଣ ହୋଇଉଠିବ। ଆଶା, କିଶୋର ଏଥିପ୍ରତି ଯତ୍ନବାନ ହେବେ। 'ମିତଣୀ ପାଇଁ କିଛି ଚଉପଦୀ'ରେ ଥିବା ଅନୁଭବର ଗୀତିମୟତା ପାଠକଙ୍କୁ ବିଭୋର କରିବ। ପ୍ରକାଶକୀୟରେ ଏଥିପାଇଁ ହୁଏତ କୁହାଯାଇଛି- ''ଯେଉଁମାନେ କବିତା ପାଖରୁ ମୁହଁ ଫେରେଇ ନିଅନ୍ତି; ସେମାନେ କିଶୋର ମିଶ୍ରଙ୍କୁ ପଢ଼ିବା ଦରକାର।''

**କାଳକାଳକୁ**

''ମହତ୍ତମ କଥା
କୁହାଯାଏ ନୀରବତାରେ।''
- ଗ୍ରାଜିଆ ଡେଲେଡା



ଗ୍ରାଜିଆ ଡେଲେଡାଙ୍କ ଜନ୍ମ ୧୮୭୧ରେ ଓ ପରଲୋକ ୧୯୨୬ରେ, ଇଟାଲିରେ। ମାନବୀୟ ସଂବେଦନଶୀଳତା ତାଙ୍କ ଲେଖାରେ ଲଭେ ନିଦା ଏକ ଭୂତଳ। ତାଙ୍କ ରଚିତ ପ୍ରଥମ ଉପନ୍ୟାସ 'ଫିଓରି ଡି ସାରଡେଗ୍ନା' (ସାରଡିନିଆର ଫୁଲ) ପ୍ରକାଶ ପାଏ ୧୮୯୨ରେ। ଇଟାଲୀୟ ସାହିତ୍ୟକୁ ସ୍ମରଣୀୟ ଅବଦାନ ପାଇଁ ନୋବେଲ ପୁରସ୍କାରରେ ସେ ଭୂଷିତା ହୁଅନ୍ତି ୧୯୨୬ରେ। ୬୪ ବର୍ଷ ବୟସରେ ସ୍ତନ-କର୍କଟ ରୋଗରେ ଏହି ମହତ୍ତମା ଲେଖିକାଙ୍କର ପରଲୋକ ହୁଏ।

## କବିତା

### ଡି.ଏନ୍.ଏ.

**ଡ. ଗୌରୀଶଙ୍କର ସାହୁ**

ଏକାକାର ଏକାଧିକ
ହେଇ ଦେଖ, ଗୁଣସୂତ୍ର
ସ୍ମାରକ ବଂଶଗତିର
ଡି.ଏନ୍.ଏ.!

କିଏ ଆର୍ଯ୍ୟ କିଏ ନୁହଁ
ଏ କଥା ବି ଠିକ୍‌ଠିକ୍ କହିପାରେ
ଡି.ଏନ୍.ଏ.।
କିଏ ଦେବତା, ପୁଣି
କିଏ ଅସୁର
କିଏ ବା ହତଭାଗ୍ୟ ମଣିଷ
କହିପାରେ କି ଡି.ଏନ୍.ଏ.!

ଋଷି କଶ୍ୟପ ପୂଜ୍ୟ ଓ ପ୍ରଣମ୍ୟ ଯୁଗେଯୁଗେ
ରାବଣପୋଡ଼ି ଦିନ ଜଳିଜଳି ନାରଖାର
ଦଶାନନ, ଆଜି ବି
ଘୃଣ୍ୟ ସେ ମାରୀଚ ମୁରବି
ହେଲେ, ଭାଇ ତା'ର ପରମ ଧାର୍ମିକ
ରାମଭକ୍ତ ବିଭୀଷଣ
ହିରଣ୍ୟକଶିପୁ ଜଘନ୍ୟ ଅସୁର
ଏକନିଷ୍ଠ ବିଷ୍ଣୁସାଧକ, ବାଳୁତ ପ୍ରହ୍ଲାଦ
ଧର୍ମରାଜ ଯୁଧିଷ୍ଠିର ନ୍ୟାୟର ପ୍ରତୀକ
ଧନୁର୍ଦ୍ଧାରୀ ଅର୍ଜୁନଙ୍କ ପାଇଁ ହିଁ ଗୀତାଜ୍ଞାନ
ହେଲେ ଭାଇ ଦୁର୍ଯ୍ୟୋଧନର ନିର୍ଦ୍ଦେଶରେ
କରେ ବସ୍ତ୍ରହରଣ ଆର ଭାଇ ଦୁଃଶାସନ
କହ୍ନେଇର ମାମୁ
କ୍ରୂର କଂସ, ମଥୁରା ନରେଶ।
ଡି.ଏନ୍.ଏ. ତ ସମାନ
ରକ୍ତସମ୍ପର୍କମାନଙ୍କର
କ'ଣ ସମାନ ହୋଇପାରେ
ଚରିତ୍ର, ସଂସ୍କାର, ବିଚାର
ଯେଉଁଠି ନାଚାର ସ୍ୱୟଂ ଈଶ୍ୱର!

ମୋ: ୭୯୭୮୪୨୧୮୩୫

### ତୁମେ ବର୍ଷାରେ ଭିଜନି

**ସନ୍ନ୍ୟାସୀ ନାୟକ**

ତୁମେ ବର୍ଷାରେ ଭିଜନି
ମୋ' ଭାବ ଲହଡ଼ିରେ,
କେତେ ନିଆଁ ଜଳେ
କହିପାରିବିନି, ଦୟାକରି ବର୍ଷାରେ ଭିଜନି
ମୁଁ ସନ୍ନ୍ୟାସୀ ହୋଇ ପାରିବିନି।

ମୋ' ଅସ୍ତିତ୍ୱ ହଜିବ,
ପାଗଳ ଭଅଁର ଆଖି ଚକ୍କର କାଟିବ,
କହିପାରିବିନି କ'ଣ ହେବ?
କବିତା ଜନ୍ମ ନେବ?
ମହାବାତ୍ୟା କି ପ୍ରଳୟ ଆସିବ?
ତୁମର ଜରିପକା ଧଡ଼ି
ସୋରିଷଫୁଲିଆ ଶାଢ଼ି, ଶତ୍ରୁ ହୋଇଯିବ,
କାନି ପଣତ ବୋଲ ମାନିବନି,
କାଚ ଆଇନାରେ ସବୁ
ଝଲସି ଉଠିବ, ଆବଦ୍ଧ ଭୂଗୋଳ
ଛାଟିପିଟି ହେବ,
ଦୟାକରି ବର୍ଷାରେ ଭିଜନି
ମୁଁ ସନ୍ନ୍ୟାସୀ ହୋଇ ପାରିବିନି।
ବୁନ୍ଦାବୁନ୍ଦା ଜଳରେ,
ତୁମେ ତ ସାଗର ହୋଇଯିବ,
ମୁଁ ଝାଳରେ ଲଟପଟ
ତରଳି ତରଳି ନଈ ହୋଇଯିବି,
ଅଣାୟତ୍ତେ ଅରମା ବଣରେ ଧାଇଁ
ପିଶାଚ କି ପଶୁ ହୋଇଯିବି,
ତୁମକୁ କାହିଁକି ଭଲ ଲାଗେ ବର୍ଷା,
ମୁଁ ସେକଥା ଜାଣେନି,
କିନ୍ତୁ, ବର୍ଷା ପରି ତୁମେ
ବେଳ ଅବେଳ ଦେଖନି,
ଦୟାକରି ମୋର ଦୋଷ ଧରନି,
ମୁଁ ନାଚାର ମଣିଷ...
ସନ୍ନ୍ୟାସୀ ହୋଇ ପାରିବିନି,
ଦୟାକରି ବର୍ଷାରେ ଭିଜନି।

ମୋ: ୯୪୩୭୩୫୨୫୬୦

### କିଏ ଜଣେ ଆସିବେ ଆଜି

**ହରିଶ୍ଚନ୍ଦ୍ର ବେହେରା**

କିଏ ଜଣେ ଆସିବେ ଆଜି
ବଡ଼ି ସକାଳୁ ବସି ରହିଛି ଅପେକ୍ଷାରେ
ଆକାଶରେ ମେଘ ନାହିଁ
ଶୁଭୁଛି ନୀଡ଼ ଛାଡ଼ି ଉଠିଥିବା ପକ୍ଷୀଙ୍କ କାକଳି
କାହାର ପାଦଶବ୍ଦ ଶୁଭୁଛି ପାଖରୁ
କାହିଁ କେହି ତ ନାହିଁ
ତେବେ କ'ଣ ମନର ଭ୍ରମ!
ଘର ପାଖ ଦେଇ ବହିଯାଉଛି ଇଚ୍ଛାମତୀ ନଈ
ଆଜି ତା'ର କୁଳୁକୁଳୁ ଅନ୍ୟ ରକମ
ଆଜି ତା'ଚାହାଣି ଅନ୍ୟ ରକମ
ସେ କ'ଣ ଜାଣେ ମୁଁ କାହା ଅପେକ୍ଷାରେ
ଅନ୍ୟମନସ୍କ ବୋଲି?
ନଦୀ ଆରପଟେ କିଏ ଜଣେ
ବଂଶୀ ବଜାଉଛି କି କଦମ୍ବ ମୂଳରେ
ଜୀବନର ଚଲାପଥରେ
କେତେ ବସନ୍ତ ଆସି ଚାଲିଯାଇଛି
ପ୍ରଖର ଗ୍ରୀଷ୍ମରେ ଛଟପଟ ହୋଇଛି
କ୍ରମେ ବଢ଼ିଯାଇଛି ବୟସ
ପାଇବାଠୁଁ ହରେଇଛି ବେଶୀ
ସାଇତି ରଖିଛି ସବୁ ଦୁଃଖତକ ଗଣ୍ଠିଧନ କରି

ମନର ମାଧୁରୀ ମିଶେଇ କେହି ଜଣେ
ମୋ' ଯିବାକୁ ଚାହିଁ ବସିଛି କି?
ଜୀବନର ଶ୍ରେଷ୍ଠ ମାଳାଟି ଗୁନ୍ଥି ବସି ରହିଛି
ସେ ଆସିଲେ ଗଳାରେ ଗଳେଇ ବରଣ
କରି ନେବି
ବରବଧୂ ବେଶ ହୋଇ ଖୋଲା ରଖିଛି
ହୃଦୟର ସବୁ ଖିଲାଣ, ସବୁ ଖିଡ଼ିକି

ହଳଦୀବସନ୍ତ ଡେଇଁ ଖେଳୁଛି ଡାଳକୁ ଡାଳ
ବୋଉ କହେ ହଳଦୀବସନ୍ତ ଆସିଲେ କୁଣିଆ ଆସନ୍ତି
ହଁ, ସେ ଆସିବେ ନିଶ୍ଚୟ
କ'ଣ ଦେଇ ସଂଖୋଳିବି ତାଙ୍କୁ
କେବେ ତ ଆସିନାହାନ୍ତି
ଆମ ଘର ଠିକଣା ପାଇବାକୁ
ଅସୁବିଧା ହେବନି ତ!

କଲ୍ୟାଣ ନଗର, ବାଲେଶ୍ୱର
ମୋ: ୯୪୩୭୮୧୩୭୦୮

**ଗୀତି-କବିତା**

### ଶାରଦୀୟ ପୂଜା

**ରାମଚନ୍ଦ୍ର ବେହେରା**

ଆସ ମା' ଜନନୀ ଦୁର୍ଗତିନାଶିନୀ
ଘେନ ଶାରଦୀୟ ପୂଜା
ତୁମ ଆଗମନେ ଏ ମରତ ଧାମେ
ହୋଇଛି ଅପୂର୍ବ ସଜ୍ଜା।
ଶୁଭ୍ର କାଶତଣ୍ଡୀ ତୁମ ବାଟ ଚାହିଁ
ହସୁଛି ନଦୀପଠାରେ
ଗଂଗଶିଉଳିର ସୁକୋମଳ ତନୁ
ଲୋଟିଛି ଧରା ବକ୍ଷରେ।
ନୀଳ ଆକାଶରେ ଧଳା ମେଘଖଣ୍ଡ
ଖେଳୁଅଛି ଲୁଚକାଳି
ଶରଦ ଚନ୍ଦ୍ରମା ଶୁଭ୍ର ଜୋଛନାରେ
ମମତା ଦେଇଛି ବୋଳି।
ଗାଆଁରୁ ସହର ଉତ୍ସବମୁଖର
ତୁମରି ପରଶେ ମାତା
ପୁଣ୍ୟ ନବରାତ୍ର ସଭିଙ୍କ ପରାଣେ
ଭରିଛି ଅହିଂସା ବାର୍ତ୍ତା।
ଆସ ମା' ଭବାନୀ ଅଭୟଦାୟିନୀ
ଦିଅ ତୁମ ଦରଶନ
ଧନ୍ୟ ହେଉ ତୁମ ଏ ଧର୍ମ ସଂସାର
ପାପ ହେଉ ବିମୋଚନ!
ହେ କରୁଣାମୟୀ ଦେବୀ ମହାମାୟୀ
ଦିଅ ସୁଖ ଶାନ୍ତି ଜନେ
ଅସତ୍ୟ ଅଧର୍ମ ଲୋପ ପାଇଯାଉ
ତୁମ ଶୁଭ ଆଗମନେ।

ମୋ: ୭୩୫୫୬୩୪୩୪୬

# ନିର୍ଣ୍ଣୟ

**ଅନୁବାଦ ଗଳ୍ପ**

ମୂଳ ହିନ୍ଦୀ- ନିଲମ ରାକେଶ
ଅନୁବାଦ- ମନୋଜ କୁମାର ବେହେରା



ନୀରା ଗାଉନ୍ ପିନ୍ଧି ବାଲ୍‌କୋନିରେ ଠିଆ ହୋଇଥିଲା। ସେ ନିଜକୁ ବହୁତ ହାଲୁକା ଅନୁଭବ କରୁଥିଲା। ଏହି ନିର୍ଣ୍ଣୟ ଉପରେ ପହଞ୍ଚିବା ତା' ପାଇଁ ଏତେ ସହଜ ନଥିଲା। ବହୁତ ପୀଡ଼ାଦାୟୀ ସମୟ ଦେଇ ସେ ଗତି କରୁଥିଲା। ମାନସିକ ଯନ୍ତ୍ରଣାର ଗୋଟିଏ ସମୟ ଥିଲା। କିନ୍ତୁ ଥରେ ନିର୍ଣ୍ଣୟ କରିସାରିଲା ପରେ ସବୁ କିଛି ବହୁତ ସହଜ ଲାଗୁଥିଲା। ମନୋଜ ନୀରାକୁ ଜୋର୍‌ରେ ଡାକ ପକେଇ ବାଲ୍‌କୋନି ଆଡ଼କୁ ଆସିଲା। କିନ୍ତୁ ନୀରାକୁ ଗାଉନ୍‌ରେ ଦେଖି ତା' ମନ ମରିଗଲା।

ଏ କ'ଣ ନୀରା! ତୁମେ ଏପର୍ଯ୍ୟନ୍ତ ରେଡି ହୋଇନାହଁ? ତୁମକୁ ଜଣା ନାହିଁ ମୁଁ ଡାକ୍ତରଙ୍କ ଆପଏଣ୍ଟମେଣ୍ଟ ନେଇ ସାରିଛି। ସେ କାମ ସାରି ମୋତେ ଫ୍ୟାକ୍ଟ୍ରିର ଗୋଟିଏ ଜରୁରୀ ମିଟିଂରେ ଯୋଗଦେବାର ଅଛି। ଜଲ୍‌ଦି କର!

ମୁଁ କୁଆଡ଼େ ଯିବି ନାହିଁ କହିଲା ନୀରା! ନୀରା ଦୃଢ଼ ଶବ୍ଦରେ ମନୋଜ ଆଖିକୁ ଚାହିଁ ଜବାବ ଦେଲା। କିଛି କ୍ଷଣ ଆଶ୍ଚର୍ଯ୍ୟ ଚକିତ ହୋଇ ରହିଗଲା ମନୋଜ। ଆଉ ଡରିଗଲା, ହଠାତ୍ ତା' ସ୍ତ୍ରୀ କେମିତି ବଦଳିଗଲା! କିନ୍ତୁ ସେ ନିଜକୁ ସହଜ କରି ଚିଲେଇକରି କହିଲା, ନା ଶୁଣିବାର ମୋର ଅଭ୍ୟାସ ନାହିଁ। ତୁମେ ଶୀଘ୍ର ବାହାର। ମନୋଜ ମୁଁ ନିଷ୍ପତ୍ତି ନେଇ ସାରିଛି। ତୁମ କହିବା ଅନୁସାରେ ମୁଁ ଥରେ ଗର୍ଭପାତ କରେଇ ସାରିଛି। ଯଦି ଆସୁଥିବା ସନ୍ତାନ ଝିଅ, ତା'ହେଲେ ଏଥିରେ ତା'ର ଦୋଷ ନାହିଁ। ସେହି ଅଜନ୍ମାକୁ ମୃତ୍ୟୁଦଣ୍ଡ କାହିଁକି ଦେଉଛ? ମନୋଜ ଏଥର ଗ୍ୟାରେଣ୍ଟି ଦେଇ କହିଲେ, ଏଥର ପୁଅ ହିଁ ହେବ। କେତେଦିନଯାଏଁ ତୁମେ ତୁମର ଝିଅକୁ ହତ୍ୟା କରି ଚାଲିଥିବ? ମନୋଜ କହିଲା ଯେପର୍ଯ୍ୟନ୍ତ ପୁଅ ହୋଇନାହିଁ, ମୁଁ ଝିଅଙ୍କୁ ଏ ଦୁନିଆକୁ ଆସିବାକୁ ଦେବିନି। ରାଗରେ ଗରଗର ହୋଇ ମନୋଜ କହିଲା।

ଠିକ୍ ଅଛି, ତୁମେ ତ ବାପାର କର୍ତ୍ତବ୍ୟ ଠିକ୍ ଭାବରେ ନିର୍ବାହ କରିପାରୁନ। ତେଣୁ ମୁଁ ଗୋଟିଏ ମା', ମୁଁ ମା' ହେବାର ଦାୟିତ୍ୱକୁ ପାଳନ କରିବି। ମୁଁ ମୋ ଝିଅକୁ ଜନ୍ମ ଦେବି ଆଉ ତୁମର ବିନା ସାହାଯ୍ୟରେ। ହଁ... ଆଉ ଗୋଟିଏ କଥା, ମୁଁ ତୁମର ଏହି ଘର ଛାଡ଼ି ଚାଲିଯାଉଛି। ମୁଁ ଏତେ ଅଶାନ୍ତି ଆଉ ଚାହୁଁନି। କାହିଁକି ନା ଯେଉଁ ପୁରୁଷ ପିତାର କର୍ତ୍ତବ୍ୟକୁ ଭଲ ଭାବରେ ନିର୍ବାହ କରିପାରୁନି, ସେହି ସ୍ୱାମୀକୁ ମୁଁ ସ୍ୱାମୀର ଅଧିକାର ଦେବାକୁ ପ୍ରସ୍ତୁତ ନୁହେଁ। ତୁମେ ଯେବେ ଚାହିଁବ ମୋତେ ଛାଡ଼ପତ୍ର ନୋଟିସ୍ ପଠେଇପାରିବ। ମୁଁ ଦସ୍ତଖତ କରିଦେବି। ହଁ ତୁମେ ଭାବୁଛ କି ମୁଁ ମୋ' ବାପଘରେ ଯାଇ ରହିବି? ଆରେ ସେମାନଙ୍କ ଅବସ୍ଥା ତ ତୁମେ ଜାଣିଛ। ମୁଁ ଯାଇ ତାଙ୍କ ଉପରେ ବୋଝ ହେବି କାହିଁକି?

ମୁଁ ପୁଣି ଥରେ ଚାକିରି କରିବି। ମହିଳା ହଷ୍ଟେଲ୍‌ରେ ଯାଇ ରହିବି। ଆଉ ମୁଁ ମୋର ଠିକଣା ତୁମକୁ ଫୋନ୍‌ରେ ଜଣେଇଦେବି। ତୁମେ ମୋତେ ସେହି ଠିକଣାରେ ନୋଟିସ୍ ପଠେଇ ଦେବ। ହଁ ଗୋଟିଏ କଥା ମୋର ମାନିବ। ସିଗାରେଟ୍ ପିଇବା ଛାଡ଼ିଦେବ। କାହିଁକି ନା ସିଗାରେଟ୍ ଆଉ ଭାଷା ଦୁହେଁ ଏକା ପରି। ତୁମେ ଜାଣିଛ ସଂସାରରେ ସବୁଠୁଁ ଶ୍ରେଷ୍ଠ ସମ୍ବନ୍ଧ ଭଗବାନଙ୍କ ସହିତ ହୋଇଥାଏ, ଯେଉଁଥିରେ କେବେ ବି ଦୁଃଖ ମିଳି ନଥାଏ। ନୀରା ମନୋଜର ପାଦ ଛୁଇଁ ଘରୁ ବାହାରିଗଲା।

ପ୍ଲଟ ନମ୍ବର-୨୧୭/ପି,
ବାୟାବାବା ମଠ ଲେନ୍,
ୟୁନିଟ୍-୯(ଫ୍ଲାଟ), ଭୁବନେଶ୍ୱର-୨୨
ମୋ: ୭୯୭୮୮୩୦୬୧୧


ଯୋଗାଯୋଗ: E-mail:dharitrisahityayana@gmail.com



ବିହାରର ପାଟନାସ୍ଥିତ ସଦାକତ୍ ଆଶ୍ରମରେ 'ମହିଳା ସମ୍ବାଦ' ଅବସରରେ ଶୁକ୍ରବାର କଂଗ୍ରେସ ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରା ସମର୍ଥକମାନଙ୍କ ସହ ସେଲ୍‌ଫି ନେଉଛନ୍ତି।

# ବିହାରର ୭୫ ଲକ୍ଷ ମହିଳାଙ୍କୁ ୧୦ ହଜାର ଟଙ୍କା ଲେଖାଏ ପଠାଇଲେ ପ୍ରଧାନମନ୍ତ୍ରୀ

ପାଟନା,୨୬।୯(ପି.ଟି.)

## ମୁଖ୍ୟମନ୍ତ୍ରୀ ମହିଳା ରୋଜଗାର ଯୋଜନା



ନରେନ୍ଦ୍ର ମୋଦି

ବିଧାନସଭା ନିର୍ବାଚନ ହେବାକୁ ଥିବା ବିହାରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର 'ମୁଖ୍ୟମନ୍ତ୍ରୀ ମହିଳା ରୋଜଗାର ଯୋଜନା'ର ଶୁଭାରମ୍ଭ କରିଛନ୍ତି। ଏହି ଯୋଜନାରେ ୭୫ ଲକ୍ଷ ହିତାଧିକାରୀ ମହିଳାଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପ୍ରଧାନମନ୍ତ୍ରୀ ପ୍ରଥମ କିସ୍ତିରେ ୧୦ ହଜାର ଟଙ୍କା ଲେଖାଏ ପଠାଇଛନ୍ତି। ମହିଳାମାନଙ୍କ ଔଦ୍ୟୋଗିକ ଦକ୍ଷତା ବଢ଼ାଇବା ଦିଗରେ ଏହି ୭,୫୦୦ କୋଟି ଟଙ୍କାର ଯୋଜନା ସେମାନଙ୍କୁ ଅତିରିକ୍ତ ଆର୍ଥିକ ସହାୟତା ପ୍ରଦାନ କରିବ। ପ୍ରଧାନମନ୍ତ୍ରୀ ଦିଲ୍ଲୀରୁ ଭର୍ଚୁଆଲି ଉକ୍ତ ଯୋଜନାର ଶୁଭାରମ୍ଭ କରିଥିବାବେଳେ କାର୍ଯ୍ୟକ୍ରମରେ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର, ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ ଓ ଅନ୍ୟ ମନ୍ତ୍ରୀମାନେ ଯୋଗ ଦେଇଥିଲେ। ବିହାର ମହିଳାମାନଙ୍କର ଏବେ ୨ ଜଣ ଭାଇ ନୀତୀଶ ଓ ମୋଦି, ଯିଏ ସେମାନଙ୍କ ଉନ୍ନତି ପାଇଁ ଅବିଶ୍ରାନ୍ତ କାର୍ଯ୍ୟ କରୁଛନ୍ତି ବୋଲି ଭିଡିଓ ଲିଙ୍କ୍‌ରେ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି।

ନଭେମ୍ବର ସୁଦ୍ଧା ବିହାର ନିର୍ବାଚନ ହେବାକୁ ଥିବାବେଳେ ରାଜ୍ୟର ଏନ୍‌ଡିଏ ସରକାର ମହିଳାମାନଙ୍କୁ ଆତ୍ମନିଯୋଜନ ଓ ରୋଜଗାର ସୁଯୋଗ ଦେଇ ସଶକ୍ତ କରିବା ପାଇଁ ମୁଖ୍ୟମନ୍ତ୍ରୀ ମହିଳା ରୋଜଗାର ଯୋଜନା ପ୍ରଚଳନ କରାଇଛି। ଉକ୍ତ ଯୋଜନାରେ ପ୍ରତି ପରିବାରର ଜଣେ ମହିଳାଙ୍କୁ ପ୍ରାରମ୍ଭିକ ଅନୁଦାନ ଭାବେ ୧୦ ହଜାର ଟଙ୍କା ଲେଖାଏ ମୋଟ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଯୋଗାଇ ଦିଆଯିବ। ମହିଳାମାନଙ୍କୁ କୃଷି, ପ୍ରାଣୀ ପାଳନ, ଟେଲରିଂ, ପୋଷାକ ବୁଣିବା, ହସ୍ତକଳା ଓ ଅନ୍ୟ କ୍ଷୁଦ୍ର ଉଦ୍ୟୋଗ ଚଳାଇବାରେ ଏହି ଯୋଜନା ସହାୟକ ହେବ। ଯୋଜନାରେ ସ୍ୱାମୀ, ସ୍ତ୍ରୀ ଓ ସେମାନଙ୍କ ଅବିବାହିତ ପିଲାଙ୍କୁ ପରିବାର ଭାବେ ନିଆଯିବ। ଅବିବାହିତ ମହିଳା ତାଙ୍କ ମା'ବାପାଙ୍କ ସହ ରହୁଥିଲେ, ଏହାକୁ ଅଲଗା ପରିବାର ବିବେଚନା କରାଯିବ। ସୂଚନାଯୋଗ୍ୟ, ମଧ୍ୟପ୍ରଦେଶ ଏବଂ ମହାରାଷ୍ଟ୍ରରେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାର ଲାଡଲି ବହନ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଏହି ଯୋଜନା ସେମାନଙ୍କୁ କ୍ଷମତାକୁ ଫେରିବାରେ ଗେମ୍ ଚେଞ୍ଜର ସାବ୍ୟସ୍ତ ହୋଇଥିଲା। କର୍ଣାଟକରେ କଂଗ୍ରେସ ମହିଳାମାନଙ୍କୁ ଆର୍ଥିକ ସହାୟତା ପ୍ରତିଶ୍ରୁତି ଦେଇ ୨୦୨୩ରେ କ୍ଷମତାକୁ ଆସିଥିଲା। ଝାଡ଼ଖଣ୍ଡରେ ଜେଏମ୍ଏମ୍ ସରକାର ପୁନର୍ବାର କ୍ଷମତାକୁ ଆସିବାରେ ଅନୁରୂପ ଯୋଜନା ସହାୟକ ହୋଇଥିଲା।

# ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି ପାଇଁ ଆଲୋଚନା ଜାରି ରହିବ

ନୂଆଦିଲ୍ଲୀ,୨୬।୯(ପି.ଟି.)

ଭାରତ ଓ ଆମେରିକା ପ୍ରସ୍ତାବିତ ବାଣିଜ୍ୟ ଚୁକ୍ତିନାମାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଛନ୍ତି। ଯଥାଶୀଘ୍ର ପାରସ୍ପରିକ ଲାଭପ୍ରଦ ବାଣିଜ୍ୟ ଚୁକ୍ତିନାମା ନିଷ୍କର୍ଷରେ ପହଞ୍ଚିବା ପାଇଁ ଆଲୋଚନା ଜାରି ରଖିବାକୁ ଉଭୟ ପକ୍ଷ ନିଷ୍ପତ୍ତି ନେଇଥିବା ବାଣିଜ୍ୟ ମନ୍ତ୍ରୀ ପୀୟୂଷ ଗୋୟଲ ଶୁକ୍ରବାର କହିଛନ୍ତି। ଗୋୟଲଙ୍କ ନେତୃତ୍ୱରେ ଭାରତୀୟ ପ୍ରତିନିଧି ଦଳ ଟ୍ରେଡ୍ ଡିଲ୍ ଆଲୋଚନା ପାଇଁ ଆମେରିକା ଯାଇଥିଲା। ୩ ଦିନର ଆଲୋଚନା ପରେ ସେମାନେ ବୁଧବାର ଫେରିଛନ୍ତି। ସେମାନେ ଆମେରିକୀୟ ଅଧିକାରୀମାନଙ୍କ ସହ କ୍ରମାଗତ ବୈଠକରେ ଡିଲ୍‌ର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ ବୋଲି ମନ୍ତ୍ରଣାଳୟ ପକ୍ଷରୁ ଏକ ବିବୃତିରେ କୁହାଯାଇଛି।

# ଇସ୍ପାତ କାରଖାନା ଛାତ ଭୁଶୁଡ଼ି ୬ ମୃତ

ରାୟପୁର,୨୬।୯



ଛତିଶଗଡ଼ ରାଜଧାନୀ ରାୟପୁରରେ ଥିବା ଘରୋଇ ଇସ୍ପାତ୍ କାରଖାନାରେ ଏକ ନିର୍ମାଣାଧୀନ ଷ୍ଟ୍ରକ୍ଚରର ଛାତ ଶୁକ୍ରବାର ସନ୍ଧ୍ୟାରେ ଭୁଶୁଡ଼ି ପଡ଼ିବାରୁ ୬ ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିବା ସହ ଅନେକ ଆହତ ହୋଇଛନ୍ତି। ରାଜଧାନୀ ଉପକଣ୍ଠ ସିଲତାରା ଅଞ୍ଚଳରେ ଥିବା ଗୋଦାବରୀ ପାୱାର ଓ ଇସ୍ପାତ ଲିମିଟେଡ୍ କାରଖାନାରେ ଏହି ଦୁର୍ଘଟଣା ଘଟିଥିବା ରାୟପୁର ଏସ୍‌ଏସ୍‌ପି ଲାଲ ଉମେଦ୍ ସିଂ କହିଛନ୍ତି। ଷ୍ଟ୍ରକ୍ଚରର ଛାତ ତଳେ ବହୁ ଶ୍ରମିକ ରହିଯାଇଛନ୍ତି। ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟରେ ସାମିଲ ହୋଇଥିବାବେଳେ ବରିଷ୍ଠ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଅଛନ୍ତି। ଏସ୍‌ଏସ୍‌ପିଙ୍କ କହିବା ଅନୁଯାୟୀ, ୬ ଶ୍ରମିକଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୬ ଜଣ ଆହତ ହୋଇଛନ୍ତି। ଆହତ ଶ୍ରମିକମାନଙ୍କୁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଭୁଶୁଡ଼ି ପଡ଼ିଥିବା ଛାତ ତଳେ ଅନ୍ୟ କେତେଜଣ ରହିଯାଇଥିବା ଆଶଙ୍କା କରାଯାଉଥିବାରୁ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ନିଖୋଜ ଶ୍ରମିକମାନଙ୍କ ସମ୍ପର୍କରେ ଜାଣିବା ପାଇଁ ସେମାନଙ୍କ ପରିବାର ଲୋକେ ଓ ସମ୍ପର୍କୀୟମାନେ କାରଖାନା ନିକଟରେ ରୁଣ୍ଡ ହୋଇଛନ୍ତି। ଶିଳ୍ପସଂସ୍ଥାଗୁଡ଼ିକରେ ନିୟୋଜିତ ଶ୍ରମିକମାନେ କିପରି ବିପଦପୂର୍ଣ୍ଣ ପରିବେଶରେ କାର୍ଯ୍ୟ କରୁଛନ୍ତି, ତାହା ଏହି ଘଟଣାରୁ ପ୍ରତିଫଳିତ ହେଉଛି। କାରଖାନା ନିର୍ମାଣ ସ୍ଥଳର ନିରାପତ୍ତା ମାନକୁ ନେଇ ପ୍ରଶ୍ନ ଉଠିଛି। ଷ୍ଟ୍ରକ୍ଚର ଛାତ ଭୁଶୁଡ଼ିବାର କାରଣ ଜଣାପଡ଼ିନାହିଁ। କ'ଣ ପାଇଁ ଛାତ ଭୁଶୁଡ଼ିଲା ଏବଂ ଭବିଷ୍ୟତରେ ଏଭଳି ଦୁର୍ଘଟଣାକୁ କିପରି ରୋକାଯାଇପାରିବ, ତାହା ଜାଣିବା ପାଇଁ ତଦନ୍ତ କରାଯିବ ବୋଲି ଅଧିକାରୀମାନେ କହିଛନ୍ତି। ଦୁର୍ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଦେଖାଦେଇଛି। ମୃତାହତଙ୍କ ପରିବାର ଏବଂ ଆହତମାନଙ୍କୁ ସହାୟତା ପ୍ରଦାନ ପାଇଁ କାରଖାନା ପରିଚାଳନା କର୍ତ୍ତୃପକ୍ଷ ଓ କେନ୍ଦ୍ରୀୟ ପ୍ରତିନିଧି ଆଲୋଚନା ଚଳାଇଛନ୍ତି।

# 'ଆଇ ଲଭ୍ ମହମ୍ମଦ'କୁ ନେଇ ସଂଘର୍ଷ

ବରେଲି/ମଉ, ୨୬।୯

'ଆଇ ଲଭ୍ ମହମ୍ମଦ' ପୋଷ୍ଟର ବିବାଦକୁ ନେଇ ଶୁକ୍ରବାର ଉତ୍ତରପ୍ରଦେଶର ଅନେକ ଜିଲାରେ ବିକ୍ଷୋଭ ପ୍ରଦର୍ଶନ ହୋଇଛି। ବରେଲିର ଏକ ମସଜିଦ୍‌ରେ ଶୁକ୍ରବାର ନମାଜ ପାଠ ପରେ ସଂଘର୍ଷପୂର୍ଣ୍ଣ ସ୍ଥିତି ସୃଷ୍ଟି ହୋଇଥିଲା। ଆଇ ଲଭ୍ ମହମ୍ମଦ ପୋଷ୍ଟର ବିବାଦକୁ ନେଇ ମୌଲାନା ତୌକିର ରଜାଙ୍କ ନେତୃତ୍ୱରେ ମୁସଲମାନ ସମୁଦାୟର ଶତାଧିକ ବିକ୍ଷୋଭକାରୀ ରାସ୍ତାକୁ ଓହ୍ଲାଇଥିଲେ। ବିକ୍ଷୋଭକାରୀ 'ଆଇ ଲଭ୍ ମହମ୍ମଦ' ପୋଷ୍ଟର ସହ ବ୍ୟାରିକେଡ୍ ଭାଙ୍ଗି ଆଗକୁ ବଢ଼ିବା ପାଇଁ ପ୍ରୟାସ କରିବାରୁ ପୋଲିସ ଲାଠିଚାର୍ଜ କରିଥିଲା। ସେହିପରି ଉତ୍ତରପ୍ରଦେଶର ମଉରେ ମଧ୍ୟ ବିକ୍ଷୋଭକାରୀମାନେ ପୋଲିସ ଉପରକୁ ଟେକାମାଡ଼ କରିଥିବାବେଳେ ପୋଲିସ ଲାଠି ଚାର୍ଜ କରିଛି। ପ୍ରକାଶ ଯେ, ଆଇ ଲଭ୍ ମହମ୍ମଦ ପୋଷ୍ଟରକୁ ନେଇ ବିବାଦ କାନପୁରରୁ ଆରମ୍ଭ ହୋଇଥିଲା। ମିଲାଦ-ଉନ୍-ନବି ଶୋଭାଯାତ୍ରାବେଳେ କେତେଜଣ ମୁସଲମାନ ଯୁବକ ଏଭଳି ବ୍ୟାନର ଧରିଥିବାରୁ ସେମାନଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା। ଅନେକ ମୁସଲମାନ ସଙ୍ଗଠନ ପକ୍ଷରୁ ଏହା ବିରୋଧରେ ବିକ୍ଷୋଭ ଆରମ୍ଭ ହୋଇଥିଲା।

# ମଦ୍ରାସା ଶୌଚାଳୟରୁ ୪୦ ନାବାଳିକା ଉଦ୍ଧାର

ବହରାଇଚ୍, ୨୬।୯

ଉତ୍ତରପ୍ରଦେଶର ବହରାଇଚ୍‌ରେ ଏକ ବେଆଇନ ମଦ୍ରାସାର ଶୌଚାଳୟ ମଧ୍ୟରୁ ୪୦ ନାବାଳିକାଙ୍କୁ ଶୁକ୍ରବାର ଉଦ୍ଧାର କରାଯାଇଛି। ପୟାଗପୁର ତହସିଲ ଅନ୍ତର୍ଗତ ପହାଲୱାରା ଗ୍ରାମର ଏକ ୩ ମହଲା କୋଠାରେ ଚାଲିଥିବା ଏହି ମଦ୍ରାସାରେ ପୋଲିସ ଏବଂ ପ୍ରଶାସନିକ ଦଳ ପକ୍ଷରୁ ଚଢ଼ାଉ କରାଯାଇଥିଲା। ନାବାଳିକାମାନଙ୍କ ବୟସ ୯ରୁ ୧୪ ବର୍ଷ ମଧ୍ୟରେ। ପହାଲୱାରା ଗ୍ରାମରେ ବେଆଇନ ମଦ୍ରାସା ଚାଲିଥିବା ସୂଚନା ଆଧାରରେ ଚଢ଼ାଉ କରାଯାଇଥିବା ବହରାଇଚ୍ ଏସ୍‌ଡିଏମ୍ କହିଛନ୍ତି। ମଦ୍ରାସାର ଛାତ ଉପରେ ଥିବା ଟଏଲେଟରୁ ୪୦ ଜଣ ନାବାଳିକା ବାହାରକୁ ଆସିଥିଲେ।

# ମୋଦି-ପୁଟିନ୍ ଆଲୋଚନା ନେଇ ନାଟୋ ମୁଖ୍ୟଙ୍କ ଅଭିଯୋଗକୁ ଭାରତର ଖଣ୍ଡନ

ନୂଆଦିଲ୍ଲୀ,୨୬।୯(ପି.ଟି.)



ରଣଧୀର ଜୟସ୍ୱାଲ

ଭାରତ ଉପରେ ଆମେରିକା ଦଣ୍ଡାତ୍ମକ ଟାରିଫ୍ ଲଗାଇଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କୁ ଫୋନ୍ କରି ୟୁକ୍ରେନ୍ ଉପରେ ମସ୍କୋର ରଣନୀତି ସମ୍ପର୍କରେ ପଚାରିଥିଲେ ବୋଲି ନାଟୋ ମହାସଚିବ ମାର୍କ ରୁଟ୍ଟେଙ୍କ ମନ୍ତବ୍ୟକୁ ନୂଆଦିଲ୍ଲୀ ଭିତ୍ତିହୀନ କହି ଖଣ୍ଡନ କରିଛି। ନର୍ଥ ଆଟଲାଣ୍ଟିକ୍ ଟ୍ରିଟି ଅର୍ଗାନାଇଜେଶନ (ନାଟୋ) ମୁଖ୍ୟଙ୍କ ଦାୟିତ୍ୱହୀନ ମନ୍ତବ୍ୟ ମୋଦିଙ୍କ ଆଲୋଚନା ସମ୍ପର୍କରେ ଭୁଲ୍ ଉପସ୍ଥାପନା। ଏଭଳି କଥାବାର୍ତ୍ତା ଆଦୌ ହୋଇ ନ ଥିବାରୁ ତାହା ଗ୍ରହଣୀୟ ନୁହେଁ ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି। ଭାରତ ଉପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଟାରିଫ୍ ମସ୍କୋ ଏବଂ ନୂଆଦିଲ୍ଲୀ ଉପରେ ବଡ଼ ପ୍ରଭାବ ପକାଇଥିବା ରୁଟ୍ଟେ କହିଥିଲେ। ଭାରତ ଟାରିଫ ଯୋଗୁ କ୍ଷତିଗ୍ରସ୍ତ ହୋଇଥିବାରୁ ୟୁକ୍ରେନ୍ ଉପରେ ପୁଟିନ୍‌ଙ୍କ ରଣନୀତି ଜାଣିବାକୁ ମୋଦି ପଚାରିଥିଲେ ବୋଲି ରୁଟ୍ଟେ ଅଭିଯୋଗ କରିଥିଲେ। ନାଟୋ ମୁଖ୍ୟଙ୍କ ମନ୍ତବ୍ୟ ତଥ୍ୟ ଦୃଷ୍ଟିରୁ ଭୁଲ୍ ଓ ସମ୍ପୂର୍ଣ୍ଣ ଭିତ୍ତିହୀନ ବୋଲି ଜୟସ୍ୱାଲ କହିଛନ୍ତି।

# ଟ୍ରମ୍ପ୍‌ଙ୍କୁ 'ଶାନ୍ତିର ମଣିଷ' କହିଲେ ଶେହବାଜ

## ସାକ୍ଷାତ୍ ପାଇଁ ୩୦ ମିନିଟ୍ ଅପେକ୍ଷା କରାଇଲେ ଆମେରିକା ରାଷ୍ଟ୍ରପତି

ନ୍ୟୁୟର୍କ/ଇସ୍‌ଲାମାବାଦ,୨୬।୯



ହ୍ୱାଇଟ୍ ହାଉସ୍‌ରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ସହ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ୍ ଏବଂ ସେନାମୁଖ୍ୟ ଅସିମ ମୁନିର।

ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ୍ ଏବଂ ସେନାମୁଖ୍ୟ ଅସିମ ମୁନିର ଶୁକ୍ରବାର ହ୍ୱାଇଟ ହାଉସ୍‌ରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କୁ ଭେଟି ଆଞ୍ଚଳିକ ସୁରକ୍ଷା, ଆତଙ୍କବାଦ ନିରୋଧ ଲଢ଼େଇରେ ସହଯୋଗ ଏବଂ ଅନ୍ୟାନ୍ୟ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ୬ ବର୍ଷ ମଧ୍ୟରେ ହ୍ୱାଇଟ୍ ହାଉସ୍ ଗସ୍ତ କରିବାରେ ଶେହବାଜ ପ୍ରଥମ ପାକିସ୍ତାନୀ ପ୍ରଧାନମନ୍ତ୍ରୀ। ବିଶ୍ୱରେ ଯୁଦ୍ଧ ବନ୍ଦ କରିବାରେ ଟ୍ରମ୍ପ୍‌ଙ୍କ ସଚ୍ଚୋଟ ଉଦ୍ୟମ ପାଇଁ ଶେହବାଜ ତାଙ୍କୁ 'ଶାନ୍ତିର ମଣିଷ' ବୋଲି କହିବା ସହ ଭାରତ ଓ ପାକିସ୍ତାନ ମଧ୍ୟରେ ଯୁଦ୍ଧ ବନ୍ଦ କରିବାରେ ତାଙ୍କର ସାହସିକ ଓ ନିର୍ଣ୍ଣାୟକ ନେତୃତ୍ୱକୁ ଉଚ୍ଚ ପ୍ରଶଂସା କରିଛନ୍ତି। ଶରିଫ୍ ଏବଂ ସେନାମୁଖ୍ୟ ମୁନିର ଅପରାହ୍ନ ୪ଟା ୫୨ ମିନିଟରେ ହ୍ୱାଇଟ୍ ହାଉସ୍‌ରେ ପହଞ୍ଚିଥିବାବେଳେ ବରିଷ୍ଠ ଅଧିକାରୀମାନେ ତାଙ୍କୁ ଅଭିନନ୍ଦନ ଜଣାଇଥିଲେ। ସେତେବେଳେ ଟ୍ରମ୍ପ୍ କେତେକ ନିର୍ଦ୍ଦେଶନାମାରେ ସ୍ୱାକ୍ଷର କରିବା ସହ ଖବରଦାତାମାନଙ୍କ ସହ କଥା ହେଉଥିଲେ। ତେଣୁ ଶରିଫ୍ ଓ ମୁନିରଙ୍କୁ ସେଠାରେ ୩୦ ମିନିଟ୍ ଅପେକ୍ଷା କରିବାକୁ ପଡ଼ିଥିଲା। ୨୦୧୯ ଜୁଲାଇରେ ତତ୍କାଳୀନ ପାକ୍ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ୱାଶିଂଟନ ଯାଇ ରାଷ୍ଟ୍ରପତି ଟ୍ରମ୍ପ୍‌ଙ୍କୁ ଭେଟିଥିଲେ। ପାକିସ୍ତାନ ମିଛ କହି ଓ ଆମେରିକାକୁ ଧୋକାଦେଇ ବହୁ ବିଲିୟନ ଡଲାର ସହାୟତା ଗ୍ରହଣ କରିଥିବା ଟ୍ରମ୍ପ୍ କହିଥିଲେ। ପାକିସ୍ତାନ ଆତଙ୍କବାଦୀଙ୍କ ନିରାପଦର ଭୂସ୍ୱର୍ଗ ବୋଲି ମଧ୍ୟ ପୂର୍ବରୁ ଟ୍ରମ୍ପ୍ କହିଥିଲେ। ପରେ ରାଷ୍ଟ୍ରପତି ଜୋ ବାଇଡେନ୍ ମଧ୍ୟ ପାକିସ୍ତାନକୁ ସମ୍ପୂର୍ଣ୍ଣ ଅଣଦେଖା କରିଥିଲେ। ଏପରିକି କେବେ ଫୋନ୍‌ରେ ମଧ୍ୟ ସେ ପାକ୍ ପ୍ରଧାନମନ୍ତ୍ରୀଙ୍କ ସହ କଥା ହୋଇ ନ ଥିଲେ। ତେବେ ଗତ ଜାନୁଆରୀରେ ଟ୍ରମ୍ପ୍ ଦ୍ୱିତୀୟଥର କ୍ଷମତାକୁ ଫେରିବା ପରେ ପାକ୍-ଆମେରିକା ସମ୍ପର୍କରେ ନାଟକୀୟ ପରିବର୍ତ୍ତନ ଘଟିଛି। ଇତିମଧ୍ୟରେ ପାକ୍ ସେନାମୁଖ୍ୟ ୨ ଥର ଆମେରିକା ଯାଇ ଟ୍ରମ୍ପ୍‌ଙ୍କୁ ଭେଟିଲେଣି।

## ଫୁରସତ୍

# ଟେକ୍ସାସ୍ ଉପକୂଳରେ ଦୁର୍ଲଭ ଜେଲିଫିଶ୍

ୱାଶିଂଟନ



ନିକଟରେ ଆମେରିକାର ଟେକ୍ସାସ୍ ଉପକୂଳର ଏକ ଡଜନରୁ ଅଧିକ ଦୁର୍ଲଭ ଏବଂ ବିଶାଳ ଜେଲିଫିଶ୍ ଭାସି ଆସିଥିଲେ। ଏନେଇ ଟେକ୍ସାସସ୍ଥିତ ହାର୍ଟ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍ ପକ୍ଷରୁ ସୂଚନା ଦିଆଯାଇଛି। ବେଳାଭୂମିକୁ ଏତେ ସଂଖ୍ୟାରେ ଜେଲିଫିଶ ଭାସି ଆସିବା ସେଠାକାର ଲୋକଙ୍କୁ ଆଶ୍ଚର୍ଯ୍ୟ ଏବଂ ଭୟଭୀତ କରିଛି। ବୈଜ୍ଞାନିକଙ୍କ ଅନୁଯାୟୀ, ଏହି ଦୁର୍ଲଭ ଜେଲିଫିଶ ପ୍ରଜାତି ପିଙ୍କ୍ ମିନି ନାମରେ ପରିଚିତ।

୨୦୧୧ ମସିହାରେ ବୈଜ୍ଞାନିକ କିଥ୍ ବେହା ଏହି ସାମୁଦ୍ରିକ ପ୍ରାଣୀକୁ ଜେଲିଫିଶର ଏକ ନୂତନ ପ୍ରଜାତିର ଆଖ୍ୟା ଦେଇ ଏହାର ନାମକରଣ ପିଙ୍କ୍ ମିନି ରଖିଥିଲେ। ଏହି ପିଙ୍କ୍ ମିନି ପ୍ରଜାତିର ଜେଲିଫିଶ୍ ୫୦ ପାଉଣ୍ଡରୁ ଅଧିକ ଓଜନର ହୋଇପାରେ ବୋଲି ବୈଜ୍ଞାନିକମାନେ କହିଛନ୍ତି। ପୂର୍ବରୁ ମେକ୍ସିକୋ ଉପସାଗରର ଉପକୂଳରେ ଏହି ଦୁର୍ଲଭ ଜେଲିଫିଶ୍ ଦେଖିବାକୁ ମିଳିଥିଲା। ଗ୍ରୀଷ୍ମ ଋତୁର ଶେଷ ଭାଗରେ ଏହି ଜେଲିଫିଶ୍ ମୁନ ଜେଲିଫିଶ୍‌କୁ ଶିକାର କରିବା ପାଇଁ ମେକ୍ସିକୋ ଉପସାଗରର ଉପକୂଳରୁ ସ୍ଥାନାନ୍ତରିତ ହୋଇ ଟେକ୍ସାସ୍ ଉପସାଗର ଉପକୂଳରୁ ଆସିଥାନ୍ତି।

ଯେତେବେଳେ ଏହି ପିଙ୍କ୍ ମିନି ଜେଲିଫିଶ୍ ବହୁତ ଛୋଟ ଥାନ୍ତି, ସେମାନେ ଅନ୍ୟ ଜେଲିଫିଶ୍ ପରି ଜୁପ୍ଲାଙ୍କ୍ଟନ୍ ଏବଂ ବିଭିନ୍ନ ଛୋଟ ସାମୁଦ୍ରିକ ଜୀବଙ୍କୁ ଖାଇ ବଞ୍ଚିଥାନ୍ତି। ତେବେ ସେମାନେ ବଡ଼ ହେବା ସହ ଅନ୍ୟ ପ୍ରଜାତିର ଜେଲିଫିଶ୍ ବିଶେଷକରି ମୁନ୍ ଜେଲିଫିଶ୍‌କୁ ଶିକାର କରିଥାନ୍ତି। ପିଙ୍କ୍ ମିନି ଜେଲିଫିଶ୍ ଏକାଥରକରେ ୩୪ ମୁନ୍ ଜେଲିଫିଶ୍ ଖାଇପାରନ୍ତି। ଏ ସମ୍ପର୍କରେ ସୂଚନା ଦେଇ ଟେକ୍ସାସସ୍ଥିତ ହାର୍ଟ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ୍‌ର କମ୍ୟୁନିଟି ଏନ୍‌ଗେଜ୍‌ମେଣ୍ଟ ଡାଇରେକ୍ଟର ଜେସ୍ ଟନେଲ୍ କହିଛନ୍ତି, ସେ ଗତ ସପ୍ତାହରେ କେବଳ ଟେକ୍ସାସ ଉପକୂଳରୁ ୧୦ରୁ ଅଧିକ ପିଙ୍କ୍ ମିନି ଜେଲିଫିଶ୍ ଦେଖିଛନ୍ତି। ସେହିପରି ପୋର୍ଟ ଆରାନସାସ୍ ମାରିନାରେ ପିଙ୍କ୍ ମିନି ଜେଲିଫିଶ୍‌ର ପ୍ରିୟ ଖାଦ୍ୟ ହୋଇଥିବା ଗୋଟିଏ ମୁନ୍ ଜେଲିଫିଶ ପଡ଼ି ରହିଥିବାର ସେ ଦେଖିବାକୁ ପାଇଥିଲେ। କୌଣସି ମୁନ୍ ଜେଲିଫିଶ୍ ନ ଥିବା ସ୍ଥିତିରେ ପିଙ୍କ୍ ମିନି ପ୍ରଜାତିର ସାମୁଦ୍ରିକ ପ୍ରାଣୀ ଶୀଘ୍ର ମାରିଯାଆନ୍ତି। ସେହିପରି ସମୁଦ୍ରର ପାଣି ଥଣ୍ଡା ହୋଇଥିଲେ ପିଙ୍କ୍ ମିନି ଜେଲିଫିଶ୍ ଗୁଡ଼ିକର ମୃତ୍ୟୁ ହୋଇଥାଏ। ତେଣୁ ପିଙ୍କ୍ ମିନି ଜେଲିଫିଶ୍‌କୁ ଦେଖିବା ଖୁବ୍ ବିରଳ ବୋଲି ଟନେଲ୍ କହିଛନ୍ତି।

# 'କ୍ରିଉ ୨' ପାଇଁ କରୀନା ରାଜି

ମୁମ୍ବାଇ



କରୀନା କପୁର ଖାନ୍

ଅଭିନେତ୍ରୀ କରୀନା କପୁର ଖାନ୍, କ୍ରିତି ସାନନ୍ ଏବଂ ତବୁଙ୍କ 'କ୍ରିଉ' ଫିଲ୍ମ ଗତବର୍ଷ ବକ୍ସ ଅଫିସରେ ହିଟ୍ ସାବ୍ୟସ୍ତ ହୋଇଥିଲା। ଏହାର ସିକ୍ୱେଲ ରିଲିଜ୍ ପାଇଁ ସେବେଠାରୁ ପ୍ରଶଂସକମାନେ ଦାବି କରି ଆସୁଥିଲେ। ଏହି ଦାବିକୁ ନେଇ ଏବେ ଫିଲ୍ମ ନିର୍ମାତା ଏହାର ସିକ୍ୱେଲ 'କ୍ରିଉ ୨' ରିଲିଜ୍ ପାଇଁ ଯୋଜନା ପ୍ରସ୍ତୁତ କରୁଥିବାର ଏକ ରିପୋର୍ଟ ସାମ୍ନାକୁ ଆସିଛି। ରିପୋର୍ଟ ଅନୁଯାୟୀ, ଫିଲ୍ମ ନିର୍ମାତା ଏକ୍ତା କପୁର ଏବଂ ରିୟା କପୁର ଏ ସମ୍ପର୍କରେ କରୀନାଙ୍କ ସହ କଥା ହୋଇଛନ୍ତି। 'କ୍ରିଉ ୨' ଫିଲ୍ମର ଷ୍ଟାର୍‌କାଷ୍ଟରେ ସାମିଲ ହେବା ନେଇ କରୀନା ସହମତି ଦେଖାଇଛନ୍ତି। ତେବେ ସେ ବର୍ତ୍ତମାନ ସୁଦ୍ଧା ଏହି ଫିଲ୍ମ ପାଇଁ ସାଇନ୍ କରିନାହାନ୍ତି। ପୂରା ସ୍କ୍ରିପ୍ଟ ଜାଣିବା ପରେ ହିଁ କରୀନା ଚୂଡ଼ାନ୍ତ ନିଷ୍ପତ୍ତି ନେବେ ବୋଲି ତାଙ୍କ ସୂତ୍ରରୁ ପ୍ରକାଶ ପାଇଛି। ତେବେ ଏହି ସିକ୍ୱେଲର ଅନ୍ୟ ୨ ଅଭିନେତ୍ରୀ କ୍ରିତି ଏବଂ ତବୁ ସାମିଲ ହେବେ କି ତାଙ୍କ ବଦଳରେ ଅନ୍ୟ ଅଭିନେତ୍ରୀଙ୍କୁ ସୁଯୋଗ ମିଳିବ ସେ ସମ୍ପର୍କରେ ବର୍ତ୍ତମାନ ସୁଦ୍ଧା ଜଣାପଡ଼ିନାହିଁ।

# ସୂର୍ଯ୍ୟକୁମାର, ରୌଫ୍ ଦଣ୍ଡିତ: ଫାରହାନଙ୍କୁ ଚେତାବନୀ

ଦୁବାଇ ୨୬।୯

ଚଳିତ ଏସିଆ କପ୍ କ୍ରିକେଟ ଟୁର୍ନାମେଣ୍ଟରେ ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ ମଧ୍ୟରେ ମ୍ୟାଚ ବେଳେ ବିଭିନ୍ନ ଉତ୍ତେଜନାମୂଳକ ଘଟଣାର ବିଚାର କରି ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଭାରତୀୟ ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କୁ ତାଙ୍କ ମ୍ୟାଚ୍ ଫି'ର ୩୦ପ୍ରତିଶତ ଜରିମାନା କରାଯାଇଛି। ପାକିସ୍ତାନ ଦଳର ହାରିଶ ରୌଫ୍‌ଙ୍କୁ ମଧ୍ୟ ସମ ପରିମାଣରେ ଜରିମାନା କରାଯାଇଛି। ଅନ୍ୟପକ୍ଷରେ ଗନ୍‌ଶଟ୍ ସେଲିବ୍ରେଶନ ପାଇଁ ସାହିବଜାଦା ଫାରହାନଙ୍କୁ କେବଳ ଚେତାବନୀ ଦିଆଯାଇଛି। ମାମଲାଗୁଡ଼ିକର ଶୁଣାଣି ଆଇସିସି ମ୍ୟାଚ୍ ରେଫରି ରିଚି ରିଚାର୍ଡସନଙ୍କ ଦ୍ୱାରା କରାଯାଇଥିଲା। ରାଜନୈତିକ ଟିପ୍ପଣୀ ପାଇଁ ଭାରତ ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କ ବିରୋଧରେ ମଧ୍ୟ ପାକିସ୍ତାନ ତରଫରୁ ଏକ ଅଭିଯୋଗ କରାଯାଇଥିଲା। ସେପ୍ଟେମ୍ବର ୧୪ରେ ପାକିସ୍ତାନ ବିପକ୍ଷରେ ବିଜୟକୁ ପହଲଗାମ୍ ଆତଙ୍କବାଦୀ ଆକ୍ରମଣର ଶିକାର ହୋଇଥିବା ବ୍ୟକ୍ତି ବିଶେଷ ଓ ଭାରତର ସଶସ୍ତ୍ର ବାହିନୀ ଉଦ୍ଦେଶ୍ୟରେ ଉତ୍ସର୍ଗ ଭାରତୀୟ ଅଧିନାୟକ ଉତ୍ସର୍ଗ କରିଥିଲେ। ସୂର୍ଯ୍ୟକୁମାର କିନ୍ତୁ ନିଜକୁ ନିର୍ଦ୍ଦୋଷ ବେଳେ ଉଲ୍ଲେଖ କରିଥିଲେ ହେଁ ଟୁର୍ନାମେଣ୍ଟର ଅବଶିଷ୍ଟାଂଶ ଏଭଳି ଟିପ୍ପଣୀରୁ ବିରତ ରହିବା ଲାଗି ଆଇସିସି ପରାମର୍ଶ ଦେଇଛି। ରବିବାର ଗତ ଭାରତ ବିପକ୍ଷ ମ୍ୟାଚ ବେଳେ ରୌଫ ଆକ୍ରମଣାତ୍ମକ



ସୂର୍ଯ୍ୟକୁମାର ଯାଦବ



ହାରିଶ୍ ରୌଫ

ଭଙ୍ଗୀ ସହ ଖରାପ ଭାଷା ବ୍ୟବହାର କରିଥିବା ଅଭିଯୋଗ ହୋଇଥିଲା। ଫାରହାନ ଶୁଣାଣି ବେଳେ ନିଜକୁ ନିର୍ଦ୍ଦୋଷ ବୋଲି ଦର୍ଶାଇବାକୁ ଯାଇ ମ୍ୟାଚ ବେଳେ ତାଙ୍କ 'ଗନ୍ ଫାୟାର' ସେଲିବ୍ରେଶନ ଆଚରଣ ସଂହିତାର ଉଲ୍ଲଂଘନ ନୁହେଁ ଏବଂ ପାକିସ୍ତାନରେ ପାଖତୁନ ଜନଜାତିର ଲୋକେ ଏହି ଭଳି ପାରମ୍ପରିକ ସେମାନଙ୍କର ଖୁସି ଉତ୍ସବ ପାଳନ କରିଥାନ୍ତି। ପାକିସ୍ତାନ ଖେଳାଳି ଅବସ୍ଥାନ କରୁଥିବା ହୋଟେଲର ଏକ ପ୍ରକୋଷ୍ଠରେ ମ୍ୟାଚ ରେଫରି ରିଚି ରିଚାର୍ଡସନଙ୍କ ଦ୍ୱାରା ଅଭିଯୋଗର ଶୁଣାଣି କାର୍ଯ୍ୟ ହୋଇଥିଲା। ଦୁଇ ଖେଳାଳି ବ୍ୟକ୍ତିଗତ ପୃଥକ୍ ପୃଥକ୍ ଶୁଣାଣିର ସମ୍ମୁଖୀନ ହୋଇଥିଲେ। ସେମାନଙ୍କ ସହିତ ଟିମ୍ ମ୍ୟାନେଜର ନାଭିଦ ଆକ୍ରମ ଚିମା ଉପସ୍ଥିତ ଥିଲେ। ଦୁହେଁ ସେମାନଙ୍କ ଜବାବ ଲିଖିତ ଭାବେ ଉପସ୍ଥାପନ କରିଥିଲେ। ପାକିସ୍ତାନର ଏହି ଦୁଇ ଖେଳାଳି ଉତ୍ତେଜନାମୂଳକ ଅଙ୍ଗଭଙ୍ଗୀ ପ୍ରଦର୍ଶନ କରିଥିବା ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ତରଫରୁ ବୁଧବାର ଆନୁଷ୍ଠାନିକ ଭାବେ ଆଇସିସି ନିକଟରେ ଅଭିଯୋଗ କରାଯାଇଥିଲା। ଦୁଇ ପଡ଼ୋଶୀ ଦେଶ ମଧ୍ୟରେ ସମ୍ପର୍କରେ ବର୍ତ୍ତମାନ ତିକ୍ତତା ଦେଖା ଦେଇଥିବାବେଳେ ଉଭୟେ ରବିବାର ଫାଇନାଲରେ ପୁରସ୍କାରକୁ ଭେଟିବାକୁ ଯାଉଛନ୍ତି। ରୌଫ ଷ୍ଟାଣ୍ଡରେ ଉପସ୍ଥିତ ଭାରତୀୟ ସମର୍ଥକଙ୍କ ଉଦ୍ଦେଶ୍ୟରେ ଉଡ଼ନ୍ତା ବିମାନରୁ ଖସି ପଡ଼ିଥିବାର ଅଭିନୟ କରିଥିବାବେଳେ ଅର୍ଦ୍ଧଶତକ ହାସଲ କରିବା ପରେ ଫାରହାନଙ୍କ ଖୁସି ମନାଇବା ତରିକା ଭାରତୀୟ ପକ୍ଷ ଅପମାନଜନକ ବୋଲି ମନେ କରିଥିଲେ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ତରଫରୁ ଆଇସିସି ନିକଟରେ ଏନେଇ ବିଧିବଦ୍ଧ ଅଭିଯୋଗ କରାଯାଇଥିଲା।

# ଶ୍ରଦ୍ଧାଞ୍ଜଳି ଜାତୀୟ ସିନିୟର ମହିଳା ଫୁଟ୍‌ବଲ ଚୟନକର୍ତ୍ତା

ଭୁବନେଶ୍ୱର, ୨୬।୯ (ତପନ ସ୍ୱାଇଁ)

ପରିଶ୍ରମର ମୂଲ୍ୟ କେବେ ବ୍ୟର୍ଥ ଯାଏନି। ଓଡ଼ିଶାର ପ୍ରତିଷ୍ଠିତ କ୍ରୀଡ଼ାବିତ୍ ତଥା ଭାରତୀୟ ମହିଳା ଫୁଟବଲ ଦଳର ପୂର୍ବତନ ଅଧିନାୟିକା ଶ୍ରଦ୍ଧାଞ୍ଜଳି ସାମନ୍ତରାୟଙ୍କ କ୍ଷେତ୍ରରେ ଏହା ପ୍ରତିଫଳିତ ହେବାରେ ଲାଗିଛି। ୨୦୧୪ରୁ ଭାରତୀୟ ମହିଳା ଫୁଟବଲ ଦଳର ଉପ-ଅଧିନାୟିକା, ଅଧିନାୟିକା, ସହକାରୀ କୋଚ୍ ଓ ଚୟନକର୍ତ୍ତା ଦାୟିତ୍ୱକୁ ସୁଚାରୁରୂପେ ସମ୍ପାଦନ କରି ଆସିଥିବା ଶ୍ରଦ୍ଧାଞ୍ଜଳିଙ୍କୁ ଏବେ ଆଉ ଏକ ଗୁରୁଦାୟିତ୍ୱ ମିଳିଛି। ସର୍ବଭାରତୀୟ ଫୁଟବଲ ଫେଡେରେଶନ (ଏଆଇଏଫ୍‌ଏଫ୍) ପକ୍ଷରୁ ତାଙ୍କୁ ଜାତୀୟ ସିନିୟର ମହିଳା ଫୁଟବଲ ଦଳର ଚୟନକର୍ତ୍ତା ନିଯୁକ୍ତ କରିଛି। ଆସନ୍ତା ଅକ୍ଟୋବର ୧ରୁ ୧୦ ପର୍ଯ୍ୟନ୍ତ ଛତିଶଗଡ଼ର



ଶ୍ରଦ୍ଧାଞ୍ଜଳି ସାମନ୍ତରାୟ

ନାରାୟଣପୁରଠାରେ ଜାତୀୟ ସିନିୟର ମହିଳା ଫୁଟବଲ ଚାମ୍ପିୟନଶିପ୍-୨୦୨୫ ଅନୁଷ୍ଠିତ ହେବ। ଦେଶର ପ୍ରତ୍ୟେକ ରାଜ୍ୟ ଦଳ ଏଥିରେ ଅଂଶଗ୍ରହଣ କରିବେ। ଏହି ସମ୍ମାନଜନକ ପ୍ରତିଯୋଗିତାରେ ଖେଳାଳିଙ୍କ ପ୍ରଦର୍ଶନକୁ ଭିତ୍ତିକରି ଜାତୀୟ ଦଳ ମନୋନୟନ ହେବ। ଅନ୍ୟ ଚୟନକର୍ତ୍ତାଙ୍କ ସହ ମିଶି ଶ୍ରଦ୍ଧାଞ୍ଜଳି ଜାତୀୟ ଦଳ ପାଇଁ ଖେଳାଳି ଚୟନ କରିବେ। ଆସନ୍ତାବର୍ଷ ହେବାକୁଥିବା ଏସିଆ କପ୍ ପାଇଁ ଭାରତୀୟ ଦଳର ଏହା ଏକ ପ୍ରସ୍ତୁତି ପର୍ବ ବୋଲି ବିବେଚନା କରାଯାଉଛି। ପ୍ରକାଶଯୋଗ୍ୟ ଯେ, ୨୦୨୪ ସାଫ୍ ଗେମ୍ସରେ ଚାମ୍ପିୟନ ହୋଇଥିବା ୧୯ ବର୍ଷରୁ କମ୍ ଭାରତୀୟ ଦଳର ସହକାରୀ କୋଚ୍ ଥିଲେ ଶ୍ରଦ୍ଧାଞ୍ଜଳି। ଏବେ ସେ ଏକ ବଡ଼ ଦାୟିତ୍ୱ ପାଇଥିବାରୁ ଶ୍ରଦ୍ଧାଞ୍ଜଳି ତାଙ୍କ ନିଯୁକ୍ତି ସଂସ୍ଥା ନାଲ୍‌କୋ, ରାଜ୍ୟ କ୍ରୀଡ଼ା ବିଭାଗ, ଏଆଇଏଫ୍‌ଏଫ୍, ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ଏବଂ ପରିବାର ପ୍ରତି କୃତଜ୍ଞତା ଜଣାଇଛନ୍ତି।

# ରାହୁଲ, ସୁଦର୍ଶନଙ୍କ ଶତକରେ ଭାରତ 'ଏ' ବିଜୟୀ

ଲକ୍ଷ୍ନୌ, ୨୬।୯ (ପି.ଟି.)

ଲୋକେଶ ରାହୁଲ ଓ ବି. ସାଇ ସୁଦର୍ଶନଙ୍କ ଶତକ ସହାୟତାରେ ଭାରତ 'ଏ' ଏଠାରେ ଅନୁଷ୍ଠିତ ଅନ୍‌ଅଫିସିଆଲ ଟେଷ୍ଟରେ ଅଷ୍ଟ୍ରେଲିଆ 'ଏ'କୁ ୫ ଉଇକେଟରେ ପରାସ୍ତ କରିଛି। ୪୧୩ ରନର ବିଜୟ ଲକ୍ଷ୍ୟକୁ ଭାରତ 'ଏ' ୯୧.୩ ଓଭରରେ ୫ ଉଇକେଟ ହରାଇ ହାସଲ କରି ନେଇଥିଲା। ଏଥିସହ ଭାରତ 'ଏ' ୧-୦ରେ ସିରିଜ ବିଜୟୀ ହୋଇଛି। ପ୍ରଥମ ଇନିଂସରେ ଅଷ୍ଟ୍ରେଲିଆ 'ଏ' ୪୨୦ ଓ ଭାରତ 'ଏ' ୧୯୪ ରନ କରିଥିଲା। ଦ୍ୱିତୀୟ ଇନିଂସରେ ଅଷ୍ଟ୍ରେଲିଆ 'ଏ' ୧୮୫ ରନରେ ଅଲ୍‌ଆଉଟ ହେବାରୁ ଭାରତ ସମ୍ମୁଖରେ ୪୧୩ ରନ ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ରାହୁଲଙ୍କ ଅପରାଜିତ ୧୭୬ (୨୧୦ ବଲ, ୧୬ ଚୌକା, ୪ ଛକା), ସାଇ ସୁଦର୍ଶନଙ୍କ ୧୦୦ ଏବଂ ଧ୍ରୁବ ଜୁରେଲଙ୍କ ୫୬ ରନ ବଳରେ ଭାରତ ବିଜୟ ଲକ୍ଷ୍ୟରେ ପହଞ୍ଚି ପାରିଥିଲା। ଗୁରୁବାର ୭୪ ରନକରି ରିଟାୟର୍ଡ ହର୍ଟ ହୋଇଥିବା ରାହୁଲ ଶୁକ୍ରବାର ବ୍ୟାଟିଂ କରିବାକୁ ଆସି କ୍ୟାରିୟରର ୨୨ତମ ପ୍ରଥମଶ୍ରେଣୀ ଶତକ ହାସଲ ସହ ଭାରତ ବିଜୟକୁ ସହଜ କରିଥିଲେ। ସେ ୧୩୬ ବଲ୍‌ରୁ ଶତକ ପୂରଣ କରିଥିବାବେଳେ ପରବର୍ତ୍ତୀ ୭୪ ବଲ୍‌ରୁ ୭୬ ରନ ସଂଗ୍ରହ କରି ନେଇଥିଲେ। ଭାରତର ପ୍ରଥମଶ୍ରେଣୀ କ୍ରିକେଟ ଇତିହାସରେ ଏହା ହେଉଛି ୬ଷ୍ଠ ସର୍ବାଧିକ ସଫଳ ରନ ଚେଜ୍। ସର୍ବାଧିକ ରନ୍ ଚେଜ୍‌ର ରେକର୍ଡ ଏବେ ମଧ୍ୟ ପଶ୍ଚିମାଞ୍ଚଳ ନାମରେ ରହିଛି। ୨୦୧୦ ଦୁଲୀପ ଟ୍ରଫି ଫାଇନାଲରେ ପଶ୍ଚିମାଞ୍ଚଳ ୫୩୬ ରନର ବିଜୟ ଲକ୍ଷ୍ୟକୁ ଚେଜ୍ କରି ଦକ୍ଷିଣାଞ୍ଚଳକୁ ପରାସ୍ତ କରିଥିଲା।





ଅଷ୍ଟ୍ରେଲିଆ 'ଏ' ବିପକ୍ଷରେ ଶତକ ହାସଲ ପରେ ଭାରତ 'ଏ'ର ସାଇ ସୁଦର୍ଶନ ଓ ଲୋକେଶ ରାହୁଲ।

# ରାଜ୍ୟଗୋଷ୍ଠୀ ବିଚ୍ ହ୍ୟାଣ୍ଡବଲ ଅଭିଜ୍ଞତା ସହ ଫେରିଲେ ଆର୍ଯ୍ୟନ

ଭୁବନେଶ୍ୱର, ୨୬।୯ (ତପନ ସ୍ୱାଇଁ)

ମାଲଦ୍ୱୀପଠାରେ ଗତ ୧୫ରୁ ୨୪ ପର୍ଯ୍ୟନ୍ତ ଅନୁଷ୍ଠିତ ରାଜ୍ୟଗୋଷ୍ଠୀ ବିଚ ହ୍ୟାଣ୍ଡବଲ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଓଡ଼ିଶାର ଅନ୍ତର୍ଜାତୀୟ ଖେଳାଳି ଆର୍ଯ୍ୟନ ବ୍ରାହ୍ମିନ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିଛନ୍ତି। ହ୍ୟାଣ୍ଡବଲ ଓଡ଼ିଶାରେ ବହୁତ ପଛରେ ପଡ଼ିଥିଲେ ମଧ୍ୟ ବ୍ୟକ୍ତିଗତ ପ୍ରଚେଷ୍ଟାରେ ବିଶ୍ୱ ସ୍ତରରେ ପହଞ୍ଚି ପାରିଥିବା ଆର୍ଯ୍ୟନ ଏହି ପ୍ରତିଯୋଗିତାରୁ ପ୍ରଚୁର ଅଭିଜ୍ଞତା ହାସଲ କରିଛନ୍ତି। ଦକ୍ଷିଣ ଆଫ୍ରିକା ହେଉ କି ଶ୍ରୀଲଙ୍କା ଆର୍ଯ୍ୟନ ପ୍ରତ୍ୟେକ ମ୍ୟାଚରେ



ଶ୍ରେଷ୍ଠ ପ୍ରଦର୍ଶନ ଦେଇଥିଲେ। ଏଥିପାଇଁ ସେ ପୁରସ୍କୃତ ମଧ୍ୟ ହୋଇଥିଲେ। ''ମୋତେ ଆଗକୁ ବିଶ୍ୱ ସ୍ତରୀୟ ବହୁତ ବଡ଼ ପ୍ରତିଯୋଗିତା ଖେଳିବାକୁ ଅଛି। ମୋତେ ଏଥିପାଇଁ ଆହୁରି ପରିଶ୍ରମ କରିବାକୁ ପଡିବ'' ବୋଲି ଆର୍ଯ୍ୟନ ନିଜ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶ, ଓଡ଼ିଶା ହ୍ୟାଣ୍ଡବଲ ସଭାପତି ବିପ୍ଳବ ଚୌଧୁରୀ, ସମ୍ପାଦକ ମାନସ କୁମାର ସିଂ, କୋଷାଧ୍ୟକ୍ଷ ଶୀତେନ୍ଦ୍ରନାଥ ଦାସ ପ୍ରମୁଖ ଆର୍ଯ୍ୟନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

**ଭାରତ-ୱେଷ୍ଟଇଣ୍ଡିଜ ଟେଷ୍ଟ ସିରିଜ**

# ବାଦ୍ ପଡ଼ିଲେ ଶାମାର ଯୋଶେଫ୍

**ନୂଆଦିଲ୍ଲୀ, ୨୬।୯ (ପି.ଟି.):** ଆସନ୍ତା ଭାରତ ବିପକ୍ଷ କ୍ରିକେଟ ଟେଷ୍ଟ ସିରିଜରୁ ବାଦ୍ ପଡ଼ିଛନ୍ତି ୱେଷ୍ଟଇଣ୍ଡିଜର ଆଘାତପ୍ରାପ୍ତ ଷ୍ଟାର ପେସ୍ ବୋଲର ଶାମାର ଯୋଶେଫ୍। ତାଙ୍କ ସ୍ଥାନରେ ନୂଆ ଖେଳାଳି ଜୋହାନ ଲେନିଙ୍କୁ ନିଆଯାଇଛି। ଦୁଇ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଅକ୍ଟୋବର ୨ରୁ ଅହମଦାବାଦରେ ଆରମ୍ଭ ହେବ। ୱେଷ୍ଟଇଣ୍ଡିଜ ତରଫରୁ ଇଞ୍ଜୁରୀର କାରଣ ସମ୍ପର୍କରେ ନିର୍ଦ୍ଦିଷ୍ଟ ଭାବେ କିଛି କୁହାଯାଇନାହିଁ। ତେବେ ଏହି ୨୬ ବର୍ଷୀୟ କ୍ରିକେଟର ଅକ୍ଟୋବର ୧୮ରୁ ଆରମ୍ଭ ହେବାକୁଥିବା ବାଂଲାଦେଶ ବିପକ୍ଷ ହ୍ୱାଇଟ୍‌ବଲ୍ ସିରିଜ ବେଳକୁ ଉପଲବ୍ଧ ହେବେ ବୋଲି ସୂଚନା ଦିଆଯାଇଛି। ଗୁୟାନାର ଏହି ଖେଳାଳି ଗତବର୍ଷ ତାଙ୍କର ଅନ୍ତର୍ଜାତୀୟ ପଦାର୍ପଣ କରିଥିଲେ। ସେ ଇତିମଧ୍ୟରେ ୧୧ଟି ଟେଷ୍ଟ ମ୍ୟାଚ ଖେଳି ୫୧ ଉଇକେଟ ନେଇସାରିଛନ୍ତି। ତାଙ୍କର ଆଭରେଜ ୨୧.୬୬ ରହିଥିବା ବେଳେ ଇକୋନୋମି ରେଟ୍ ୩ରୁ ସାମାନ୍ୟ ଅଧିକ ରହିଛି। ଅନ୍ୟପକ୍ଷରେ ୨୨ ବର୍ଷୀୟ ଲେନି ବାର୍ବାଡୋସରୁ ଆସିଛନ୍ତି। ସେ ଜଣେ ସିମ୍ ବୋଲିଂ ଅଲରାଉଣ୍ଡର। ସେ ୧୯ ପ୍ରଥମଶ୍ରେଣୀ ମ୍ୟାଚ ଖେଳିସାରିଛନ୍ତି ଏବଂ ୪୯୫ ରନ ସ୍କୋର କରିବା ସହ ୨୨.୨୮ ଆଭରେଜରେ ୪ଥର ୫ଉଇକେଟ ସଫଳତା ହାସଲ କରିପାରିଛନ୍ତି।

# ଓଡ଼ିଶା ବାଳକ ଦଳ କ୍ୱାର୍ଟରରେ

ଭୁବନେଶ୍ୱର, ୨୬।୯ (ବିଜୟ ରଣା)

ଓଡ଼ିଶା ବଳକ ଦଳ କର୍ନାଟକରେ ଅନୁଷ୍ଠିତ ଜାତୀୟ ଜୁନିୟର ଥ୍ରୋ ବଲ୍ ଚାମ୍ପିୟନଶିପ୍‌ର ବାଳକ ବିଭାଗ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛି। ଦଳ ଶନିବାର କ୍ୱାର୍ଟରଫାଇନାଲରେ କେରଳକୁ ଭେଟିବ। ଟୁର୍ନାମେଣ୍ଟର ଗ୍ରୁପ୍ 'ବି'ରେ ସ୍ଥାନ ପାଇଥିବା ଓଡ଼ିଶା ଯଥାକ୍ରମେ ତାମିଲନାଡୁ, ହରିୟାଣା ଓ ମହାରାଷ୍ଟ୍ରକୁ ସମାନ ୨-୦ ସେଟ୍ ବ୍ୟବଧାନରେ ପରାସ୍ତ ଗ୍ରୁପ୍ ଚାମ୍ପିୟନ ହିସାବରେ କ୍ୱାର୍ଟରଫାଇନାଲରେ ଏହାର ସ୍ଥାନ ପକ୍କା କରିଛି। ଅନ୍ୟପକ୍ଷରେ ବାଳିକା ବିଭାଗରେ ଓଡ଼ିଶା ଗ୍ରୁପ୍ 'ଡି'ରେ ସ୍ଥାନ ପାଇଛି। ଏହି ଦଳ କେରଳ ଓ ମହାରାଷ୍ଟ୍ର ବିପକ୍ଷ ପ୍ରଥମ ଦୁଇଟି ମ୍ୟାଚ ସମାନ ୧-୨ ସେଟରେ ପରାଜିତ ହୋଇଥିବା ବେଳେ ତୃତୀୟ ମ୍ୟାଚରେ ବେଙ୍ଗଲକୁ ୨-୦ରେ ପରାସ୍ତ କରିଥିଲା।

# ଭାରତର କ୍ଲିନ୍ ସୁଇପ୍

**ୟୁଥ୍ ଅନ୍ତର୍ଜାତୀୟ ଦିନିକିଆ**

ବ୍ରିସ୍‌ବେନ୍, ୨୬।୯ (ପି.ଟି.)

ମିଡଲ ଅର୍ଡର ବ୍ୟାଟର ବେଦାନ୍ତ ତ୍ରିବେଦୀ ଓ ରାହୁଲ କୁମାରଙ୍କ ଅର୍ଦ୍ଧଶତକ ଏବଂ ବାମହାତୀ ଯୁବ ସ୍ପିନର ଖିଲାନ ପଟେଲଙ୍କ ୪ ଉଇକେଟ ସଫଳତା ଯୋଗୁ ଏଠାରେ ଶୁକ୍ରବାର ଅନୁଷ୍ଠିତ ତୃତୀୟ ଅନ୍ତର୍ଜାତୀୟ ଦିନିକିଆ ମ୍ୟାଚରେ ଭାରତର ୧୯ବର୍ଷରୁ କମ୍ କ୍ରିକେଟ ଦଳର ପ୍ରତିପକ୍ଷ ଅଷ୍ଟ୍ରେଲିର ୧୯ ବର୍ଷରୁ କମ୍ ଦଳକୁ ୧୬୭ ରନରେ ହରାଇ ଦେଇଛି। ଏଥି ସହିତ ଭାରତୀୟ ଦଳ ୩ ମ୍ୟାଚ ବିଶିଷ୍ଟ ସିରିଜରେ କ୍ଲିନ୍‌ସୁଇପ୍ ବିଜୟ ହାସଲ କରିଛି। ବେଦାନ୍ତ (୯୨ ବଲ୍‌ରୁ ୮୬ ରନ) ଏବଂ ରାହୁଲ (୮୪ ବଲ୍‌ରୁ ୬୨) ଚତୁର୍ଥ ଉଇକେଟରେ ୯୯ରନ ଯୋଗ କରିବା ଦ୍ୱାରା ଭାରତୀୟ ଦଳ ନିର୍ଦ୍ଧାରିତ ଓଭରରେ ୯ଉଇକେଟ ବିନିମୟରେ ଚ୍ୟାଲେଞ୍ଜ ଦେବା ଭଳି ୨୮୦ରନ ସ୍କୋର କରିଥିଲା। ଜବାବରେ ଅଷ୍ଟ୍ରେଲିଆ ଦଳ ପ୍ରାରମ୍ଭିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ମାତ୍ର ୩୯ରନ ସ୍କୋରରେ ଏହାର ୩ ଉଇକେଟ ହରାଇଥିଲା। ବାମହାତୀ ପେସର ଉଦ୍ଧବ ମୋହନ (୩/୨୬) ଓ ସ୍ପିନର ଖିଲାନ ପଟେଲ (୪/୨୬)ଙ୍କ ପ୍ରଭାବୀ ବୋଲିଂର ଉଚିତ୍ ମୁକାବିଲା କରି ନ ପାରି ଘରୋଇ ଦଳ ୨୮.୩ ଓଭରରେ ମାତ୍ର ୧୧୩ ରନ ସ୍କୋରରେ ଅଲଆଉଟ ହୋଇଯାଇଥିଲା। ୩ ମ୍ୟାଚ ବିଶିଷ୍ଟ ସିରିଜରେ ଅଷ୍ଟ୍ରେଲିଆ ବିପକ୍ଷରେ ଭାରତର ଏହା ହେଉଛି ସର୍ବବୃହତ୍ ବିଜୟ। ଦଳ ପ୍ରଥମ ଦୁଇଟି ମ୍ୟାଚ ଯଥାକ୍ରମେ ୭ଉଇକେଟ ଓ ୫୧ରନରେ ବିଜୟୀ ହୋଇଥିଲା।

# ସୁଶ୍ରୀ ଦିବ୍ୟଦର୍ଶିନୀ ଅଧିନାୟିକା



ସସ୍ମିତା ପଟ୍ଟନାୟକ ଓ ସୁମନ ଶର୍ମା (ଫଟୋ: ରାଜକିଶୋର ମହାନ୍ତି)।



ସୁଶ୍ରୀ ଦିବ୍ୟଦର୍ଶିନୀ ପ୍ରଧାନ

**ବିସିସିଆଇ ସିନିୟର ମହିଳା ଟି୨୦ ପାଇଁ ଓଡ଼ିଶା ଦଳ ଘୋଷିତ**

ଭୁବନେଶ୍ୱର, ୨୬।୯ (ତପନ ସ୍ୱାଇଁ)

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଆନୁକୂଲ୍ୟରେ ୨୦୨୫-୨୬ ସିଜନ ପାଇଁ ହେବାକୁଥିବା ସିନିୟର ମହିଳା ଟି୨୦ ଟ୍ରଫି ପାଇଁ ଶୁକ୍ରବାର ୧୬ ଜଣିଆ ଓଡ଼ିଶା ଦଳ ଘୋଷଣା କରାଯାଇଛି। ଚୟନ କମିଟି ବୈଠକ ପରେ ଓଡ଼ିଶା ମହିଳା ଚୟନ କମିଟି ଅଧ୍ୟକ୍ଷା ସସ୍ମିତା ପଟ୍ଟନାୟକ ଓ ଓଡ଼ିଶା ଦଳର ମୁଖ୍ୟ କୋଚ୍ ସୁମନ ଶର୍ମା ଆନୁଷ୍ଠାନିକ ଭାବେ ଘୋଷଣା କରିଥିବା ଦଳରେ ସୁଶ୍ରୀ ଦିବ୍ୟଦର୍ଶିନୀ ପ୍ରଧାନଙ୍କୁ ଅଧିନାୟିକା ମନୋନୀତ କରାଯାଇଛି। ସୁଶ୍ରୀ ନୟାପଲ୍ଲୀସ୍ଥିତ ଇନ୍ଦିରା ମଇଦାନରେ ରାଜ୍ୟର ପ୍ରତିଷ୍ଠିତ କୋଚ୍ କ୍ଷୀରୋଦ ବେହେରାଙ୍କଠାରୁ ପ୍ରଶିକ୍ଷଣପ୍ରାପ୍ତ। ଗ୍ୱାଲିୟରଠାରେ ହେବାକୁଥିବା ଟୁର୍ନାମେଣ୍ଟରେ ଓଡ଼ିଶା ଏହାର ପ୍ରଥମ ମ୍ୟାଚ ଅକ୍ଟୋବର ୮ରେ ହାଇଦ୍ରାବାଦ ବିପକ୍ଷରେ ଖେଳିବ। ଏହାପରେ ୯ରେ ହିମାଚଳ ପ୍ରଦେଶ, ୧୧ରେ ଛତିଶଗଡ଼, ୧୩ରେ ଆନ୍ଧ୍ର, ୧୫ରେ କର୍ନାଟକ, ୧୭ରେ ଓଡ଼ିଶା ଓ ୧୯ରେ ହରିୟାଣା ବିପକ୍ଷରେ ଖେଳିବ। ଓଡ଼ିଶା ଦଳ: ସୁଶ୍ରୀ ଦିବ୍ୟଦର୍ଶିନୀ (ଅଧିନାୟିକା), ବିଜୟଲକ୍ଷ୍ମୀ ବେହେରା, ଡି. ଜାନକୀ ରେଡ୍ଡୀ, ଜ୍ୟୋତି କୁମାରୀ ପ୍ରସାଦ, ଲକ୍ଷ୍ମୀପ୍ରିୟା ନାୟକ, ମାଧୁରୀ ମେହେଟା, ମୋନାଲିସା ରାଉତ, ନିବେଦିତା ଜନ୍ ନାଏକ, ପ୍ରଜ୍ଞା ପାରମିତା ମହାନ୍ତି, ରାମେଶ୍ୱରୀ ନାୟକ, ରାଣି ଟୁଡୁ, ରୀମାଲକ୍ଷ୍ମୀ ଏକ୍କା, ସଙ୍ଗୀତା ଖାଡିଆ, ସରିତା ମେହେର, ଶୁଭ୍ରା ନିର୍ଝରିଣୀ ସ୍ୱାଇଁ, ତନ୍ମୟୀ ବେହେରା।

# ପର୍ବତାରୋହଣରେ ତାରାକାନ୍ତଙ୍କ ଭିନ୍ନ ଅଭିଜ୍ଞତା

ଭୁବନେଶ୍ୱର, ୨୬।୯ (ତପନ ସ୍ୱାଇଁ)

ପର୍ବତାରୋହଣରେ ଓଡ଼ିଶାର ତାରାକାନ୍ତ ପରିଡ଼ା ଏକ ଭିନ୍ନ ଅଭିଜ୍ଞତା ହାସଲ କରିଛନ୍ତି। ଭାରତୀୟ ପର୍ବତାରୋହଣ ସଂସ୍ଥାନ (ଆଇଏମ୍‌ଏଫ୍)ର ଲିଆଜନ ଅଫିସରଭାବେ କାର୍ଯ୍ୟ କରୁଥିବା ତାରାକାନ୍ତ ନେଦରଲାଣ୍ଡ୍‌ର ପର୍ବତାରୋହଣ ସଙ୍ଗଠନ ଏନ୍‌କେବିଭି ଦ୍ୱାରା ଆୟୋଜିତ କାର୍ଗିଲର ଦୁର୍ଗମ ଝନସ୍କାର ଉପତ୍ୟକା (ସ୍ଥାନୀୟ ଲଦାଖୀ ଭାଷାରେ ଡେନ୍ୟା ଟୋପକା ଉପତ୍ୟକା) ଆରୋହଣ କରିଛନ୍ତି। ''ଏହା ସମୁଦ୍ର ପତନଠାରୁ ୫,୬୦୦ ମିଟର ଉଚ୍ଚତାରେ ଥିବା ଏନ ଅନ୍‌କ୍ଲାଇମ୍ବ ପର୍ବତ ଶିଖରର ପ୍ରଥମ ଆରୋହଣ। ଏହି ପର୍ବତ ଉପରେ ପୂର୍ବରୁ କେହି ପଦାର୍ପଣ କରି ନ ଥିବାରୁ ହିମାଳୟର ଏହି ଉପତ୍ୟକା ମୋ ପାଇଁ ସ୍ମରଣୀୟ ହୋଇ ରହିଗଲା। ୫,୬୦୦ ମିଟର ଶିଖର ସହିତ ମୁଁ ଅନ୍ୟ ଗୋଟିଏ ୫,୨୦୦ ମିଟର ଉଚ୍ଚତାର ପର୍ବତ ଶିଖରକୁ ମଧ୍ୟ ଆରୋହଣ କରିଥିଲି ଏବଂ ୫,୩୮୦ ମିଟର ଉଚ୍ଚ ପର୍ବତ ଗଳି (ପାସ୍) ଅତିକ୍ରମ କରିଥିଲି। ଏ ସବୁ ସହିତ ସେଠାରେ ଥିବା କିଛି ଗ୍ଲାସିଅର ୱାଲ୍, ନଦୀ ଉତ୍ସ, ନୂତନ ପର୍ବତ ଗଳି, ଛୋଟ ଶିଖର ଏବଂ ଅନ୍ୱେଷଣ ହୋଇ ନ ଥିବା ଅନ୍ୟାନ୍ୟ ସ୍ଥାନଗୁଡ଼ିକର ଅନୁସନ୍ଧାନ କରିଥିଲି, ଯାହା ଆମକୁ ଏକ ସ୍ୱଚ୍ଛ ହିମାଳୟ ଅଞ୍ଚଳ ସମ୍ପର୍କରେ ଜ୍ଞାନ ଦେଇଥିଲା। ଦୁଇବର୍ଷ ଧରି ୬,୧୩୫ ମିଟର ଉଚ୍ଚତାର ଏକ ଅନାମିତ ଶିଖର ଅଭିଯାନ ପାଇଁ ପ୍ରସ୍ତୁତି କରୁଥିବା ଏକ ଅନୁଭବୀ ଦଳକୁ ନେତୃତ୍ୱ ଦେବା ମୋ ପାଇଁ ଏବଂ ଦେଶଲାଗି ଗର୍ବର ମୁହୂର୍ତ୍ତ ଥିଲା'' ବୋଲି ଶୁକ୍ରବାର ଆସୋସିଏଶନ ଫର ଆଡଭେଞ୍ଚର ଆଣ୍ଡ ସୋସିଆଲ ଆକ୍ଟିଭିଟିଜ୍ (ଆସା) ପକ୍ଷରୁ ସମ୍ବର୍ଦ୍ଧିତ ହେବା ଅବସରରେ ତାରାକାନ୍ତ ପ୍ରକାଶ କରିଛନ୍ତି। ପ୍ରକାଶ ଯୋଗ୍ୟ ଯେ, ପ୍ରଥମ ଓଡ଼ିଆ ଭାବେ ତାରାକାନ୍ତ ୨୦୨୧ରୁ ଲିଆଜନ ଅଫିସରଭାବେ ନିଯୁକ୍ତ ହୋଇ ଗତ ୪ ବର୍ଷ ମଧ୍ୟରେ ଅଷ୍ଟ୍ରେଲିଆ, କାନାଡ଼ା, ଆୟର୍ଲାଣ୍ଡ, ଆମେରିକା, ବ୍ରିଟେନ, ଶ୍ରୀଲଙ୍କା, ଜାପାନ ଓ ନେଦରଲାଣ୍ଡ୍ସ ଦଳସହ କାର୍ଯ୍ୟ କରିଛନ୍ତି। ଲିଆଜନ ଅଫିସରଭାବେ ବିଭିନ୍ନ ଦଳସହ ପର୍ବତାରୋହଣ କରିବା ସହ ନିୟମ ଠିକ୍‌ଭାବେ ପାଳନ ହେଉଛି କି ନାହିଁ ତାକୁ ତଦାରଖ କରିବା, ସ୍ଥାନୀୟ ପ୍ରଶାସନ ସହ ସମନ୍ୱୟ ରକ୍ଷା କରିବା, ଦଳକୁ ସମସ୍ତ ପ୍ରକାର ସୁବିଧା ସୁଯୋଗ ପ୍ରଦାନ କରିବା, ସର୍ବୋପରି ସମସ୍ତଙ୍କ ଧ୍ୟାନ ଯେପରି ପର୍ବତାରୋହଣ ଉପରେ କେନ୍ଦ୍ରିତ ହୋଇପାରିବ ତାକୁ ଗୁରୁତ୍ୱ ଦେବା ଆଦି ତାରାକାନ୍ତଙ୍କୁ ଦେଖିବାକୁ ପଡ଼ିଥାଏ। ଉକ୍ତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଆସାର ସମ୍ପାଦକ ଏଭରେଷ୍ଟ ଆରୋହୀ ଗଣେଶ ଜେନା, ପରାମର୍ଶଦାତା ଅଶୋକ ମହାନ୍ତି, ହରେଶ ମିଶ୍ର, ଶକ୍ତି ରଞ୍ଜନ ମହାନ୍ତି, କ୍ରୀଡ଼ା ବିଜ୍ଞାନ ବିଶେଷଜ୍ଞ ମୁକ୍ତି ପ୍ରସାଦ ଦାଶ, ଶିବ ଶଙ୍କର ପଣ୍ଡା, ବିଜୟ କୁମାର ସାସମଲ, ଭାର୍ଗବ ବିହାରୀ, ଚିନ୍ମୟ ମହାରଣା, ଦେବଦତ୍ତ ସାମନ୍ତରାୟ, ସୁରଞ୍ଜିତା ଦେବୀ, ଅନୀତା ସ୍ୱାଇଁ, ରୋଜାଲିନ ସାସମଲ, ରୋଜାଲିନ ପଟ୍ଟନାୟକ, ସଙ୍ଗୀତା ସାସମଲ ପ୍ରମୁଖ ଉପସ୍ଥିତ ଥିଲେ।




ତାରାକାନ୍ତ ପରିଡ଼ାଙ୍କୁ ଲାଗି ଉଦ୍ଦିଷ୍ଟ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଉପସ୍ଥିତ 'ଆସା'ର କର୍ମକର୍ତ୍ତା।

DSPL-288



**Shri Narendra Modi**
Hon'ble Prime Minister of India

# 2ND NATIONAL MEDIATION CONFERENCE 2025

27 - 28 September
**Bhubaneswar, Odisha**



**Smt. Droupadi Murmu**
Hon'ble President of India

## Inauguration by



**Shri Mohan Charan Majhi**
Hon'ble Chief Minister, Odisha



**Hon'ble Shri Justice B.R Gavai**
Chief Justice of India



**Dr. Hari Babu Kambhampati**
Hon'ble Governor, Odisha

**Shri. Dharmendra Pradhan**
Hon'ble Minister of State, Ministry of Education, Government of India

**Shri. Arjun Ram Meghwal**
Hon'ble Minister of Law & Justice, Government of India

## In The August Presence of

### Judges of Supreme Court of India

Hon'ble Shri. Justice Surya Kant
Hon'ble Shri. Justice J.K. Maheshwari
Hon'ble Mrs. Justice B. V. Nagarathna
Hon'ble Shri. Justice M. M. Sundresh
Hon'ble Shri. Justice Sanjay Karol
Hon'ble Shri. Ahsanuddin Amanullah
Hon'ble Shri. Justice Aravind Kumar
Hon'ble Shri. Justice Prashant Kumar Mishra
Hon'ble Shri. Justice N. Kotiswar Singh
Hon'ble Shri. Justice Vipul M Pancholi

**Shri. R Venkataramani**
Attorney General for India

**Shri. Tushar Mehta**
Solicitor General of India

### Chief Justices of High Courts

Hon'ble Shri. Justice Harish Tandon
Chief Justice, High Court of Orissa

Hon'ble Mrs. Justice Sunita Agarwal,
High Court of Gujarat

Hon'ble Shri. Justice Dhiraj Singh Thakur,
High Court of Andhra Pradesh

Hon'ble Shri. Justice Devendra Kumar Upadhyaya,
High Court of Delhi

Hon'ble Shri. Justice Arun Bhansali,
High Court of Judicature at Allahabad

Hon'ble Shri. Justice Maninder Mohan Shrivastava,
Madras High Court

Hon'ble Shri. Justice Nitin Jamdar,
High Court of Kerala

Hon'ble Shri. Justice Guhanathan Narendar,
High Court of Uttarakhand

Hon'ble Shri. Justice Gurmeet Singh Sandhawalia,
High Court of Himachal Pradesh

Hon'ble Shri. Justice Arun Palli,
High Court of Jammu & Kashmir and Ladakh

Hon'ble Shri. Justice Sanjeev Sachdeva,
High Court of Madhya Pradesh

Hon'ble Shri. Justice Ashutosh Kumar,
Gauhati High Court

Hon'ble Shri. Justice Tarlok Singh Chauhan,
High Court of Jharkhand

Hon'ble Shri. Justice P. B. Bajanthri,
Patna High Court

Hon'ble Shri. Justice M. Sundar,
High Court of Manipur

Hon'ble Shri. Justice Soumen Sen,
High Court of Calcutta

**Shri. Prithiviraj Harichandan**
Hon'ble Minister of Law, Works, Excise, Government of Odisha

**Shri. Pitambar Acharya**
Advocate General, Odisha

OIPR-18001/13/0030/2526

# ଭାରତର ସମ୍ମାନଜନକ ସ୍କୋର

**ଦୁବାଇ, ୨୬।୯**

ଏସିଆ କପ୍ କ୍ରିକେଟ ଟୁର୍ନାମେଣ୍ଟର ଶେଷ ଲିଗ୍ ଶୁକ୍ରବାର ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ଅନୁଷ୍ଠିତ ହୋଇଛି। ଚମତ୍କାର ଫର୍ମ ବଜାୟ ରଖି କ୍ରମାଗତ ଅର୍ଦ୍ଧଶତକ ହାସଲ କରିଛନ୍ତି ଭାରତର ଯୁବ ଓପନର ଅଭିଷେକ ଶର୍ମା। ମିଡିଲ ଅର୍ଡରରେ ସଞ୍ଜୁ ସାମସନ ଓ ତିଲକ ବର୍ମାଙ୍କ ଦୃଢ଼ ବ୍ୟାଟିଂ ବଳରେ ଭାରତ ୨୦ ଓଭରରେ ୫ ଉଇକେଟ ହରାଇ ୨୦୨ ରନ ସଂଗ୍ରହ କରିଛି। ପୂର୍ବରୁ ଭାରତ ଓ ପାକିସ୍ତାନ ଫାଇନାଲରେ ପ୍ରବେଶ କରି ସାରିଛନ୍ତି। ତେଣୁ ଏହି ଲିଗ୍ ମ୍ୟାଚ କେବଳ ଔପଚାରିକତା ଦୃଷ୍ଟିରୁ ଅନୁଷ୍ଠିତ ହେଉଛି। ତେବେ ଭାରତ ଅପରାଜେୟ ଭାବେ ଫାଇନାଲରେ ପ୍ରବେଶ କରିବାକୁ ଲକ୍ଷ୍ୟ ରଖିଛି। ସୁପର-୪ରେ ଭାରତ ଯଥାକ୍ରମେ ପାକିସ୍ତାନ ଓ ବାଂଲାଦେଶକୁ ହରାଇ ସାରିଛି। ଫାଇନାଲ ଆସନ୍ତା ରବିବାର ଦୁବାଇରେ ଅନୁଷ୍ଠିତ ହେବ।

ଟସ୍ ଜିତି ଶ୍ରୀଲଙ୍କା ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ଶୁବମନ ଗିଲ୍ ମାତ୍ର ୪ ରନ କରି ଆଉଟ ହେବାରୁ ଭାରତ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ୩ ନମ୍ବର ସ୍ଥାନରେ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଆସିଥିଲେ ହେଁ ସଫଳତା ପାଇ ନ ଥିଲେ। ସେ ୧୩ ବଲ୍‌ରୁ ୧୨ ରନ କରି ୱାନିନ୍ଦୁ ହସରଙ୍ଗାଙ୍କ ବଲ୍‌ରେ ଏଲବିଡବ୍ଲ୍ୟୁ ହୋଇ ଯାଇଥିଲେ। ଓପନର ଅଭିଷେକ ଶର୍ମା ଖେଳିଥିଲେ ଆଉ ଏକ ବିସ୍ଫୋରକ ଇନିଂସ। ୨୨ ବଲ୍‌ରୁ ୭ ଚୌକା ଓ ୨ ଛକା ସହାୟତାରେ ଅର୍ଦ୍ଧଶତକ ପୂରଣ କରିଥିଲେ ଏହି ଯୁବ ବ୍ୟାଟର। ତେବେ ସେ ୩୧ ବଲ୍‌ରୁ ୬୧ ରନ କରିଥିବାବେଳେ ଚରିଥ ଆଶାଲଙ୍କାଙ୍କ ବଲ୍‌ରେ କାମିନ୍ଦୁ ମେଣ୍ଡିସଙ୍କୁ ଡିପ୍ ମିଡ୍ ଉଇକେଟରେ କ୍ୟାଚ ଦେଇ ପ୍ୟାଭିଲିୟନ ଫେରିଥିଲେ। ଦ୍ୱିତୀୟ ଉଇକେଟରେ ସେ ସୂର୍ଯ୍ୟକୁମାରଙ୍କ ସହ ୫୯ ରନର ମୂଲ୍ୟବାନ ଭାଗୀଦାରି ଗଢ଼ିଥିଲେ। ଅଭିଷେକଙ୍କ ବିଦାୟ ପରେ କିଛି ସମୟ ରନହାରରେ ଅଙ୍କୁଶ ଲାଗିଥିଲେ ହେଁ ସଞ୍ଜୁ ସାମସନ ଓ ତିଲକ ବର୍ମା ୪ର୍ଥ ଉଇକେଟରେ ୬୬ ରନ ଯୋଗକରି ଇନିଂସକୁ ଆଗେଇ ନେଇଥିଲେ। ସାମସନ ୨୩ ବଲ୍‌ରୁ ୩୯ (୧ ଚୌକା, ୩ ଛକା) ରନ କରି ଆଉଟ ହୋଇଥିବାବେଳେ ତିଲକ ୩୪ ବଲ୍‌ରୁ ୪୯ (୪ ଚୌକା, ୧ ଛକା) ଓ ଅକ୍ଷର ପଟେଲ ୧୫ ବଲ୍‌ରୁ ୨୧ (୧ ଚୌକା, ୧ ଛକା) ରନ କରି ଅପରାଜିତ ରହିଥିଲେ। ଅସମାପ୍ତ ୬ଷ୍ଠ ଉଇକେଟରେ ଏ ଦୁହେଁ ୨୩ ବଲ୍‌ରୁ ୪୦ ରନର ଭାଗୀଦାରି ଗଢ଼ିବାରୁ ଚଳିତ ଟୁର୍ନାମେଣ୍ଟରେ ପ୍ରଥମଥର ଭାରତ ସ୍କୋର ୨୦୦ ଅତିକ୍ରମ କରିଥିଲା। ଶ୍ରୀଲଙ୍କା ପକ୍ଷରୁ ମହେଶ ଥିକସାନା, ୱାନିନ୍ଦୁ ହସରଙ୍ଗା, ଦୁଷ୍ମନ୍ତ ଚାମିରା, ଦସୁନ ସନକା ଓ ଚରିଥ ଆସାଲଙ୍କା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତ ୨୦ ଓଭରରେ ୨୦୨/୫ (ଅଭିଷେକ ଶର୍ମା-୬୧, ତିଲକ ବର୍ମା-୪୯, ସଞ୍ଜୁ ସାମସନ-୩୯, ଅକ୍ଷର ପଟେଲ-୨୧, ମହେଶ ଥିକସାନା-୧/୩୬, ଦୁଷ୍ମନ୍ତ ଚାମିରା-୧/୪୦, ୱାନିନ୍ଦୁ ହସରଙ୍ଗା-୧/୩୭, ଦସୁନ ସନକା-୧/୨୩, ଚରିଥ ଆସାଲଙ୍କା-୧/୧୮)।



ଛକା ମାରିବା ଅବସରରେ ଅଭିଷେକ ଶର୍ମା।

# ଜୋନାଥନ ସ୍ୱର୍ଣ୍ଣ, ରଶ୍ମିକାଙ୍କୁ ରୌପ୍ୟ

**ନୂଆଦିଲ୍ଲୀ, ୨୬।୯ (ପି.ଟି.)**

ଭାରତର ୧୬ବର୍ଷୀୟ ଜୋନାଥନ ଗାଭିନ ଆଣ୍ଟୋନୀ ଏଠାରେ ଚାଲିଥିବା ଆଇଏସ୍ଏସ୍ଏଫ୍ ଜୁନିୟର ବିଶ୍ୱକପ୍‌ର ଦ୍ୱିତୀୟ ଦିବସରେ ପୁରୁଷ ୧୦ମିଟର ଏୟାର ପିସ୍ତଲ ଟାଇଟଲ ହାସଲ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଯୁବ ଭାରତୀୟ ଶୁଟର କ୍ୱାଲିଫିକେଶନରେ ୫୮୬-୧୯ଏକ୍ସ ସହ ପ୍ରଥମ ସ୍ଥାନରେ ରହିଥିଲେ। ଫାଇନାଲରେ ସେ ୮.୫ ପଏଣ୍ଟ ବ୍ୟବଧାନରେ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ଇଟାଲୀର ଲୁକା ଆରିଘି ୨୩୬.୩ (୫୭୨-୨୧ଏକ୍ସ) ସହ ରୌପ୍ୟ ଜିତିଥିବା ବେଳେ ସ୍ପେନରଲୁକାସ ସାଞ୍ଚେଜ ଟୋମ୍ ୨୧୫.୧ (୫୭୩-୧୧ଏକ୍ସ) ସହ ବ୍ରୋଞ୍ଜ ପଦକ ପାଇଥିଲେ। ଅନ୍ୟପକ୍ଷରେ ଜୁନିୟର ମହିଳା ୧୦ମିଟର ଏୟାର ପିସ୍ତଲ ଫାଇନାଲରେ ବ୍ୟକ୍ତିଗତ ନ୍ୟୁଟ୍ରାଲ ଆଥ୍‌ଲେଟ ଇଭେଲିନା ଶିଏନା ଆରମ୍ଭରୁ ଅଗ୍ରଣୀ ରହି ୨୪୦.୯ ସହ ସ୍ୱର୍ଣ୍ଣପଦକ ହାସଲ କରିଥିବା ବେଳେ ୫ମ ସ୍ଥାନ ସହ ଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିଥିବା ଭାରତର ରଶ୍ମିତା ସହଗଲ ଇଭେଲିନାଙ୍କଠାରୁ ୪.୮ ପଏଣ୍ଟ ପଛରେ ୨୩୬.୧ ସହ ରୌପ୍ୟ ପାଇଥିଲେ। ଇରାନୀ ଫାତେମା ଶିକାରୀ ୨୧୩.୮ ସହ ବ୍ରୋଞ୍ଜ ଲାଭ କରିଥିଲେ।







4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ 51 Years
ପୃଷ୍ଠା–୧୨+୮
# ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ସେପ୍ଟେମ୍ବର ୨୭/୨୦୨୫ (୧୨+୮=୨୦ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, September 27/2025 Page 20 ₹ 7.00
୫୧ଶ ଭାଗ ୩୦୩ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 303 ମୂଲ୍ୟ ₹୭/-

GST ବଚତ ଉତ୍ସବ
CBC 15502/13/0023/2526
ଆମ ନିଜ କାର ସ୍ୱପ୍ନ ହେଲା ପୂରଣ

ସଞ୍ଚୟର ପାର୍ବଣ, ଖୁସିର ଉତ୍ସବ
1500cc ପର୍ଯ୍ୟନ୍ତ କାର ହେଲା ₹70,000 ପର୍ଯ୍ୟନ୍ତ ଶସ୍ତା
भारत सरकार GOVERNMENT OF BHARAT


# ଔଷଧ ଉପରେ ଟ୍ରମ୍ପଙ୍କ ୧୦୦% ଟାରିଫ୍

## ଭାରତୀୟ ଫାର୍ମା ରପ୍ତାନି ପ୍ରଭାବିତ ହେବ

**ୱାଶିଂଟନ,୨୬।୯**

ଆମେରିକାକୁ ଆମଦାନୀ ହେଉଥିବା ବ୍ରାଣ୍ଡେଡ୍ ଏବଂ ପ୍ୟାଟେଣ୍ଟ ଔଷଧ ଉପରେ ୧୦୦% ପର୍ଯ୍ୟନ୍ତ ଟାରିଫ୍ ଲଗାଇବାକୁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଗୁରୁବାର ଘୋଷଣା କରିଛନ୍ତି। ଅକ୍ଟୋବର ୧ରୁ ଏହି ନୂଆ ଟାରିଫ୍ ଲାଗୁ ହେବ। ଫଳରେ ଆମେରିକା ସହ ବାଣିଜ୍ୟରେ ଅନ୍ୟତମ ସବୁଠୁ ସ୍ୱାଧୀନ ଘରୋଇ ଶିଳ୍ପ ଭାବେ ପରିଚିତ ଭାରତର ଫାର୍ମାସ୍ୟୁଟିକାଲ ସେକ୍ଟର ଗୁରୁତର ପ୍ରଭାବିତ ହେବା ଆଶଙ୍କା କରାଯାଉଛି।

ବ୍ରାଣ୍ଡେଡ୍ କିମ୍ବା ପ୍ୟାଟେଣ୍ଟ ଔଷଧ ଉତ୍ପାଦନକାରୀ କମ୍ପାନୀ ଯଦି ଆମେରିକାରେ ପ୍ଲାଣ୍ଟ ପ୍ରତିଷ୍ଠା ନ କରନ୍ତି, ତେବେ ସେମାନଙ୍କ ଉପରେ ଅକ୍ଟୋବର ୧ରୁ ୧୦୦ ପ୍ରତିଶତ ଟାରିଫ୍ ଲାଗୁ ହେବ ବୋଲି ଟ୍ରମ୍ପ ଟ୍ରୁଥ୍ ସୋସିଆଲରେ ଲେଖିଛନ୍ତି। କେବଳ ଔଷଧ ନୁହେଁ, କିଚେନ୍ କ୍ୟାବିନେଟ୍ ଏବଂ ବାଥ୍‌ରୁମ୍ ଭାନିଟିଜ୍ ଉପରେ ଟ୍ରମ୍ପ ୫୦ ପ୍ରତିଶତ ଟାରିଫ୍ ଲଗାଇଥିବାବେଳେ ଆସବାବପତ୍ର ଉପରେ ୩୦% ଏବଂ ଓଜନଦାର ଟ୍ରକ୍ ଉପରେ ୨୫% ଶୁଳ୍କ ଲଗାଇବାକୁ ଟ୍ରମ୍ପ ଘୋଷଣା କରିଛନ୍ତି। ସେ ସୋସିଆଲ ମିଡିଆ ପୋଷ୍ଟରେ ଆହୁରି ଲେଖିଛନ୍ତି, ଅଗଷ୍ଟରୁ ଆରମ୍ଭ ହୋଇଥିବା ବାଣିଜ୍ୟ ଚୁକ୍ତିନାମା ଏବଂ ଆମଦାନି ଟିକସ ସହ ତାଙ୍କ ଟାରିଫ୍ ଆଗ୍ରହ ଶେଷ ହୋଇନାହିଁ। ଟିକସ ସରକାରଙ୍କ ବଜେଟ ନିଅଣ୍ଟ ହ୍ରାସ କରାଇବା ସହ ଘରୋଇ ଉତ୍ପାଦନ ବୃଦ୍ଧିରେ ସହାୟକ ହେବ ବୋଲି ଏଥିରେ କୁହାଯାଇଛି। ଟ୍ରମ୍ପ ତାଙ୍କ ଟାରିଫ୍‌ର ଆଇନଗତ ଯଥାର୍ଥତା ପ୍ରତିପାଦନ କରି ନ ଥିବାବେଳେ ଜାତୀୟ ସୁରକ୍ଷା ଏବଂ ଅନ୍ୟାନ୍ୟ କାରଣ ପାଇଁ ଆମଦାନୀ ହେଉଥିବା କିଚେନ୍ କ୍ୟାବିନେଟ ଏବଂ ସୋଫା ଉପରେ ଟିକସ ଲଗାଇବା ଆବଶ୍ୟକ ହୋଇପଡ଼ିଥିବା ସୂଚନା ଦେଇଛନ୍ତି।

ଆମେରିକା ଭାରତରୁ ବହୁ ପରିମାଣରେ ଫାର୍ମାସ୍ୟୁଟିକାଲ ସାମଗ୍ରୀ ଆମଦାନୀ କରିଥାଏ। ଟ୍ରମ୍ପଙ୍କ ଟାରିଫ୍ ନିଷ୍ପତ୍ତି ସିଧାସଳଖ ଭାରତୀୟ ଫାର୍ମାସ୍ୟୁଟିକାଲ ସେକ୍ଟର ☞ପୃଷ୍ଠା–୨

# ସୋନମ୍ ୱାଙ୍ଗଚୁକଙ୍କୁ ଉଠାଇନେଲା ପୋଲିସ

## ସ୍ୱାମୀଙ୍କୁ ଅପରାଧୀ ଭଳି ବ୍ୟବହାର କରାଯାଉଛି: ଗୀତାଞ୍ଜଳି


ସୋନମ୍ ୱାଙ୍ଗଚୁକ

**ଲେହ୍,୨୬।୯**

କେନ୍ଦ୍ରଶାସିତ ଅଞ୍ଚଳ ଲଦାଖର କ୍ଲାଇମେଟ୍ ଆକ୍ଟିଭିଷ୍ଟ ସୋନମ୍ ୱାଙ୍ଗଚୁକଙ୍କୁ ଶୁକ୍ରବାର ପୋଲିସ ତାଙ୍କ ଘରୁ ଉଠାଇନେଇଛି। ସୋନମ୍‌ଙ୍କ ଦ୍ୱାରା ପ୍ରତିଷ୍ଠିତ ଏନ୍‌ଜିଓ ଏଜୁକେଶନାଲ ଆଣ୍ଡ କଲଚରାଲ ମୁଭ୍‌ମେଣ୍ଟ ଅଫ୍ ଲଦାଖ୍ (ଏସ୍‌ଇସିଏମ୍‌ଓଏଲ୍)ର ଏଫ୍‌ସିଆର୍‌ଏ ଲାଇସେନ୍ସକୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ରଦ୍ଦ କରାଯିବାର ଦିନକ ପରେ ସ୍ଥାନୀୟ ପୋଲିସ ଏହି କାର୍ଯ୍ୟାନୁଷ୍ଠାନ ନେଇଛି। ସୋନମ୍‌ଙ୍କ ଗିରଫଦାରିକୁ କଂଗ୍ରେସ ସମେତ ବିଭିନ୍ନ ରାଜନୈତିକ ଦଳ ଓ ସାମାଜିକ ସଙ୍ଗଠନ ଦୃଢ଼ ନିନ୍ଦା କରିବା ସହ ତାଙ୍କ ମୁକ୍ତି ଦାବି କରିଛନ୍ତି। ସୋନମ୍‌ଙ୍କୁ ଜଣେ ଅପରାଧୀ ଭଳି ବ୍ୟବହାର କରାଯାଉଛି। ଏପରି କି ଗିରଫ ବେଳେ ତାଙ୍କ ଘରେ ପୋଲିସ ଭଙ୍ଗାରୁଜା କରିଛି ବୋଲି ତାଙ୍କ ସ୍ତ୍ରୀ ଗୀତାଞ୍ଜଳି ଅଭିଯୋଗ ଆଣିଛନ୍ତି। ୨୦୧୯ ଅଗଷ୍ଟରେ କେନ୍ଦ୍ର ସରକାର ଜମ୍ମୁ-କଶ୍ମୀରର ରାଜ୍ୟ ମାନ୍ୟତା ପ୍ରତ୍ୟାହାର କରି ☞ପୃଷ୍ଠା–୨

# ଅନୁଗୋଳର ପ୍ରିୟାଂଶୁ ଓଏଏସ୍ ଟପ୍ପର

## ଓସିଏସ୍ ଚୂଡ଼ାନ୍ତ ଫଳ ପ୍ରକାଶ

**କଟକ/ଅନୁଗୋଳ, ୨୬।୯**
**(କାର୍ତ୍ତିକ ସାହୁ/ଦିବ୍ୟଶାନ୍ତନୁ ନାଥ)**

ଓଡ଼ିଶା ପବ୍ଲିକ ସର୍ଭିସ କମିଶନ(ଓପିଏସ୍‌ସି) ପକ୍ଷରୁ ଓଡ଼ିଶା ସିଭିଲ ସର୍ଭିସ (ଓସିଏସ୍) ୨୦୨୩ର ଚୂଡ଼ାନ୍ତ ଫଳ ଶୁକ୍ରବାର ପ୍ରକାଶ ପାଇଛି। ଅନୁଗୋଳ ତୁରଙ୍ଗର ପ୍ରିୟାଂଶୁ ପାଳ ଏଥିରେ ଟପ୍ପର ହୋଇଛନ୍ତି। ମୋଟ ୩୯୮ଜଣ ପ୍ରାର୍ଥୀ ମେଧା ତାଲିକାରେ ରହିଥିବାବେଳେ ମହିଳା ପ୍ରାର୍ଥୀଙ୍କ ସଂଖ୍ୟା ୧୪୪ ରହିଛି। ସିଭିଲ ସର୍ଭିସ୍‌ର ଗ୍ରୁପ୍-ଏ' ଓ ଗ୍ରୁପ୍-ବି' ରେ ପ୍ରାର୍ଥୀମାନେ ନିଯୁକ୍ତ ହେବେ। ଓପିଏସ୍‌ସି ୱେବ୍‌ସାଇଟ୍ opsc.gov.inରେ ପରୀକ୍ଷାଫଳ ଉପଲବ୍ଧ ହୋଇଛି। ପ୍ରଥମ ୧୦ ଜଣଙ୍କ ମଧ୍ୟରେ ଅନନ୍ୟା ମିଶ୍ର, ସୋଭନ ପଟ୍ଟନାୟକ, ମିର୍ଜା ଫଏଜ ଅହମେଦ


ପ୍ରିୟାଂଶୁ ପାଳ


ଅନନ୍ୟା ମିଶ୍ର

କାଦିରି, ଚିନ୍ମୟ ସାହୁ, ଅନ୍ତିମ ସ୍ୱାଇଁ, ଶୈଳେଶ କୁମାର ଭୋଇ, ମହମ୍ମଦ ନଜିଫ ହାତିଫ୍, ଚିନ୍ମୟ କୁମାର ପାଢ଼ୀ, ମିଲନ ମହାପାତ୍ର ☞ପୃଷ୍ଠା–୨

# ବନ୍ୟା ଆଶଙ୍କା, ପ୍ରସ୍ତୁତ ରୁହ

## ୧୭ ଜିଲାପାଳଙ୍କୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

**ଭୁବନେଶ୍ୱର,୨୬।୯(ସୁନିତ୍ ମିଶ୍ର)**

ଭାରତୀୟ ପାଣିପାଗ ବିଭାଗର ତଥ୍ୟ ଅନୁଯାୟୀ ସୃଷ୍ଟି ହୋଇଥିବା ଲଘୁଚାପ ପ୍ରଭାବରେ ୩ ଜିଲା କୋରାପୁଟ, ମାଲକାନଗିରି ଏବଂ କଳାହାଣ୍ଡି ବିଶେଷ ପ୍ରଭାବିତ ହେବା ଆଶଙ୍କା ରହିଛି। ସେହିପରି ୧୪ ଜିଲା ଯଥା- ନବରଙ୍ଗପୁର, ନୂଆପଡ଼ା, ବଲାଙ୍ଗୀର, ରାୟଗଡ଼ା, ଗଜପତି, କନ୍ଧମାଳ, ଗଞ୍ଜାମ, ନୟାଗଡ଼, ପୁରୀ, ଖୋର୍ଦ୍ଧା, ଢେଙ୍କାନାଳ, କଟକ, ଜଗତ୍‌ସିଂହପୁର ଓ କେନ୍ଦ୍ରାପଡ଼ାକୁ ମଧ୍ୟ ସତର୍କ ସୂଚନା ଜାରି କରାଯାଇଛି। ଉତ୍ତର ଏବଂ କେନ୍ଦ୍ରୀୟ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପଜନିତ ବର୍ଷାର ମୁକାବିଲା ସମ୍ପର୍କରେ ପ୍ରଭାବିତ ହେବାକୁ ଥିବା ଏହି ୧୭ ଜିଲାର ଜିଲାପାଳଙ୍କ ସହ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଶୁକ୍ରବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏକ ସମୀକ୍ଷା ବୈଠକ କରିଛନ୍ତି। ବର୍ଷାକୁ ନଜରରେ ରଖି ଏହାର ପୂର୍ବ ପ୍ରସ୍ତୁତି ସମ୍ପର୍କରେ ପ୍ରଭାବିତ ହେବାକୁ ଥିବା ଜିଲାର ଜିଲାପାଳମାନଙ୍କ ସହ ମୁଖ୍ୟମନ୍ତ୍ରୀ ଆଲୋଚନା କରିଛନ୍ତି। ଜିଲା ଏବଂ ବ୍ଲକ୍ ସ୍ତରରେ ନିୟନ୍ତ୍ରଣ କକ୍ଷଗୁଡ଼ିକ ୨୪ ଘଣ୍ଟା କାର୍ଯ୍ୟ କରିବା ଏବଂ ଏହାର ତଥ୍ୟଗୁଡ଼ିକ ଯେପରି ନିୟମିତ ଭାବେ ପ୍ରଦାନ କରାଯିବ ସେଥିପାଇଁ ☞ପୃଷ୍ଠା–୨


Bollywood Actress MAHIMA CHAUDHRY INAUGURAL GUEST
GRAND INAUGURAL OFFER
Arundhati JEWELLERS
ଭରସା@25
ଓଡ଼ିଆ ମାଟିର ସ୍ୱର୍ଣ୍ଣ, ଭରସାର ୨୫ ବର୍ଷ
GRAND INAUGURATION AT ANGUL
28TH SEPTEMBER 2025 SUNDAY. 11:00 AM
୫୧ ଜଣ ଲକ୍ଷପତି
ଫ୍ଲାଟ୍ ୫୦% ଅଫ୍ ସୁନା ଅଳଙ୍କାର ଗଢା ମଜୁରୀ ଉପରେ
ଫ୍ଲାଟ୍ ୨୦% ଅଫ୍ ସମ୍ବଲପୁରୀ ହ୍ୟାଣ୍ଡଲୁମ ଉପରେ
ପେ ଜିରୋ ଭଳି ସହଜ ଅଳଙ୍କାର କ୍ରୟ ଯୋଜନା
ମାଗଣା ସ୍ୱର୍ଣ୍ଣ ମୁଦ୍ରା ହୀରା ଗହଣା କ୍ରୟ ଉପରେ
ଫ୍ଲେକ୍ସି ବୁକିଂ ସର୍ବନିମ୍ନ ସୁନାର ବଜାର ଦର ବୁକିଂ ଦର ବନାମ କ୍ରୟ ଦର
UP TO ₹5,000 EXTRA CASHBACK SBI card
*Min. Trxn.: ₹40,000; Max. Cashback: ₹5,000 per card account; Validity: 26 Sep - 02 Oct 2025. T&C Apply.
ନିଶ୍ଚିତ ଫେଷ୍ଟିଭ ଉପହାର ପ୍ରତ୍ୟେକ ସୁନା ଗହଣା କ୍ରୟ ଉପରେ
TOLL FREE:1800 345 0018 | www.arundhatijewellers.com | FOLLOW US ON:
BHUBANESWAR | CUTTACK | PURI | BERHAMPUR | ROURKELA | ANGUL | SAMBALPUR | BALANGIR | BARGARH | BHAWANIPATNA (BALASORE OPENING SOON)

KALINGA INSTITUTE OF INDUSTRIAL TECHNOLOGY (KIIT)
Deemed to be University
Organisation in Special Consultative Status with the United Nations Economic & Social Council (UN-ECOSOC)
(Established U/S 3 of UGC Act 1956), Bhubaneswar, Odisha, India
Curtain Raiser and Vision Launch of
KIIT CENTRE FOR INTERNATIONAL ARBITRATION AND MEDIATION (KCIAM)
27th September, 2025 | 4:00 p.m. | Hotel Swosti Premium
Distinguished Guests
Hon'ble Judges from International Court of Justice (ICJ)
• Hon'ble Dr. Justice Abdulqawi A. Yusuf — Judge, International Court of Justice (ICJ) & Former President, ICJ, The Hague Netherlands
• Hon'ble Dr. Justice Dalveer Bhandari — Judge, International Court of Justice (ICJ) The Hague, Netherlands
Hon'ble Judges from Supreme Court of India
• Hon'ble Mr. Justice Sandeep Mehta — Judge, Supreme Court of India, New Delhi
• Hon'ble Mr. Justice Ujjal Bhuyan — Judge, Supreme Court of India, New Delhi
Law Makers & Legal Luminaries
• Shri Prithiviraj Harichandan — Hon'ble Minister of Law, Works & Excise, Government of Odisha
• Hon'ble Mr. Justice Sujit Narayan Prasad — Judge, High Court of Jharkhand
• Hon'ble Mr. Justice Ananda Sen — Judge, High Court of Jharkhand
• Hon'ble Mr. Justice Rajesh Kumar — Judge, High Court of Jharkhand
• Hon'ble Mr. Justice Madhuresh Prasad — Judge, Calcutta High Court
• Hon'ble Mr. Justice Sandeep Kumar — Judge, The High Court of Judicature at Patna
• Dr. Pinky Anand — Hon'ble Senior Advocate & Former Additional Solicitor General, Supreme Court of India
• Shri Ashok Kumar Parija — Chairperson, KCIAM Former Advocate General of Odisha Sr. Advocate (Supreme Court of India) & Chancellor, KIIT-DU
• KCIAM is envisioned as a world-class, neutral forum for the resolution of commercial and investment disputes.
• Anchored in Indian law yet aligned with global best practices, KCIAM offers cutting-edge arbitration and mediation facilities to serve businesses, investors, governments and institutions.
• KCIAM embodies India's growing role as a hub for efficient, impartial, and credible ADR mechanisms.
• With expertise spanning cross-border trade, bilateral investment treaties and sectoral disputes in construction, energy, infrastructure, etc., KCIAM aspires to position Eastern India prominently on the global dispute resolution map.
• The Centre is dedicated to ensuring fairness, efficiency, and credibility in dispute resolution processes.
• Our motto is "Arbitrate in India, Mediate in India - where fairness meets finesse."
KIIT-DU, Patia, Bhubaneswar, Odisha, India 751024 | kiit@kiit.ac.in | www.kiit.ac.in
KIIT (Deemed to be University) has only one permanent campus in Bhubaneswar, Odisha. It has no other campus / off campus anywhere else in the country and abroad.

ପ୍ରଥମ ପୃଷ୍ଠାରୁ...



ବନ୍ୟା ସ୍ଥିତିନେଇ ଖାରବେଳ ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ବୈଠକରେ ସମୀକ୍ଷା କରୁଛନ୍ତି।

## ବନ୍ୟା ଆଶଙ୍କା,...

ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହାସହ ପରିବର୍ତ୍ତିତ ପରିସ୍ଥିତି ଦେଖି ଆବଶ୍ୟକ ପଦକ୍ଷେପ ନେବାକୁ ପରାମର୍ଶ ଦେଇଛନ୍ତି। ଲଘୁଚାପଜନିତ ବର୍ଷା ଏବଂ ଏହି ପରିସ୍ଥିତିର ମୁକାବିଲା କରିବା ପାଇଁ ପ୍ରସ୍ତୁତ ରହିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇ କହିଛନ୍ତି, ପ୍ରବଳ ବର୍ଷା ଯୋଗୁ ସହରାଞ୍ଚଳ ସମେତ ବିଭିନ୍ନ ସ୍ଥାନରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇପାରେ। ଏପରି ପରିସ୍ଥିତିର ମୁକାବିଲା କରିବା ପାଇଁ ଡ୍ରେନେଜ୍ ଇଞ୍ଜିନିୟର ଏବଂ ଅଧିକାରୀମାନଙ୍କୁ ସକ୍ରିୟ କର୍ମଚାରୀ ଏବଂ ଯନ୍ତ୍ରପାତି ସହ ପ୍ରସ୍ତୁତ ରହିବା ଆବଶ୍ୟକ। ଏହି ସମୟରେ ଜଳବନ୍ଦୀ ସମ୍ମୁଖୀନ ହେବା ସମ୍ଭାବନା ଥିବା ଅଞ୍ଚଳରୁ ପାଣି ନିଷ୍କାସନ ପାଇଁ ସହରାଞ୍ଚଳ ସ୍ଥାନୀୟ ସଂସ୍ଥାଗୁଡ଼ିକ ପକ୍ଷରୁ ଆଗୁଆ ବ୍ୟବସ୍ଥା କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଦାୟିତ୍ୱରେ ଥିବା ଇଞ୍ଜିନିୟରିଂ କର୍ମଚାରୀମାନେ ନଦୀ ଓ କେନାଲ ବନ୍ଧର ଦୁର୍ବଳ ସ୍ଥାନଗୁଡ଼ିକ ଉପରେ କଡ଼ା ନଜର ରଖିବାକୁ ଜିଲାପାଳମାନଙ୍କୁ ପରାମର୍ଶ ଦେଇଛନ୍ତି। ତୁରନ୍ତ ସହାୟତା ପାଇଁ ଓଡ୍ରାଫ ଏବଂ ଅଗ୍ନିଶମ ସେବା ୟୁନିଟ୍‌ଗୁଡ଼ିକୁ ପୂର୍ଣ୍ଣ ପ୍ରସ୍ତୁତ, ବିଶେଷ କରି ତଳିଆ ଅଞ୍ଚଳ କିମ୍ବା ଯେଉଁଠାରେ ବନ୍ୟା ଆଶଙ୍କା (ଫ୍ଲାସ୍ ଫ୍ଲଡ୍) ରହିଛି ଏବଂ ଅନ୍ୟାନ୍ୟ ଆବଶ୍ୟକ ସ୍ଥାନରେ ୟୁନିଟ୍‌ଗୁଡ଼ିକୁ ନିୟୋଜିତ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

ଏଥିସହ ପାହାଡ଼ିଆ ଅଞ୍ଚଳରେ ଭୂସ୍ଖଳନର ସମ୍ଭାବନା ଥିବାରୁ ଉକ୍ତ ଅଞ୍ଚଳଗୁଡ଼ିକୁ ଚିହ୍ନଟକରି କ୍ଷେତ୍ରୀୟ କର୍ମଚାରୀମାନଙ୍କୁ ପ୍ରସ୍ତୁତ ରହିବାକୁ ଜିଲାପାଳମାନଙ୍କୁ କୁହାଯାଇଛି। ବିଶେଷକରି ମାଲକାନଗିରି ଜିଲାରେ ଅଧିକ ସତର୍କତାମୂଳକ ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ବହୁମୁଖୀ ବନ୍ୟାବାତ୍ୟା ଆଶ୍ରୟସ୍ଥଳକୁ ବ୍ୟବହାର ପାଇଁ ପ୍ରସ୍ତୁତ ରଖାଯାଇଛି ଏବଂ ସେଥିରେ ଖାଦ୍ୟ ଓ ଅନ୍ୟାନ୍ୟ ଆବଶ୍ୟକ ଦ୍ରବ୍ୟ ମଧ୍ୟ ମହଜୁଦ ରଖାଯାଇଥିବା ବୈଠକରେ ସୂଚନା ଦିଆଯାଇଛି। ଆବଶ୍ୟକସ୍ଥଳେ ତଳିଆ ଅଞ୍ଚଳରୁ ଲୋକଙ୍କୁ ଆଶ୍ରୟସ୍ଥଳକୁ ନେଇ ରନ୍ଧାଖାଦ୍ୟ ଦେବାପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ବିଭିନ୍ନ ଅଞ୍ଚଳରେ ଆବଶ୍ୟକ ଔଷଧ ପତ୍ର, ସାପ କାମୁଡ଼ା ଇନଞ୍ଜେକ୍ସନ, ଗୋଖାଦ୍ୟ ଓ ଅନ୍ୟାନ୍ୟ ପଶୁଖାଦ୍ୟ ଯଥେଷ୍ଟ ପରିମାଣରେ ମହଜୁଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲାରେ ଓଡ଼ିଶାର ଦକ୍ଷତା ରହିଛି ଏବଂ ଜାତୀୟ ସ୍ତରରେ ରାଜ୍ୟ ପ୍ରଶଂସା ଅର୍ଜନ କରିଛି। ତେଣୁ ଏହି ଲଗାଣ ବର୍ଷାଜନିତ ସମସ୍ୟାର ଠିକ୍ ଭାବେ ପରିଚାଳନା ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି।

ଏହି ସମୀକ୍ଷା ବୈଠକରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ମନ୍ତ୍ରୀ ରବିନାରାୟଣ ନାଏକ ଏବଂ ଆଭାସି ମାଧ୍ୟମରେ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ମନ୍ତ୍ରୀ ଗୋକୁଳାନନ୍ଦ ମଲିକ, ମୁଖ୍ୟ ଶାସନ ସଚିବ, ପୋଲିସ ମହାନିର୍ଦ୍ଦେଶକ, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଅଗ୍ନିଶମ, ଗୃହରକ୍ଷୀ ଓ ବେସାମରିକ ପ୍ରତିରକ୍ଷା ମହାନିର୍ଦ୍ଦେଶକ, ଶକ୍ତି ବିଭାଗର ପ୍ରମୁଖ ସଚିବ, ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର, ବ୍ରହ୍ମପୁର ଡିଆଇଜି ଏବଂ ବର୍ଷା ସମ୍ଭାବନା ଥିବା ୧୭ ଜିଲାର ଜିଲାପାଳ, ଏସ୍‌ପି, ଭାରତୀୟ ପାଣିପାଗ ବିଭାଗର ନିର୍ଦ୍ଦେଶକ ଏବଂ ପ୍ରମୁଖ ଅଧିକାରୀଗଣ ଉପସ୍ଥିତ ଥିଲେ।

## ଔଷଧ ଉପରେ...

ବିଶେଷ କରି ବୃହତ୍ ଔଷଧ ଉତ୍ପାଦନକାରୀ କମ୍ପାନୀ ପ୍ରତି କ୍ଷତି ପହଞ୍ଚାଇବାକୁ ଯାଉଛି। ଏହି କମ୍ପାନୀଗୁଡ଼ିକ ଜଟିଳ ଜେନେରିକ୍ ଏବଂ ବାୟୋଲୋଜିକ୍ସ ଉପରେ ଅଧିକ ଗୁରୁତ୍ୱ ଦେଇଥାନ୍ତି, ଯାହାକି ବ୍ରାଣ୍ଡେଡ୍ କିମ୍ବା ପେଟେଣ୍ଟେଡ୍ ବର୍ଗରେ ଯାଉଛି। ସନ୍ ଫାର୍ମାସ୍ୟୁଟିକାଲ୍ସ, ଡ. ରେଡ୍ଡୀସ୍ ଲାବରେଟୋରିଜ୍, ବାୟୋକନ୍, ଅରୋବିନ୍ଦୋ ଫାର୍ମା, ଗ୍ଲେନ୍‌ମାର୍କ ଏବଂ ଲୁପିନ୍ ଭଳି କମ୍ପାନୀ ଆମେରିକା ଭଳି ବଜାର ପାଇଁ ସେମାନଙ୍କ ଜଟିଳ ଜେନେରିକ୍ ପୋର୍ଟଫୋଲିଓକୁ ବୃଦ୍ଧି କରିଛନ୍ତି। ଭାରତ ବିଶ୍ୱର ମୋଟ ଟିକାର ଅର୍ଦ୍ଧାଧିକ ଯୋଗାଉଥିବାବେଳେ ଜେନେରିକ୍ ଔଷଧର ୪୦ ପ୍ରତିଶତ ଆମେରିକାକୁ ରପ୍ତାନି କରିଥାଏ। ୨୦୨୪-୨୫ ଆର୍ଥିକ ବର୍ଷରେ ଭାରତର ମୋଟ ଫାର୍ମାସ୍ୟୁଟିକାଲ ରପ୍ତାନି ୩୦ ବିଲିୟନ ଡଲାର ରହିଥିଲା, ଯାହା ପୂର୍ବବର୍ଷ ତୁଳନାରେ ୩୧ ପ୍ରତିଶତ ଅଧିକ। ୨୦୨୩-୨୪ ଆର୍ଥିକ ବର୍ଷରେ ମୋଟ ରପ୍ତାନି ପରିମାଣ ୨୯.୯ ବିଲିୟନ ଡଲାର ଥିଲା। ସେଥିରୁ ଆମେରିକାକୁ ରପ୍ତାନି ହେଉଥିବା ଫାର୍ମାସ୍ୟୁଟିକାଲ ସାମଗ୍ରୀ ପରିମାଣ ୮.୭ ବିଲିୟନ ଡଲାର ଅର୍ଥାତ୍ ୩୧ ପ୍ରତିଶତ। ଗତ ଅଗଷ୍ଟରେ ଆମେରିକାକୁ ଭାରତ ୨.୫୧ ବିଲିୟନ ଡଲାର ଔଷଧ ଓ ଫାର୍ମାସ୍ୟୁଟିକାଲ ରପ୍ତାନି କରିଥିଲା, ଯାହାକି ପୂର୍ବ ବର୍ଷ ତୁଳନାରେ ୬.୯ ପ୍ରତିଶତ ଅଧିକ। ଡ. ରେଡ୍ଡୀସ୍, ଅରୋବିନ୍ଦୋ ଫାର୍ମା, ଜାଇଡ଼ୁସ୍ ଲାଇଫ୍‌ସାଇନ୍ସେସ୍, ସନ୍ ଫାର୍ମା ଏବଂ ଗ୍ଲାଣ୍ଡ ଫାର୍ମା ଭଳି ପ୍ରମୁଖ କମ୍ପାନୀ ସେମାନଙ୍କ ମୋଟ ରାଜସ୍ୱର ୩୦ରୁ ୫୦ ପ୍ରତିଶତ ଆମେରିକା ବଜାରରୁ ପାଇଥାନ୍ତି।

## ଅନୁଗୋଳର ପ୍ରିୟାଂଶୁ...

କ୍ରମାନ୍ୱୟରେ ରହିଛନ୍ତି। ସେହିପରି ଜଳ ସମ୍ପଦ ବିଭାଗ ଅଧୀନ ଆସିଷ୍ଟାଣ୍ଟ ଏକ୍‌ଜିକ୍ୟୁଟିଭ ଇଞ୍ଜିନିୟରିଂ (ମେକାନିକାଲ) ପଦବୀରେ ନିଯୁକ୍ତି ପାଇଁ ହୋଇଥିବା ପରୀକ୍ଷାରେ ୪୧ଜଣ ମେଧା ତାଲିକାରେ ଅଛନ୍ତି। ସେମାନଙ୍କ ମଧ୍ୟରେ ୧୨ଜଣ ମହିଳା ଅଛନ୍ତି। ଏକ୍ସ ଆର୍ମି (ସୁବେଦାର ମେଜର) ସନ୍ତୋଷ କୁମାର ପାଳଙ୍କ ପୁଅ ପ୍ରିୟାଂଶୁ କେନ୍ଦ୍ରୀୟ ବିଦ୍ୟାଳୟରୁ ପ୍ରାଥମିକ ଶିକ୍ଷା ଗ୍ରହଣ କରିଥିବାବେଳେ କେନ୍ଦୁଝରସ୍ଥିତ ସରକାରୀ ଇଞ୍ଜିନିୟରିଂ କଲେଜରେ ମାଇନିଂରେ ବିଟେକ୍ ଶିକ୍ଷାଲାଭ କରିଛନ୍ତି। ଉଚ୍ଚଶିକ୍ଷା ପରେ ପ୍ରିୟାଂଶୁ ବେଦାନ୍ତ ଓ ଡେଲୟଟରେ ଚାକିରି କରିଥିଲେ। ଚାକିରି ସମୟରେ ସେ ୩ ଥର ଏହି ପରୀକ୍ଷା ଦେଇଥିଲେ। ହେଲେ ଚତୁର୍ଥ ଥରରେ ସେ କୃତକାର୍ଯ୍ୟ ହେବା ସହ ଏକ ନମ୍ବର ସ୍ଥାନ ହାସଲ କରିଛନ୍ତି। ଏହାକୁ ନେଇ ସେ ବେଶ୍ ଖୁସି ଥିବାବେଳେ ତାଙ୍କ ପରିବାର ମଧ୍ୟ ଖୁସିରେ ଆତ୍ମହରା ହୋଇପଡ଼ିଛନ୍ତି। ପ୍ରିୟାଂଶୁ ମାଇନିଂରେ ଉଚ୍ଚଶିକ୍ଷା ସମ୍ପୂର୍ଣ୍ଣ କରିଥିବାବେଳେ ଓଡ଼ିଶାରେ ଇଣ୍ଡଷ୍ଟ୍ରିଆଲ ଡେଭେଲପମେଣ୍ଟରେ କାର୍ଯ୍ୟ କରିବା ପାଇଁ ଆଗ୍ରହ ରଖିଛନ୍ତି। ଏଥିସହ ଗ୍ରାମାଞ୍ଚଳର ବିକାଶ ଏବଂ ଓଡ଼ିଶାରେ ଯୁବପିଢ଼ିଙ୍କ ନିଯୁକ୍ତି ବା କର୍ମନିଯୁକ୍ତି ଦିଗରେ ସେ କାର୍ଯ୍ୟ କରିବେ ବୋଲି ନିଜ ପ୍ରତିକ୍ରିୟାରେ କହିଛନ୍ତି।

## ସୋନମ୍ ୱାଙ୍ଗ୍‌ଚୁକଙ୍କୁ...

ଲଦାଖକୁ ପୃଥକ୍ କେନ୍ଦ୍ରଶାସିତ ଅଞ୍ଚଳରେ ପରିଣତ କରିଥିଲେ। ଏହା ପରେ ଲେହ୍ ଆପେକ୍ସ ବଡି (ଏଲ୍‌ଏବି) ଏବଂ କାର୍‌ଗିଲ ଡେମୋକ୍ରାଟିକ୍ ଆଲାଏନ୍ସ (କେଡିଏ) ପକ୍ଷରୁ ଲଦାଖକୁ ରାଜ୍ୟ ମାନ୍ୟତା ସହ ସମ୍ବିଧାନର ଷଷ୍ଠ ପରିଚ୍ଛେଦରେ ସାମିଲ ନେଇ ୫ ବର୍ଷ ଧରି ଚାଲିଥିବା ଆନ୍ଦୋଳନର ନେତୃତ୍ୱ ସୋନମ୍ ନେଉଛନ୍ତି। ଏହି ଦାବିରେ ସୋନମ୍ ୩୫ ଦିନିଆ ଅନଶନରେ ବସିଥିବାବେଳେ ବୁଧବାର ଲେହ୍‌ରେ ହିଂସାତ୍ମକ ଆନ୍ଦୋଳନ ହୋଇଥିଲା। ବିକ୍ଷୋଭକାରୀ ଓ ସୁରକ୍ଷା ବଳ ମଧ୍ୟରେ ସଂଘର୍ଷ ବେଳେ ୪ ଜଣଙ୍କ ମୃତ୍ୟୁ ଘଟିବା ସହ ୯୦ ଜଣ ଆହତ ହୋଇଥିଲେ। ଏହାର ୨ ଦିନ ପରେ ସୋନମ୍‌ଙ୍କୁ ଲଦାଖ ଡିଜିପି ଏସ୍.ଡି. ସିଂଙ୍କ ନେତୃତ୍ୱରେ ଏକ ପୋଲିସ ଟିମ୍ ଅପରାହ୍ନ ୨ଟା ୩୦ରେ ତାଙ୍କ ଗ୍ରାମ ଉଲିୟାକ୍ଟୋକୋରୁ ଗିରଫ କରି ହାଜତକୁ ନେଇଥିଲା। ପରେ ତାଙ୍କୁ ଲଦାଖ ବାହାରକୁ ସ୍ଥାନାନ୍ତର କରାଯାଇଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ସୋନମ୍‌ଙ୍କ ବିରୋଧରେ ନିର୍ଦ୍ଦିଷ୍ଟ ଭାବେ କ'ଣ ଅଭିଯୋଗ ରହିଛି ସେନେଇ ସରକାରୀ ଭାବେ କିଛି କୁହାଯାଇ ନ ଥିଲେ ମଧ୍ୟ ଜାତୀୟ ନିରାପତ୍ତା ଆଇନ (ଏନ୍‌ଏସ୍‌ଏ) ବଳରେ ତାଙ୍କୁ ଗିରଫ କରାଯାଇଥିବା ସୂତ୍ରରୁ ପ୍ରକାଶ। ସ୍ଥାନୀୟ ପ୍ରଶାସନ ଲେହ୍‌ରେ ଗୁଜବଜନିତ କୌଣସି ପ୍ରକାର ଅପ୍ରୀତିକର ପରିସ୍ଥିତିକୁ ଏଡ଼ାଇବା ପାଇଁ ମୋବାଇଲ ଇଣ୍ଟରନେଟ୍ ସେବାକୁ ମଧ୍ୟ ବନ୍ଦ କରିଦେଇଛି।

# ଅନୁପ୍ରବେଶ ସୂଚନା ଦେଉଛି ହ୍ୟୁମାନ୍ ବଡି ସେନ୍‌ସର

■ ପୁଣି ଚର୍ଚ୍ଚାରେ 'ଆକାଶବାଣୀ ଚେମେଣା'ର ଉଦ୍ଭାବକ ନିର୍ମଳ
■ ଘରେ ରହି ବିଲରେ ମୋଟର ଚଳାଉଛନ୍ତି

ପାଟଣା,୨୬।୯(ବୀରକିଶୋର ଦାଶ)

୭୦ ଦଶକରେ ଟ୍ରାନ୍ସମିଟର ମାଧ୍ୟମରେ ବାର୍ତ୍ତା ପ୍ରଚାର କରି 'ଆକାଶବାଣୀ ଚେମେଣା' ନାମରେ ରେଡିଓ ସେଣ୍ଟର ଖୋଲି ଚର୍ଚ୍ଚାକୁ ଆସିଥିଲେ। ଚପଳ ବୟସରେ ନିର୍ମାଣ କରିଥିବା ଟ୍ରାନ୍ସମିଟରକୁ ଅନ୍ୟ ରେଡିଓ ସେଣ୍ଟର ସହ ସଂଯୋଗ କରିଦେଉଥିଲେ। ପରବର୍ତ୍ତୀ ସମୟରେ ଆର୍ଥିକ ଅଭାବ କାରଣରୁ ନିଜର ଜ୍ଞାନକୌଶଳକୁ ଲୋକଲୋଚନକୁ ଆଣିପାରି ନ ଥିଲେ। ମାତ୍ର ହାର ନ ମାନି ବଣମଲ୍ଲୀ ପରି ନିଜର ସୁଗନ୍ଧ ଖେଳେଇ ଚାଲିଛନ୍ତି। ଏବେ ଟ୍ରାନ୍ସମିଟରକୁ ବ୍ୟବହାରକରି ହ୍ୟୁମାନ୍ ବଡି ସେନ୍‌ସର ନିର୍ମାଣ କରିଛନ୍ତି। ତାହାକୁ ବଗିଚାରେ ଲଗାଇ ଅନୁପ୍ରବେଶ ରୋକିବାରେ ସକ୍ଷମ ହୋଇଛନ୍ତି। ସେ ହେଲେ କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଚେମେଣା ଗ୍ରାମ ମଝିସାହିର ନିର୍ମଳ ଚନ୍ଦ୍ର ମହାନ୍ତ (୭୨)। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କେନ୍ଦୁଝର ଗସ୍ତ ସମୟରେ ଏକ ସଭାରେ ୭୦ ଦଶକର ରେଡିଓ ସେଣ୍ଟର କଥା କହି ପ୍ରଶଂସା କରିବା ପରେ ନିର୍ମଳ ପୁଣି ଚର୍ଚ୍ଚାକୁ ଆସିଛନ୍ତି।

ପ୍ରକାଶ ଯେ, ୧୯୬୮ରେ ନିର୍ମଳ ଚୌଦ୍ୱାର ଟେକ୍ନିକାଲ ସ୍କୁଲରେ ୮ମ, ୯ମ, ପରେ ତୁରୁମୁଙ୍ଗା ଡିବି ହାଇସ୍କୁଲରୁ ମାଟ୍ରିକ୍ ପାସ୍ କରିଥିଲେ। ସେ ସମୟରେ ଇଲେକ୍ଟ୍ରୋନିକ ଟ୍ୟୁବ୍, କଏଲ, କାପାସିଟର, ଭଏସ୍ ମାଇକ୍ରୋଫୋନ୍ ସହାୟତାରେ ଏକ ଟ୍ରାନ୍ସମିଟର ନିର୍ମାଣ କରିଥିଲେ। ୧୯୭୬ରେ କେନ୍ଦୁଝର ସାଇନ୍ସ କଲେଜରେ ଆଇଏସ୍‌ସି ଅଧ୍ୟୟନ ସମୟରେ ଉକ୍ତ ଟ୍ରାନ୍ସମିଟର ବିଜ୍ଞାନ ପ୍ରୋଜେକ୍ଟରେ ପ୍ରଦର୍ଶନ କରିଥିଲେ। ଏହା ମାଧ୍ୟମରେ ସହପାଠୀମାନେ ପ୍ରଥମେ ପ୍ରିନ୍ସିପାଲଙ୍କୁ ପହଞ୍ଚିବା ପାଇଁ ଡାକିଥିଲେ ଏବଂ ଏହା ରେଡିଓରେ ବାଜିଥିଲା। ପରେ ସାଙ୍ଗମାନଙ୍କ ସହ ମିଶି କେନ୍ଦୁଝର ଟାଉନ୍‌ରେ ଟ୍ରାନ୍ସମିଟର ବସାଇ ଆକାଶବାଣୀ ଚେମେଣା ଓ ଆକାଶବାଣୀ କେନ୍ଦୁଝର କହି ଗ୍ରାମ୍‌ଫୋନ୍ ମାଧ୍ୟମରେ ପୁରୁଣା ଗୀତ ଓ ଥଟ୍ଟାମଜା ପ୍ରସାରଣ କରିଥିଲେ। ଯନ୍ତ୍ର ମିଡିୟମ ୱେଭ୍‌ରେ ଓଡ଼ିଶାର ଯେକୌଣସି ରେଡିଓ ସେଣ୍ଟରରେ ପ୍ରବେଶ କରିପାରୁଥିଲା। ପୋଲିସ ନିର୍ମଳଙ୍କୁ ଖୋଜିଥିବା ବେଳେ ତାଙ୍କ ନ ପାଇ ସାଙ୍ଗମାନଙ୍କୁ ତାଗିଦା କରିଥିଲା। ଏକ୍‌ଜିବିଶନରେ ଏହା ହୋଇଥିବାରୁ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିଲା। ପରେ ୧୯୮୫ରେ ଏକ ଘଣ୍ଟା, ରେଡିଓ, ଭିସିଆର୍, ଭିଡିଓ କ୍ୟାମେରା ମରାମତି ଦୋକାନ କରିଥିଲେ। ୨୦୧୩ରେ ସେ ନିଜସ୍ୱ ଉଦ୍ୟମରେ ଏକ ବ୍ୟାଟେରିଚାଳିତ ଟ୍ରାଇ ସାଇକେଲ ନିର୍ମାଣକରି କେନ୍ଦୁଝର ଟାଉନର ଜଣେ ଦିବ୍ୟାଙ୍ଗଙ୍କୁ ଉପହାରଦେଇ ପ୍ରଶଂସା ସାଉଁଟିଥିଲେ। ଏବେ ସେ ମୋବାଇଲରେ ପାସ୍‌ୱାର୍ଡ ଜରିଆରେ ନଦୀକୂଳରେ ଲାଗିଥିବା ଏଲ୍‌ଆଇ ପଏଣ୍ଟ ପମ୍ପକୁ ଚଳାଇପାରୁଛନ୍ତି। ୩ ଏକର ପରିମିତ ଜମିରେ ବଗିଚା କରିଥିବା ବେଳେ ବଗିଚାକୁ ସୁରକ୍ଷିତ ରଖିବା ପାଇଁ ଇଲେକ୍ଟ୍ରୋନିକ୍ ହ୍ୟୁମାନ୍ ବଡି ସେନ୍‌ସର ଓ ଟ୍ରାନ୍ସମିଟର ଖଞ୍ଜିଛନ୍ତି। ରାତିରେ ବଗିଚାରେ ଚୋର ପଶିଲେ ଯନ୍ତ୍ର ଫ୍ରିକ୍ୱେନ୍ସି ପରିବର୍ତ୍ତନକରି ହ୍ୟୁମାନ ବଡିକୁ ଡିଟେକ୍ଟକରି ଟ୍ରାନ୍ସମିଟରକୁ ସଙ୍କେତ ଦେବ। ଫଳରେ ରିସିଭର ବାରମ୍ବାର ସାଉଣ୍ଡକରି କେହି ବଗିଚାରେ ପଶିଥିବା ସଙ୍କେତ ଦେବ। ନିର୍ମଳ କହିଛନ୍ତି, ପ୍ରୋତ୍ସାହନ ମିଳିଲେ ଅଧିକ ଗବେଷଣା କରି ଉନ୍ନତମାନର ଯନ୍ତ୍ରପାତି ତିଆରି କରିପାରନ୍ତେ। ଏଥିସହ ସରକାର ପଲିସି ଚେଞ୍ଜକରି ସ୍କ୍ରାପ୍ ବାଇକ୍ ଓ ସ୍କୁଟିଗୁଡ଼ିକୁ ପରିବର୍ତ୍ତିତ କରି ବ୍ୟାଟେରିଚାଳିତ କରିହେବ। ସରକାର ଚାହିଁଲେ ସେ ଏଥିପାଇଁ ପିଲାଙ୍କୁ ଟ୍ରେନିଂ ଦେବା ପାଇଁ ପ୍ରସ୍ତୁତ ଅଛନ୍ତି ବୋଲି କହିଛନ୍ତି। ତାଙ୍କୁ ପ୍ରଶଂସା କରିଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।



ବଗିଚାରେ ଲାଗିଥିବା ହ୍ୟୁମାନ୍ ବଡି ସେନ୍‌ସର ନିକଟରେ ନିର୍ମଳ ଚନ୍ଦ୍ର ମହାନ୍ତ।

# ହାଇକୋର୍ଟର ଦୁର୍ଗାପୂଜା ଛୁଟି ୨୯ରୁ

**୩ ଦିନ ଖୋଲିବ ଅବକାଶକାଳୀନ କୋର୍ଟ**

କଟକ,୨୬।୯(କାର୍ତ୍ତିକ ସାହୁ)

ହାଇକୋର୍ଟର ଦୁର୍ଗାପୂଜା ଛୁଟି ସେପ୍ଟେମ୍ବର ୨୯ରୁ ଅକ୍ଟୋବର ୭ ତାରିଖ ଯାଏ ଚାଲିବ। ଏହି ସମୟ ମଧ୍ୟରେ କେବଳ ଜରୁରିକାଳୀନ ମାମଲାଗୁଡ଼ିକର ଶୁଣାଣି ପାଇଁ କୋର୍ଟ ୩ ଦିନ କାର୍ଯ୍ୟ କରିବ। ସେପ୍ଟେମ୍ବର ୨୯, ଅକ୍ଟୋବର ୧ ଓ ଅକ୍ଟୋବର ୬ ତାରିଖରେ ଅବକାଶକାଳୀନ ବେଞ୍ଚ କାର୍ଯ୍ୟ କରିବ। ଏଥିସହ କୋର୍ଟ ଅଫିସ ୨୯, ଅକ୍ଟୋବର ୧, ୪, ୬ ଓ ୭ରେ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ଯାଏ କାର୍ଯ୍ୟ କରିବ। ସେହିପରି ସେପ୍ଟେମ୍ବର ୨୪ ତାରିଖରୁ ପଞ୍ଜୀକୃତ ହୋଇଥିବା ସିଭିଲ ଓ କ୍ରିମିନାଲ ମାମଲାଗୁଡ଼ିକର ଜରୁରୀକୁ ଦେଖି ତାଲିକାଭୁକ୍ତ କରାଯିବା ସହ ଜାମିନ ଆବେଦନ ମଧ୍ୟ କରାଯାଇପାରିବ। ଆହୁରି ମଧ୍ୟ ଜରୁରୀ ମାମଲାଗୁଡ଼ିକର ତାଲିକାଭୁକ୍ତ ପାଇଁ ଡେପୁଟି ରେଜିଷ୍ଟ୍ରାର (ଜୁଡିସିଆଲ)ଙ୍କ ଅଫିସରେ ଥିବା ଡ୍ରପ୍ ବକ୍ସରେ ସେପ୍ଟେମ୍ବର ୨୭, ୨୯ ଓ ଅକ୍ଟୋବର ୪ରେ ପକାଯାଇପାରିବ ବୋଲି ହାଇକୋର୍ଟ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ ଦର୍ଶାଯାଇଛି।


**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION: BALLIGUDA**
e-mail ID: rw_balliguda@yahoo.com

**CANCELLATION OF TENDER**

**No.O-881:** The tender for the work invited vide this office bid identification No.EERWBLG-Online-02/2025-26 invited vide this office letter No-1961, dated 09.05.2025 is hereby cancelled due to unavoidable circumstances.

Sd./- Executive Engineer
Rural Works Division, Balliguda
OIPR-25150/11/0003/2526

**DIRECTORATE OF AGRICULTURE & FOOD PRODUCTION, ODISHA**
**REQUEST FOR PROPOSAL**

**No.L-:**"Selection of a Professional Agency for Promoting Organic Farming under the State Sector Scheme BALABHADRA JAIVIK CHASA MISSION (BJCM) from FY 2025-26 to 2029-30" under the Administrative Control of Director of Agriculture & Food Production (Odisha).
**RFP No Dated:** The Director of Agriculture & Food Production, Odisha, Bhubaneswar of Department of Agriculture & Farmers Empowerment, Odisha invites proposal through e-procurement mode from the interested bidders "Selection of a Professional Agency for Promoting Organic Farming under the State Sector Scheme BALABHADRA JAIVIK CHASA MISSION (BJCM) from FY 2025-26 to 2029-30" under the Administrative Control of **Director of Agriculture & Food Production (Odisha).**
The RFP document is available and can be downloaded from the **tendersodisha.gov.in** from 26.09.2025. Last date for submission of proposals through e-procurement portal is 29.10.2025 at 17.00 hrs. (IST). Further updates on this tender will be available on this website only.
The Proposals received beyond the scheduled last date & time will be rejected out rightly. The Director of Agriculture & Food Production, Odisha, Bhubaneswar reserves the right to reject any/ all proposals without assigning any reason thereof.
OIPR-01102/11/0033/2526

**DIRECTORATE OF AGRICULTURE & FOOD PRODUCTION, ODISHA**
**REQUEST FOR PROPOSAL**

**"Selection of Agency for Operationalization of identified Static Soil Testing Laboratories" under Administrative Control of Director of Agriculture & Food Production (Odisha).**
**No.L-74 : RFP No. 33719 Dated 23.09.2025** : The Director of Agriculture & Food Production, Odisha, Bhubaneswar of Department of Agriculture & Farmers Empowerment, Odisha invites proposal through e-procurement mode from the interested bidders "Selection of Agency for Operationalization of identified Static Soil Testing Laboratories" under the Administrative Control of Director of Agriculture and Food Production (Odisha).
The RFP document is available and can be downloaded from the tendersodisha.gov.in. from 26.09.2025. Last date for submission of proposals is 29.10.2025.Further updates on this tender will be available on this website only.
The proposals received beyond the scheduled last date & time will be rejected out rightly. The Director of Agriculture & Food Production, Odisha, Bhubaneswar reserves the right to reject any/all proposals without assigning any reason thereof.
Sd./- Director of Agriculture & Food Production, Odisha
OIPR-01034/11/0009/2526

No.C-1186
**CUTTACK MUNICIPAL CORPORATION**
**"e" PROCUREMENT NOTICE**
Tender ID:2025_ORULB_118646
Bid Reference No.MC(CMC)CTC_Div_I_No9/2025-26
Tender Call Notice No.11878 (PW) Date:25.09.2025
Name of Works : Civil Works
No. of Works: 02 Nos.
Bid Value: Rs.3.81 Lakh to Rs.24.31 Lakh
Period of Completion: Fifteen Days to One Calendar Month
Date and Time Schedule:

| Start | End | Opening |
|---|---|---|
| 11.00 AM on dt.26.09.2025 | 5.00 PM on dt.09.10.2025 | 11.00 A.M. on Dt.13.10.2025 |

Tender Details: Can be seen from the procurement portal: www.tendersorissa.gov.in
Executive Engineer
City Div-I
OIPR-13031/11/0226/2526

**OFFICE OF THE ASST. DIRECTOR OF TEXTILES, BALASORE**
At-Gudipada, Po-Sovarampur, Dist.-Balasore, PIN-756001
Tele - 06782-262907, E-mail ID : adt.balasore@gmail.com
**QUOTATION CALL NOTICE FOR "SKILL UPGRADATION TRAINING UNDER POHI-2023-24 & 2025-26 and "TECHNOLOGICAL INTERVENTION" UNDER P.O.H.I.-2025-26**

**No.PP -** : Sealed Quotations are invited form the registered suppliers / manufacturers / dealers / firms having valid PAN and GST registration with up to date income Tax & GST clearance certificate, for supply of different Handloom items like Fly shuttle frame Loom (different Reed Space), Weaving Accessories (different Size / Type / count of Reed, Heald, Pirn, Bobbin, Shuttle, Heald Stave, Cycle Rim Charkha, Counting Glass, Drawing Hook) etc. for Technological Intervention Programme under the Scheme "Promotion of Handloom Industries & Jacquard fitting accessories, Weaving accessories, Jalla & Dobby items & Dyeing equipments under "Skill Up-gradation Training" of Balasore Textiles Zone.
Interested suppliers may quote their lowest rate in Seal Covers for Skill Up-gradation Training Under POHI-2023-24 & 2025-26 and Technological Intervention under P.O.H.I.- 2025-26 super scribing / mentioning on Top of sealed cover that "Skill Up-gradation Training" and "Technological Intervention" with detailed specification (Material to be used/size / specification / Brand etc.) along with the copy of Income Tax Clearance Certificate, GST Registration Certificate and proof of execution of such orders carlier if any to the undersigned on or before Date.17.10.2025 by 5:30 PM through Registered / Speed Post only. The quotation received either in incomplete form or after the due date & time will not be considered and treated as cancelled.
The quotations will be opened on Dt.18.10.2025 at 11.00 A.M in the office of the undersigned in presence of the quotationer or their authorized representatives and members of respective purchase committee. The quotationers or their authorized representatives if any must present on that day with samples of the quoted items, failing which the related quotations shall not be considered.
For more details, term & condition etc for supply of the items, please visit the official web site of Directorate of Textiles, Odisha, Bhubaneswar- www.textiles.odisha.gov.in or state agency for development of Handloom Cluster (SADHAC) Bhubaneswar - www.sadhacodisha.org or official web site of Odisha State Handloom Weavers Cooperative Society Ltd, Bhubaneswar (BOYANIKA)- www.boyanika.com or official web site of Sambalpuri Bastralaya Weavers Cooperative Society Ltd, Bargarh- www.sambalpuribastralaya.com, Balasore District Web site (OSWAN Centre) www.balasore.odisha.gov.in and may contact to the Asst. Director of Textiles, Baripada in the above listed address, e-mail & Mobile Number-9777465794
The undersigned reserves the right to reject or accept any or all the quotations without assigning any reason thereof.
Sd./- Asst. Director of Textiles, Balasore
OIPR-31011/11/0005/2526

**INSTITUTE ON MANAGEMENT OF AGRICULTURAL EXTENSION (IMAGE)**
*(AN AUTONOMOUS INSTITUTE OF GOVERNMENT OF ODISHA)*
Siripur, BHUBANESWAR-751003, Odisha
Ph. - (0674) 2974145, E-mail : imagebbsr1999@gmail.com
No.4411/IMAGE Dated : 25.09.2025
**RFP for "Selection of Event Management Agency for International Symposium on Shree Anna"**
**No.CAD-1874** : IMAGE invites RFP for "**Selection of Event Management Agency for International Symposium on Shree Anna**".The detailed RFP document can be downloaded from the website https://agri.odisha.gov.in/ https://image.odisha.gov.in from dt. 25.09.2025. The last date for submitting the RFP documents alongwith Bid Processing Fees of Rs.10,000/- (Rupees Ten Thousand) only in favour of Director, IMAGE payable at Bhubaneswar through Speed Post/ Registered Post/ Courier on or before dt. 16.10.2025 up to 04.30 PM. The Technical Bids will be opened on dt. 17.10.2025 at 11.30 AM. The opening of Financial Bids will be intimated later on. IMAGE reserves the right to accept or Reject any/ all proposals/ terminate the entire selection process at any stage without assigning any reason thereof.
OIPR-01408/11/0024/2526 Sd./- DIRECTOR, IMAGE

No.A-665
**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**P.H. DIVISION, BHANJANAGAR AT CHATRAPUR**
E-mail : eephchpr@gmail.com
**NATIONAL COMPETITIVE BIDDING THROUGH e-Procurement**
**Invitation For Bids (IFB)**

| Sl. No. | Name of work | Bid Identification No. | Estimated cost (Rs. in Lakh) | Period of completion | Availability of Bid Document for online bidding From | To | Name & adderss of office inviting Bid |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Diversion of 300 mm dia RWRM from Intake well at Kalingadala with replacement of pumping arrangement Chikiti under State Plan BASUDHA 2023-24 | Bid Identification No. 35/03/ SPH(C)/2025-26 dt.23.09.2025 | 61.25 | 3 (Three) Calendar Months | 11.00 Hrs of 04.10.2025 | 17.30 Hrs of 20.10.2025 | Superintending Engineer, P.H. Division, Bhanjanagar at Chatrapur |

The Technical Bid shall be opened on **dt.22.10.2025 at 01.00 P.M.**
Further details can be seen from the e-procurement portal https://www.tenderorissa.gov.in
Sd./- Additional Chief Engineer (PH)
P.H. Division, Bhanjanagar at Chatrapur
OIPR-13013/11/0030/2526

No.O-889
**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, SUNABEDA**
e-mail : serwsbd2003@yahoo.com
Letter No. : 3511 Date : 22.09.2025
**1st Corrigendum**
In continuation to this office Bid Identification No. CCERWCSBD-Online-12/2025-26 invited vide this office Notice No.3084 Dtd.25.08.2025, partial modification of NCB has been made as follows :-

| Sl. No. | Item | Time Schedule as per original NCB | Time Schedule as per Corrigendum Notice |
|---|---|---|---|
| 1 | Availability of Tender online for bidding | 03.09.2025 at 11.00 AM to 23.09.2025 up to 5.00 PM | Extended up to 30.10.2025 5.00 P.M. |
| 2 | Date and Time of seeking tender clarification if any | 22.09.2025 up to 2.00 PM | 29.10.2025 up to 2.00 P.M. |
| 3 | Date & Time of opening of tender (Technical Bid) | 24.09.2025 at 11.00 AM | 31.10.2025 at 11.00 A.M. |
| 4 | Date & Time of opening of tender (Price Bid) | Will be intimated later on to the successful bidders | Will be intimated later on to the successful bidders |

All other terms and conditions will remain unaltered.
Sd./- Chief Construction Engineer, RW Circle, Sunabeda
OIPR-25182/11/0088/2526

**DISTRICT PROJECT OFFICE, SAMAGRA SHIKSHA, KHORDHA**
No. 3535 Dated : 23.09.2025
**NOTICE INVITING TENDER (NIT)**
**No.n-168** : Sealed tenders are invited from the reputed & credible agencies / suppliers / manufacturers for supply of "Resource materials for SAKSHAM-Resource centre" for the Children with special needs under PM SHRI in two bid systems (Technical & Commercial Bid) as detailed below.

| Name of the Tender | Bid processing fees | Amount of EMD | Last Date & time of receipt of Bid | Date & time of opening of Technical Bid |
|---|---|---|---|---|
| Supply of Resource materials for SAKSHAM-Resource centre | Rs.500/- | Rs.42,000/- | 20.10.2025 by 5.00 PM | 23.10.2025 at 2.00 PM |

The detailed BID document is available in the website www.khordha.nic.in. & www.osepa.odisha.gov.in. Interested and eligible agency / supplier / manufacturer may download BID DOCUMENT from the above website and apply accordingly. Corrigendum / addendum, if required, will be uploaded in the above website. Hence potential bidders are requested to be in continuous touch with the above website.
The Tender Inviting Authority (TIA) reserves the right to accept / reject any full or part / all BID/ cancel the entire selection process at any stage without assigning any reason thereof.
By Order of Collector-Cum-Chairman
Sd./- DEO-Cum-DPC
SS, Khordha
OIPR-27101/11/0010/2526

No.O-863
**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, BOLANGIR**
**e-Procurement Notice**
1 Name of work : Improvement to PWD Road - Sanbhalupali road in the district of Bolangir under MMSY-Improvement to Existing RD Road for the year 2025-26
2 No. of works : 1 (One) work
3 Time for completion : 9 (Nine) Calendar months
4 Approximate estimated cost varies from : Rs.497.20 lakhs
5 Mode of Submission of tender : Tender should be submitted online in www.tendersodisha.gov.in
6 **Other details are as follow**

| Procurement Officer | Bid Identification No. | Availability of Tender online for bidding From | To | Last date and time of seeking tender clarification | Date & time of opening of tender Technical Bid | Financial Bid |
|---|---|---|---|---|---|---|
| Chief Construction Engineer, R.W. Circle, Bolangir | BLGR-Online-17/2025-26 | 18.09.2025 at 11.00 A.M. | 04.10.2025 upto 5.00 P.M. | 03.10.2025 upto 5.00 P.M. | 06.10.2025 at 11.00 A.M. | The date will be intimated later on |

- Further details can be seen from the website www.tendersodisha.gov.in
- Any Corrigendum/Addendum will be displayed in the above e tender website only.

Sd./- Chief Construction Engineer
R.W.Circle, Bolangir
OIPR-25118/11/0062/2526

**NOTICE INVITING TENDER** No.CAD-1871:
**OFFICE OF CHIEF CSO/CSO-CUM-DISTRICT MANAGERS**
**ODISHA STATE CIVIL SUPPLIES CORPORATION LTD.**
**DISTRICT BARGARH**
**Tender No.for Paddy and CMR Transport Contractor for KMS 2025-26 & Level-II Transport Contractor for the for biennial 2025-27.**
Ambabhona Block-4190/23.09.2025
Attabira Block- 4191/23.09.2025
Bargarh Block-4192/23.09.2025
Barpali Block-4193/23.09.2025
Bhatil Block-4194/23.09.2025
Bheden Block-4195/23.09.2025
Bijepur Block-4196/23.09.2025
Gaisilet Block-4197/23.09.2025
Jharbandh Block-4198/23.09.2025
Paikmal Block-4199/23.09.2025
Rajborasambar Block-4200/23.09.2025
Sohela Block-4201/23.09.2025
Bargarh Municipality (L-II TC)4185/23.09.2025
Bargarh Block (L-II TC)-4186/23.09.2025
District Manager, Odisha State Civil Supplies Corporation Ltd., Bargarh invites tender in Double Cover System through **ONLINE MODE ONLY on e-Procurement portal www.tendersodisha.gov.in** for the works below.

| | | |
|---|---|---|
| 1 | Name of the Work | Selection and Appointment of Transport Contractors for transportation of Paddy from Paddy Purchase Centres (PPCs)/ Mandis to Rice Mill points in Bargarh District & Custom Miller Rice (CMR) from Rice Mills points to Rice Receiving Centers (RRCs)/ Depots in Bargarh District for the KMS 2025-26 and Selection and Appointment of Level-II Transport Contractors for transportation of Custom Milled Rice (CMR) from Rice Receiving Centre (RRC) to Retail Centre (FPS) for Bargarh Block & Bargarh Municipality in Bargarh District for biennial 2025-27. |
| 2 | Availability of tender document in the portal | **From Dt.25.09.2025, 5.00 PM** |
| 3 | Last date & time for receipt of complete Tender documents in the Portal | **Dt.16.10.2025 Upto 5.00 PM** |
| 4 | Date & Time for opening of Technical Bid | **Dt.17.10.2025 at 11.00 AM** |
| 5 | Name & Address of the Officer Inviting Tender | **District Manager, OSCSC Ltd., Bargarh** |

Tender Documents & other details can be seen from the e-procurement portal www.oscsc.in, www.foododisha.in, www.tendersodisha.gov.in and www.bargarh.nic.in. Amendments/ Corrigendum/Cancellation/ re-tenders etc. if any shall be published only in above websites.
Sd./- Chief CSO-cum-District Manager
OSCSC Ltd., Bargarh
OIPR-07036/11/0012/2526

# ନକଲି ପୋଲିସ ସାଜିଥିଲେ ଝାଡ଼ଖଣ୍ଡୀ ଯୁବକ


ଗିରଫ ରାହୁଲ ସିଂହ ରାଣାୱତ୍।



ଗ୍ରାମାଞ୍ଚଳ ଥାନାରେ ଖବରଦାତା ସମ୍ମିଳନୀରେ ପୋଲିସ ଅଧିକାରୀ ଜବତ କରିଥିବା ସାମଗ୍ରୀ ଦେଖାଉଛନ୍ତି।

ଭଦ୍ରକ,୨୬।୯(ସନାତନ ରାଉତ)

■ହୋଟେଲରୁ ଗିରଫ, ୨ସହଯୋଗୀ ଫେରାର
■ବନ୍ଧୁକ ସହ ପୋଲିସ ଡ୍ରେସ୍, ସାଇରନ୍ ଓ କାର୍ ଜବତ

ପୋଲିସ ପରିଚୟ ଦେଇ ଗତ ୧ ବର୍ଷ ଧରି ଭଦ୍ରକର ଏକ ହୋଟେଲରେ ରହୁଥିବା ଜଣେ ଝାଡ଼ଖଣ୍ଡୀ ଯୁବକଙ୍କୁ ଭଦ୍ରକ ଗ୍ରାମାଞ୍ଚଳ ପୋଲିସ ଗୁରୁବାର ବିଳମ୍ବିତ ରାତିରେ ଗିରଫ କରିଛି। ଗିରଫ ଯୁବକ ହେଲେ ଝାଡ଼ଖଣ୍ଡ ଧାନବାଦ ଜିଲା ଭିସ୍ତାପାରା ଅଞ୍ଚଳର ରାହୁଲ ସିଂହ ରାଣାୱତ୍(୪୪)। ତାଙ୍କର ୨ ସହଯୋଗୀ ଫେରାର ହୋଇଯାଇଛନ୍ତି। ଅଭିଯୁକ୍ତଙ୍କ ଠାରୁ ପୋଲିସ ବନ୍ଧୁକ ସହ ପୋଲିସ ଡ୍ରେସ୍, ସାଇରନ, ଏକ କାର୍ ଆଦି ଜବତ କରିଛି। ଏହି ଘଟଣା ଭଦ୍ରକ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଥିବାବେଳେ ବର୍ଷେରୁ ଅଧିକ ସମୟ ଧରି ନିର୍ଦ୍ଦିଷ୍ଟ ଏକ ହୋଟେଲରେ ରହୁଥିବା ନକଲି ପୋଲିସ ବିଷୟରେ ପୋଲିସ କିପରି ଜାଣିପାରିଲା ନାହିଁ ସେନେଇ ପ୍ରଶ୍ନ ଉଠିଛି।

ଶୁକ୍ରବାର ମଧ୍ୟାହ୍ନ ୧୨ଟାରେ ଗ୍ରାମାଞ୍ଚଳ ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ଅରୂପ ଅଭିଷେକ ବେହେରା ସୂଚନା ଦେଇ କହିଛନ୍ତି, ରାହୁଲ ଭଦ୍ରକ ନଳାଙ୍ଗସ୍ଥିତ ଗ୍ରାମାଞ୍ଚଳ ଥାନା ନିକଟ ହାର୍ଦ୍ଦିକ୍ ହୋଟେଲରେ ପୋଲିସ ପରିଚୟ ଦେଇ ରହି ଆସୁଥିଲେ। ହୋଟେଲ ସାମ୍ନାରେ ପୋଲିସ ଲେଖାଥିବା ଏକ ଧଳାରଙ୍ଗର ଭର୍ନା କାର୍ (ଜେଏଚ୍ ୧୦ -ଏଏସ୍-୪୯୫୬) ବହୁଦିନ ଧରି ରହୁଥିଲା। ଏହି ବିଷୟରେ ବିଶେଷ ସୂତ୍ରରୁ ପୋଲିସ ଖବର ପାଇବାପରେ ଗ୍ରାମାଞ୍ଚଳ ଥାନାଧିକାରୀଙ୍କ ସମେତ ଏକ ପୋଲିସ ଟିମ୍ ଗୁରୁବାର ରାତି ପ୍ରାୟ ୧ଟା୧୫ ବେଳେ ଉକ୍ତ ହୋଟେଲର ୧୦୮ ନମ୍ବର ରୁମ୍‌ରେ ଚଢ଼ାଉ କରିଥିଲା। ରୁମ୍ ଭିତରୁ ରାହୁଲଙ୍କୁ ପୋଲିସ ଧରିବା ସମୟରେ ତାଙ୍କର ୨ ସହଯୋଗୀ କୌଶଳକ୍ରମେ ଫେରାର ହୋଇଯାଇଥିଲେ। ହୋଟେଲ ରୁମ୍‌ରୁ ଆସାମ, ଝାଡ଼ଖଣ୍ଡ ରାଜ୍ୟର ନକଲି ପୋଲିସ ପରିଚୟପତ୍ର, ଗୋଟିଏ ବନ୍ଧୁକ, ପୋଲିସ ଲାଠି, ସାଇରନ୍ ଲାଇଟ୍, ନାମଫଳକ, ସେନା ପୋଷାକ ଓ ପୋଲିସ ପୋଷାକ, ଅତିରିକ୍ତ ଏସ୍‌ପି ଲେଖାଥିବା ଲୋଗୋ, ପୋଲିସ ଷ୍ଟାର, ଷ୍ଟିଲ୍ ମନୋଗ୍ରାମ୍ ଲାଗିଥିବା ଟୋପି, ପୋଲିସ ବେଲ୍ଟ, ବିଭିନ୍ନ ଲୋକଙ୍କ ନାମରେ ବିଭିନ୍ନ ବ୍ୟାଙ୍କର ଚେକ୍, ପାସ୍‌ବୁକ୍, ଏଟିଏମ୍, ଡେବିଟ୍ କାର୍ଡ, ପେନ୍‌ଡ୍ରାଇଭ୍, ଏକାଧିକ ମୋବାଇଲ ଓ ସିମ୍ ଜବତ କରାଯାଇଛି। ରାହୁଲ ପୂର୍ବରୁ ବିଭିନ୍ନ ରାଜ୍ୟରେ ପୋଲିସ ପରିଚୟ ଦେଇ ଅର୍ଥ ଆଦାୟ କରିବା ଭଳି କାମରେ ଏସବୁ ସାମଗ୍ରୀ ବ୍ୟବହାର କରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଏନେଇ ପୋଲିସ ନିଜଆଡୁ ଗ୍ରାମାଞ୍ଚଳ ଥାନାରେ ଏକ ମାମଲା (ନଂ.୫୭୭/୨୫) ରୁଜୁ କରିଥିବା ଅତିରିକ୍ତ ଏସ୍‌ପି ସୂଚନା ଦେଇଛନ୍ତି। ଥାନାଧିକାରୀ ନୀରୋଜ ସାମଲ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।

# ନାବାଳିକା ବଳାତ୍କାରୀଙ୍କୁ ଆଜୀବନ ଜେଲ

ଫୁଲବାଣୀ,୨୬।୯(ରାକେଶ କୁମାର ରାଉତ)

**ସାକ୍ଷ୍ୟଗ୍ରହଣର ୬୫ ଦିନରେ ରାୟ ପ୍ରକାଶ**

ଫୁଲବାଣୀ ପୋକ୍‌ସୋ କୋର୍ଟରେ ଏକ ନାବାଳିକା ବଳାତ୍କାର ମାମଲାର ରାୟ ମାତ୍ର ୬୫ ଦିନରେ ପ୍ରକାଶ ପାଇଛି। ବିଚାରପତି ମନୋରଞ୍ଜନ ଦାସ ଏହି ମାମଲାର ବିଚାର କରି ଶୁକ୍ରବାର ଅଭିଯୁକ୍ତଙ୍କୁ ଆଜୀବନ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହ ୬୦ ହଜାର ଟଙ୍କା ଜରିମାନା କରିଛନ୍ତି। ଅଭିଯୁକ୍ତ ହେଲେ ଗୋଚ୍ଛାପଡ଼ା ଥାନା ଅଞ୍ଚଳର ଅନନ୍ତ କୁଦେଇ(୩୧)।

୨୦୨୫ ଏପ୍ରିଲ ୧୬ ତାରିଖରେ ନିଜ ଘର ସମ୍ମୁଖରେ ନାବାଳିକା ଜଣକ କୌଣସି କଥାକୁ ନେଇ କାନ୍ଦୁଥିଲେ। ଏହି ସମୟରେ ଅନନ୍ତ ବାଇକ୍‌ରେ ଆସି କ'ଣ ପାଇଁ କାନ୍ଦୁଛୁ ବୋଲି କହିବା ସହ ଚକୋଲେଟ ଦେବା ବାହାନରେ ଗାଡ଼ିରେ ବସାଇ ନେଇଥିଲେ। ବହୁ ସମୟ ପର୍ଯ୍ୟନ୍ତ ଝିଅ ଘରକୁ ନ ଆସିବାରୁ ମା' ଖୋଜାଖୋଜି କରିଥିଲେ। ଏହି ସମୟରେ ଅନ୍ୟ ଜଣେ ଯୁବକ ବାଇକ୍‌ରେ ଆସି ଅନନ୍ତ ଝିଅକୁ ନାଳ ପାଖକୁ ନେଇଥିବା କହିଥିଲେ। ତାଙ୍କ ସହ ମା' ନାଳ ପାଖକୁ ଯାଇ ପହଞ୍ଚିଲା ବେଳକୁ ଝିଅକୁ ଅନନ୍ତ ବଳାତ୍କାର କରୁଥିବା ଦେଖିଥିଲେ। ସେଠାରୁ ଅନନ୍ତ ଚମ୍ପଟ ମାରିଥିବା ବେଳେ ନାବାଳିକାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବାଲନ୍ଦାପଡ଼ା ମେଡିକାଲରେ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କୁ ଫୁଲବାଣୀ ମେଡିକାଲକୁ ଅଣାଯାଇଥିଲା। ସେହିଦିନ ରାତି ୧ଟାରେ ପୀଡ଼ିତାଙ୍କ ମା' ଗୋଚ୍ଛାପଡ଼ା ଥାନାରେ ଏତଲା ଦେଇଥିଲେ। ପୋଲିସ ନଂ.୮୮/୨୫ରେ ମାମଲା ରୁଜୁ କରି ଅନନ୍ତଙ୍କୁ ଗିରଫ କରିଥିଲା। ଜୁନ ୧୬ ତାରିଖରେ କୋର୍ଟରେ ଚାର୍ଜଶିଟ ଦାଖଲ କରିଥିଲା। ଜୁଲାଇ ୨୩ରେ ସାକ୍ଷ୍ୟ ଗ୍ରହଣ ଆରମ୍ଭ ହୋଇଥିଲା। ମାତ୍ର ୨ ମାସ ୫ ଦିନରେ ୧୪ ଜଣଙ୍କ ସାକ୍ଷ୍ୟ ପ୍ରମାଣ ଏବଂ ମେଡିକାଲ ରିପୋର୍ଟ ଆଧାରରେ ବିଚାରପତି ଦଣ୍ଡାଦେଶ ଦେଇଛନ୍ତି। ଏଥିସହ ପୀଡ଼ିତାଙ୍କୁ କ୍ଷତିପୂରଣ ବାବଦରେ ୭ ଲକ୍ଷ ଟଙ୍କା ପ୍ରଦାନ କରିବାକୁ ଜିଲା ଆଇନସେବା ପ୍ରାଧିକରଣଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଅସୀମ ପ୍ରହରାଜ ମାମଲା ପରିଚାଳନା କରୁଥିଲେ।

# ଜଙ୍ଗଲରୁ ନବଜାତ ଶିଶୁ କନ୍ୟା ଉଦ୍ଧାର

ସୁନ୍ଦରଗଡ,୨୬।୯(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ ଜିଲା ଲେଫ୍ରିପଡା ଥାନା ସର୍ଗିପାଲି ଫାଣ୍ଡି ଅନ୍ତର୍ଗତ ରାଏଡିହି ଗ୍ରାମ ନିକଟ ଜଙ୍ଗଲ ମଧ୍ୟରୁ ଗତ ୨୪ ତାରିଖ ରାତି ୧୧ଟାରେ ଏକ ସଦ୍ୟ ନବଜାତ ଶିଶୁ କନ୍ୟା ଉଦ୍ଧାର ହୋଇଛି। ଶିଶୁ କନ୍ୟା ୩ ଦିନର ହେବ ବୋଲି ଚାଇଲ୍ଡଲାଇନ ଟିମ୍‌ର ଅମ୍ବର ଆଲାମ କହିଛନ୍ତି। ତାକୁ ବିଶ୍ରାସ୍ଥିତ ଶିଶୁ ଯତ୍ନକାରୀ ଅନୁଷ୍ଠାନ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ କେନ୍ଦ୍ର(ଦିଶା)ଠାରେ ରଖାଯାଇଛି। ଶିଶୁର ସ୍ୱାସ୍ଥ୍ୟ ବର୍ତ୍ତମାନ ସୁସ୍ଥ ଥିବା ନେଇ ଡାକ୍ତରଖାନା ସୂତ୍ରରୁ ଜଣାପଡିଛି।

ମିଳିଥିବା ସୂଚନା ଅନୁଯାୟୀ, ରାଏଡିହି ଗ୍ରାମ ନିକଟ ଜଙ୍ଗଲରେ ସଦ୍ୟ ନବଜାତ ଶିଶୁ କନ୍ୟାକୁ କେହି ଛାଡି ଦେଇ ଯାଇଥିଲେ। ଗତ ୨୪ ତାରିଖ ରାତି ପ୍ରାୟ ୧୧ଟାରେ ସେହି ରାସ୍ତା ଦେଇ ଯାଉଥିବା ଜଣେ ବ୍ୟକ୍ତି ଜଙ୍ଗଲ ମଧ୍ୟରେ ଶିଶୁର କ୍ରନ୍ଦନ ଶୁଣି ସେଠାକୁ ଯାଇଥିଲେ। ସେଠାରେ ରକ୍ତ ଲଗା ସଦ୍ୟଜାତ ଶିଶୁ କନ୍ୟାକୁ ଦେଖିବାକୁ ପାଇଥିଲେ। କେତେଜଣ ଗ୍ରାମବାସୀଙ୍କ ସହାୟତାରେ ତାକୁ ଉଦ୍ଧାର କରି ନିକଟସ୍ଥ ସର୍ଗିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସାପରେ ସୁନ୍ଦରଗଡ ଚାଇଲଡ ଲାଇନକୁ ଖବର ଦିଆଯାଇଥିଲା। ଚାଇଲଡ ଲାଇନର କୋର୍ଡିନେଟର ଜିତୁ ପଟେଲ ଓ ବିଶ୍ରାର ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଯତ୍ନକାରୀ କେନ୍ଦ୍ର(ଦିଶା)ର ଅମ୍ବର ଆଲାମଙ୍କ ନେତୃତ୍ୱରେ ସ୍ଥାନୀୟ ପୋଲିସ ଓ ଚାଇଲ୍‌ଡ ଲାଇନର ଅଧିକାରୀମାନେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚି ଶିଶୁ କନ୍ୟାଙ୍କୁ ଉଦ୍ଧାର କରିଥିଲେ।

# ଭିଜିଲାନ୍ସ ହାତରେ ଧରାପଡ଼ିଲେ ଏଡିଇଓ

ବାଣପୁର/ବାଲୁଗାଁ,୨୬।୯(ଦିଲୀପ କୁମାର ସ୍ୱାଇଁ/ସଂଗ୍ରାମ ପାଇକରାୟ)

**ଆବାସ କିସ୍ତି ପାଇଁ ୬ ହଜାର ଟଙ୍କା ଲାଞ୍ଚ ନେଉଥିଲେ**


ରାକେଶ ସାହୁ

ଖୋର୍ଦ୍ଧା ଜିଲା ବାଣପୁର ବ୍ଲକ୍ ନୀଳାଦ୍ରିପ୍ରସାଦ ପଞ୍ଚାୟତରେ କାର୍ଯ୍ୟରତ ଆକାଉଣ୍ଟାଣ୍ଟ ଆଣ୍ଡ ଡାଟା ଏଣ୍ଟ୍ରି ଅପରେଟର(ଏଡିଇଓ) ରାକେଶ ସାହୁ ଶୁକ୍ରବାର ଅପରାହ୍ନରେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ସେ ଅନ୍ତ୍ୟୋଦୟ ଗୃହ ଯୋଜନାରେ ଆବାସ କିସ୍ତି ପ୍ରଦାନ ପାଇଁ ବାଲୁଗାଁ ଗାନ୍ଧୀ ଛକଠାରେ ଜଣେ ହିତାଧିକାରୀଙ୍କଠାରୁ ୬ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଟିମ୍ ତାଙ୍କୁ ଧରିଥିଲା। ନୀଳାଦ୍ରିପ୍ରସାଦ ପଞ୍ଚାୟତ କାର୍ଯ୍ୟାଳୟରୁ ଭିଜିଲାନ୍ସ ଟିମ୍ ବିଭିନ୍ନ କାଗଜପତ୍ର ଜବତ କରି ତାଙ୍କୁ ବାଣପୁର ବ୍ଲକ୍ କାର୍ଯ୍ୟାଳୟକୁ ନେଇ ଜେରା କରିଥିଲା। ତାଙ୍କୁ ଭିଜିଲାନ୍ସ ଟିମ୍ ଖୋର୍ଦ୍ଧା ଏବଂ ପରେ ଭୁବନେଶ୍ୱର କାର୍ଯ୍ୟାଳୟକୁ ନେଇଯାଇଛି। ଏନେଇ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ଏକ ମାମଲା ରୁଜୁ ହୋଇଛି।

ସୂଚନା ମୁତାବକ, ନୀଳାଦ୍ରିପ୍ରସାଦ ପଞ୍ଚାୟତର ଜଣେ ହିତାଧିକାରୀଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାରେ ଘର ନିର୍ମାଣ ପାଇଁ ପ୍ରଥମ କିସ୍ତିରେ ୪୦ହଜାର ଟଙ୍କା ମଞ୍ଜୁର ପାଇଁ ଏଡିଇଓ ସାହୁ ଉତ୍କୋଚ ଦାବି କରିଥିଲେ। ଏପରିକି ଲାଞ୍ଚ ନ ଦେଲେ ଦ୍ୱିତୀୟ କିସ୍ତି ବନ୍ଦ କରିଦେବେ ବୋଲି ଧମକ ଦେଇଥିଲେ। ପରେ ଏ ସଂକ୍ରାନ୍ତରେ ସମ୍ପୃକ୍ତ ହିତାଧିକାରୀ ଖୋର୍ଦ୍ଧା ଭିଜିଲାନ୍ସ କାର୍ଯ୍ୟାଳୟରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ଭିଜିଲାନ୍ସ ଡିଏସ୍‌ପି ଚନ୍ଦ୍ରକଳା ଜେନାଙ୍କ ନେତୃତ୍ୱରେ ଏକ ଟିମ୍ ତାଙ୍କୁ ଧରିବା ପାଇଁ ଯୋଜନା କରିଥିଲେ। ବାଲୁଗାଁ ଗାନ୍ଧୀ ଛକଠାରେ ରାକେଶ ଲାଞ୍ଚ ନେଉଥିବା ବେଳେ ଗ୍ରାହକ ବେଶରେ ଥିବା ଭିଜିଲାନ୍ସ ଟିମ୍ ତାଙ୍କୁ ଧରିବା ସହ ରଙ୍ଗ ପ୍ରଲେପଦିଆ ଟଙ୍କା ଜବତ କରିଥିଲା।

# ସ୍ୱାମୀ, ଶାଶୁ, ଶ୍ୱଶୁରଙ୍କୁ ୧୦ ବର୍ଷ ଲେଖାଏ ଜେଲଦଣ୍ଡ

କଟକ,୨୬।୯(କାର୍ତ୍ତିକ ସାହୁ)

ଯୌତୁକ ଜୁଇରେ ଜଳିଥିବା ମୃତା ଲକ୍ଷ୍ମୀପ୍ରିୟା ପଣ୍ଡାଙ୍କୁ ମିଳିଲା ନ୍ୟାୟ। ଏଡିଜେ କମ୍ ଓପିଆଇଡି କୋର୍ଟ ବଧୂହତ୍ୟା ମାମଲାର ଶୁକ୍ରବାର ରାୟ ପ୍ରକାଶ କରି ସ୍ୱାମୀ, ଶାଶୁ ଓ ଶ୍ୱଶୁରଙ୍କୁ ଦଣ୍ଡାଦେଶ ଶୁଣାଇଛନ୍ତି। ଅଭିଯୁକ୍ତ ସ୍ୱାମୀ ପ୍ରକାଶ ଚନ୍ଦ୍ର ବ୍ରହ୍ମା, ଶ୍ୱଶୁର ପୂର୍ଣ୍ଣଚନ୍ଦ୍ର ବ୍ରହ୍ମା ଓ ଶାଶୁ ପ୍ରେମଲତା ବ୍ରହ୍ମାଙ୍କୁ ୧୦ ବର୍ଷ ଲେଖାଏ କାରାଦଣ୍ଡ ପ୍ରଦାନ କରିଛନ୍ତି କୋର୍ଟ। ଏହାସହ ପ୍ରତ୍ୟେକଙ୍କୁ ୫୦ ହଜାର ଟଙ୍କା ଜରିମାନା ମଧ୍ୟ କରାଯାଇଛି। ଜରିମାନା ଅନାଦାୟେ ଅଧିକ ୬ ମାସ ସଶ୍ରମ କାରାଦଣ୍ଡ ଭୋଗିବାକୁ କୋର୍ଟଙ୍କ ଆଦେଶ ରହିଛି।

**ଯୌତୁକ ଜୁଇରେ ଲକ୍ଷ୍ମୀପ୍ରିୟା ମାମଲା**

ମାମଲା ବିବରଣୀରୁ ପ୍ରକାଶ ଯେ, କଟକ ଟାଙ୍ଗୀ ଅଞ୍ଚଳର ଲକ୍ଷ୍ମୀପ୍ରିୟା ପଣ୍ଡା ଓ ପ୍ରକାଶ ଚନ୍ଦ୍ର ବ୍ରହ୍ମା ୨୦୧୮ରେ ବୈଦିକ ରୀତିନୀତିରେ ବିବାହ କରିଥିଲେ। ବିବାହର କିଛି ମାସ ପରେ ନବବଧୂ ଲକ୍ଷ୍ମୀପ୍ରିୟାଙ୍କୁ ସ୍ୱାମୀ, ଶାଶୁ ଓ ଶ୍ୱଶୁର ୨ ଲକ୍ଷ ୭୦ ହଜାର ଅଧିକ ଯୌତୁକ ଦାବି କରି ବାରମ୍ବାର ନିର୍ଯାତନା ଦେଇ ଆସୁଥିଲେ। ଶେଷରେ ୨୦୨୦ ମେ' ୨୧ରେ ଯୌତୁକ ନିର୍ଯାତନା ସହି ନ ପାରି ଆତ୍ମହତ୍ୟା କରିଥିଲେ ଲକ୍ଷ୍ମୀ। ଏହି ଘଟଣା ପରେ ମୃତାଙ୍କ ମା' ରୁକ୍ମଣୀ ପଣ୍ଡା ଟାଙ୍ଗୀ ଥାନାରେ ଏତଲା ଦେଇଥିଲେ। ପୋଲିସ ଏକ ଯୌତୁକଜନିତ ବଧୂହତ୍ୟା ମାମଲା ରୁଜୁ କରି ସ୍ୱାମୀ, ଶାଶୁ ଓ ଶ୍ୱଶୁରଙ୍କୁ ଗିରଫ କରିଥିଲା। ରାଜ୍ୟ ସରକାରଙ୍କ ପକ୍ଷରୁ ଆସୋସିଏଟ ସରକାରୀ ଓକିଲ ରାମପ୍ରସାଦ ଦାସ ମାମଲା ପରିଚାଳନା କରୁଥିଲେ।




# ସ୍ତ୍ରୀଙ୍କ ଅଶ୍ଳୀଳ ଫଟୋ ଭାଇରାଲକରି ସ୍ୱାମୀ ଗିରଫ

କଣ୍ଟାବାଞ୍ଜି,୨୬।୯ (ଗୁରୁଦୟାଲ ହଂସ)

**ତୁରେକେଲାରେ ଅଭାବନୀୟ ଘଟଣା**

ପାରିବାରିକ ବିବାଦକୁ ନେଇ ନିଜ ସ୍ତ୍ରୀଙ୍କ ଅଶ୍ଳୀଳ ଫଟୋ ଭାଇରାଲ କରିବା ଜଣେ ଯୁବକଙ୍କ ପାଇଁ ମହଙ୍ଗା ପଡ଼ିଛି। ଏହି ଘଟଣାରେ ପୋଲିସ ବଲାଙ୍ଗୀର ଜିଲା ତୁରେକେଲା ଥାନା ଅଧୀନ ଗୁର୍ଜିଭଟା ଗାଁର ଅଭିଯୁକ୍ତ ସ୍ୱାମୀ ଜିତେନ୍ଦ୍ର ତାଣ୍ଡି(୨୭)ଙ୍କୁ ଗିରଫକରି ଶୁକ୍ରବାର କୋର୍ଟ ଚାଲାଣ କରିଥିଲା। କୋର୍ଟରେ ଜାମିନ ନାମଞ୍ଜୁର ହେବା ପରେ ତାଙ୍କୁ ସ୍ଥାନୀୟ ବିଚାରବିଭାଗୀୟ ହାଜତକୁ ପଠାଇଦିଆଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ପାରିବାରିକ ଅଶାନ୍ତିକୁ ନେଇ ବିଭିନ୍ନ ସମୟରେ ଜିତେନ୍ଦ୍ର ଓ ତାଙ୍କ ସ୍ତ୍ରୀଙ୍କ ମଧ୍ୟରେ ଗଣ୍ଡଗୋଳ ହେଉଥିଲା। ଫଳରେ ଉଭୟେ ପ୍ରାୟ ୧ବର୍ଷ ହେବ ଅଲଗା ରହୁଥିଲେ। ତେବେ ଇତି ମଧ୍ୟରେ ଜିତେନ୍ଦ୍ର ସ୍ତ୍ରୀଙ୍କ ଅଶ୍ଳୀଳ ଫଟୋ ଭାଇରାଲକରି ଦେଇଥିଲେ। ଏନେଇ ତୁରେକେଲା ଥାନାରେ ସ୍ତ୍ରୀ ଅଭିଯୋଗ କରିବା ପରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଏ ସଂକ୍ରାନ୍ତରେ ପୋଲିସ ନଂ.୨୫୮/୨୦୨୫ରେ ଏକ ମାମଲା ରୁଜୁକରି ଅଧିକ ତଦନ୍ତ ଚଳାଇଛି।

# ଯୁବତୀଙ୍କୁ ପ୍ରତାରଣା ଅଭିଯୋଗରେ ଜଣେ ଗିରଫ

କେନ୍ଦୁଝର,୨୬।୯(ନରେଶ ଚନ୍ଦ୍ର ପଟ୍ଟନାୟକ)

ବିବାହର ପ୍ରତିଶ୍ରୁତି ଦେଇ ଜଣେ ଯୁବତୀଙ୍କ ସହ ଶାରୀରିକ ସମ୍ପର୍କ ରକ୍ଷା ପରେ ପ୍ରତାରଣା କରିବା ଅଭିଯୋଗରେ କେନ୍ଦୁଝର ଟାଉନ ଥାନା ପୋଲିସ ଶୁକ୍ରବାର ଜଣେ ଯୁବକଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ପଶ୍ଚିମବଙ୍ଗ ରାଜ୍ୟ ମୁର୍ଶିଦାବାଦ ଗ୍ରାମର ଆସିକୁଲ ଇସ୍ଲାମ (୪୦)। ତାଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ସେଠାରେ ଜାମିନ ନାମଞ୍ଜୁର ହେବା ପରେ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନା ଅନୁଯାୟୀ, ଅଭିଯୁକ୍ତ ଗତ ୫ ବର୍ଷ ଧରି କେନ୍ଦୁଝର ଗାମ୍ଭାରିଆ ଗ୍ରାମରେ ରହି ଠିକା କାମ କରୁଥିଲେ। ସେଠାରେ ଜଣେ ଯୁବତୀଙ୍କ ସହିତ ବିବାହ ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିଥିଲେ। ଏଥିସହ ୧.୦୮ଲକ୍ଷ ଟଙ୍କା (୧ଲକ୍ଷ ନଗଦ ଏବଂ ୮ହଜାର ଫୋନ୍‌ପେ ମାଧ୍ୟମରେ) ନେଇଥିଲେ। ପରବର୍ତ୍ତୀ ସମୟରେ ଯୁବତୀଙ୍କୁ ବିବାହ କରିବାକୁ ମନା କରିବା ସହ ହତ୍ୟା ଧମକ ଦେଇଥିଲେ। ଏନେଇ ଯୁବତୀଙ୍କ ଅଭିଯୋଗ ଆଧାରରେ ଟାଉନ ଥାନାରେ ଏକ ମାମଲା(ନଂ.୭୩୪/୨୦୨୫) ରୁଜୁ ହୋଇଥିଲା।

NPS TRUST

UPS Unified Pension Scheme — Assured Payout for Government Employees

କେନ୍ଦ୍ର ସରକାରୀ କର୍ମଚାରୀଙ୍କ ପାଇଁ ୟୁପିଏସ୍
ଆଶ୍ୱାସିତ ପେନ୍‌ସନ | ମନର ଅଧିକ ଶାନ୍ତି |

ବିଭିନ୍ନ ସ୍ତର ଏବଂ ପ୍ରବେଶ ବୟସରେ ୟୁପିଏସ୍ ପାଇଁ ଦେୟ ପରିଶୋଧର ତୁଳନା



| ସବିଶେଷ | ଗ୍ରୁପ୍-ଏ, ସ୍ତର 10 | | ଗ୍ରୁପ୍-ବି, ସ୍ତର 6 | | ଗ୍ରୁପ୍-ସି, ସ୍ତର 1 | |
|---|---|---|---|---|---|---|
| | (ପ୍ରବେଶ ସମୟରେ ବୟସ 25) | (ପ୍ରବେଶ ସମୟରେ ବୟସ 30) | (ପ୍ରବେଶ ସମୟରେ ବୟସ 25) | (ପ୍ରବେଶ ସମୟରେ ବୟସ 30) | (ପ୍ରବେଶ ସମୟରେ ବୟସ 25) | (ପ୍ରବେଶ ସମୟରେ ବୟସ 30) |
| ମାସିକ ମୌଳିକ ବେତନ | ₹56,100 | ₹56,100 | ₹35,400 | ₹35,400 | ₹18,000 | ₹18,000 |
| ଆଜି ସୁଦ୍ଧା ବିଦ୍ୟମାନ ଏନ୍‌ପିଏସ୍ ସ୍ତର 1 ପାଣ୍ଠି | ₹0 | ₹0 | ₹0 | ₹0 | ₹0 | ₹0 |
| ଅବସରଗ୍ରହଣ ପରେ ମାସିକ ଦେୟ ପରିଶୋଧ ଅନୁମତିଯୋଗ୍ୟ ଦେୟ ପରିଶୋଧ + ଡିଆର୍ | ₹2,58,236 + DR | ₹1,44,525 + DR | ₹1,62,951 + DR | ₹91,197 + DR | ₹82,856 + DR | ₹46,372 + DR |
| (i) ଅବସରଗ୍ରହଣରେ ଏକକାଳୀନ ଦେୟ ପରିଶୋଧ | ₹1,13,40,935 | ₹63,47,085 | ₹71,56,312 | ₹40,05,112 | ₹36,38,803 | ₹20,36,498 |
| (ii) ଅବସରଗ୍ରହଣରେ ଚୂଡ଼ାନ୍ତ ଉଠାଣ ଦେୟ ପରିଶୋଧ | ₹7,17,54,124 | ₹4,14,71,372 | ₹4,52,78,003 | ₹2,60,25,901 | ₹2,31,40,920 | ₹1,33,06,322 |
| (iii) ଅବସର ପର୍ଯ୍ୟାୟରେ ଉପଭୋକ୍ତାଙ୍କୁ ମୋଟ ମାସିକ ଦେୟ ପରିଶୋଧ | ₹8,66,43,209 | ₹5,48,38,490 | ₹5,46,73,252 | ₹3,45,38,204 | ₹2,78,59,636 | ₹1,75,95,240 |
| ଉପଭୋକ୍ତାଙ୍କ ଦ୍ୱାରା ପ୍ରାପ୍ତ ହେବାକୁ ଥିବା ସର୍ବମୋଟ ପ୍ରତ୍ୟାଶିତ ଲାଭ (i + ii + iii) | ₹16,97,38,267 | ₹10,26,56,947 | ₹10,71,07,567 | ₹6,45,69,217 | ₹5,46,39,359 | ₹3,29,38,060 |



59 ବୟସ ପୂର୍ବରୁ ଯେକୌଣସି ସମୟରେ ଥରକ ପାଇଁ ୟୁପିଏସ୍‌ରୁ ଏନ୍‌ପିଏସ୍‌କୁ ଫେରିବାର ବିକଳ୍ପ ଉପଲବ୍ଧ

ଅନ୍‌ଲାଇନ୍‌ରେ ଆବେଦନ କରିବା ପାଇଁ: npscra.nsdl.co.in/ups.php#RUSU
ଭୌତିକ ଭାବେ ଆବେଦନ କରିବା ପାଇଁ, ଫର୍ମ ଡାଉନ୍‌ଲୋଡ୍ କରନ୍ତୁ: npscra.nsdl.co.in/ups.php#5

- ୟୁପିଏ୍ ଅଧୀନରେ ନିଜର ଦେୟ ପରିଶୋଧ ଗଣନା ପାଇଁ ଦୟାକରି https://npstrust.org.in/ups-calculatorରେ ୟୁପିଏସ୍ କାଲ୍‌କୁଲେଟର୍ ପରିଦର୍ଶନ କରନ୍ତୁ
- ଉପରୋକ୍ତ ଗଣନାଗୁଡ଼ିକ ଅନୁମାନ ଉପରେ ଆଧାରିତ । ଅଧିକ ଜାଣିବା ପାଇଁ ଦୟାକରି ୱେବ୍‌ସାଇଟ୍: https://npstrust.org.inରେ ୟୁପିଏସ୍ କାଲ୍‌କୁଲେଟର୍ ପରିଦର୍ଶନ କରନ୍ତୁ
- ଦୟାକରି ପେନ୍‌ସନ ପାଣ୍ଠି ନିୟାମକ ଏବଂ ବିକାଶ ପ୍ରାଧିକରଣ ୟୁପିଏସ୍ ବିନିୟମ, 2025 ଓ ସିସିଏସ୍ ୟୁପିଏସ୍ ନିୟମାବଳୀ, 2025 ଦେଖନ୍ତୁ

*ୟୁପିଏସ୍ ଅଧୀନରେ ନିବେଶଗୁଡ଼ିକ ବଜାର କ୍ଷତିଭୟ ଅଧୀନ ଅଟେ

2025 ସେପ୍ଟେମ୍ବର 30 ୟୁପିଏସ୍ ପାଇଁ ଆବେଦନର ଶେଷ ତାରିଖ

ୟୁପିଏସ୍ ସମ୍ପର୍କରେ ଅଧିକ ଜାଣିବା ପାଇଁ ଏହାକୁ ସ୍କାନ୍ କରନ୍ତୁ
ନିଜର ପେନ୍‌ସନ୍ ଗଣନା ପାଇଁ ଏହାକୁ ସ୍କାନ୍ କରନ୍ତୁ

ଅଧିକ ସୂଚନା ପାଇଁ ୟୁପିଏସ୍ ହେଲ୍‌ପ ଡେସ୍କ (ନିଃଶୁଳ୍କ)କୁ କଲ୍ କରନ୍ତୁ: 18005712930 | ଆମକୁ ଅନୁସରଣ କରନ୍ତୁ

# ଡିଇଇଙ୍କୁ ମିଳିଲାନି ବିନା ସିଓଆର୍ ସ୍କୁଲ ତଥ୍ୟ

**ଓଏଚ୍ଆର୍‌ସିରେ ମାମଲା ପ୍ରସଙ୍ଗ**

- ଦୁର୍ନୀତିର ମୁଖା ଖୋଲିଯିବା ଭୟ
- ପିଛିଲା ତାରିଖରେ ସିଓଆର୍ ଦେବାକୁ ଯୋଜନା
- ଏଥର ତଥ୍ୟ ନ ଦେଲେ ଡିଇଓଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଚେତାବନୀ

ଯାଜପୁର,୨୫।୯ (ହର୍ଷବର୍ଦ୍ଧନ ବେହେରା)

ଶିକ୍ଷା ଅଧିକାର ଆଇନ (ଆର୍‌ଟିଇ) ଅନୁଯାୟୀ ଅନୁମତି କିମ୍ବା ମାନ୍ୟତାର ନବୀକରଣ, ସ୍ୱୀକୃତି ପ୍ରମାଣପତ୍ର (ସିଓଆର୍) ବିନା ଚାଲିଥିବା ଘରୋଇ ସ୍କୁଲ ସଂକ୍ରାନ୍ତରେ ଯାଜପୁର ଜିଲା ଶିକ୍ଷା ଅଧିକାରୀ (ଡିଇଓ)ଙ୍କ ପକ୍ଷରୁ ତଥ୍ୟ ଦାଖଲ ହୋଇ ପାରୁନାହିଁ। ରାଜ୍ୟ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ (ଡିଇଇ) ପକ୍ଷରୁ ୨୦୨୨ରୁ ଏଯାଏ ୫ ଥର ପତ୍ର ଲେଖାଯାଇଥିଲେ ହେଁ ଯାଜପୁର ଡିଇଓ କର୍ଣ୍ଣପାତ କରୁନାହାନ୍ତି। ବେଆଇନ ଘରୋଇ ସ୍କୁଲର ମୁଖା ଯଦି ଖୋଲିଯାଏ, ତେବେ ଅଧିକାରୀଙ୍କ ଅବହେଳା ଓ ଦୁର୍ନୀତି ପଦାରେ ପଡ଼ିପାରେ ବୋଲି ଆଶଙ୍କା କରି ଉଚ୍ଚ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶକୁ ଏଠାରେ ଅଣଦେଖା କରାଯାଉଛି। ଏଥିରୁ ଜିଲାରେ ଘରୋଇ ସ୍କୁଲ ନାମରେ ଏକ ବଡ଼ଧରଣର ଅନିୟମିତତା ସାଙ୍ଗକୁ ମିଳିମିଶି ଅର୍ଥ କାରବାର ଚାଲିଥିବା ସାଧାରଣରେ ସନ୍ଦେହ ଉପୁଜିଛି। ଏହିକ୍ରମରେ ଓଡ଼ିଶା ମାନବାଧିକାର କମିଶନ (ଓଏଚ୍ଆରସି)ରେ ୩୪୮/୨୦୨୫ରେ ହୋଇଥିବା ମାମଲା ଉପରେ ଡିଇଇଙ୍କ ପକ୍ଷରୁ ପୁଣି ଥରେ ୨୩।୯।୨୦୨୫ରେ ଯାଜପୁର ସମେତ ଢେଙ୍କାନାଳ, ନୂଆପଡ଼ା ଓ ପୁରୀ ଡିଇଓଙ୍କୁ ୩ ଦିନ ମଧ୍ୟରେ ଉପରୋକ୍ତ ତଥ୍ୟ ଦାଖଲ କରିବାକୁ ନିର୍ଦ୍ଦେଶ ହୋଇଛି। ଏଥର ତଥ୍ୟ ଦାଖଲ କରିବାରେ ବିଫଳ ହେଲେ ଡିଇଓଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଡିଇଇଙ୍କ ପକ୍ଷରୁ ଚେତାବନୀ ଦିଆଯାଇଛି।

ଯାଜପୁର ଜିଲାରେ କେତେଜଣ ବ୍ଲକ ଶିକ୍ଷାଧିକାରୀ(ବିଇଓ)ଙ୍କ ୫ରୁ ୬ ବର୍ଷ ହେଲା ଅନ୍ୟତ୍ର ବଦଳି ହେଉନାହିଁ। ସେମାନେ ବେଆଇନରେ ଚାଲିଥିବା ଘରୋଇ ସ୍କୁଲଗୁଡ଼ିକୁ ଅନୁକମ୍ପା ଦେଖାଇ ତଦନ୍ତ ରିପୋର୍ଟ ଦାଖଲ କରୁ ନ ଥିବାରୁ ବର୍ତ୍ତମାନ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ସାଧାରଣରେ ମତପ୍ରକାଶ ପାଇଛି। ଏଭଳି ପ୍ରଶାସନିକ ଅବହେଳା କାରଣରୁ ଯାଜପୁର ଜିଲାର କେତେକ ଘରୋଇ ସ୍କୁଲରେ ପିଲାମାନେ ପାଠ ପଢୁଛନ୍ତି ସତ, କିନ୍ତୁ ସେମାନଙ୍କ ନାମ ସିଓଆର ଥିବା ସ୍କୁଲ ତାଲିକାରେ ରହିଛି। ଯେଉଁ ସ୍କୁଲରେ ପିଲାମାନଙ୍କ ନାମ ରହିଛି ସେଠାରେ ସେମାନେ ପରୀକ୍ଷା ଦେଉଛନ୍ତି। ଆବଶ୍ୟକ ମାନଦଣ୍ଡ ପୂରଣ କରି ପାରୁ ନ ଥିବାରୁ ଏକାଧିକ ସ୍କୁଲ ସିଓଆର୍ ପାଇପାରୁନାହାନ୍ତି। ଏହାର ସୁଯୋଗ ନେଇ କେତେଜଣ ବ୍ଲକ ଶିକ୍ଷାଧିକାରୀ ବର୍ଷ ବର୍ଷ ଧରି ମାସିକ ମୋଟା ଅଙ୍କର ଚାନ୍ଦା ନେଇ ଅଭିଯୋଗକୁ ଚପେଇ ଦେବାରେ ସଫଳତା ପାଇ ଆସୁଛନ୍ତି। ତେବେ ଏଥର ଓଏଚ୍ଆରସିରେ ମାମଲା ରୁଜୁ ହେବା ପରେ ଜିଲା ଶିକ୍ଷା ବିଭାଗର ନିଦ ହଜିଯାଇଛି । ସେମାନେ କେମିତି ଏହି ବିପଦରୁ ମିକୁଳି ପାରିବେ ସେ ନେଇ ପ୍ରତ୍ୟହ ଯୋଜନା ହେଉଛି। ଏହି ବିପଦରୁ ମୁକ୍ତି ପାଇବା ପାଇଁ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ହାତ କରି ବେଆଇନ ସ୍କୁଲଗୁଡିକୁ ପିଛିଲା ତାରିଖରେ ସିଓଆର୍ ଦେବାକୁ ଯୋଜନା ହେଉଥିବା ଏବେ ଚର୍ଚ୍ଚା ଜୋର ଧରିଛି। ଏହି ତାଲିକାରେ ଓଡ଼ିଶାରେ ନାମ କରିଥିବା କୋରେଇ ବ୍ଲକର କେତେକ ସ୍କୁଲ ରହିଥିବା ମଧ୍ୟ ସୂଚନା ମିଳିଛି।

ଅଭିଯୋଗ ଅନୁସାରେ ପାରଦର୍ଶୀ ପୋର୍ଟାଲରେ ବେଆଇନ ସ୍କୁଲଗୁଡ଼ିକ ଯୋଗ୍ୟ ବିବେଚିତ ହେଉ ନ ଥିବାରୁ ଶିକ୍ଷା ଅଧିକାର ଆଇନ ଅନୁସାରେ ଶତାଧିକ ଗରିବ ମେଧାବୀ ଛାତ୍ରୀଛାତ୍ର ଶିକ୍ଷାଦାନରୁ ବଞ୍ଚିତ ହେଉଛନ୍ତି। ଏହାବାଦ୍ ସ୍କୁଲ ଅଛି, କିନ୍ତୁ ଅନ୍ୟ ସିଓଆରପ୍ରାପ୍ତ ସ୍କୁଲରେ ନାମ ଲେଖାଇ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ସହ ଖେଳ ଖେଳୁଛନ୍ତି। ଏହିକ୍ରମରେ ଜାତୀୟ ଅଭିଭାବକ ମହାସଂଘର ସଦସ୍ୟ ଭୂମୋହନ ବେବର୍ତ୍ତା ପଟ୍ଟନାୟକ ଓଏଚ୍ଆରସିଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏହି ମାମଲା ଉପରେ ୨୧।୪।୨୦୨୫ରେ କମିଶନ ବେଆଇନ ସ୍କୁଲଗୁଡିକର ତଥ୍ୟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ଡିଇଇଙ୍କ ପକ୍ଷରୁ ଉପନିର୍ଦ୍ଦେଶକ ୧୮।୭।୨୦୨୫ରେ ଜିଲା ଶିକ୍ଷାଧିକାରୀଙ୍କୁ ଏକ ସପ୍ତାହ ମଧ୍ୟରେ ଆବଶ୍ୟକ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ହୋଇଥିଲା। ଏହି ନିର୍ଦ୍ଦେଶକୁ ମଧ୍ୟ ଏଯାଏ କାର୍ଯ୍ୟକାରୀ ନ କରିବାରୁ ୯।୯।୨୦୨୫ରେ ପୁଣି ଥରେ ଆବଶ୍ୟକ ସୂଚନା ସହ କାର୍ଯ୍ୟାନ୍ୱୟନ ରିପୋର୍ଟ ୧୫।୯।୨୦୨୫ ସୁଦ୍ଧା ଦାଖଲ କରିବାକୁ ଡିଇଇଙ୍କ ପକ୍ଷରୁ ନିର୍ଦ୍ଦେଶ ହୋଇଥିଲା। ଏହାକୁ ଅତି ଜରୁରୀ ବୋଲି ଦର୍ଶାଯାଇଥିଲା। ତଥାପି ଡିଇଓ ତଥ୍ୟ ଦାଖଲ କରିବାରେ ବିଫଳ ହୋଇଛନ୍ତି। ତେଣୁ ଡିଇଇଙ୍କ ପକ୍ଷରୁ ନିର୍ଦ୍ଦେଶକ ଉପରୋକ୍ତ ଚେତାବନୀ ଦେଇଥିବା ସୂଚନା ମିଳିଛି।

## ସଂକ୍ଷେପରେ

### ଅଳଙ୍କାର ଦୋକାନରୁ ଚୋରି

ଚଣ୍ଡିଖୋଲ,୨୬।୯(ପ୍ରଦୀପ୍ତ କୁମାର ପୃଷ୍ଟି)

ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ରଇପୁର ନିକଟ ହନୁମାନ ଛକରେ ଥିବା ଶ୍ରୀଅଚ୍ୟୁତ ଅଳଙ୍କାର ଦୋକାନରୁ ଗୁରୁବାର ରାତିରେ ଚୋରି ହୋଇଛି। ଅଳଙ୍କାର ଦୋକାନର ଗ୍ରୀଲ ଓ ସଟର କାଟି ଦୁର୍ବୃତ୍ତ ୪୦ ଗ୍ରାମସୁନା, ୫ କେଜି ରୂପା ଓ ୪୦ ହଜାର ଟଙ୍କା ନେଇ ଯାଇଛନ୍ତି। ଏନେଇ ଶୁକ୍ରବାର ଥାନାରେ ଅଭିଯୋଗ ହେବାପରେ ପୋଲିସ ନଂ.୨୮୪/୨୫ରେ ମାମଲା ରୁଜୁ କରିବା ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଉକ୍ତ ଥାନା ଅନ୍ତର୍ଗତ ହଳଧରପୁର ଗ୍ରାମର ସୁନା ଦୋକାନୀ ଆନନ୍ଦ ଚନ୍ଦ୍ର ସାହୁ ରାତିରେ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ଭୋର ସମୟରେ ଦୋକାନ ବାହାର ଗ୍ରିଲ ଭଙ୍ଗା ଯାଇଥିବା ସ୍ଥାନୀୟ ଲୋକେ ଦେଖି ତାଙ୍କୁ ଖବର ଦେଇଥିଲେ। ଏହାପରେ ଆନନ୍ଦ ଥାନାରେ ଅଭିଯୋଗ କରିଥିଲେ। ଅଞ୍ଚଳରେ ପୋଲିସ ପାଟ୍ରୋଲିଂ କଡ଼ାକଡ଼ି କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

### ଅବିଶ୍ରାନ୍ତ ବର୍ଷା, ଜନ ଜୀବନ ଅସ୍ତବ୍ୟସ୍ତ

ଚଣ୍ଡିଖୋଲ/ବଡ଼ଚଣା ,୨୬।୯ (ପ୍ରଦୀପ୍ତ କୁମାର ପୃଷ୍ଟି/ ଦିଲୀପ ମହାନ୍ତି)

ଲଘୁଚାପ ଜନିତ ଲଗାଣ ବର୍ଷା ଗୁରୁବାର ରାତ୍ରିରୁ ଆରମ୍ଭ ହୋଇଛି। ବଡ଼ଚଣା ବ୍ଲକ ଅଞ୍ଚଳରେ ଶୁକ୍ରବାର ଦିନ ତମାମ ବର୍ଷା ଲାଗି ରହିଛି। ବର୍ଷା ପାଇଁ ଜନ ଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଏଥିସହିତ ମହାନଦୀରେ ବନ୍ୟା ଜଳ ପ୍ରବେଶ କରିଥିବାରୁ ବନ୍ୟା ହେବା ନେଇ ଆଶଙ୍କା ପ୍ରକାଶ ପାଇଛି। ମହାନଦୀର ଶାଖା ବିରୂପା ଓ ଗେଙ୍ଗୁଟି ନଦୀ ଏହି ବ୍ଲକ ଦେଇ ପ୍ରବାହିତ ହୋଇଛି। ତେଣୁ ମହାନଦୀ ସିଷ୍ଟମରେ ବନ୍ୟା ଆସିଲେ ବଡ଼ଚଣା ବ୍ଲକର ୧୪ ପଞ୍ଚାୟତ ପ୍ରଭାବିତ ହୋଇପାରେ। ଉପରମୁଣ୍ଡରେ ବନ୍ୟା ଜଳ ସହ ତଳ ମୁଣ୍ଡରେ ଲଗାଣ ବର୍ଷା ଜାରି ରହିଥିବାରୁ ବନ୍ୟା ଆସିବା ଭୟ ଦେଖାଯାଇଛି। ଯଦି ବନ୍ୟା ଆସେ ତେବେ ଚଳିତ ବର୍ଷ ୪ର୍ଥ ବନ୍ୟା ହେବ ବୋଲି ଚାଷୀମାନେ ପ୍ରକାଶ କରିଛନ୍ତି। ବାରମ୍ବାର ଲଗାଣ ବର୍ଷା ଓ ବନ୍ୟା ଆସିବା ଦ୍ୱାରା ଚାଷ ପ୍ରଭାବିତ ହୋଇଛି। ନଦୀକୂଳ ବର୍ତ୍ତୀ ଚାଷ ଜମିରେ ଚାଷୀମାନେ ବିରି, କୋଳଥ ଆଦି ରବି ଫସଲ ବୁଣି ସାରିଛନ୍ତି। ଏହାଧୋଇ ହୋଇଯିବା ଆଶଙ୍କା ପ୍ରକାଶ ପାଇଛି।

### ସିଂହପୁରରେ ଭାଜପା ପକ୍ଷରୁ ରକ୍ତଦାନ ଶିବିର

ସିଂହପୁର,୨୬।୯(ଅନଙ୍ଗ ଉଦୟ ବେଉରିଆ)

ସେବା ସପ୍ତାହ ପାଳନ ଅବସରରେ ଭାଜପା ପକ୍ଷରୁ ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁରସ୍ଥିତ କଳିଙ୍ଗ ସ୍କୋଟିଂ କ୍ଲବରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ଭାଜପା ନେତ୍ରୀ ବବିତା ମଲ୍ଲିକ ଉଦ୍‌ଘାଟନ କରିଥିଲେ। ସଂଯୋଜକ ନିରଞ୍ଜନ ବେଉରିଆ, ପୁରୁଷୋତ୍ତମ ବେହେରା, ଜିତେନ୍ଦ୍ର ବିଶ୍ୱାଳ, ସରପଞ୍ଚ ଜ୍ଞାନରଞ୍ଜନ ଜେନା, ସରପଞ୍ଚ ରମେଶ ମଲ୍ଲିକ, ଜ୍ୟୋତିପ୍ରକାଶ ନାୟକ, ଉପେନ୍ଦ୍ର ଧଳ, ସ୍ମୃତି ରଞ୍ଜନ ସ୍ୱାଇଁ, ମଣ୍ଡଳ ସଭାପତି ଶ୍ରୀଧର ଜେନା, ସଞ୍ଜୟ ପତି, ମନୋରଞ୍ଜନ ସାହୁ, ଶୁକଦେବ ଦାସ, ମହିଳା ମୋର୍ଚ୍ଚାର ନମିତା ନାୟକ, ମଞ୍ଜୁଲତା ପଣ୍ଡା, ଲୁସି ପରିଡ଼ା, ମାମିନା ରାୟ, ସସ୍ମିତା ବେହେରା ପ୍ରମୁଖ ଶିବିରକୁ ପରିଚାଳନା କରିଥିଲେ। ଦେବପ୍ରସାଦ ବେହେରା, ମଳୟ ନାୟକ, ଦ୍ୱାରିକାନାଥ ସାମଲ, ଦେବେନ୍ଦ୍ର ପଣ୍ଡା, ସୁନିଲ ସାହୁ, ସତ୍ୟରଞ୍ଜନ ବେହେରା, ଅମୂଲ୍ୟ ନାୟକ ଓ ଶଶିନାଥ ବେହେରାଙ୍କ ସମେତ ୭୫ ଜଣ ରକ୍ତଦାନ କରିଥିଲେ।

### ସୁସ୍ଥ ନାରୀ ସଶକ୍ତ୍ରୀ ପରିବାର ଅଭିଯାନ କର୍ମଶାଳା

ଯାଜପୁରଟାଉନ,୨୬।୯ (ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି)

ସୁସ୍ଥ ନାରୀ ସଶକ୍ତୀକରଣ ପରିବାର ଅଭିଯାନ କର୍ମଶାଳା ବିରଜା ନର୍ସିଂ କଲେଜ ଓ ଅଶ୍ୱିନୀ ହସ୍ପିଟାଲ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ବିରଜା ନର୍ସିଂ କଲେଜ ପରିସରରେ ଅନୁଷ୍ଠିତ ଏହି କର୍ମଶାଳାରେ ୧୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ଏହି ଉପଲକ୍ଷେ ଛାତ୍ରୀଛାତ୍ରଙ୍କୁ ସ୍ୱାସ୍ଥ୍ୟ ସମ୍ପର୍କୀୟ ବାର୍ତ୍ତା ପ୍ରଦାନ କରାଯାଇଥିଲା। ନର୍ସିଂ କଲେଜର ଅଧ୍ୟକ୍ଷ ମୋନାଲିସା ଦାସ, ନିର୍ଦ୍ଦେଶକ ପରେଶ ମଲ୍ଲିକ, କଲେଜର ଅଧ୍ୟକ୍ଷ ରଶ୍ମିରେଖା ବେହେରାଙ୍କ ସମେତ କଲେଜର ଅଧ୍ୟାପିକାମାନେ ଉପସ୍ଥିତ ଥିଲେ। ଅଶ୍ୱିନୀ ହସ୍ପିଟାଲ ପକ୍ଷରୁ ସଦସ୍ୟ ଡ. ଦେବଦତ୍ତ ଲେଙ୍କା, ଦିଲୀପ କୁମାର ବାରିକ, ଅପର୍ଣ୍ଣା ପରିଡ଼ା, ଆକାଂକ୍ଷା ବେହେରା ଓ ଅଶୋକ ସିଂହ ଯୋଗଦାନ କରିଥିଲେ।

## ଆରମ୍ଭ ହେଲା ମା'ବିରଜାଙ୍କ ହୋମଯଜ୍ଞ

**ପଞ୍ଚମ ଦିନରେ ରଥଯାତ୍ରା ଓ ମା'ଙ୍କ ପାଦ ଦର୍ଶନ**



ଯାଜପୁର ଟାଉନ,୨୬।୯ (ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି)

ଶାରଦୀୟ ଦୁର୍ଗା ପୂଜା ଅବସରରେ ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା'ବିରଜାଙ୍କ ପୀଠରେ ମହାପଞ୍ଚମୀଠାରୁ ଆରମ୍ଭ ହୋଇଛି ମା'ଙ୍କ ହୋମଯଜ୍ଞ। ସେହିପରି ପ୍ରତିପଦାଠାରୁ ଆରମ୍ଭ ହୋଇଥିବା ମା'ବିରଜାଙ୍କ ରଥଯାତ୍ରା ଓ ପାଦ ଦର୍ଶନ ଶୁକ୍ରବାର ପଞ୍ଚମ ଦିନରେ ପହଞ୍ଚିଛି। ଦ୍ୱିତୀୟାଷ୍ଟମୀଠାରୁ ଆରମ୍ଭ ହୋଇଥିବା ମା'ବିରଜାଙ୍କ ବିଶେଷ ଷୋଡ଼ଶୋପଚାର ପୂଜା ତ୍ରୟୋଦଶ ଦିନରେ ପହଞ୍ଚିଛି।

ମହାପଞ୍ଚମୀ ଦିନ ମା'ବିରଜାଙ୍କୁ ବୈତରଣୀ ପଣ୍ଡା ଆଣିଥିବା ବୈତରଣୀ ଜଳରେ ସ୍ନାନ କରାଯିବା ପରେ ବେଶ କରାଯାଇଥିଲା। ପରେ ମା'ଙ୍କ ପାଦ ଦର୍ଶନ ପାଇଁ ମନ୍ଦିର ପରିସରରେ ଅପେକ୍ଷାରତ ଥିବା ଭକ୍ତଙ୍କୁ ସୁଯୋଗ ଦିଆଯାଇଥିଲା। ପରେ ରଥରେ ଥିବା ମା'ଙ୍କ ବିଜେ ପ୍ରତିମାକୁ ରାତୀନୀତି ଅନୁଯାୟୀ ପୂଜା କରାଯାଇଥିଲା। ପହୁଡ଼ ଖୋଲିବା ପରେ ଅପରାହ୍ନ ୪ଟା ପରେ ମା'ଙ୍କ ସିଂହଧ୍ୱଜ ରଥକୁ ଭକ୍ତମାନେ ମନ୍ଦିର ଚତୁର୍ପାର୍ଶ୍ୱରେ ଟାଣିଥିଲେ। ରଥ ଟଣା ଶେଷ ହେବା ପରେ ମା'ଙ୍କ ଆର୍ଶୀବାଡ଼ି ଗର୍ଭଗୃହକୁ ଯିବା ପରେ ଆରତୀ ହୋଇଥିଲା। ଆରତୀ ପରେ ମା'ଙ୍କୁ ମହାସ୍ନାନ କରାଯାଇ ସ୍ୱର୍ଣ୍ଣବେଶରେ ସଜ୍ଜିତ କରାଯାଇଥିଲା। ପରେ ମା'ଙ୍କ ଗର୍ଭଗୃହରେ ବିଶେଷ ଷୋଡ଼ଶୋପଚାର ପୂଜା ଆରମ୍ଭ ହେବା ସହିତ ମନ୍ଦିର ପରସିରରେ ମା'ଙ୍କ ଯଜ୍ଞ ମଣ୍ଡପରେ ମହାପଞ୍ଚମୀ ଠାରୁ ଯଜ୍ଞଆରମ୍ଭ ହୋଇଥିଲା। ଯଜ୍ଞପରେ ମା'ଙ୍କ ଠାରେ ନୀତି ଭୋଗ ଲାଗିସାରିବା ପରେ କଳସ ପୂଜା ହୋଇ ମା'ଙ୍କର ପହୁଡ଼ ହୋଇଥିଲା। ପରେ ରଥରେ ଥିବା ବିଜେ ପ୍ରତିମାଙ୍କୁ ପୂଜା କରାଯାଇଥିଲା। ରଥ ଟଣା, ପାଦ ଦର୍ଶନ, ଯଜ୍ଞ କାର୍ଯ୍ୟକୁ ମନ୍ଦିର ପ୍ରଶାସନର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମ୍ପନ୍ନ କରାଯାଇଥିଲା।

## ବିଦ୍ୟାଳୟ ସମୂହ କ୍ରୀଡ଼ା ପ୍ରତିଯୋଗିତାରେ ଯାଜପୁର ଚାମ୍ପିୟନ

ଛତିଆ,୨୬।୯(ସୌମ୍ୟ ରଞ୍ଜନ ସାହୁ)



ବ୍ରହ୍ମପୁର ମହାତ୍ମାଗାନ୍ଧୀ ଷ୍ଟାଡିୟମଠାରେ ରାଜ୍ୟ କ୍ରୀଡା ଶିକ୍ଷା ବିଭାଗ ଓ ଗଞ୍ଜାମ ଜିଲା ଶିକ୍ଷା ବିଭାଗ ଆନୁକୂଲ୍ୟରେ ଗତ ୨୪ତାରିଖରୁ ୩ ଦିନ ଧରି ଓଡ଼ିଶା ରାଜ୍ୟ ବିଦ୍ୟାଳୟ ସମୂହ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୪ ବର୍ଷରୁ କମ ବାଳିକା ବିଭାଗ ହ୍ୟାଣ୍ଡବଲ ପ୍ରତିଯୋଗିତାରେ ଯାଜପୁର ଚାମ୍ପିୟନ ହୋଇଛି। ଉକ୍ତ ପ୍ରତିଯୋଗିତାରେ ନବରଙ୍ଗପୁର ଓ ସୁନ୍ଦରଗଡ଼କୁ ହରାଇ ଯାଜପୁର ସେମି ଫାଇନାଲରେ ପ୍ରବେଶ କରିଥିଲା। ସେମି ଫାଇନାଲରେ ବୌଦ୍ଧକୁ ୯-୦ ଗୋଲରେ ହରାଇ ଫାଇନାଲରେ ପହଞ୍ଚିଥିଲା। ଫାଇନାଲ ମ୍ୟାଚରେ ଗଞ୍ଜାମ ଜିଲାକୁ ୫-୦ ଗୋଲରେ ହରାଇଥିଲା। ଶୁଭଶ୍ରୀ ଦାସ, ଟିଙ୍କିଲ ବାରିକ, ତନୁଶ୍ରୀ ବିଶ୍ୱାଳ, ଇପ୍ସିତା ପ୍ରିୟଦର୍ଶନୀ, ଶତୋପ୍ରଜ୍ଞା ସାହୁ, ରୋଜାଲିନ ବାରିକ ଓ ପ୍ରିୟଙ୍କା ପ୍ରିୟଦର୍ଶନୀ ଉନ୍ନତ ଖେଳ ପ୍ରଦର୍ଶନ କରିଥିଲେ। ଚାମ୍ପିୟନ ହେବା ପରେ ଜିଲା ଶାରୀରିକ ଶିକ୍ଷା ବିଭାଗ ଓ ଜିଲା ହ୍ୟାଣ୍ଡବଲ ସଂଘର ସମ୍ପାଦକ ରମେଶ ପୃଷ୍ଟି ଖେଳିଳିଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ଓଏଏସ୍ ପରୀକ୍ଷାରେ ୮ମ ସ୍ଥାନରେ ନଜିବ

ବ୍ରହ୍ମବରଦା,୨୬।୯(ଯଯାତି କେଶରୀ ବେହେରା)



ରସୁଲପୁର ବ୍ଲକ୍ ବ୍ରହ୍ମବରଦା ପଞ୍ଚାୟତର ମହମ୍ମଦ ନଜିବ ହବିବ ଓଡ଼ିଶା ପ୍ରଶାସନିକ ସେବା(ଓଏଏସ୍) ପରୀକ୍ଷାରେ ୮ତମ ସ୍ଥାନରେ ସହି ସଫଳତା ହାସଲ କରିଛନ୍ତି। ୨୦୨୩ ପରୀକ୍ଷା ଫଳ ପ୍ରକାଶିତ ହେବାପରେ ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି। ନଜିବ ଭୁବନେଶ୍ୱର ନୟାପଲ୍ଲୀସ୍ଥିତ ଡିଏଭି ପବ୍ଲିକ୍ ସ୍କୁଲରେ ମାଟ୍ରିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ। ପରେ ଭୁବନେଶ୍ୱରର ୟୁନିଟ ୫ ସ୍ଥିତ ଡିଏଭି ପବ୍ଲିକ୍ ସ୍କୁଲରେ ଯୁକ୍ତ ୨ ବିଜ୍ଞାନରେ ଶିକ୍ଷା ଗ୍ରହଣ କରିଥିଲେ। ୨୦୨୨ରେ ହୋଇଥିବା ଓଡ଼ିଶା ରେଭିନ୍ୟୁ ସର୍ଭିସ(ଓଆରଏସ୍) ପରୀକ୍ଷାରେ ୨୨୫ନମ୍ବର ର୍ୟାଙ୍କରେ ଉତ୍ତୀର୍ଣ୍ଣ ହୋଇ ତାଲିମ ନେଉଥିଲେ। ସେ ଓଏଏସ ପାଇ ବହୁତ ଖୁସିଥିବାବେଳେ ତାଙ୍କ ସବୁ ଶ୍ରେୟ ତାଙ୍କ ମା' ରହିଲା ସୁଆବ ଓ ବାପା ସେକ୍ ନୁରୁଲ ହକଙ୍କୁ ଦେଇଛନ୍ତି। ଅନ୍ୟପକ୍ଷରେ ଏହି ସଫଳତା ପରେ ସେ ତାଙ୍କ ପରିବାର, ବନ୍ଧୁ ପରିଜନ ଓ ସମଗ୍ର ବ୍ରହ୍ମବରଦାବାସୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ଭାଜପା ବ୍ୟାସନଗର ମଣ୍ଡଳ ପଦାଧିକାରୀଙ୍କ ନାମ ଘୋଷଣା

ଯାଜପୁରରୋଡ୍,୨୬।୯(ପବିତ୍ର ରଞ୍ଜନ ମହାନ୍ତି)

ଯାଜପୁର ଜିଲା ଭାଜପା ସଭାନେତ୍ରୀ ଦେବଯାନୀ ପ୍ରଧାନଙ୍କ ଅନୁମୋଦନକ୍ରମେ ବ୍ୟାସନଗର ମଣ୍ଡଳ ସଭାପତି ଅଚ୍ୟୁତାନନ୍ଦ ଦାଶ ବ୍ୟାସନଗରର ମଣ୍ଡଳ ପଦାଧିକାରୀଙ୍କ ନାମ ଘୋଷଣା କରିଛନ୍ତି। ଏଥିରେ ଉପସଭାପତି ଭାବେ ସୁଚିତ୍ରା ଘଡ଼େଇ, ତରୁଣ ଦାଶ, ଗଣେଶ ମାଝୀ, ବିଭୂତି ଭୂଷଣ ସାମଲ, ମିନାରାଣୀ ଜେନା, ଅଜିତ ପରିଡ଼ାଙ୍କ ନାମ ଘୋଷଣା କରାଯାଇଛି। ସାଧାରଣ ସମ୍ପାଦକଭାବେ ପ୍ରଶାନ୍ତ ବୋଇତାଇ, ମହାମୟା ପ୍ରତାପ ସ୍ୱାଇଁ, ସମ୍ପାଦକ ଭାବେ ନିବେଦିତା ଜେନା, ସୁନିଲ ବଳ, ସତ୍ୟବ୍ରତ ଜେନା, ସଂଗୀତା ପ୍ରଧାନ, ରମେଶ ବେହେରା, ଚିତ୍ତରଞ୍ଜନ ନାୟକ ଓ କୋଷାଧ୍ୟକ୍ଷ ଭାବେ ସଞ୍ଜୀବ ନାୟକ ମଣ୍ଡଳ କମିଟିରେ ସ୍ଥାନ ପାଇଛନ୍ତି। ଯୁବମୋର୍ଚ୍ଚା ସଭାପତି ଭାବେ ଜିତେନ୍ଦ୍ର ବେହୁରା, ମହିଳା ମୋର୍ଚ୍ଚା ସଭାପତି ଭାବେ ୧୦ନଂ. ୱାର୍ଡ କାଉନସିଲର ରଶ୍ମିତା ରାଉତ, କୃଷକ ମୋର୍ଚ୍ଚା ସଭାପତିଭାବେ ଦିନବନ୍ଧୁ ନାୟକ, ଦଳିତ ମୋର୍ଚ୍ଚା ସଭାପତି ଭାବେ ଗୌରାଙ୍ଗ ମଲ୍ଲିକ, ଅନୁସୂଚିତ ଜନଜାତି ମୋର୍ଚ୍ଚା ସଭାପତି ଭାବେ ବିଜୟ ହେମ୍ବ୍ରମ, ସାଧାରଣ ପଛୁଆ ବର୍ଗ ମୋର୍ଚ୍ଚା ସଭାପତି ଭାବେ ଗୌରହରି ଦାସ, ସଂଖ୍ୟାଲଘୁ ମୋର୍ଚ୍ଚା ସଭାପତି ଭାବେ ମୋଇଉଦ୍ଦିନ ଅନସାରିଙ୍କ ନାମ ଘୋଷଣା କରାଯାଇଛି।

## ଦସ୍ତଖତ ଜାଲ୍ ଥିବା ସପକ୍ଷବାଦୀଙ୍କ ଅଭିଯୋଗ

**ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସଙ୍ଗ**



ଉପଜିଲାପାଳଙ୍କୁ ଅଭିଯୋଗପତ୍ର ଦେବାକୁ ଆସିଥିବା ୱାର୍ଡସଭ୍ୟମାନେ।

ଯାଜପୁର ଟାଉନ,୨୬।୯(ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି)

ବିଞ୍ଝାରପୁର ବ୍ଲକ ରଣପୁର ପଞ୍ଚାୟତର ସରପଞ୍ଚ ପ୍ରିୟଙ୍କା ଜେନାଙ୍କ ବିରୋଧରେ ୧୧ ସଦସ୍ୟ ଅନାସ୍ଥା ପ୍ରସ୍ତାବ ଆଣିବା ସହ ଉପଜିଲାପାଳଙ୍କ ନିକଟରେ ଦସ୍ତଖତ ଯାଞ୍ଚ କରାଇଛନ୍ତି। ଏହାପରେ ଶୁକ୍ରବାର ସରପଞ୍ଚଙ୍କ ସପକ୍ଷରେ କେତେଜଣ ୱାର୍ଡ ସଭ୍ୟାସଭ୍ୟ ବାହାରିଛନ୍ତି। ସେମାନେ ଉପଜିଲାପାଳଙ୍କୁ ଭେଟି ସରପଞ୍ଚଙ୍କ ବିରୋଧରେ ହୋଇଥିବା ଅଭିଯୋଗକୁ ମିଛି ବୋଲି କହିଛନ୍ତି। ପଞ୍ଚାୟତରେ ନିୟମିତ ବୈଠକ ହେଉଥିବାବେଳେ ସରକାରଙ୍କ ନିୟମ ଅନୁଯାୟୀ ସମସ୍ତ କାର୍ଯ୍ୟ ଜାରି ରହିଛି ବୋଲି ଜଣାଇଛନ୍ତି। ମାତ୍ର ଏହାକୁ ସହି ନ ପାରି କେତେଜଣ ସଦସ୍ୟ ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ଆଣିବା ପାଇଁ ଦାବି କରିଛନ୍ତି। ଏହି ସଦସ୍ୟ ମଧ୍ୟରୁ କେତେକଙ୍କ ଦସ୍ତଖତ ଜାଲ୍ କରାଯାଇଥିବା ନେଇ ସପକ୍ଷବାଦୀ ଅଭିଯୋଗ କରିଛନ୍ତି। ସମ୍ପୂର୍ଣ୍ଣ ଦସ୍ତଖତକୁ ଯାଞ୍ଚ କରାଗଲେ ଏହାର ରହସ୍ୟ ଉନ୍ମୋଚନ ହୋଇପାରିବ ବୋଲି ନିରଞ୍ଜନ ସାମଲ, ସନ୍ଧ୍ୟାରାଣୀ ଦାସଙ୍କ ସମେତ କେତେକ ସଦସ୍ୟ ଦାବି କରିବା ସହ ଉପଜିଲାପାଳ ତାପସ ରଞ୍ଜନ ଦେହୁରୀଙ୍କୁ ଏନେଇ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସରପଞ୍ଚ ୩ ବର୍ଷ ହେବ କୌଣସି ଉନ୍ନୟନମୂଳକ କାର୍ଯ୍ୟ କରୁନାହାନ୍ତି କି କାହା କଥା ଶୁଣୁନାହାନ୍ତି ବୋଲି ଅଭିଯୋଗ ହୋଇଥିଲା।

## ଜିଲା କେମିଷ୍ଟ, ଡ୍ରଗିଷ୍ଟ ସଂଘର ବାର୍ଷିକ ସାଧାରଣ ପରିଷଦ ସଭା

କାଏମା,୨୬।୯(ଶିବପ୍ରାସାଦ ମହାନ୍ତି)

ଧର୍ମଶାଳା ବ୍ଲକ ଅଧୀନ ଜାରକାସ୍ଥିତ ଷ୍ଟାଡିୟମହଲରେ ଯାଜପୁର ଜିଲା କେମିଷ୍ଟ ଓ ଡ୍ରଗିଷ୍ଟ ସଂଘର ଏକ ସାଧାରଣ ପରିଷଦ ସଭା ଅନୁଷ୍ଠିତ ହୋଇଯାଇଛି। ଜିଲା ସଂଘ ସଭାପତି ଅଜୟ କୁମାର ଦାସଙ୍କ ସଭାପତିତ୍ୱରେ ଯାଜପୁର ଏମ୍‌ପି ରବୀନ୍ଦ୍ର ନାରାୟଣ ବେହେରା ମୁଖ୍ୟ ଅତିଥି ଭବେ ଯୋଗଦେଇ ସଭାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ମିନତି ସାହୁ, ରାଜ୍ୟ ଔଷଧ ବ୍ୟବସାୟୀ ସଂଘର ସାଧାରଣ ସମ୍ପାଦକ ପ୍ରଶାନ୍ତ ମହାପାତ୍ର ଓ ସଂଗଠନ ସମ୍ପାଦକ ଦୀପକ କୁମାର ଆଚାର୍ଯ୍ୟ, ଅବସରପ୍ରାପ୍ତ ସିଡିଏମଓ ଡା. ବିଜୟ କୁମାର ଶତପଥୀ ଯୋଗଦେଇଥିଲେ। ଅତିଥିଭାବେ ଜଗତ୍‌ସିହପୁର, କେନ୍ଦୁଝର, ପୁରୀ, ବାଲେଶ୍ୱର, କଟକ, ଖୋର୍ଦ୍ଧା ଆଦି ଜିଲା ସଂଘର ସଭାପତି ଓ ସମ୍ପାଦକମାନେ ଯୋଗଦେଇ ସଂଘର ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ।

ଏହିଅବସରରେ ଜିଲା ସଂଘ କର୍ମକର୍ତ୍ତାଙ୍କ ନାମ ଘୋଷଣା କରାଯାଇଥିଲା। ୩ ବର୍ଷ ପାଇଁ ଜିଲା ସଂଘ ସଭାପତି ଭାବେ ଅଜୟ କୁମାର ଦାସ, ସମ୍ପାଦକ ଭାବେ ରାଜେଶ କୁମାର ଦାସ ଓ କୋଷାଧ୍ୟକ୍ଷ ଭାବେ ଯୁଗଳ କିଶୋର ଅଗ୍ରୱାଲଙ୍କ ନାମ ଘୋଷଣା କରାଯାଇଥିଲା। ସେହିପରି କାର୍ଯ୍ୟକାରୀ ସଦସ୍ୟ ଓ ଉପସଭାପତିଙ୍କ ନାମ ଘୋଷଣା କରାଯାଇଥିଲା। ପ୍ରଫୁଲ କୁମାର ଦୋରା, ପ୍ରଶନ୍ନ କୁମାର ପାଣି, ଧୀର କିଶୋର ସାହୁ, ପ୍ରବୋଧ କୁମାର ଶତପଥୀ, ଅୟେସକାନ୍ତ ମହାପାତ୍ର ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ଜିଲା ସଂଘ ସମ୍ପାଦକ ରାଜେଶ ଦାସ ଧନ୍ୟବାଦ ଦେଇଥିଲେ।




ସଭାରେ ଯୋଗଦେଇଥିବା ଅତିଥି ଏବଂ ଅନ୍ୟମାନେ।

## ବାଜିବନି ଡିଜେ, ନିଶାମୁକ୍ତ ହେବ ପୂଜା

ଯାଜପୁର ଟାଉନ,୨୬।୯ (ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି)



ବୈଠକରେ ଯୋଗଦେଇଥିବା ଜିଲାପାଳ, ଏସ୍‌ପି ଏବଂ ଅନ୍ୟ ଅଧିକାରୀମାନେ।

- କାଳୀପୂଜା ପ୍ରସ୍ତୁତି ବୈଠକ
- ଅକ୍ଟୋବର ୨୮ ଓ ୨୯ରେ ଭସାଣି ଉତ୍ସବ

ଯାଜପୁରର ଗଣପର୍ବ କାଳୀପୂଜାକୁ ଶାନ୍ତି ଶୃଙ୍ଖଳାର ସହ ପାଳନ କରିବା ପାଇଁ ଶୁକ୍ରବାର ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲାପାଳ ଅମ୍ବର କୁମାର କରଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ଅକ୍ଟୋବର ୨୮ ଓ ୨୯ରେ କାଳୀପୂଜାର ଭସାଣ ଉତ୍ସବ ଅନୁଷ୍ଠିତ ହେବ। ଏହି ଭସାଣ ଉତ୍ସବରେ ଡିଜେ ବାଜିବନି। ଏଥିପାଇଁ ପ୍ରଶାସନ ଓ ପୂଜା ମଣ୍ଡପର କର୍ମକର୍ତ୍ତା ନିଷ୍ପତ୍ତି ଗ୍ରହଣ କରିଛନ୍ତି।

ପୂଜାକୁ ଶାନ୍ତି, ମୈତ୍ରୀ, ସଂପ୍ରିତି, ଭାଇଚାରା ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ଶୃଙ୍ଖଳା ବାତାବରଣ ମଧ୍ୟରେ ସମାପନ କରିବା ନିମନ୍ତେ ଜିଲାପାଳ ସମସ୍ତ ପୂଜା କମିଟିର କର୍ମକର୍ତ୍ତାଙ୍କ ସହଯୋଗ କାମନା କରିଛନ୍ତି। ପ୍ରାରମ୍ଭରେ ଜିଲାପାଳ ଶାନ୍ତି କମିଟି ଗଠନ ସମ୍ପର୍କରେ ଆଲୋଚନା କରିଥିଲେ। ଏହି କମିଟିରେ ସବୁ ବର୍ଗର ବ୍ୟକ୍ତିଙ୍କୁ ସାମିଲ କରି ପ୍ରଶାସନକୁ ପ୍ରଦାନ କରିବାକୁ ସେ ଅନୁରୋଧ କରିଥିଲେ। ଚଳିତ ବର୍ଷ ପୂଜା ମଣ୍ଡପ ପାରିପାର୍ଶ୍ୱିକ ଅଞ୍ଚଳରେ ସ୍ୱଚ୍ଛତା ରଖିବା ସହ ସଂପୂର୍ଣ୍ଣ ପଲିଥିନ ବ୍ୟବହାର ବନ୍ଦ କରିବା ପାଇଁ ପରାମର୍ଶ ଦେଇଥିଲେ। ବିଭିନ୍ନ ପୂଜା କମିଟି ଓ ପୂଜା ମଣ୍ଡପର ସଭାପତି, ସମ୍ପାଦକ, ଶାନ୍ତି କମିଟିର ସଦସ୍ୟ, ବୟୋଜ୍ୟେଷ୍ଠ ବ୍ୟକ୍ତି ଓ ଗଣମାଧ୍ୟମ ପ୍ରତିନିଧି ଯୋଗଦେଇ ବିଭିନ୍ନ ପ୍ରସ୍ତାବମାନ ଉତ୍‌ଥାପନ କରିଥିଲେ। ଶାନ୍ତି କମିଟି ଓ ପୂଜା କମିଟି ତରଫରୁ ବିଭିନ୍ନ ପ୍ରସଙ୍ଗରେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଅକ୍ଟୋବର ୧୯ରେ ଲକ୍ଷ୍ମୀନାରାୟଣ ପୂଜା ଏବଂ ୨୦ଠାରୁ ମା' କାଳୀଙ୍କ ପୂଜା ଆରମ୍ଭ ହେବା ସହ ୨ଦିନ ଧରି ଭସାଣି ଉତ୍ସବ ପାଳନ ହେବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ସିଙ୍ଗଲ ୱିଣ୍ଡୋ ସିଷ୍ଟମ୍ ମାଧ୍ୟମରେ ସମସ୍ତ ପୂଜା କମିଟି ଫାୟର ସାର୍ଟିଫିକେଟ, ଇଲେକ୍ଟ୍ରିକ ସାର୍ଟିଫିକେଟ ଆବେଦନ କରି ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ନେବା ପାଇଁ ବ୍ୟବସ୍ଥା କରାଯିବ। ପୂଜା ସମୟରେ ରାତ୍ରି ୧୨ଟା ପର୍ଯ୍ୟନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ। ଭସାଣିକୁ ଡିଜେ ମୁକ୍ତ, ନିଶାମୁକ୍ତ ଏବଂ ଶାନ୍ତି ପୂର୍ଣ୍ଣ ଭାବେ ପାଳନ ପୂର୍ବକ ଆଇନଶୃଙ୍ଖଳା ପ୍ରତି ଧ୍ୟାନ ଦେବାକୁ ଆରକ୍ଷୀ ଅଧୀକ୍ଷକ ଯଶ ପ୍ରତାପ ଶ୍ରୀମାଲ ପୂଜା ମଣ୍ଡପ ଓ ପୂଜା କମିଟି ସଭାପତି ଏବଂ ସମ୍ପାଦକଙ୍କୁ ଅନୁରୋଧ କରିଥିଲେ। ମଣ୍ଡପରେ ସ୍ୱେଚ୍ଛାସେବୀଙ୍କୁ ନିୟୋଜିତ କରାଯିବ। ସୁନା, ରୁପା ଗହଣା ସମ୍ପର୍କରେ ପୋଲିସକୁ ସୂଚନା ଦିଆଯିବ। ନିଶାସେବନ କରି ଗାଡି ଚଳାଇବା ଉପରେ ନଜର ରଖାଯିବ। ଜଳବାହିତ ରୋଗ ନ ବ୍ୟାପିବା ପାଇଁ ଫୁଡ ସେଫଟି ଅଧିକାରୀ ଚେକିଂ କରିବେ। ଟ୍ରାଫିକ ନିୟନ୍ତ୍ରଣ ସହ ମଣ୍ଡପରେ ସିସିଟିଭି ଲଗାଯିବ।

ପୂଜା କମିଟି ସମ୍ଭାବ୍ୟ ଅଗ୍ନିକାଣ୍ଡର ମୁକାବିଲା ପାଇଁ ବାଲି ଓ ପାଣିର ବ୍ୟବସ୍ଥା କରିବେ, ଅଗ୍ନି ନିର୍ବାପକ ଯନ୍ତ୍ର ରଖିବେ, ପ୍ରତ୍ୟେକ ପୂଜା କମିଟିର ବରିଷ୍ଠ ସଦସ୍ୟ ଉପସ୍ଥିତ ରହିବେ, ଶାନ୍ତି କମିଟିର ସଦସ୍ୟମାନେ ବୈଠକ କରି ବିଭିନ୍ନ ସମସ୍ୟାର ସମାଧାନ କରିବେ, ଟ୍ରାଫିକ ନିୟନ୍ତ୍ରଣ, ରାସ୍ତା ମରାମତି ସହ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ କରାଯିବ। ପୂଜାରେ ୨ଗୁଣ ଟ୍ରାନସଫର୍ମର ମହଜୁଦ କରି ରଖିବା ନିମନ୍ତେ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା।ପ୍ରତ୍ୟେକ ପୂଜା ମଣ୍ଡପକୁ ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକ ପରିଦର୍ଶନ କରିବାପାଇଁ କମିଟିର କର୍ମକର୍ତ୍ତା ଜିଲାପାଳଙ୍କୁ ନିବେଦନ କରିଥିଲେ। ବୈଠକରେ ଅତିରିକ୍ତ ଜିଲାପାଳ ଯୁଧିଷ୍ଠିର ନାଏକ ଯୋଗଦେଇ କାର୍ଯ୍ୟସୂଚୀ ଅନୁଯାୟୀ ଆଲୋଚନା କରିଥିଲେ। ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୀତିକଣ୍ଠ କାନୁନଗୋ, ଉପଜିଲାପାଳ ତାପସ ରଞ୍ଜନ ଦେହୁରୀ, ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ପ୍ରଶାନ୍ତ ମାଝୀ, ବିଭିନ୍ନ ବିଭାଗୀୟ ଅଧିକାରୀ, ପୂଜା ଓ ଶାନ୍ତି କମିଟିର ସଭାପତି, ସମ୍ପାଦକ, ବରିଷ୍ଠ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଯାଜପୁରଟାଉନ ଥାନା ଭାରପ୍ରାପ୍ତ ଅଧିକାରୀ ଶରତ ଚନ୍ଦ୍ର ପାତ୍ର ପୂଜା ସମୟରେ ଟ୍ରାଫିକ ନିୟନ୍ତ୍ରଣ ଓ ଆଇନ ଶୃଙ୍ଖଳା ଉପରେ ସୂଚନା ପ୍ରଦାନ କରିଥିଲେ। ଶେଷରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ମହାନ୍ତି ଧନ୍ୟବାଦ ଦେଇଥିଲେ।

# ନଦୀପଠାରେ ବେଆଇନ ନିର୍ମାଣ

■ ଅଭୟାରଣ୍ୟ, ଇକୋ ସେନସିଟିଭ ଜୋନ ଆଇନର ଖୋଲା ଉଲ୍ଲଂଘନ ■ ବିଧାନସଭାରେ ଉଠିଲା ଭିତରକନିକା ସୁରକ୍ଷା ପ୍ରସଙ୍ଗ

ରାଜନଗର, ୨୬।୯
(ଭାସ୍କର ରାଉତରାୟ)

ଭିତରକନିକା ଜାତୀୟ ଉଦ୍ୟାନ ଅତି ପରିବେଶ ସମ୍ବେଦନଶୀଳ ଅଞ୍ଚଳ(ଇକୋ ସେନ୍‌ସିଟିଭ) ରେ ବେଆଇନ ଭାବେ ନଦୀପଠାକୁ ଡାଡି ନଦୀର ଜୁଆର ଅଟକାଇ ବେଧଡକ ଭାବେ ନିର୍ମାଣ ଚାଲିଛି। ଜୈବବିବିଧତାର ସୁରକ୍ଷା ପାଇଁ ଆଇନ ରହିଥିବା ବେଳେ ଦିବାଲୋକରେ ବେଆଇନ ନିର୍ମାଣ କାର୍ଯ୍ୟ ଜାରି ରହିଛି। ଭିତରକନିକା ଅଭୟାରଣ୍ୟ, ସିଆର୍‌ଜେଡ୍ ଓ ଇକୋ ସେନସିଟିଭ ଜୋନ ଆଇନକୁ ଉଲ୍ଲଂଘନ କରି ବେଆଇନ ନିର୍ମାଣ କରାଯାଉଛି। ନଦୀର ଜୁଆରକୁ ଅଟକାଇ ଏହି ନିର୍ମାଣ କରାଯିବା ସହ ସରକାରୀ ଜମିରେ ବେଆଇନ ଭାବେ ପ୍ରାଚୀର ନିର୍ମାଣ କରାଯାଉଛି ବୋଲି ରାଜନଗର ଅଞ୍ଚଳର ସଚେତନ ନାଗରିକମାନେ କେନ୍ଦ୍ରାପଡ଼ା ଜିଲାପାଳ ରଘୁରାମ ଆର ଆୟାର ଓ ରାଜନଗର ଡିଏଫ୍‌ଓ ଭରଦରାଜ ଗାଓଁଙ୍କରଙ୍କୁ ଭେଟି ଅଭିଯୋଗ କରିଥିଲେ। ହେଲେ ପ୍ରଶାସନ ପ୍ରଭାବଶାଳୀ ନିର୍ମାଣକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ବଦଳରେ ହାତବାନ୍ଧି ବସିଛି। ପରିବେଶର ସୁରକ୍ଷା ପାଇଁ ରାଜନଗର ବିଧାୟକ ଧ୍ରୁବ ସାହୁ ଏହି ପ୍ରସଙ୍ଗ ବିଧାନସଭାରେ ଉଠାଇବା ସହିତ ତୁରନ୍ତ ବେଆଇନ ନିର୍ମାଣକୁ ଭାଙ୍ଗିବାକୁ ଦାବି ରଖିଛନ୍ତି। ଏଥିସହ ଭିତରକନିକା ଓ ପରିବେଶର ସୁରକ୍ଷା ପାଇଁ ସିଆର୍‌ଜେଡ୍ -୧ ଅଞ୍ଚଳରେ ନଦୀପଠାକୁ ଖୋଳି ଓ ଜୁଆରକୁ ଅଟକାଇ ଚାଲିଥିବା ବେଆଇନ ନିର୍ମାଣକୁ ତୁରନ୍ତ ଭାଙ୍ଗିବା ସହ କାର୍ଯ୍ୟାନୁଷ୍ଠାନ ପାଇଁ ମୁଖ୍ୟମନ୍ତ୍ରୀ, ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଓ ବାଚସ୍ପତିଙ୍କୁ ଲିଖିତ ଭାବେ ଜଣାଇଛନ୍ତି।



ନଦୀପଠାରେ ବେଆଇନ ଭାବେ ନିର୍ମାଣ କରାଯାଇଥିବା ଅଟ୍ଟାଳିକା।

ଅଭିଯୋଗ ମୁତବକ, ରାଜନଗର ତହସିଲ ଅନ୍ତର୍ଗତ ସାରଦାପ୍ରସାଦ ମୌଜାରେ ବୈତରଣୀ ନଦୀପଠାରେ ବେଆଇନ ଭାବେ ଅଟାଳିକା ନିର୍ମାଣ କରାଯାଉଛି। ଯେଉଁ ସ୍ଥାନରେ ବୈତରଣୀ ନଦୀର ଜୁଆର ଅଟକାଇ ସ୍ଥାୟୀ ନିର୍ମାଣ କରାଯାଉଛି ସେହି ଅଞ୍ଚଳଟି ସିଆର୍‌ଜେଡ୍ ୧ରେ ଯାଉଛି। ଏହି ଅଞ୍ଚଳରେ କୌଣସି ପରିସ୍ଥିତିରେ ନୂତନ ନିର୍ମାଣ ହୋଇପାରିବନାହିଁ। ପରିବେଶ ଦୃଷ୍ଟିରୁ ଏହି ଅତି ସମ୍ବେଦନଶୀଳ ଅଞ୍ଚଳରେ କିପରି ବେଆଇନ ନିର୍ମାଣ ଚାଲିଛି, ତାହା ସବୁ ମହଲକୁ ବିସ୍ମିତ କରିଛି। ଏପରିକି ନଦୀପଠାରେ ଖୋଳାଯାଇ ବ୍ୟକ୍ତିଗତ ଜେଟି ନିର୍ମାଣ କରାଯାଉଛି। ୨୦୧୨ ମସିହାରେ ଏହି ସ୍ଥାନରେ ବେଆଇନ ନିର୍ମାଣ ରୋକିବାକୁ ରାଜନଗର ତହସିଲ ଓ ରାଜନଗର ଡିଏଫ୍‌ଓଙ୍କ ପକ୍ଷରୁ ଜମି ମାଲିକ ଯାଜପୁର ଜିଲା ସିଙ୍ଘପୁର ଗାଁର ବିକାଶ ଚୌଧୁରୀଙ୍କୁ ନୋଟିସ ଦିଆଯିବା ସହ ତାଙ୍କ ନାମରେ ମାମଲା ରୁଜୁ କରାଯାଇଥିଲା। କିପରି ପରବର୍ତ୍ତୀ ଅବସ୍ଥାରେ ଦୁଇଟି ପ୍ଲଟର ୬୩ ଡେସିମିଲ ଜମିକୁ ରାଜନଗର ତହସିଲ ପକ୍ଷରୁ ଘରବାରି କରାଗଲା, ତାହା ସରକାରୀ ଅଧିକାରୀଙ୍କ ଭୂମିକା ନେଇ ପ୍ରଶ୍ନ ଉଠିଛି। ଅନ୍ୟପକ୍ଷରେ ବେଆଇନ ନିର୍ମାଣ ଚାଲିଥିବା ବେଳେ ଘଟଣାସ୍ଥଳକୁ ଉପଜିଲାପାଳ ଓ ତହସିଲଦାର ବାରମ୍ବାର ଯାଇଛନ୍ତି। ଏସବୁ ପରେ ବି କିପରି ନିର୍ମାଣ ଚାଲିଛି ତାହାକୁ ନେଇ ବୁଦ୍ଧିଜୀବୀ ପ୍ରଶ୍ନ ଉଠାଇଛନ୍ତି। ଇକୋ ସେନ୍‌ସିଟିଭ ଜୋନରେ ସୁରକ୍ଷା ପାଇଁ ନିର୍ମାଣକୁ ବନ୍ଦ କରିବା ସହ ଉପକୂଳର ପରିସଂସ୍ଥା ବଜାୟ ରଖିବାକୁ ଅଞ୍ଚଳରେ ଦାବି ଜୋର ଧରିଛି।








ସେଲ୍‌ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com
ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ୨ଶହ ର୍‍ୟାଙ୍କରେ ଜୟପ୍ରକାଶ



ଜୟ ପ୍ରକାଶ ବେହେରା

ମହାକାଳପଡ଼ା, ୨୬।୯ (ପ୍ରତାପ ଚନ୍ଦ୍ର ସ୍ୱାଇଁ)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଧୀନ ମଙ୍ଗଳପୁର ପଞ୍ଚାୟତ ବନ୍ଧପଡ଼ା ଗ୍ରାମର ସଫଳ ଚାଷୀ ତ୍ରିଲୋଚନ ବେହେରାଙ୍କ ସାନପୁଅ ଜୟପ୍ରକାଶ ରାଜ୍ୟ ସରକାରଙ୍କ ଓଡ଼ିଶା ପବ୍ଲିକ ସର୍ଭିସ କମିଶନ ୨୦୨୩-୨୪ ପରୀକ୍ଷାରେ କୃତିତ୍ୱ ହାସଲ କରିଛନ୍ତି। ସେ ୨ ଶହତମ ସ୍ଥାନରେ ରହିଛନ୍ତି। ଏଥିପାଇଁ ତାଙ୍କୁ ବିଭିନ୍ନ ମହଲ ଓ ବଳଦେବଜୀଉ ଚାଷୀ ସଙ୍ଗଠନ ପକ୍ଷରୁ ସ୍ୱାଗତ କରାଯାଇଛି। ଜୟପ୍ରକାଶ ଗାଁ ପ୍ରାଥମିକ ବିଦ୍ୟାଳୟରୁ ଶିକ୍ଷା ପରେ ଗୋଜବନ୍ଧସ୍ଥିତ ଗାନ୍ଧିଜୀ ବିଦ୍ୟାପୀଠରୁ ୨୦୧୨ରେ ମାଟ୍ରିକ ପାସ୍ କରିଥିଲେ। କେନ୍ଦ୍ରାପଡ଼ାରୁ ଯୁକ୍ତ ୨ ଓ ଯୁକ୍ତ ୩ ପଦାର୍ଥ ବିଜ୍ଞାନରେ ପାସ କରି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରୁ ପିଜିରେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିଲେ। ସେ ଦିଲ୍ଲୀ ଓ ବାଙ୍ଗାଲୋରରେ ରହି ସିଭିଲ ସର୍ଭିସ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିଲେ। ୨୩-୨୪ ସିଭିଲ ସର୍ଭିସ ପରୀକ୍ଷାରେ ସଫଳ ହାସଲ କରିଥିବା ସମ୍ପର୍କୀୟ ନରତ୍ତୋମ ପାର୍ଥ ସାରଥି କହିଛନ୍ତି। ଏ ସଂକ୍ରାନ୍ତରେ ଓଏଏସ୍ ପରୀକ୍ଷାରେ ସଫଳ ହୋଇଥିବା ଜୟପ୍ରକାଶ ବେହେରାଙ୍କୁ ପଚାରିବାରେ ଏହି ସଫଳତା ହାସଲ ପଛରେ ପ୍ରଭୁ ଜଗନ୍ନାଥଙ୍କ ଆଶୀର୍ବାଦ ରହିଛି। ପରେ ପରିବାର ମା' ବାପା ଓ ଭଉଣୀଙ୍କ ଆଶୀର୍ବାଦ ରହିଛି। ଏହା ପ୍ରଥମ ପ୍ରୟାସ ବୋଲି କହିଛନ୍ତି। ସଫଳ ପ୍ରଶାସନିକ ଅଧିକାରୀ ହୋଇ ଗ୍ରାମାଞ୍ଚଳ ଲୋକଙ୍କ ସେବା କରିବାକୁ ଉଦ୍ୟମ କରିବେ ବୋଲି ସେ କହିଛନ୍ତି।

## ଚିକିତ୍ସାଧୀନ ଅବସ୍ଥାରେ ସାନଭାଇଙ୍କ ମୃତ୍ୟୁ

**ବଡ଼ଭାଇ ଚୋଟରେ ସାନ ଗଳା କଟିବା ଘଟଣା**

**ଜେଲ ଗଲେ ବଡ଼ ଭାଇ ରଞ୍ଜନ**

ମହାକାଳପଡ଼ା, ୨୬।୯(ପ୍ରତାପ ଚନ୍ଦ୍ର ସ୍ୱାଇଁ)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ଥାନା ଅଧୀନ ବବକରପୁର ଗ୍ରାମର କାଳନ୍ଦୀ ସାହୁ (୮୦)ଙ୍କ ବଡ଼ପୁଅ ରଞ୍ଜନ(୫୦)ଙ୍କ ଏକ ଧାରୁଆ ଅସ୍ତ୍ର ଚୋଟରେ ସାନ ଭାଇ ଗଗନ (୪୦)ଙ୍କ ଗଳା କଟିଥିବା ନେଇ ବାପା କାଳନ୍ଦୀ ଅଭିଯୋଗ କରିଥିଲେ। ଦୁଇଦିନ ପୂର୍ବରୁ ବଡ଼ପୁଅ କହିଥିଲେ ସାନଙ୍କୁ ହାଣିବି ବୋଲି ବାପା ଅଭିଯୋଗ ପତ୍ରରେ ଉଲ୍ଲେଖ କରିଥିଲେ। ସାନଭାଇ ଗଗନ ଗୁରୁତର ଅବସ୍ଥାରେ କଟକ ବଡ଼ ଡାକ୍ତରଖାନାରେ ଗୁରୁବାର ଭର୍ତ୍ତି ହୋଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ଅପରାହ୍ନରେ ଗଗନଙ୍କ ମୃତ୍ୟୁ ଘଟିଛି। ମୃତ୍ୟୁ ଖବରପାଇବା ପରେ ପରିବାରରେ ଶୋକର ଛାୟା ଖେଳିଯାଇଛି।




ମୃତ ସାନଭାଇ ଗଗନ, ଗିରଫ ବଡ଼ଭାଇ ରଞ୍ଜନ।

ବବକରପୁର ଗ୍ରାମର କାଳନ୍ଦୀଙ୍କ ବଡ଼ପୁଅ ରଞ୍ଜନ ବୁଧବାର ବିଳମ୍ବିତ ରାତିରେ ଏକ ଧାରୁଆ ଅସ୍ତ୍ରରେ ସାନଭାଇ ଗଗନଙ୍କୁ ଆକ୍ରମଣ କରିଥିଲେ। ଏଥିରେ ଗଗନଙ୍କ ଗଳା କଟି ଯାଇଥିଲା। ଗଗନଙ୍କୁ ପ୍ରଥମେ ଏକ ଅଟୋ ଯୋଗେ ଗୁରୁତର ଅବସ୍ଥାରେ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟ ପରେ ଅବସ୍ଥା ଗୁରୁତର ହେବାରୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ବାପା କାଳନ୍ଦୀଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଘଟଣାସ୍ଥଳରୁ ରଞ୍ଜନଙ୍କୁ ଗିରଫ କରିଥିଲା। ଗୁରୁବାର ଘଟଣାସ୍ଥଳରେ କେନ୍ଦ୍ରାପଡ଼ା ସାଇଣ୍ଟିଫିକ୍ ଟିମ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ଶୁକ୍ରବାର ଅପରାହ୍ନରେ ପୋଲିସ ରଞ୍ଜନଙ୍କୁ କେନ୍ଦ୍ରାପଡ଼ା ଏସ୍‌ଡିଜେଏମ୍ କୋର୍ଟକୁ ଚାଲାଣ କରିଥିଲା। ସେଠାରେ ଜାମିନ ନାମଞ୍ଜୁର ପରେ ରଞ୍ଜନଙ୍କୁ କେନ୍ଦ୍ରାପଡ଼ା ବାରିମୂଳ ଜେଲକୁ ପଠାଇ ଦିଆଯାଇଛି। ଏ ସଂକ୍ରାନ୍ତରେ ଆଇଆଇସି ରାଜେନ୍ଦ୍ର କୁମାର ମହାପାତ୍ରଙ୍କୁ ପଚାରିବାରେ ସାନଭାଇ ଗଗନଙ୍କ ମୃତ୍ୟୁ ଖବର ମିଳିଛି। ଏହା ଏକ ସମ୍ବେଦନଶୀଳ ଘଟଣା ହୋଇଥିବାରୁ ଆଇନ ଅନୁସାରେ ହତ୍ୟା ଦଫା ସମ୍ବଳିତ ମାମଲା ରୁଜୁ କରାଯିବ। ଏ ନେଇ ଥାନାରେ ନଂ. ୨୮୨/୨୫ରେ ମାମଲା ରୁଜୁ କରାଯାଇଛି। ଘଟଣାର ଅଧିକ ତଦନ୍ତ କରାଯିବ ବୋଲି ସେ କହିଛନ୍ତି।

## ଡା. ଦେବସ୍ମିତା ଶର୍ମା କେନ୍ଦ୍ରାପଡ଼ା ଜିଲା କଂଗ୍ରେସ ସଭାପତି

ଆଳି, ୨୬।୯ (ବନମାଳୀ ସେନାପତି)

ଆଳି ନିର୍ବାଚନମଣ୍ଡଳୀର କଂଗ୍ରେସ ନେତ୍ରୀ ତଥା ପିସିସି ସମ୍ପାଦିକା ଡାକ୍ତର ଦେବସ୍ମିତା ଶର୍ମା କେନ୍ଦ୍ରାପଡ଼ା ଜିଲା କଂଗ୍ରେସ ସଭାପତି ଭାବେ ମନୋନୀତ ହୋଇଛନ୍ତି। ଆଳି ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମାଙ୍କ ଝିଅ ଦେବସ୍ମିତାଙ୍କୁ ଜିଲା ସଭାପତି ଭାବେ ଘୋଷଣା କରାଯିବା ପରେ ଜିଲାରେ କଂଗ୍ରେସ ଶିବିରରେ ଖୁସିର ଲହରୀ ଖେଳିଯାଇଛି। ନିର୍ବାଚନମଣ୍ଡଳୀର କଂଗ୍ରେସ କର୍ମୀମାନେ ଗାଁ ଗାଁରେ ବାଣ ଫୁଟାଇ ଖୁସି ମନାଉଥିବା ଦେଖିବାକୁ ମିଳିଛି। ଏ ନେଇ ଡାକ୍ତର ଶର୍ମାଙ୍କୁ ପଚାରିବାରେ ଡାକ୍ତର ଚାକିରି ଛାଡି ସେ ୨୦୨୪ ସାଧାରଣ ନିର୍ବାଚନରେ ଆଳି ନିର୍ବାଚନମଣ୍ଡଳୀର ବିଧାୟକ ପ୍ରାର୍ଥିନୀ ଭାବେ ନିର୍ବାଚନ ଲଢ଼ିଥିଲେ। ସାଧାରଣ ଲୋକଙ୍କ ସମସ୍ୟାକୁ ନେଇ କଂଗ୍ରେସ ସର୍ବଦା ସରକାରଙ୍କ ନିକଟରେ ସ୍ୱର ଉତ୍ତୋଳନ କରେ। ଦଳ ତାଙ୍କର କାର୍ଯ୍ୟ ଦକ୍ଷତାକୁ ଅନୁଧ୍ୟାନ କରି ପିସିସି ସମ୍ପାଦକ ଦାୟିତ୍ୱ ଦେଇଥିବା ବେଳେ ସେ ଏହାକୁ ସୁଚାରୁରୂପେ ତୁଲାଇ ଆସୁଛନ୍ତି। ଏବେ ତାଙ୍କୁ କେନ୍ଦ୍ରାପଡ଼ା ଜିଲା କଂଗ୍ରେସ ସଭାପତି ଦାୟିତ୍ୱ ମିଳିବା ପରେ ସେ ଜିଲା କଂଗ୍ରେସର ସମସ୍ତ କର୍ମକର୍ତ୍ତାଙ୍କୁ ନେଇ ଦଳୀୟ ସଙ୍ଗଠନ ବୃଦ୍ଧି କ୍ଷେତ୍ରରେ କାର୍ଯ୍ୟ କରିବା ସହ ଦଳ ତାଙ୍କୁ ଯେଉଁ ଭରସା ରଖି ଏଭଳି ଏକ ଗୁରୁତ୍ୱ ପୂର୍ଣ୍ଣ ପଦବୀ ଦେଇଛି ସେ ନିଶ୍ଚିତ ଭାବେ ପାଳନ କରିବେ ବୋଲି କହିଛନ୍ତି। ଜିଲାର କଂଗ୍ରେସ ସମର୍ଥକମାନେ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।



## ଆଗକୁ ଦଶହରା, ଅସରାଏ ବର୍ଷାରେ ବଜାରରେ ଆଣ୍ଠୁଏ ପାଣି

**ପଟ୍ଟାମୁଣ୍ଡାଇ ସହର**

ପଟ୍ଟାମୁଣ୍ଡାଇ ୨୬।୯ (କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ସହରରେ ଶୁକ୍ରବାର ଲଗାଣବର୍ଷାରେ ରାସ୍ତାରେ ଆଣ୍ଠୁଏ ଉଚ୍ଚାର ପାଣି ଜମି ରହିଛି। ବିଭିନ୍ନ ଅଞ୍ଚଳ ଜଳମଗ୍ନ ହୋଇଯାଇଛି। ରାସ୍ତା ଉପରେ ପାଣି ଜମି ରହିଥିବାରୁ ଲୋକେ ଯାତାୟାତ କ୍ଷେତ୍ରରେ ପ୍ରଭାବିତ ହୋଇଛନ୍ତି। ବର୍ତ୍ତମାନ ଦଶହରା ମାହୋଲ ବେଳେ ଏପରିସ୍ଥିତି ଦେଖି ଜନସାଧାରଣ ଚିନ୍ତାରେ ପଡିଛନ୍ତି।

ଆଗକୁ ଦଶହରା ଥିବାରୁ ପ୍ରଶାସନ ପକ୍ଷରୁ ଜୋରଦାର ପ୍ରସ୍ତୁତି ଚାଲିଛି। କିନ୍ତୁ ପାର୍ବଣ ପୂର୍ବର ଅସରାଏ ବର୍ଷା ସମସ୍ତ ପ୍ରସ୍ତୁତିକୁ ଫିକା ପକାଇ ଦେଇଛି।



ବର୍ଷା ଯୋଗୁ ରାସ୍ତାରେ ପାଣି ଜମିଛି।

ବର୍ଷାଜଳ ନିଷ୍କାସନ ହୋଇ ନ ପାରିବା କାରଣରୁ ଡେଲି ମାର୍କେଟ ରାସ୍ତାରେ ଆଣ୍ଠୁଏ ପାଣି ଲହଡ଼ି ମାରୁଛି। ଗାଡ଼ିଗୁଡ଼ିକ ଅଧାବୁଡ଼ି ଯାଉଛି। ବର୍ଷା ଛାଡ଼ିବା ପରେ ବିଭିନ୍ନସ୍ଥାନରେ ପାଣି ଜମି ଯାଇଛି। ଆଉ ଦୁଇଦିନ ପରେ ଦୁର୍ଗାପୂଜା ବହୁ ଧୁମ୍‌ଧାମ୍‌ରେ ପାଳିତ ହେବ। ସହରରେ ପ୍ରବଳ ଗହଳି ହେବ। ରାସ୍ତାରେ ଏପରି ପାଣି ଜମି ରହିବା ପୌରପରିଷଦର ପରିବା ପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ସଡ଼କ ଦୁର୍ଘଟଣାରେ ପୂର୍ବତନ ବାୟୁସେନା ଅଧିକାରୀଙ୍କ ମୃତ୍ୟୁ

ରାଜନଗର, ୨୬।୯ (ଭାସ୍କର ରାଉତରାୟ)

ରାଜନଗର ଥାନା ଅଞ୍ଚଳର ସ୍ୱାଧୀନତା ସଂଗ୍ରାମୀ ଜୟସିଂହ ମହାପାତ୍ରଙ୍କ କନିଷ୍ଠ ପୁତ୍ର ବାୟୁସେନା ଅଧିକାରୀ ତଥା ସାମାଜିକ କର୍ମୀ ରଞ୍ଜନ କୁମାର ମହାପାତ୍ର(୬୨)ଙ୍କ ଗୁରୁବାର ରାତିରେ ଭୁବନେଶ୍ୱରରେ ଏକ କାର ଧକ୍କାରେ ମୃତ୍ୟୁ ଘଟିଛି। ରଞ୍ଜନ ସସ୍ତ୍ରୀକ ପୁରୀରୁ ଫେରି ଭୁବନେଶ୍ୱରସ୍ଥିତ ବାସଭବନକୁ ଚାଲିଚାଲି ଯାଉଥିଲେ। ଏହି ସମୟରେ ଏକ ଦ୍ରୁତଗାମୀ କାର୍ ରାସ୍ତା ଉପରେ ତାଙ୍କୁ ଧକ୍କା ଦେଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଶୁକ୍ରବାର ତାଙ୍କର ମୃତ୍ୟୁ ଘଟିଛି। ତାଙ୍କ ମୃତ୍ୟୁରେ ରାଜନଗର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମହାପାତ୍ର ବାୟୁସେନା ଅଧିକାରୀ ଭାବରେ କାମ କରିଥିଲେ। ସ୍ୱର୍ଗଦ୍ୱାରରେ ତାଙ୍କ ଶେଷକୃତ ସମ୍ପନ୍ନ କରାଯାଇଛି। ତାଙ୍କ ମୃତ୍ୟୁରେ ରାଜନଗର ବିଧାୟକ ଧ୍ରୁବ ସାହୁ, ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି, ପଣ୍ଡିତ ଶଙ୍କର୍ଷଣ ମିଶ୍ର, ବଣିକ ସଂଘ ସଭାପତି ବାଇଧର ସେଠୀ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

## ମେଡିକାଲ କଲେଜ ପ୍ରତିଷ୍ଠା ଗଣଧାରଣା ସ୍ଥଗିତ

କେନ୍ଦ୍ରାପଡ଼ା, ୨୬।୯ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲାରେ ମେଡିକାଲ କଲେଜ ସ୍ଥାପନା ଦାବିରେ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଗତ ସୋମବାରଠାରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯାଇଥିଲା। ଜିଲା ପ୍ରଶାସନ ପକ୍ଷରୁ ଏହି ଦାବିକୁ ଗୁରୁତ୍ୱ ଦେଇ ରାଜ୍ୟ ସରକାରଙ୍କ ନିକଟରେ ଉପସ୍ଥାପନ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ସାମୟିକ ଭାବେ ଗଣଧାରଣାକୁ ସ୍ଥଗିତ ରଖାଯାଇଛି। କମିଟି ସଭାପତି ଶିକ୍ଷାବିତ୍ ଅଜୟ କୁମାର ସାମଲ ଓ ଆବାହକ ଗୟାଧର ଧଳ ଏ ସମ୍ପର୍କରେ କହିଛନ୍ତି, ଗତ ବିଧାନସଭା ଅଧିବେଶନରେ ଏକ ପ୍ରଶ୍ନର ଉତ୍ତରରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ବିଧାନସଭାରେ କହିଥିଲେ, କେନ୍ଦ୍ରାପଡ଼ାରେ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇଛି। ମନ୍ତ୍ରୀ ମହାଲିଙ୍ଗଙ୍କ ଏହି ଉତ୍ତର ଜିଲାବାସୀଙ୍କ ପାଇଁ ନୂଆ ନୁହେଁ। ଏପରି ପ୍ରତିଶ୍ରୁତି ପୂର୍ବରୁ ବହୁବାର ମିଳିଛି। ଜିଲାବାସୀ ଓ ଆନ୍ଦୋଳନକାରୀ ଏହାକୁ ପ୍ରତ୍ୟାଖାନ କରିଛନ୍ତି। ଅତିରିକ୍ତ ଜିଲାପାଳ ରବୀନ୍ଦ୍ର କୁମାର ମଲ୍ଲିକ ପୂର୍ବାହ୍ନରେ ଗଣଧାରଣାସ୍ଥାନରେ ପହଞ୍ଚି ଦାବି ସମ୍ପର୍କରେ ଆଲୋଚନା କରିଛନ୍ତି। ଜିଲା ପାଇଁ ଏହା ଏକ ସମ୍ବେଦନଶୀଳ ଘଟଣା ହୋଇଥିବାରୁ ଏହାକୁ ପ୍ରଶାସନ ପକ୍ଷରୁ ଅଧିକ ଗୁରୁତ୍ୱ ଦିଆଯିବ ପ୍ରତିଶ୍ରୁତି ପରେ ଗଣଧାରଣାକୁ ସାମୟିକ ଭାବେ ସ୍ଥଗିତ ରଖାଯାଇଛି। ତେବେ ମିଳିତ କ୍ରିୟାନୁଷ୍ଠାନ କମିଟି ଜିଲା ପ୍ରଶାସନ ଦେଇଥିବା ପ୍ରତିଶ୍ରୁତି ଉପରେ ଦୃଷ୍ଟି ରଖିଛି। ପରବର୍ତ୍ତୀ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ କ'ଣ ରହିବ ତାହା ରାଜ୍ୟ ସରକାର ଓ ଜିଲା ପ୍ରଶାସନର ଆଭିମୁଖ୍ୟ ଉପରେ ନିର୍ଭର କରୁଛି। ଏହି ଆନ୍ଦୋଳନରେ ଜିଲାର ବିଭିନ୍ନ ବର୍ଗର ଜନସାଧାରଣ ସାମିଲ ହୋଇଥିବାରୁ କ୍ରିୟାନୁଷ୍ଠାନ କମିଟି ଧନ୍ୟବାଦ ଜଣାଇଛି। କମିଟି କର୍ମକର୍ତ୍ତା ପ୍ରଫୁଲ୍ଲ ଦାସ, ଆଦିକନ୍ଦ ରାଉଳ, ସୂର୍ଯ୍ୟକାନ୍ତ ପରିଡା, ଭାଗୀରଥି ଜେନା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି ଗଣଧାରଣାରେ ପୂର୍ବତନ ବିଧାୟିକା ସିପ୍ରା ମଲ୍ଲିକ, ବିଜେଡି ନେତା ରବି ସାମଲ, ପୂର୍ବତନ ପୌରାଧକ୍ଷ ଧୀରେନ ସାହୁ, କଂଗ୍ରେସ ରାଜ୍ୟ ସମ୍ପାଦିକା ସସ୍ମିତା ପଣ୍ଡା, ଆପ ରାଜ୍ୟ ସମ୍ପାଦକ ସଂଦୀପ୍ତ ଦାସ, ବୈଷ୍ଣବ ସ୍ୱାଇଁ, ମହେନ୍ଦ୍ର ପଟ୍ଟନାୟକ, ବିଧୁଭୂଷଣ ମହାପାତ୍ର, ଫକିର ଖଟୁଆ, ସିପିଏମ୍ ନେତା ଜଗତଜୀବନ ଦାସ, ଗୋଲକ ମହାଭୋଇ ପ୍ରମୁଖ ଅଂଶଗ୍ରହଣ କରିଥିଲେ।





ମିଳିତ କ୍ରିୟାନୁଷ୍ଠାନ କମିଟିର ସଦସ୍ୟମାନେ ଆଲୋଚନା ପରେ ଗଣଧାରଣା ସ୍ଥଗିତ ରଖିଛନ୍ତି।

## ନଜର ଆଢୁଆଳରେ ଶ୍ରୀଦଧିବାମନଜୀଉ ମନ୍ଦିର

■ ମିଳିଛି ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା

■ ପ୍ରଶାସନିକ ଅବହେଳା ପାଇଁ ହେଉନି ଉନ୍ନତୀକରଣ

କେନ୍ଦ୍ରାପଡ଼ା, ୨୬।୯ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ ଚଉଦକୁଲାଟସ୍ଥିତ ତମାଳ କ୍ଷେତ୍ରାଧିପତି ଶ୍ରୀଦଧିବାମନଜୀଉଙ୍କ ମନ୍ଦିରକୁ ୨୦୧୬ରୁ ରାଜ୍ୟ ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ମିଳିଛି। ୧୫୦ ବର୍ଷରୁ ଅଧିକ ସମୟ ଧରି ପ୍ରତିଷ୍ଠିତ ଶ୍ରୀଜୀଉଙ୍କ କ୍ଷେତ୍ର ଅଦ୍ୟାବଧି ଉନ୍ନତୀକରଣ ହେଉନାହିଁ। ପ୍ରଶାସନର ଏପରି ଅବହେଳା ଯୋଗୁ ଏହି କ୍ଷେତ୍ର ପର୍ଯ୍ୟଟକଙ୍କ ନଜର ଆଢୁଆଳରେ ରହିଯାଉଛି ବୋଲି ସାଧାରଣରେ ଅଭିଯୋଗ ହେଉଛି। ଶ୍ରୀଜୀଉଙ୍କ ସେବାୟତ ଚଉଦକୁଲାଟର କିଶୋର ଚନ୍ଦ୍ର ମିଶ୍ର କହିଛନ୍ତି, ୧୫୦ ବର୍ଷ ପୂର୍ବେ ଜଣେ କୈବର୍ତ୍ତଙ୍କ ଜାଲରେ ମାଛ ସହ କାଠ ଗଣ୍ଡି ଭଳି ଏକ ସାମଗ୍ରୀ ପଡିଥିଲା। ସେହି କୈବର୍ତ୍ତ କାଠ ଭାବି ହାଣୁଥିବା ବେଳେ ସେଥିରୁ ରକ୍ତସ୍ରାବ ହେଉଥିବା ଦେଖିବାକୁ ମିଳିଥିଲା। ଏହି ଘଟଣା ପରେ ଏହି କାଠକୁ ଶ୍ରୀଦଧିବାମନଜୀଉ ଭାବେ ତମାଳକ୍ଷେତ୍ରରେ ପୂଜା କରାଯାଉଛି। ଘାଘରାର ତତ୍କାଳୀନ ରାଉତରାୟ ଜମିଦାର ପରିବାରଙ୍କ ଦ୍ୱାରା ଏହି ମନ୍ଦିର ପ୍ରତିଷ୍ଠା କରାଯାଇଥିବା ଜନଶ୍ରୁତି ଅଛି। ଗ୍ରାମର ସନ୍ତୋଷ ମିଶ୍ର କହିଛନ୍ତି, କାଳିଆ ମୁହାଣରୁ ଦଧିବାମନଜୀଉଙ୍କୁ ଉଦ୍ଧାର କରାଯାଇଥିଲା। ଏବେ ମନ୍ଦିରର ଆଖପାଖରେ କାଳିଆ ମୁହାଣ ନାହିଁ। କାରୁକାର୍ଯ୍ୟରେଭରା ଏହି ସୁଦୃଶ୍ୟ ମନ୍ଦିର ମଧ୍ୟରେ ଥିବା ରତ୍ନବେଦିରେ ଅର୍ଦ୍ଧନିର୍ମିତ ଶଙ୍ଖ, ଚକ୍ର ଚିହ୍ନ ଶୋଭା ପାଉଛି। ତମାଳକ୍ଷେତ୍ରକୁ ଗୁପ୍ତକ୍ଷେତ୍ର ଭାବେ କୁହାଯାଉଥିବା ବେଳେ ଏ ସମ୍ପର୍କରେ ଅନୁଶୀଳନ କଲେ ବହୁ ତଥ୍ୟ ବାହାରକୁ ଆସିବ। ପୁରୀ ଶ୍ରୀମନ୍ଦିରରର ରୀତିନୀତି ଓ ପରମ୍ପରା ସହ ଏହି ମନ୍ଦିରର ଅନେକ ସାମଞ୍ଜସ୍ୟ ରହିଛି। ଗ୍ରାମର ପ୍ରମୋଦ କୁମାର ମିଶ୍ର କହିଛନ୍ତି, ପାରମ୍ପରିକ ରୀତିନୀତି ଅନୁସାରେ ବୈଶାଖ ସଂକ୍ରାନ୍ତିଠାରୁ ପର୍ବପର୍ବାଣି ଆରମ୍ଭ ହୋଇଥାଏ। ବାମନ ଜନ୍ମ ତିଥିରେ ଏକ ସ୍ୱତନ୍ତ୍ର ବଳିବାମନ ବେଶ ଶ୍ରୀଜୀଉ ଧାରଣ କରିଥାନ୍ତି। ରଥଯାତ୍ରାଠାରୁ ଆରମ୍ଭ କରି ବିଭିନ୍ନ ପର୍ବପର୍ବାଣିରେ ଅବିଭକ୍ତ କଟକ ଜିଲାର ବହୁ ଶ୍ରଦ୍ଧାଳୁ ଏଠାକୁ ଆସିଥାନ୍ତି। ମନ୍ଦିରର ଷ୍ଟିୟରିଂ କମିଟି ସଦସ୍ୟ ଦେବାଶିଷ ମହାନ୍ତି କହିଛନ୍ତି, ଜାତୀୟ ଉଦ୍ୟାନ ଭିତରକନିକା ଯିବା ରାସ୍ତାର ଗୋଗୁଆ ଛକଠାରୁ ମାତ୍ର ୬ କିଲୋମିଟର ଦୂରରେ ଏହି ମନ୍ଦିର ଅଛି। ସେହିପରି ଶ୍ରୀବଳଦେବଜୀଉଙ୍କ ମନ୍ଦିରଠାରୁ ମାତ୍ର ୨୦ କିଲୋମିଟର ଦୂରରେ ଏହି ମନ୍ଦିରର ଅବସ୍ଥିତି। ପର୍ଯ୍ୟଟନ କ୍ଷେତ୍ରର ଉନ୍ନୟନ ପାଇଁ ପୂର୍ବରୁ ୯୦ ଲକ୍ଷ ଟଙ୍କା ଅନୁଦାନ ଆସିଛି। ମାତ୍ର ଏହି ଅନୁଦାନରୁ ଟଙ୍କାଟିଏ ଅଦ୍ୟାବଧି ଖର୍ଚ୍ଚ ହୋଇନାହିଁ। ପର୍ଯ୍ୟଟନ ବିଭାଗ ଏଥିପ୍ରତି ଦୃଷ୍ଟି ଦେଲେ ଜିଲାର ପର୍ଯ୍ୟଟନ ଶିଳ୍ପ ବିକଶିତ ହୋଇପାରିବ। ଦୀର୍ଘଦିନ ଧରି ଖାଲିପଡିଥିବା ଜିଲା ପର୍ଯ୍ୟଟନ ଅଧିକାରୀଙ୍କ ନିଯୁକ୍ତି ପାଇଁ ସେ ଦାବି କରିଛନ୍ତି। ଏ ସମ୍ପର୍କରେ ଅତିରିକ୍ତ ଜିଲାପାଳ ରବୀନ୍ଦ୍ର କୁମାର ମଲ୍ଲିକଙ୍କୁ ପଚାରିବାରେ ଏହି ପର୍ଯ୍ୟଟନ କ୍ଷେତ୍ରର ବିକାଶ ପାଇଁ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିବି ବୋଲି ସେ କହିଛନ୍ତି।




# ୨ ଘରୁ ଲୁଟିଲେ ୧୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା

■ନବଘନପୁର ଗାଁରେ ସିରିଜ ଲୁଟ୍
■ଦୁଇ ଘରେ ଚୋରି ଉଦ୍ୟମ ବ୍ୟର୍ଥ
■ଡଗ୍ ସ୍କ୍ୱାଡ ପାଇଲାନି ଚୋରିର ଟେର୍


ନବଘନପୁର ଚୋରିର ଯାଞ୍ଚରେ ସନ୍ଧାନୀ କୁକୁର ସହାୟତା ନିଆଯାଉଛି।

ନୟାଗଡ଼,୨୬।୯(ଲୋକନାଥ ମିଶ୍ର)

ନୟାଗଡ଼ ଟାଉନ ଥାନା ନବଘନପୁର ଗାଁର ଅକ୍ରୁର ପାଳ ଓ ପାଣୁ ଚରଣ ପାଳଙ୍କ ଘରୁ ଗୁରୁବାର ବିଳମ୍ବିତ ରାତିରେ ଦୁର୍ବୃତ୍ତ ପଶି ୧୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସୁନା ଓ ରୁପା ଅଳଙ୍କାର ସମେତ ଟଙ୍କା ଚୋରି କରି ନେଇଛନ୍ତି। ଘରେ ଲୋକମାନେ ଶୋଇଥିବାବେଳେ ବାହାରପଟ ଲକ୍ କରି ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଘରେ କଳା କନା ବୁଲାଇ ଦେଇଛନ୍ତି। ନବଘନପୁରର ଆନନ୍ଦ ସାହୁ ଓ ପଡୋଶୀଙ୍କ ଘରୁ ଚୋରି ଉଦ୍ୟମ ବ୍ୟର୍ଥ ହୋଇଛି। ଚୋରି ପରେ ଶୁକ୍ରବାର ଡଗ୍ ସ୍କ୍ୱାଡ ଓ ସାଇଣ୍ଟିଫିକ ଟିମ୍ ପହଞ୍ଚି ଚୋରିର ତଦନ୍ତ କରିଥିଲେ ମଧ୍ୟ ଟେର ପାଇନାହାନ୍ତି। ଅନ୍ୟପକ୍ଷେ ଦୁର୍ବୃତ୍ତମାନଙ୍କର କିଛି ଦୃଶ୍ୟ ଗାଁର ଜଣେ ବ୍ୟକ୍ତିଙ୍କ ସିସିଟିଭିରେ ରହିଥିବା ଖବର ପାଇ ପୋଲିସ ଫୁଟେଜ ଜବତ କରିଛି। ଯାହାକି ଦୁର୍ବୃତ୍ତଙ୍କୁ ଧରିବାରେ ସହାୟକ ହୋଇପାରେ ବୋଲି କୁହାଯାଉଛି। ପାଣୁଙ୍କ ଘରୁ ଚୋରି କରିବା ପୂର୍ବରୁ ଦୁର୍ବୃତ୍ତମାନେ ଗାଁର କାଳୁ ଚରଣ ସାଥୁଆଙ୍କ ବାରିପଟ ରାସ୍ତାରେ ଯାଇ ପାଣୁଙ୍କ ଝରକା ଗ୍ରିଲ ଭାଙ୍ଗି ଘରେ ପଶିଥିଲେ। ଘରୁ ରାଣୀ ହାର, ସୋରିଷା ମାଳି ୨ଟା, ସୁନା ବେସଲେଟ ହଳେ, ରୁପା ପାଉଁଜି ହଳେ, ୫୫ ହଜାର ଲୁଟି ନେଇଛନ୍ତି। ପାଣୁଙ୍କ ପରିବାର ଲୋକେ ଯେଉଁ ଘରେ ଶୋଇଥିଲେ ସେହି ଘରକୁ ଦୁର୍ବୃତ୍ତମାନେ ଯାଇ ନ ଥିଲେ। ଯେଉଁ ଘରେ ସୁନା, ରୁପା ଓ ଟଙ୍କା ଥିଲା ସେହି ଘରେ ପଶି ଚୋରି କରିଥିଲେ। ପାଣୁଙ୍କ ଅଭିଯୋଗ ପରେ ପୋଲିସ ନଂ. ୩୮୭/୨୫ରେ ମାମଲା ରୁଜୁ କରିଛି। ସେହିଭଳି ଅକ୍ରୁରଙ୍କ ଘରୁ ଗୋଟିଏ ରାଣୀ ହାର, ୨ ହଳ କାନ ଫୁଲ, ୨ଟି ସୁନାଚେନ, ଗୋଟିଏ ସୁନା ମୁଦି, ରୁପା ପାଉଁଜି ହଳେ ଓ ୬୨ ହଜାର ଟଙ୍କା ଲୁଟି ନେଇଛନ୍ତି। ଅକ୍ରୁରଙ୍କ ପୁଅ ପ୍ରାୟ ୪ ମାସ ତଳେ ବିବାହ କରିଥିଲେ। ସେହିପରି ସାହି ମଙ୍ଗଳା ଠାକୁରଙ୍କ କିଛି ଟଙ୍କା ମଧ୍ୟ ରଖିଥିଲେ। ପରିବାର ସଦସ୍ୟଙ୍କ ଅଳଙ୍କାର, ଘରର କିଛି ଟଙ୍କା ସମେତ ଠାକୁରଙ୍କ ଟଙ୍କା ଦୁର୍ବୃତ୍ତମାନେ ଲୁଟି ନେଇଛନ୍ତି। ଅକ୍ରୁରଙ୍କ ଅଭିଯୋଗ ପରେ ପୋଲିସ ନଂ. ୩୮୬/୨୫ରେ ମାମଲା ରୁଜୁ କରିଛି।

### ଚୋରି ଢାଞ୍ଚା ଏକା ପ୍ରକାରର ପୋଲିସ ପାଇଁ ଚାଲେଞ୍ଜ

ଗତ ଜୁନ ୨୯ ଓ ଗୁରୁବାର ରାତିର ଚୋରି ଢାଞ୍ଚା ଏକା ପ୍ରକାରର ଦେଖିବାକୁ ମିଳିଛି। ତେଣୁ ଦୁର୍ବୃତ୍ତମାନେ ଗୋଟିଏ ଦଳର ବୋଲି ସନ୍ଦେହ କରାଯାଉଛି। ଯାହା ପୋଲିସ ପାଇଁ ଚାଲେଞ୍ଜ ସୃଷ୍ଟି କରିଛି। ଲୋକଙ୍କ ସୂଚନା ଅନୁସାରେ, ବ୍ରାଉନସୁଗାର ଖାଉଥିବା କେତେଜଣ ଅସାମାଜିକ ବ୍ୟକ୍ତି ଏହି ଚୋରିରେ ସାମିଲ ଅଛନ୍ତି। ଯେଉଁମାନେ ଗାଁ ଲୋକଙ୍କ କଥାକୁ ଦୁର୍ବୃତ୍ତମାନଙ୍କୁ ଜଣାଇ ଭାଗ ପାଉଥିବା କୁହାଯାଉଛି। ସିସିଟିଭି ଯାଞ୍ଚ କଲା ପରେ ପୋଲିସ ୩ମାସ ତଳର ଚୋରିକୁ ମିଶାଇ ତଦନ୍ତ କଲେ ସଫଳତା ମିଳିବ ବୋଲି କୁହାଯାଉଛି। ଟାଉନ ଥାନା ଆଇଆଇସି ରଶ୍ମୀ ରଞ୍ଜନ ପ୍ରଧାନଙ୍କୁ ୩ମାସ ତଳେ ଚୋରି ଓ ବର୍ତ୍ତମାନର ଚୋରିକୁ ନେଇ ତଦନ୍ତ ଚାଲୁ ରହିଛି। ଚୋରିର ଢାଞ୍ଚା ଏକା ପ୍ରକାରର ହୋଇଥିବାରୁ ଦୁର୍ବୃତ୍ତଙ୍କୁ ଧରିବା ସହଜ ହେବ। ପୋଲିସ ୨ଟି ଚୋରିକୁ ନେଇ ୨ଟି ମାମଲା ରୁଜୁ କରି ତଦନ୍ତ କରୁଛି ବୋଲି ସେ କହିଛନ୍ତି।

## ୩ ମାସ ତଳୁ ଚୋରିକୁ ଅଣଦେଖା ପଡିଲା ମହଙ୍ଗା

ନୟାଗଡ଼ ଟାଉନ ଥାନା ନବଘନପୁର ଗାଁର ଭଗବାନ ପ୍ରଧାନ, ରବୀନ୍ଦ୍ର ପ୍ରଧାନ, ଅଞ୍ଜନ ପ୍ରଧାନ ୩ ଭାଇଙ୍କ ଘରୁ ୬ ଲକ୍ଷ ଟଙ୍କା ସମେତ ସୁନା ଓ ରୁପା ଅଳଙ୍କାର ଏପରି ମୋଟରେ ପ୍ରାୟ ୪୦ ଲକ୍ଷ ଟଙ୍କା ଚୋରି ଗତ ଜୁନ ୨୯ରେ ହୋଇଥିଲା। ପରିବାର ଲୋକ ଶୋଇଥିବାବେଳେ ଦୁର୍ବୃତ୍ତମାନେ କବାଟରେ ଶିକୁଳି ପକାଇ ଘରେ କଳା କନା ବୁଲାଇ ଦେଇଥିଲେ। ଚୋରି ପରେ ପୋଲିସ ନଂ.୨୭୦/୨୫ରେ ମାମଲା ରୁଜୁ କରି ତଦନ୍ତ କରିଥିଲା। ଏପରିକି ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁର ତଦନ୍ତ କରିଥିଲେ ମଧ୍ୟ ସଫଳତା ମିଳି ନ ଥିଲା। ପୋଲିସ ୩ ମାସ ତଳର ଚୋରିକୁ ଅଣଦେଖା କରିବାରୁ ଗାଁରେ ପୁଣି ଚୋରି କରିବାର ସାହସ ଦୁର୍ବୃତ୍ତଙ୍କ ପାଇ ସୁଯୋଗ ଆଣି ଦେଇଛି ବୋଲି ଅଭିଯୋଗ ହେଉଛି। ନବଘନପୁର ଗାଁର ଭଗବାନ, ରବୀନ୍ଦ୍ର ଭୁବନେଶ୍ୱରରେ ରହୁଥିବାବେଳେ ଅଞ୍ଜନ ଗାଁରେ ରହୁଥିଲେ। ଅଞ୍ଜନଙ୍କ ପରିବାର ତଳ ମହଲାର ଦାଣ୍ଡପଟ ଘରେ ଶୋଇଥିବାବେଳେ ଚୋରମାନେ ବାରିପଟ ଲୁହା ଗ୍ରିଲ ଭାଙ୍ଗି ଘରେ ପଶିଥିଲେ। ପରେ ଅଞ୍ଜନଙ୍କ ଘର ପଛ ପାଖର କବାଟରେ ଶିକୁଳି ପକାଇ ଚୋରି କରିଥିଲେ। ତଳ ମହଲା ଓ ଉପର ମହଲାର ୬ ବଖରା ଘର ମଧ୍ୟରୁ କେବଳ ୨ ବଖରାରୁ ଚୋରି ହୋଇଥିଲା। ଉପର ମହଲା ଘରେ ଅଞ୍ଜନଙ୍କ ୬ ଲକ୍ଷ ଟଙ୍କା ସମେତ ପ୍ରାୟ ୧୪ ଲକ୍ଷ ଟଙ୍କାର ସୁନା ଓ ରୁପା ଅଳଙ୍କାର ଏପରି ପ୍ରାୟ ୨୦ ଲକ୍ଷ ଟଙ୍କା ଚୋରି ହୋଇଥିଲା। ଜମି କିଣିବାକୁ ଅଞ୍ଜନ ୬ ଲକ୍ଷ ଟଙ୍କା ଘରେ ରଖିଥିଲେ। ଅନ୍ୟପକ୍ଷେ ତଳ ମହଲାର ଭଗବାନ ଓ ରବୀନ୍ଦ୍ରଙ୍କ ଗୋଟିଏ ବଖରାରୁ ପ୍ରାୟ ୨୦ ଲକ୍ଷ ଟଙ୍କାର ସୁନା ଓ ରୁପା ଅଳଙ୍କାର ଚୋରି ହୋଇଥିଲା। ସମ୍ପୃକ୍ତ ଘରେ ଅଞ୍ଜନଙ୍କ ମା' ବାଉରୀଙ୍କ ସୁନା ଓ ରୁପା ଅଳଙ୍କାର ମଧ୍ୟ ରହିଥିଲା। ୩ମାସ ତଳର ଚୋରି ସମୟର ଆଇଆଇସି ରଶ୍ମୀ ରଞ୍ଜନ ମହାପାତ୍ରଙ୍କ ବଦଳି ପରେ ସମ୍ପୃକ୍ତ ଚୋରି ଘଟଣା ଶୀତଳଭଣ୍ଡାରକୁ ଚାଲି ଯାଇଥିଲା।

ସେଲ୍ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ଛବି


@ ବିଜୟ


@ ସ୍ନିଗ୍ଧା


@ ପ୍ରକାଶ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ସମାଜକୁ ସଚେତନତା, ନୂତନ ଦିଗ ଦେଖାଏ ନାଟକ


କବି ଗୀତାଞ୍ଜଳି ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ନୟାଗଡ଼,୨୬।୯(ଲୋକନାଥ ମିଶ୍ର)

ନାଟକ ଜୀବନର କଥା କହୁଥିବାବେଳେ ସମାଜକୁ ସଚେତନ କରିବା ସହ ନୂତନ ଦିଗ ଦେଖାଇବାର ସଶକ୍ତ ମାଧ୍ୟମ ପାଲଟିଛି। ନାଟକ ସିଧାସଳଖ ଭାବେ ଦର୍ଶକଙ୍କ ହୃଦୟକୁ ଛୁଏଁ। ଦର୍ଶକମାନଙ୍କୁ ଭାବିବାକୁ ପ୍ରେରିତ କରିଥାଏ। ଏଥିପାଇଁ ନାଟକକୁ ସମାଜର ଦର୍ପଣ କୁହାଯାଏ ବୋଲି ଓଡ଼ିଶା ନାଟ୍ୟ ସଂଘ ଦିବସ ପାଳନ ଅବସରରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ନୟାଗଡ଼ର ଘରୋଇ ଆବାସିକ କଲେଜ ସଭାଗୃହ ପରିସରରେ ନୟାଗଡ଼ ଜିଲା ପକ୍ଷରୁ ଆୟୋଜିତ ୩୮ତମ ଓଡ଼ିଶା ନାଟ୍ୟ ସଂଘ ଦିବସରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ସଭାପତି ଦେବାଶିଷ ପଟ୍ଟନାୟକ, ସମ୍ମାନନୀୟ ଅତିଥି ଶିକ୍ଷାବିତ ଓ ନାଟ୍ୟକାର ଶ୍ରୀଧର ସାହୁ ଏବଂ କବି

### ଓଡ଼ିଶା ନାଟ୍ୟ ସଂଘର ପ୍ରତିଷ୍ଠା ଦିବସ

ଗୀତାଞ୍ଜଳି ମହାପାତ୍ର ଯୋଗଦେଇ ନାଟକର ସ୍ୱରୂପ ତଥା ନୟାଗଡ଼ ନାଟକର ବିକାଶ ଉପରେ ଆଲୋକପାତ କରିଥିଲେ। ଓଡ଼ିଶା ନାଟ୍ୟ ସଂଘର ଜିଲା ସଂଯୋଜକ ଶରତ ଚନ୍ଦ୍ର ଆଚାର୍ଯ୍ୟ ସ୍ୱାଗତ ଭାଷଣ ଦେଇଥିବାବେଳେ ଅଧ୍ୟାପକ ନିଳୀମା ନନ୍ଦ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଏହି ଅବସରରେ ଯୁକ୍ତ ୨ ଓ ଯୁକ୍ତ ୩ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଏକକ ଅଭିନୟ, ମୂକାଭିନୟ ଓ ସଂଳାପ କହିବା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏକକ ଅଭିନୟରେ ଅଭିଲିପ୍ସା ସାହୁ, ଶୁଭଶ୍ରୀ ନାୟକ, ବିଶ୍ୱଜିତ ରାଉତ, ସେହିପରି ସଂଳାପ କହିବାରେ ସାଗର ବେହେରା, ରୋଜାଲିନ ଦାଶ, ସୁମିତ ପାଲ୍ ଏବଂ ମୂକ ଅଭିନୟରେ ଦୀପଙ୍କର ଦାଶ, ଶୁଭାଶିଷ ଦାଶ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଅତିଥି ବିଚାରକ ରୂପେ ମିଷ୍ଟର କାଳିଆ, କାମାକ୍ଷା ପ୍ରସାଦ ଦାଶ ଓ ଗୋକୁଳ କୁମାର ଷଡ଼ଙ୍ଗୀ ଯୋଗଦେଇଥିଲେ। ବରିଷ୍ଠ ନାଗରିକଙ୍କ ସମସ୍ୟାକୁ ନେଇ ମଞ୍ଚସ୍ଥ ହୋଇଥିବା ଏକକ ଅଭିନୟ ହୃଦୟସ୍ପର୍ଶୀ ଥିଲା। ବରିଷ୍ଠ ଅଭିନେତା ତଥା ନିର୍ଦ୍ଦେଶକ ନିରଞ୍ଜନ ନାଏକଙ୍କ ଦ୍ୱାରା ସମଗ୍ର ଓଡ଼ିଶାରେ ଏହି କାର୍ଯ୍ୟକ୍ରମ ମହାସମାରୋହରେ ପାଳିତ ହେଉଥିବାରୁ ଉପସ୍ଥିତ ନାଟ୍ୟ କର୍ମୀମାନେ ଓଡ଼ିଶା ନାଟ୍ୟ ସଂଘର ସଭାପତି ଜାତୀୟସ୍ତରର ପ୍ରସିଦ୍ଧି ପ୍ରାପ୍ତ ନିର୍ଦ୍ଦେଶକ ମନୋଜ କୁମାର ପଟ୍ଟନାୟକ ଓ ବିଶିଷ୍ଟ ଅଭିନେତା ତଥା ଓଡ଼ିଶା ନାଟ୍ୟ ସଂଘର ସମ୍ପାଦକ ଶୁଭକାନ୍ତ ପାଢ଼ୀଙ୍କୁ ଭୂୟସୀ ପ୍ରଶଂସା କରିବା ସହ ଧନ୍ୟବାଦ ପ୍ରଦାନ କରିଥିଲେ।

# ରଣଜିତ ଦାଶ ପୁଣି କଂଗ୍ରେସ ଜିଲା ସଭାପତି

ନୟାଗଡ଼,୨୬।୯(ଲୋକନାଥ ମିଶ୍ର)



ନୟାଗଡ଼ ଜିଲା କଂଗ୍ରେସ ସଭାପତି ଭାବେ ରଣଜିତ ଦାଶ ନିଯୁକ୍ତି ପାଇଛନ୍ତି। ପୂର୍ବରୁ ସେ ୨୦୧୮ରୁ ୨୪ ପର୍ଯ୍ୟନ୍ତ ଜିଲା ସଭାପତି ଭାବେ କାମ କରିଥିଲେ। ପରେ ୨୦୨୪ରୁ ୨୫ ପାଇଁ ପୁଣି ନାମ ଘୋଷଣା ହୋଇଛି। ଏବେ ୨୦୨୫ରୁ ପୁଣି ଜିଲା ସଭାପତି ଭାବେ କାମ କରିବେ। ନିକଟରେ ଜିଲା ସଭାପତି ଚୟନ ପାଇଁ କଂଗ୍ରେସ ପକ୍ଷରୁ ସୃଜନ ଅଭିଯାନ ହୋଇଥିଲା। ଏଥିରେ ଅଖିଳ ଭାରତ କଂଗ୍ରେସ କମିଟିର ସାଧାରଣ ସମ୍ପାଦକ, କଂଗ୍ରେସ ନେତା ଯୋଗଦେଇ ସମୀକ୍ଷା, ସର୍ଭେ, ବୈଠକ କରାଇଥିଲେ। କର୍ମୀ, ସମର୍ଥକ, ବ୍ୟବସାୟୀଙ୍କ ପରି ବିଭିନ୍ନ ବର୍ଗର ଲୋକଙ୍କୁ ଅନୁରୂପ ଭାବେ ଭେଟି ଆଲୋଚନା କରିଥିଲେ।

# ୩୭ତମ ସ୍ଥାନରେ ସାଇ ରମଣ

ନୟାଗଡ଼/ରଣପୁର,୨୬।୯(ଲୋକନାଥ ମିଶ୍ର/ସୁକାନ୍ତ କିଶୋର ଡାକୁଆ)

### ଓସିଏସ୍ ପରୀକ୍ଷା ୨୦୨୩-୨୪

ବହୁ ପ୍ରତୀକ୍ଷିତ ଓଡ଼ିଶା ସିଭିଲ ସର୍ଭିସ (ଓସିଏସ୍) ୨୦୨୩-୨୪ ପରୀକ୍ଷା ଫଳ ଶୁକ୍ରବାର ପ୍ରକାଶ ପାଇଛି। ଓଡ଼ିଶା ଲୋକସେବା ଆୟୋଗ ପକ୍ଷରୁ ପରିଚାଳିତ ଓଡ଼ିଶା ସିଭିଲ ସର୍ଭିସ ପରୀକ୍ଷାରେ ୩୯୮ଜଣ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଛନ୍ତି। ଏହି ତାଲିକାରେ ନୟାଗଡ଼ ଜିଲା ରଣପୁର ବ୍ଲକ ଗୋପାଳପୁର ଗାଁର ସାଇ ରମଣ ପାତ୍ର ୩୭ତମ ର୍ୟାଙ୍କରେ ଅଛନ୍ତି। ସେହିପରି ୨୬୪ ତମ ର୍ୟାଙ୍କରେ ନୟାଗଡ଼ ବ୍ଲକ ନବଘନପୁର ଗାଁର ଆଶିଷ କୁମାର ସେଠୀ ସ୍ଥାନ ପାଇଛନ୍ତି। ୩୦୪ ତମ ସ୍ଥାନରେ ନୟାଗଡ଼ ପୁରୁଣା ସହରର ବୁଲୁ ସିଂଙ୍କ ଝିଅ ଲୋୟେଶା ସିଂ ଅନୁରୂପ ଭାବେ ଉର୍ତ୍ତୀର୍ଣ୍ଣ ହୋଇଛନ୍ତି।


ସାଇ ରମଣ ପାତ୍ର


ଲୋୟେଶା ସିଂ

# ବର୍ଷା ପାଇଁ ନୟାଗଡ଼ ଜିଲାର ସ୍କୁଲ, କଲେଜ ଛୁଟି

ନୟାଗଡ଼,୨୬।୯(ଲୋକନାଥ ମିଶ୍ର)

ବର୍ଷା ପାଇଁ ନୟାଗଡ଼ ଜିଲାର ସ୍କୁଲ ଓ କଲେଜକୁ ଶନିବାର ଛୁଟି ଘୋଷଣା କରାଯାଇଛି। ନୟାଗଡ଼ ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ଶୁକ୍ରବାର ଏହି ଛୁଟି ଘୋଷଣା କରିଛନ୍ତି। ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସ୍କୁଲ, କଲେଜ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଛି। ତେବେ ସ୍କୁଲ ଓ କଲେଜରେ କର୍ମଚାରୀ ହେଡ କ୍ୱାର୍ଟର ନ ଛାଡିବାକୁ କୁହାଯାଇଛି। ବଙ୍ଗୋପସାଗରରେ ୨ଟି ଘୂର୍ଣ୍ଣି ବଳୟ ଅବପାତର ରୂପ ନେବା ପରେ ଜିଲା ପ୍ରଶାସନ ପକ୍ଷରୁ ଆଗୁଆ ପଦକ୍ଷେପ ନିଆଯାଇଛି।

# ପୂର୍ବପରି ସ୍ଥାୟୀ ପାରିଶ୍ରମିକ ଦାବି

ଓଡ଼ଗାଁ, ୨୬।୯ (ଆଦର୍ଶ କୁମାର ପଟ୍ଟନାୟକ)

### ୩ ଶହରୁ ଊର୍ଦ୍ଧ୍ୱ ଜିପିଏଲ୍ଏଫ୍ କର୍ମୀଙ୍କ ବ୍ଲକ କାର୍ଯ୍ୟାଳୟ ଆଗରେ ଧାରଣା

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ କାର୍ଯ୍ୟାଳୟ ଆଗରେ ପୂର୍ବପରି ସ୍ଥାୟୀ ପାରିଶ୍ରମିକ ଦାବିରେ ୩ ଶହରୁ ଊର୍ଦ୍ଧ୍ୱ ଜିପିଏଲ୍ଏଫ୍ କର୍ମୀଙ୍କ ବ୍ଲକ କାର୍ଯ୍ୟାଳୟ ଆଗରେ ଧାରଣା ୫ମ ଦିନରେ ପହଞ୍ଚିଛି। ସରକାର ଏ ନେଇ ଆଦୌ କର୍ଣ୍ଣପାତ କରୁ ନ ଥିବା ଅଭିଯୋଗ ହୋଇଛି। ହେଲେ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଜୀବିକା ମିଶନ କାର୍ଯ୍ୟାଳୟରେ ତାଲା



ପକାଇ ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଜାରି ରହିବ ବୋଲି ବ୍ଲକ ସଂଘର ସଭାପତି ଜ୍ୟୋତିର୍ମୟୀ ଦାସ ଏବଂ ସମ୍ପାଦକ ମଞ୍ଜୁଲତା ମହାନ୍ତି କହିଛନ୍ତି। ବ୍ଲକ ଜୀବିକା ମିଶନ କାର୍ଯ୍ୟକ୍ରମ ମାଧ୍ୟମରେ ନିଯୁକ୍ତ ଏମ୍‌ବିକେ ଏବଂ ବ୍ୟାଙ୍କ ମିତ୍ରମାନେ ମାସିକ ୧୦.୭୫୦ ଟଙ୍କା, କୃଷିମିତ୍ର ଏବଂ ପ୍ରାଣୀମିତ୍ରମାନେ ମାସିକ ୬.୨୫୦ଟଙ୍କା ଏବଂ କମ୍ୟୁନିଟି ରିସୋର୍ସ ପର୍ସନ (ସିଆର୍‌ପି)ମାନଙ୍କୁ ୬ ହଜାର ୧ଶହ ଲେଖାଏ ଟଙ୍କା ମାସିକ ପାରିଶ୍ରମିକ ବାବଦରେ ପାଉଥିଲେ। ଚଳିତ ଆର୍ଥିକ ବର୍ଷ ଗତ ଏପ୍ରିଲ ମାସଠାରୁ ଉପରୋକ୍ତ କର୍ମଚାରୀଙ୍କୁ ସ୍ଥାୟୀ ପାରିଶ୍ରମିକ ପରିବର୍ତ୍ତେ ସରକାର କାର୍ଯ୍ୟ ଅନୁସାରେ ପ୍ରୋତ୍ସାହନ ରାଶି ପ୍ରଦାନ କରିବାକୁ ନିଷ୍ପତ୍ତି ନେଇ ପ୍ରତ୍ୟେକ ପଞ୍ଚାୟତକୁ ତଦନୁଯାୟୀ ପାରିଶ୍ରମିକ ଟଙ୍କା ପଠାଇଛନ୍ତି। ହେଲେ ସରକାରଙ୍କ ନିଷ୍ପତ୍ତିକୁ ବିରୋଧ କରି ୩ ମାସର ପାରିଶ୍ରମିକ କେହି ନେଲେ ନାହିଁ ବରଂ ସ୍ଥାୟୀ ପାରିଶ୍ରମିକ ଦାବି ନେଇ ଗତ ୧୫ ତାରିଖରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ହେଲେ କୌଣସି ଫଳ ମିଳିଲା ନାହିଁ। ଫଳରେ ଗତ ୨୨ ତାରିଖରୁ ଧାରଣା ଚାଲୁ ରହିଛି।

# ଶିକ୍ଷୟିତ୍ରୀଙ୍କ ବଦଳି ବାତିଲ ଦାବିରେ ରାସ୍ତାରୋକୋ

ନୂଆଗାଁ, ୨୬।୯ (ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଶିକ୍ଷା କାର୍ଯ୍ୟାଳୟ ଅଧୀନ କୋରଡା ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟର ଜଣେ ଶିକ୍ଷୟିତ୍ରୀଙ୍କ ବଦଳି ବାତିଲ କରିବା ପାଇଁ ସ୍କୁଲର ଛାତ୍ରୀଛାତ୍ର, ଅଭିଭାବକ ୨ ଦିନ ଧାରଣାରେ ବସିଥିଲେ। କିନ୍ତୁ କୌଣସି ସୁଫଳ ନ ମିଳିବାରୁ ଶୁକ୍ରବାର ରାଜରାସ୍ତାକୁ ଓହ୍ଲାଇ ରାସ୍ତାରୋକୋ କରିଥିଲେ। ପ୍ରାୟ ୧ ଘଣ୍ଟା ଧରି ଆନ୍ଦୋଳନ ଜାରି ରଖିବା ପରେ ସାଧାରଣ ଲୋକଙ୍କ ଯାତାୟାତକୁ ଦୃଷ୍ଟିରେ ରଖି ନୂଆଗାଁ ପୋଲିସ ପ୍ରଶାସନ ପହଞ୍ଚି ରାସ୍ତାରୁ ହଟିବା ପାଇଁ କହିବାରେ ଯାତାୟାତ ସ୍ୱାଭାବିକ ହୋଇଥିଲା। ପରେ ଆନ୍ଦୋଳନକାରୀ ନୂଆଗାଁ ବ୍ଲକ ଶିକ୍ଷା କାର୍ଯ୍ୟାଳୟରେ ପହଞ୍ଚି ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀଙ୍କ ମାଧ୍ୟମରେ ବ୍ଲକ ଶିକ୍ଷାଧିକାରୀଙ୍କ ସହ ଫୋନ ଯୋଗେ ଆଲୋଚନା କରି ଦଶହରା ଛୁଟି ପରେ ବିଚାର କରାଯିବା ନେଇ ପ୍ରତିଶ୍ରୁତି ପାଇବା ପରେ ଆନ୍ଦୋଳନ ହଟିଥିଲା। ନୂଆଗାଁ ବ୍ଲକ ଶିକ୍ଷା କାର୍ଯ୍ୟାଳୟ ଅଧୀନରେ ଥିବା ସ୍କୁଲଗୁଡିକରେ ଶିକ୍ଷୟିତ୍ରୀଶିକ୍ଷକମାନେ ନିର୍ଦ୍ଦିଷ୍ଟ ଗୋଟିଏ ସ୍କୁଲରେ ଦୀର୍ଘବର୍ଷ ହେଲା କାର୍ଯ୍ୟ କରୁଥିଲେ। ଫଳରେ ନିଜକୁ ସୁହାଇଲା ଭଳି ସେମାନେ କାର୍ଯ୍ୟ କରୁଥିଲେ। ବ୍ଲକରେ ଶିକ୍ଷା ବ୍ୟବସ୍ଥା ଏକ ପ୍ରକାର ଭୁଶୁଡି ପଡିଛି। ତେଣୁ ଶିକ୍ଷା କ୍ଷେତ୍ରରେ ସୁଧାର ଆଣିବାକୁ ଗତ ମଙ୍ଗଳବାର କେତେଜଣ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଅଦଳ ବଦଳ କରାଯାଇଛି। ଯାହାକୁ ନେଇ କେତେଗୋଟି ସ୍କୁଲରେ ଅସନ୍ତୋଷ ଦେଖାଦେଇଛି। କୋରଡା ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟରେ ୧ମ ଶ୍ରେଣୀଠାରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ୫୭ ଜଣ ଛାତ୍ରୀଛାତ୍ର ରହିଥିବା ବେଳେ ସେମାନଙ୍କୁ ପଢ଼ାଇବା ପାଇଁ ୨ ଜଣ ଶିକ୍ଷୟିତ୍ରୀ ଓ ଜଣେ ଶିକ୍ଷକ ନିୟୋଜିତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ଦୀର୍ଘ ୧୨ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ରହିଥିବା ଲିପ୍ସିତା ନାୟକଙ୍କୁ ଅନ୍ୟ ସ୍କୁଲକୁ ବଦଳି କରାଯାଇଛି। ଶିକ୍ଷୟିତ୍ରୀ ନାୟକଙ୍କ ବଦଳି ହୋଇଥିବା ଜାଣି ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ମନରେ ଅସନ୍ତୋଷ ଦେଖାଦେଇଛି। ଫଳରେ ଶିକ୍ଷୟିତ୍ରୀଙ୍କ ବଦଳି ବାତିଲ କରିବା ଦାବିରେ ସେମାନେ ସ୍କୁଲ ସମ୍ମୁଖରେ ଆନ୍ଦୋଳନ କରିଥିଲେ। ସ୍କୁଲ ସମ୍ମୁଖ ଆନ୍ଦୋଳନରେ କୌଣସି ସୁଫଳ ନ ମିଳିବାରୁ ଛାତ୍ରୀଛାତ୍ର, ଅଭିଭାବକ ଓ ସ୍ଥାନୀୟ ଲୋକେ ସ୍କୁଲ ନିକଟ ଖୋର୍ଦ୍ଧା-ବଲାଙ୍ଗୀର ୫୭ ନଂ. ରାଜପଥ ଅବରୋଧ କରି ବସି ରହି ଲିପ୍ସିତା ଦିଦିଙ୍କୁ ଆମେ ଛାଡିବୁ ନାହିଁ ନାରା ଦେଇଥିଲେ। ଫଳରେ ରାସ୍ତାରେ ଯାତାୟାତରେ ବାଧା ସୃଷ୍ଟି ହୋଇଥିଲା। ରାସ୍ତା ବନ୍ଦ କରାଯାଇଥିବା ଖବର ପାଇଁ ଥାନା ଅଧିକାରୀ ରଶ୍ମି ରଞ୍ଜନ ସାହୁ ଘଟଣାସ୍ଥଳରେ ପହଞ୍ଚି ରାସ୍ତାରୁ ହଟିବା ପାଇଁ କହିବା ସହ ଯଦି କିଛି ସମସ୍ୟା ରହିଛି ଶିକ୍ଷା କାର୍ଯ୍ୟାଳୟ ଯାଇ ଆଲୋଚନା କରି ସମାଧାନ କରିବାକୁ କହିଥିଲେ। ଫଳରେ ରାସ୍ତାରୋକୋ ହଟି ଯାତାୟାତ ସ୍ୱାଭାବିକ ହୋଇଥିଲା। ସ୍ଥାନୀୟ ଲୋକେ ଶିକ୍ଷା କାର୍ଯ୍ୟାଳୟରେ ପହଞ୍ଚି ଏବିଇଓ ଜ୍ୟୋତ୍ସ୍ନାରାଣୀ ସେଠୀଙ୍କୁ ଭେଟିବା ସହ ଫୋନ ଯୋଗେ ବିଇଓଙ୍କ ସହ ଆଲୋଚନା କରିଥିଲେ।

### ପୋଲିସ ପ୍ରଶାସନର ହସ୍ତକ୍ଷେପ ପରେ ହଟିଲା ଆନ୍ଦୋଳନ


ଛାତ୍ରୀଛାତ୍ର, ଅଭିଭାବକମାନେ ଶିକ୍ଷୟିତ୍ରୀଙ୍କ ବଦଳି ବାତିଲ ଦାବିରେ ଜାତୀୟ ରାଜପଥରେ ଅବରୋଧ କରିଛନ୍ତି।

ସେଲ୍ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ଛବି



@ ବିଜୟ



@ ସ୍ନିଗ୍ଧା



@ ପ୍ରକାଶ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# କୋରେଇ ବିଜେଡିକୁ ଶକ୍ତ ଧକ୍କା

■ ଭାଜପାରେ ସାମିଲ ହେଲେ ଶତାଧିକ ବିଜେଡି ନେତା, କର୍ମୀ
■ ପରିବାରବାଦକୁ ପସନ୍ଦ କଲେନି ଜନତା

ଯାଜପୁର,୨୬।୯ (ହର୍ଷବର୍ଦ୍ଧନ ବେହେରା)

ଯେଉଁ ଆସନରେ ପୂର୍ବରୁ ବାପା ଲଢୁଥିଲେ, ସେହି ଆସନରେ ସ୍ତ୍ରୀ କିମ୍ବା ପୁଅ ଲଢ଼ିଲେ। ଏହାବାଦ ବରିଷ୍ଠ ନେତାଙ୍କୁ ଛାଡ଼ି ସିନେଷ୍ଟାରଙ୍କୁ ରାଜନୀତିକୁ ଟଣାଗଲା। ହେଲେ ୨୦୨୪ ନିର୍ବାଚନରେ ପରିବାରବାଦ କିମ୍ବା ସିନେଷ୍ଟାରଙ୍କୁ ଜନତା ପସନ୍ଦ କଲେନି। ଦଳରେ ଥିବା ଅନ୍ୟ ବରିଷ୍ଠ ନେତାଙ୍କୁ ଟିକେଟ ନ ଦେଇ ନିଜ ପରିବାର ସଦସ୍ୟଙ୍କୁ ନିର୍ବାଚନୀ ମଇଦାନରେ ଠିଆ କରିଥିବାରୁ ସେହି ନେତା/ନେତ୍ରୀଙ୍କୁ ହରାଇଦେଲେ ଭୋଟର। ଯାଜପୁର ଜିଲାର କୋରେଇ, ଧର୍ମଶାଳା, ବଡ଼ଚଣା ଓ ସୁକିନ୍ଦା ନିର୍ବାଚନମଣ୍ଡଳୀରେ ଏଭଳି ସ୍ଥିତି ଦେଖାଦେଇଥିଲା। ଏହାବାଦ୍ ପୂର୍ବରୁ ବିଜୟୀ ନେତାମାନେ ଭାବିଥିଲେ, ଯେଉଁଠି ବି ଠିଆ ହେଲେ ଲୋକେ ଗ୍ରହଣ କରିନେବେ, କିନ୍ତୁ ସେମାନଙ୍କ ଭାବନାର ଓଲଟା ଫଳ ହେଲା। ଉଦାହରଣ ଭାବେ ଜଣେ ନେତା ଯାଜପୁର ଛାଡ଼ି ସୁକିନ୍ଦାରେ ଲଢ଼ି ହାରିଲେ। ଏହି ନିର୍ବାଚନକୁ ପ୍ରାୟ ୧୫ ମାସ ଅତିକ୍ରାନ୍ତ ହୋଇଗଲାଣି। ଯେଉଁମାନେ ଏହି ପରାଜିତ ପ୍ରାର୍ଥୀମାନଙ୍କୁ ଭୋଟ ଦେଇଥିଲେ, ସେମାନେ ଏବେ ଅଲୋଡ଼ା ହୋଇଯାଇଛନ୍ତି। କାରଣ ସେମାନଙ୍କ ପାଖକୁ ପରାଜିତ ପ୍ରାର୍ଥୀମାନେ ଯିବାକୁ ପସନ୍ଦ କରୁନାହାନ୍ତି। ଗଣତନ୍ତ୍ରରେ ଏଭଳି ନକାରାତ୍ମକ ଆଭିମୁଖ୍ୟକୁ ସାଧାରଣ ଲୋକେ ବୁଝି ଏବେ ବିକଳ୍ପ ପନ୍ଥା ଆପଣାଉଥିବା ଜଣାପଡ଼ିଛି। ଫଳରେ ଶତାଧିକ ବିଜେଡି ସମର୍ଥିତ ପଞ୍ଚାୟତ ପ୍ରତିନିଧି ଓ କର୍ମୀ ନିୟମିତ ବ୍ୟବଧାନରେ ଭାଜପାରେ ସାମିଲ ହେଉଥିବା ଦେଖିବାକୁ ମିଳୁଛି। ସପ୍ତାହେ ତଳେ ବିଜେଡିର ଜଣେ ଜଣାଶୁଣା ନେତା ଯାଜପୁର ଦେବକୀ ମା' ଏବଂ କୋରେଇ ତାଙ୍କ ଯଶୋଦା ମା' ବୋଲି ଏକ ବନ୍ଧୁମିଳନ କାର୍ଯ୍ୟକ୍ରମରେ କହିଥିଲେ। ସୋସିଆଲ ମିଡିଆରେ ଏହାକୁ ନେଇ ନାନା ମତପ୍ରକାଶ ପାଇଥିଲା। ନେତାଙ୍କ ଉକ୍ତ କଥାକୁ ୨୪ ଘଣ୍ଟା ନ ପୂରୁଣୁ ଶତାଧିକ ବିଜେଡି କର୍ମୀ ଭାଜପାରେ ସାମିଲ ହୋଇଥିଲେ। ସେହି ଧାରା ଏବେ ବି ବଜାୟ ରହିଛି। ଶୁକ୍ରବାର ବ୍ୟାସନଗରସ୍ଥିତ ଟାଉନ ହଲଠାରେ କୋରେଇରେ ବିଧାୟକ ଆକାଶ ଦାସନାୟକଙ୍କ ନେତୃତ୍ୱରେ ଶତାଧିକ ବିଜେଡି କର୍ମୀ ଭାଜପାରେ ସାମିଲ ହୋଇଛନ୍ତି। ସେମାନଙ୍କ ମଧ୍ୟରେ କୋରେଇ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ମୂଳାପାଳ, ଗୌରପୁର, ପାଟରଙ୍ଗା ପଞ୍ଚାୟତର ଆଗଧାଡ଼ିର କର୍ମୀମାନେ ରହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ବିକଶିତ ଭାରତ', ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସୁଶାସନ, ସ୍ୱଚ୍ଛ କାର୍ଯ୍ୟଶୈଳୀ ଏବଂ ବିଧାୟକ ଆକାଶ ଦାସନାୟକଙ୍କ ବିକଶିତ କୋରେଇ ଗଠନ ଚିନ୍ତାଧାରାରେ ଅନୁପ୍ରାଣିତ ହୋଇ ଭାଜପାରେ ସାମିଲ ହୋଇଥିବା ସେମାନେ କହିଛନ୍ତି। ଭାଜପାରେ ସାମିଲ ନେତା ଓ କର୍ମୀଙ୍କ ମଧ୍ୟରେ ୱାର୍ଡ ସଭ୍ୟ, ପୂର୍ବତନ ସମିତି ସଭ୍ୟ, ସରପଞ୍ଚ ପ୍ରମୁଖ ରହିଛନ୍ତି। ଏହି ମିଶ୍ରଣ ପର୍ବ ମୂଳାପାଳ, ଗୌରପୁର, ପାଟରଙ୍ଗା ପଞ୍ଚାୟତର ବିଜେଡିକୁ ଶକ୍ତ ଧକ୍କା ଦେଇଛି ବୋଲି ରାଜନୈତିକ ମହଲରେ ଆଲୋଚନା ହେଉଛି। ଖଣି ଓ ଶିଳ୍ପ ସମୃଦ୍ଧ ସୁକିନ୍ଦା ନିର୍ବାଚନମଣ୍ଡଳୀରେ ୩ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ଘଡ଼େଇ ବାପପୁଅ ବିଜୟୀ ହୋଇଆସୁଥିଲେ। ଏଥର ବାପପୁଅଙ୍କୁ ଲୋକେ ଆଉ ଭରସା କରିନାହାନ୍ତି। ସେହିପରି ଧର୍ମଶାଳାରେ ମଧ ବାପପୁଅ ପରିବାରବାଦ ରାଜନୀତିରେ ଜଣେ ସାମାଜିକ କର୍ମୀ ତଥା ସ୍ୱାଧୀନ ପ୍ରାର୍ଥୀ ବିରାମ ଲଗାଇଛନ୍ତି। ବଡ଼ଚଣାରେ ବରିଷ୍ଠ ବିଜେଡି ନେତା ଅମର ପ୍ରସାଦ ଶତପଥୀଙ୍କୁ ବାଦ୍‌ଦେଇ ରାଜନୀତିରେ ନବାଗତ ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀଙ୍କୁ ଟିକେଟ ମିଳିବାରୁ ଭାଜପା ପ୍ରାର୍ଥୀ ସହଜରେ ବିଜୟୀ ହୋଇଥିଲେ। ତେବେ ଜିଲାରେ ହାରଜିତ ବ୍ୟବଧାନ ମାତ୍ର ୦.୧୪% ହୋଇଥିବାରୁ ଗଣତନ୍ତ୍ରରେ ଜନତାଙ୍କ ପ୍ରତି ନେତାଙ୍କ ଭୟ ରହିବା ନିହାତି ଆବଶ୍ୟକ ବୋଲି ମତପ୍ରକାଶ ପାଇଛି। ଭୋଟରଙ୍କୁ ଅଣଦେଖା କଲେ ଆଗକୁ ବିପଦ ହୋଇପାରେ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।



ଭାଜପାରେ ସାମିଲ ହୋଇଥିବା କର୍ମୀଙ୍କୁ ବିଧାୟକ ଆକାଶ ଦାସନାୟକ ସ୍ୱାଗତ କରୁଛନ୍ତି।

## ଓସିଏସ୍‌ରେ କୃତକାର୍ଯ୍ୟ ହେଲେ ମୋନାଲିସା, ସାଇକୃଷ୍ଣ

ଯାଜପୁର ଟାଉନ,୨୬।୯ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି)

ଓଡ଼ିଶା ପବ୍ଲିକ ସର୍ଭିସ କମିଶନଙ୍କ ଦ୍ୱାରା ପରିଚାଳିତ ଓଡ଼ିଶା ସିଭିଲ୍ ସର୍ଭିସ୍(ଓସିଏସ୍) ୨୦୨୩ ପରୀକ୍ଷା ଫଳ ଶୁକ୍ରବାର ପ୍ରକାଶ ପାଇଛି। ଏଥିରେ ୯୧ରାଙ୍କ ରଖି କୃତକାର୍ଯ୍ୟ ହୋଇଛନ୍ତି ଯାଜପୁର ଭୀମକରପୁର ଅଞ୍ଚଳର ମୋନାଲିସା ରାଉତ। ମୋନାଲିସା ୨ଥର ପରୀକ୍ଷା ଦେଇ ପାଇ ନ ଥିବା ବେଳେ ତୃତୀୟ ଥରରେ କୃତକାର୍ଯ୍ୟ ହୋଇଛନ୍ତି। ସେହିପରି ବରୀ ବ୍ଲକ୍ ଅନ୍ତର୍ଗତ ଅଙ୍ଗାଲୋ ଗ୍ରାମର ଇଂ. ସାଇକୃଷ୍ଣ ସାମଲ ୭୭ରାଙ୍କ ରଖି କୃତକାର୍ଯ୍ୟ ହୋଇଛନ୍ତି। ସେ ବର୍ତ୍ତମାନ ବାଙ୍ଗାଲୋର୍‌ରେ ସିନିୟର ସଫ୍ଟୱେର ଇଂଜିନିୟର ଭାବେ କାର୍ଯ୍ୟରତ ଅଛନ୍ତି। ସେ ନୋଟାରି ପବ୍ଲିକ୍ ଅମ୍ବିକା ପ୍ରସାଦ ସାମଲ ଓ ବାଣିଶ୍ରୀ ସାମଲଙ୍କ ଏକମାତ୍ର ପୁତ୍ର। ସାଇକୃଷ୍ଣ ଓ ମୋନାଲିସା କୃତକାର୍ଯ୍ୟ ହୋଇଥିବାରୁ ତାଙ୍କ ପରିବାରରେ ଖୁସିର ଲହରି ଖେଳିଯାଇଛି। ସମସ୍ତେ ସେମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



ମୋନାଲିସା ରାଉତ



ସାଇକୃଷ୍ଣ ସାମଲ

## ଜମି ବିବାଦକୁ କେନ୍ଦ୍ରକରି ମାରପିଟ: ଜଣେ ଗିରଫ

ଧର୍ମଶାଳା,୨୬।୯(ବଟକୃଷ୍ଣ ପରିଡ଼ା)

ଜେନାପୁର ଥାନା ଅନ୍ତର୍ଗତ ରେଖିଦେଇପୁର ଗ୍ରାମରେ ଜମି ବିବାଦକୁ କେନ୍ଦ୍ରକରି ଗୁରୁବାର ସକାଳେ ଗଣ୍ଡଗୋଳ ଘଟିଛି। ଏନେଇ ଗ୍ରାମର ଦୀପକ ଦାସ(୩୦) ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଆଧାରରେ ପୋଲିସ ଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ପ୍ରାଣକୃଷ୍ଣ ଦାସ(୭୦)। ପ୍ରାଣକୃଷ୍ଣ ଦୀପକଙ୍କୁ ମାଡ଼ମାରି ଗୁରୁତର କରିଥିଲେ ବୋଲି ସେ ଅଭିଯୋଗରେ ଦର୍ଶାଇଥିଲେ। ଏନେଇ ପୋଲିସ ନଂ.୩୩୪/୨୫ରେ ଏକ ମାମଲା ରୁଜୁ କରିଥିବା ଥାନା ଅଧିକାରୀ ନିରୂପମା ଜେନା କହିଛନ୍ତି।

WANTED
A LEADING FINANCIAL SERVICES MARKETING COMPANY REQUIRES
AREA MANAGER
FOR SELLING MOTOR INSURANCE
CTC: Rs. 3.5 - 4.5 LACS/ANNUM
PREFERABLY FROM GENERAL INSURANCE COMPANIES OR INSURANCE BROKING COMPANIES WITH 3 TO 4 YEARS OF EXPERIENCE.
LOCATION: ROURKELA, SAMBALPUR, BHADRAK, BALASORE, BARIPADA, CUTTACK, PARADEEP, JEYPORE, BERHAMPUR & GOPALPUR.
Send your RESUME to resume@skiretail.in, 9840335849
Ski Retail Capital limited
No.1, Sambandam Street, T Nagar Chennai - 600 017

## ଘରୋଇ ବସ୍ ଦୁର୍ଘଟଣାଗ୍ରସ୍ତ, ୩ ଯାତ୍ରୀ ଗୁରୁତର

ଧର୍ମଶାଳା,୨୬।୯(ବଟକୃଷ୍ଣ ପରିଡ଼ା): ଧର୍ମଶାଳା ଥାନା ଅଧୀନ ୧୬ ନମ୍ବର ଜାତୀୟ ରାଜପଥର ରଥିଆ ଛକ ନିକଟରେ ଗୁରୁବାର ରାତିରେ ବାଲେଶ୍ୱରରୁ ବ୍ରହ୍ମପୁର ଅଭିମୁଖେ ଯାଉଥିବା ଏକ ଘରୋଇ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଫଳରେ ୩ଜଣ ଯାତ୍ରୀ ଗୁରୁତର ହୋଇଛନ୍ତି। ସେମାନଙ୍କୁ ପ୍ରଥମେ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ ପରେ ସେମାନଙ୍କୁ କଟକ ବଡ଼ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଗୁରୁତର ଯାତ୍ରୀମାନଙ୍କ ପରିଚୟ ମିଳିପାରିନାହିଁ। ବସ୍‌ରେ ୪୦ରୁ ଊର୍ଦ୍ଧ୍ୱ ଯାତ୍ରୀଥିଲେ। ସେମାନେ ବଡ଼ଦୁର୍ଘଟଣାରୁ ବର୍ତ୍ତିଯାଇଛନ୍ତି। ଗାଡ଼ି ନମ୍ବର ଓଡି୦୧ଏସ୧୪୧୪ 'ସାହୁ' ନାମକ ଏସି ସ୍ଲିପର ବସ ରାତି ପ୍ରାୟ ୧ଟାରେ ଜାରକା ରଥିଆ ଛକ ନିକଟରେ କୌଣସି କାରଣରୁ ପ୍ରଥମେ ଏକ କାରକୁ ଧକ୍କା ଦେଇଥିଲା। ପରେ ଠିଆ ହୋଇଥିବା ଏକ ଟ୍ୟାଙ୍କର ପଛରେ ପିଟି ହୋଇଥିଲା। ଘଟଣାସ୍ଥଳରେ ଚଣ୍ଡିଖୋଲ ଅଗ୍ନିଶମ ବାହିନୀ ଏବଂ ଧର୍ମଶାଳା ପୋଲିସ ପହଞ୍ଚି ଯାତ୍ରୀମାନଙ୍କୁ ଉଦ୍ଧାର କରିଥିଲେ। ପରେ ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ି ୨ଟିକୁ ଜବତ କରିଥିଲା। ଏନେଇ ଥାନାରେ ନଂ.୬୧୨/୨୫ରେ ଏକ ମାମଲା ରୁଜୁ ହୋଇଛି।




NATIONAL LAW UNIVERSITY ODISHA, CUTTACK
(Established by Odisha Act IV of 2008)
Kathajodi Campus, Sector 13, CDA, Cuttack-753015, Odisha
QUOTATION CALL NOTICE
National Law University Odisha Cuttack invites tender for providing housekeeping service at NLUO Cuttack. Last date & time of receipt is 16.10.2025 at 01.00 P.M. For details please visit: https://nluo.ac.in/ & https://tendersodisha.gov.in/
Sd/- Registrar

MINOR IRRIGATION DIVISION, RANCHI.
e-Procurement Notice
e-Tender Reference No. WRD/MID/RANCHI $F_2$ - 08/2025-26

| | | |
|---|---|---|
| 1. | Name of the work | Construction of Check dam on Oreyagarha Nala Block:- Namkum, Dist- Ranchi. |
| 2. | Estimated Cost | Rs. 1,08,49,500.00 |
| 3. | Time of Completion | (11 months) |
| 4. | Date of Publication of E - Tender on website | 18.10.2025 at 2.00 pm |
| 5. | Last date/Time for submission of E-Tender BID's | 25.10.2025 up to 5:00 pm |
| 6. | Last Date for online Submission of tender fee and EMD | e-Procurement Portal (jharkhandtenders.gov.in) 25.10.2025up to 5:00 pm |
| 7. | Date of Opening Tender | 30.10.2025at 2:00 pm |
| 8. | Name & address of office Inviting tender | Executive Engineer, M.I. Division, Ranchi, Room No. 302, AbhiyantranBhawan, KutcheryChowak, Ranchi |
| a. | Contact no. of e-Procurement officer | 0651-3512781 |
| b. | Helpline number of e-Procurement cell | 0651-3512781/Email ID-eemidran-cemr-jhr@nic.in |

Note :-(1) Only e-Tenders will be accepted.
(2) Published Estimated Cost may be Increase or Decrease
Further details can be seen on website http://jharkhandtenders.gov.in
PR 362990 Minor Irrigation(25-26).D
Executive Engineer, Minor Irrigation Division, Ranchi.

## ଦିଅରଙ୍କ ନିର୍ଯାତନା ସହି ନ ପାରି ଭାଉଜଙ୍କ ଆତ୍ମହତ୍ୟା

ଦଶରଥପୁର,୨୬।୯(ସୁଶାନ୍ତ କୁମାର ବେହୁରିଆ)

ଦଶରଥପୁର ବ୍ଲକ ମଙ୍ଗଳପୁର ଥାନା ପାରିପଦା ଗ୍ରାମରେ ଜଣେ ମହିଳା ସମ୍ପର୍କୀୟ ଦିଅରଙ୍କ ନିର୍ଯାତନା ସହି ନ ପାରି ଶୁକ୍ରବାର ଭୋର ସମୟରେ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ପୋଲିସ ମୃତଦେହ ଜବତ କରି କରି ବ୍ୟବଚ୍ଛେଦ ପାଇଁ ପଠାଇ ଘଟଣାର ତଦନ୍ତ ଚଳାଇଛି। ମହିଳା ଶାଶୁଘରେ ରହୁଥିବାବେଳେ ସେହି ଗ୍ରାମର ସିଦ୍ଧାର୍ଥ ଦାସ(୨୪)ନାମକ ସମ୍ପର୍କୀୟ ଦିଅର ତାଙ୍କୁ ବାରମ୍ବାର ପ୍ରେମ ନିବେଦନ କରିଥିଲେ। ଏଥିସହିତ ତାଙ୍କ ମୋବାଇଲକୁ ଅଶ୍ଳୀଳ ମ୍ୟାସେଜ ପଠାଉଥିଲା। ଏପରିକି ରାତିରେ ତାଙ୍କ ଶୋଇବା ଘର କବାଟ ବାଡ଼େଇ ପରୋକ୍ଷରେ ସମ୍ପର୍କ ରଖିବା ପାଇଁ ବାଧ କରୁଥିଲେ। ଏନେଇ ମହିଳା ତାଙ୍କ ସ୍ୱାମୀ ଏବଂ ସମ୍ପର୍କୀୟ ଶ୍ୱଶୁରଙ୍କୁ ଅବଗତ କରିଥିଲେ ମଧ ସେମାନେ ତାଙ୍କ କଥାକୁ ଗୁରୁତ୍ୱ ଦେଇ ନ ଥିଲେ। ଫଳରେ ଦିଅର ସିଦ୍ଧାର୍ଥଙ୍କ ନିର୍ଯାତନା ବଢ଼ି ଯାଇଥିଲା। ଏପରିକି ମହିଳାଙ୍କ ବାପା ମଧ ତାଙ୍କ ଶାଶୁଘର ଲୋକଙ୍କୁ କହିବା ସତ୍ତ୍ୱେ କେହି ଶୁଣି ନ ଥିଲେ। ଫଳରେ ମହିଳା ଜଣକ ଶୋଇବା ଘରେ ବେକରେ ଲୁଗା ଭିଡ଼ି ଝୁଲି ପଡ଼ିଥିଲେ। ପଡ଼ୋଶୀଙ୍କ ସହାୟତାରେ କବାଟ ଭାଙ୍ଗି ତାଙ୍କୁ ଉଦ୍ଧାର କରାଯାଇ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ବୋଲି ମିହଳାଙ୍କ ବାପା ଅଭିଯୋଗରେ ଦର୍ଶାଇଛନ୍ତି। ଏନେଇ ଥାନାରେ ନଂ.୨୭୨/୨୫ରେ ମାମଲା ରୁଜୁ ହୋଇଛି।

ଦ.ପୂ. ରେଳପଥ – ଟେଣ୍ଡର
ଇ-ଟେଣ୍ଡର ନଂ. ଏମ୍‌ଇଡି_ପାଥ୍_ସିଏଲ୍‌ଆଇଏ_ଆର୍‌ଆର୍_୧୦୭ଏ, ତାରିଖ: ୨୬।୦୯।୨୦୨୫। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମୁଖ୍ୟ ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ, ଦ.ପୂ. ରେଳପଥ, ଖଡ଼ଗପୁର-୭୨୧୩୦୧ଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ତା୨୧।୧୦।୨୦୨୫ରିଖ ୧୫.୩୦ ଘଟିକା ପୂର୍ବରୁ ଇ-ଟେଣ୍ଡର ଆହ୍ୱାନ କରାଯାଉଛି । ଟେଣ୍ଡର ତା୨୧।୧୦।୨୦୨୫ରିଖ ୧୫.୩୦ ଘଟିକାରେ ଖୋଲାଯିବ । କାର୍ଯ୍ୟର ବର୍ଣ୍ଣନା: ଦ.ପୂ. ରେଳପଥ ମଣ୍ଡଳ ଚିକିତ୍ସାଳୟ/ଖଡ଼ଗପୁରଠାରେ ବିଭିନ୍ନ ଇମ୍ୟୁନୋଲୋଜିକାଲ ଆସେ ସଞ୍ଚାଳନ ପାଇଁ ରିଏଜେଣ୍ଟ ରେଣ୍ଟାଲ୍ ସିଷ୍ଟମ୍ ଉପରେ କେମିଲୁମିନେସେନ୍ସେସ୍ ଇମ୍ୟୁନୋଆସେ ଆନାଲାଇଜର୍ (ସିଏଲ୍‌ଆଇଏ) । ଟେଣ୍ଡର ମୂଲ୍ୟ: ₹୧,୭୯,୬୩,୦୦୦/- । ଅମାନତ ରାଶି/ବିଡ୍ ଅମାନତ: ₹୨,୩୯,୮୦୦/- । ଟେଣ୍ଡର ଦସ୍ତାବିଜ ମୂଲ୍ୟ: ₹୫,୦୦୦/-। କାର୍ଯ୍ୟର ସମାପ୍ତି ଅବଧି: ୬୦ ମାସ । ବିଡିଂ ଆରମ୍ଭ ତାରିଖ: ତା୦୭।୧୦।୨୦୨୫ରିଖଠାରୁ ତା୨୧।୧୦।୨୦୨୫ରିଖ ୧୫.୦୦ ଘଟିକା ପର୍ଯ୍ୟନ୍ତ । ଟେଣ୍ଡରର ପୂର୍ଣ୍ଣ ବିବରଣୀ, ବର୍ଣ୍ଣନା, ବିନିର୍ଦ୍ଦିଷ୍ଟତା ଏବଂ ନିଜର ବିଡ୍ ଅନ୍‌ଲାଇନରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିପାରନ୍ତି । ଏହି ଟେଣ୍ଡର ପାଇଁ କୌଣସି କ୍ଷେତ୍ରରେ ମଧ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ବି.ଦ୍ର.: ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ www.ireps.gov.in ପରିଦର୍ଶନ କରିପାରନ୍ତି । (PR-677)

OFFICE OF THE ENGINEER-IN-CHIEF (CIVIL), ODISHA
NIRMAN SOUDHA, UNIT-V, BHUBANESWAR
E-mail ID: cebuildings_orissa@yahoo.co.in, cebuildings@rediffmail.com, Tel.: (0674) 2391523
INVITATIONS FOR BIDS (IFB)
File No. B-II-P.A.-04/2025 Lr. No. 37695 / Bhubaneswar, Dtd. 25th Sept., 2025
No. B-572
Invitation for Bids
1st Corrigendum
Bid Identification No. C.E. (B) - 26/2025-26
Name of the Work - Construction of 96 Nos. E-type Flat Quarters in 4 Blocks (E1, E2, E3, E4) and 48 Nos. F-type Flat Quarters in 2 Blocks (F1, F2) in the Residential Colony of Raj Bhavan, Bhubaneswar (Stilt +6) for 2025-26 on Turnkey Basis.
The following changes have been made in Bid Identification No. C.E.-(B) - 26/2025-26.
Bid documents can be seen/downloaded from the Govt. Website i.e. www.tendersorissa.gov.in, during the period Dt.09.10.2025 to 17.30 hours of Dt.30.10.2025 instead of Dt.25.09.2025 to 17.30 hours of Dt.16.10.2025 for ONLINE BIDDING respectively.
1. A pre-bid meeting shall be held on Dt.18.10.2025 at 11.30 A.M. at the Conference Hall of Office of the Chief Engineer (Buildings-I), Odisha, Nirman Soudha, Unit-V, Bhubaneswar instead of Dt.08.10.2025.
2. Online bids shall be received till 17.30 hours of Dt.30.10.2025 instead of Dt.16.10.2025.
3. Hardcopy shall be received on or before Dt.07.11.2025 upto 17.30 hours by this office instead of Dt.23.10.2025.
4. The technical bids will be opened at 11.30 A.M. of Dt.10.11.2025 instead of Dt.24.10.2025.
All other terms and conditions remain unchanged.
OIPR-34117/11/0141/2526 Sd./- Chief Engineer (Buildings-I), Odisha

JHARKHAND URBAN INFRASTRUCTURE DEVELOPMENT COMPANY LIMITED
(Govt. of Jharkhand Undertaking)
JUIDCO Bhawan, Kutchary Road, Ranchi-834001, Jharkhand.
Ph No.: +91-651-2225878,
CIN: U45200JH2013SGC001752, e-mail Id-juidcolimited@gmail.com
NIT No.: JUIDCO/NIT/OB LATEHAR/666 Date- 26.09.2025
e-Procurement (Tender Notice)
2nd Call

| | | |
|---|---|---|
| 1 | Name of Work | Construction of New Nagar Panchayat Office Building at Latehar under Latehar Nagar Panchayat. |
| 2 | Mode of Bid Submission | e-tendering (http://jharkhandtenders.gov.in) |
| 3 | Estimated Cost (Rs.) | Rs. 9,73,46,387/- (Rupees Nine Crore Seventy-Three Lakh Forty-Six Thousand Three Hundred and Eighty-Seven) only. |
| 4 | Time of Completion | 11 Months (Including Monsoon & Mobilization Period) |
| 5 | Tender Fee and Bid Security to be submitted online | Tender document fee : Rs 25,000/- (Rupees Twenty-Five Thousand) only Non-Refundable. Bid Security : Rs 9,73,500/- (Rupees Nine Lakh Seventy Three Thousand Five Hundred) only |
| 6 | Date/Time of Publication of Tender on Website | 26.09.2025 17:00 Hrs |
| 7 | Last Date/Time of Bid Submission | 10.10.2025 17:00 Hrs |
| 8 | Date/Time of opening of Bid | 11.10.2025 17:00 Hrs |
| 9 | Bid Submission Address | Jharkhand Urban Infrastructure Development Company Ltd., JUIDCO Bhawan, Kutchery Chowk, Ranchi, Jharkhand- 834001 |
| 10 | Helpline Number of e-procurement Cell | 0651-2225878 |

Further details can be seen on website http://jharkhandtenders.gov.in
Sd/-
PR 363037 Urban Development and Housing(25-26)D
Project Director (Technical) JUIDCO Ltd, Ranchi

## ସ୍ୱାଗତିକା ସାମଲ ହେଲେ ମିସେସ୍ ଇଣ୍ଡିଆ



ସ୍ୱାଗତିକା ସାମଲ

ଯାଜପୁରରୋଡ୍,୨୬।୯(ପବିତ୍ର ରଞ୍ଜନ ମହାନ୍ତି)

ଦୃଢ଼ ଇଚ୍ଛାଶକ୍ତି ମଣିଷକୁ ସଫଳତା ଆଣିଦେଇଥାଏ। ଏହାକୁ ପ୍ରମାଣ କରି ଦେଖାଇଛନ୍ତି ଯାଜପୁର ଜିଲା ବ୍ୟାସନଗର ପୌର ପରିଷଦ ଅଧୀନ ନହକା ଅଞ୍ଚଳର ସ୍ୱାଗତିକା ସାମଲ। ନୂଆଦିଲ୍ଲୀର ଡିକେ ପିଜାଣ୍ଟ ସଂସ୍ଥା ପକ୍ଷରୁ ରେଡିସନ ବ୍ଲୁ ହୋଟେଲଠାରେ ଗତ ୧୭ ତାରିଖରେ ଆୟୋଜିତ ଜାତୀୟ ସୌନ୍ଦର୍ଯ୍ୟ ପ୍ରତିଯୋଗିତାରେ ୯୦୦ ପ୍ରତିଯୋଗୀଙ୍କୁ ପଛରେ ପକେଇ ସ୍ୱାଗତିକା ମିସେସ୍ ଇଣ୍ଡିଆ ବିଜୟ ମୁକୁଟ ପିନ୍ଧିଛନ୍ତି। ଏହି ଖବର ପ୍ରଚାରିତ ହେବାପରେ ଯାଜପୁର ଜିଲା ସମେତ ସମଗ୍ର ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି।

ସ୍ୱାଗତିକା ବ୍ୟାସନଗର ଫେରିବା ପରେ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି। କଳିଙ୍ଗନଗର ଟାଟା ଷ୍ଟିଲରେ କାର୍ଯ୍ୟରତ ପ୍ରଭାତ ସାମଲଙ୍କ ସ୍ତ୍ରୀ ସ୍ୱାଗତିକା ଜଣେ ସୁଗୃହିଣୀ। ସେ ଜି-୨ କାଟାଗରି ଅର୍ଥାତ ୪୦ ବର୍ଷରୁ ଊର୍ଦ୍ଧ୍ୱ ଓ ୬୦ ବର୍ଷରୁ କମ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଏହି କାଟାଗରିରେ ଓଡ଼ିଶା ସମେତ ଆସାମ, ଗୁଜରାଟ, ପଞ୍ଜାବ, ହରିୟାଣା, କେରଳ, କର୍ନାଟକ ଓ ତେଲେଙ୍ଗାନା ରାଜ୍ୟରୁ ପ୍ରତିଯୋଗୀମାନେ ଭାଗ ନେଇଥିଲେ। ଆଗାମୀ ଦିନରେ ସ୍ୱାଗତିକା ଅନ୍ତର୍ଜାତୀୟ ସୌନ୍ଦର୍ଯ୍ୟ ପ୍ରତିଯୋଗିତାରେ ଭଗନେବାକୁ ଇଚ୍ଛା ରଖିଛନ୍ତି। ଏହି ସଫଳତା ପାଇଁ ସ୍ୱାଗତିକା ତାଙ୍କ ଭାଉଜ, ସ୍ୱାମୀ, ଝିଅ ଓ ପରିବାରକୁ ଶ୍ରେୟ ଦେଇଛନ୍ତି।

ODISHA COAL AND POWER LTD.
(A GOVT. OF ODISHA COMPANY)
Odisha Coal and Power Limited OCPL
Zone-A, Fourth Floor, Fortune Towers, Chandrasekharpur, Bhubaneswar - 751023, Odisha, Ph. No. : 0674-2300654 / 2300664
NOTICE INVITING TENDER
NIT No : OCPL/CIVIL-215/2025 Date : 27/09/2025
Sealed bids in prescribed format are invited from Companies / firms / agencies for the following work:

| Sl. No. | Name of the work | Cost of Tender Paper | Issue of Tender Document | Last date of Download of Tender Document | Last date of Submission / Opening of bid |
|---|---|---|---|---|---|
| 1 | Construction of RCC Road from Main Gate of Manoharpur Coal Mines to Durubaga Chowk, Hemgir, Sundargarh, Odisha | Rs.5,900/- (Rupees Five Thousand Nine Hundred only) including GST. | 27/09/2025 | 18/10/2025 | 03:00 PM / 03:30 PM on 29/10/2025 |

For further details, bidders may visit our website, i.e., www.ocpl.org.in. Any clarification may please be addressed to the undersigned at the above address or by email to : contracts@ocpl.org.in
Sd./- Chief Operating Officer

# ବନ ବିଭାଗ ସେକ୍ସନ ଅଫିସରେ ଝୁଲୁଛି ତାଲା

ରଘୁନାଥପୁର,୨୬।୯ (ରାଜେନ୍ଦ୍ର ନାରାୟଣ ସିଂହ)



କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ପକ୍ଷରୁ ଅସନ୍ତୁଳିତ ପରିବେଶର ସୁରକ୍ଷା ପାଇଁ ବହୁ କୋଟି ଟଙ୍କା ବ୍ୟୟ କରାଯାଉଛି। ବନବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଚାରାରୋପଣ କରାଯାଇ ଏହାକୁ ବଡ଼ ହେବା ପର୍ଯ୍ୟନ୍ତ ଦାୟିତ୍ୱ ନିଆଯାଉଛି। ସେଥିପାଇଁ ତୃଣମୂଳସ୍ତରରେ ଆବାସିକ କାର୍ଯ୍ୟାଳୟ (ସେକ୍ସନ ଅଫିସ) ଖୋଲାଯାଇ ବନପାଳମାନଙ୍କୁ ନିୟୋଜିତ କରାଯାଇଛି। ତେବେ ଅନେକ ସ୍ଥାନରେ କେତେକ ବନପାଳ ମନଇଚ୍ଛା କାର୍ଯ୍ୟ କରୁଥିବା ଅଭିଯୋଗ ହେଉଛି। ବନବିଭାଗ ସେକ୍ସନ ଅଫିସ ୨୪ ଘଣ୍ଟା ବନ୍ଦ ରହି ତାଲା ଝୁଲୁଥିବାବେଳେ ବନପାଳ ଅନ୍ୟତ୍ର ରହୁଥିବା ଚର୍ଚ୍ଚା ହେଉଛି। ଏପରି ବ୍ୟତିକ୍ରମ ଦେଖିବାକୁ ମିଳିଛି କଟକ ବନବିଭାଗ ଡିଏଫଓ ତଥା ଜଗତ୍‌ସିଂହପୁର ଜିଲା ଗୋବିନ୍ଦାପୋଖରି ରେଞ୍ଜ ଅଫିସ ଅନ୍ତର୍ଗତ ରଘୁନାଥପୁର ସେକ୍ସନ ଅଫିସ ଦାୟିତ୍ୱରେ ଥିବା ବନପାଳଙ୍କ କ୍ଷେତ୍ରରେ।

ବନପାଳ ଦଣ୍ଡହରି ନାୟକ ମାସକୁ ଅଳ୍ପ ସମୟ ପାଇଁ ଥରେ ଦିଥର ଛାଡ଼ିଦେଲେ ଅନ୍ୟ ସମୟରେ କାର୍ଯ୍ୟାଳୟ ସମ୍ପୂର୍ଣ୍ଣ ବନ୍ଦ ରହୁଥିବା ଏବଂ ବାବୁଙ୍କ ଦେଖା ମିଳୁ ନ ଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। କାର୍ଯ୍ୟାଳୟର ଚତୁଃପାର୍ଶ୍ୱ ଲଟାପତ୍ର ମାଡ଼ି ଜଙ୍ଗଲିଆ ହୋଇଯାଇଥିବାବେଳେ ଏହା ଏକପ୍ରକାର ଭୂତକୋଠିରେ ପରିଣତ ହୋଇଯାଇଛି। କୌଣସି କାର୍ଯ୍ୟ ପାଇଁ କାର୍ଯ୍ୟାଳୟକୁ ଆସୁଥିବା ଲୋକେ ବାବୁଙ୍କୁ ନ ପାଇ ଫେରୁଥିବା ପ୍ରକାଶ କରିଛନ୍ତି। ବିଭିନ୍ନ ସ୍ଥାନରେ ଲଗା ହୋଇଥିବା ଗଛର ସୁରକ୍ଷା ନେବା ତ ଦୂରର କଥା ତନ୍ମଧ୍ୟରୁ ଅନେକ ଗଛ ମରିଯାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହାଛଡା ବୃକ୍ଷ ସମ୍ବନ୍ଧୀୟ କୌଣସି ପ୍ରଶ୍ନ ପଚାରିଲେ ସମ୍ପୃକ୍ତ ବାବୁ ଉତ୍ତର ଦେବା ପରିବର୍ତ୍ତେ କର୍କଶ ସ୍ୱରରେ ବିଗିଡି ଯାଉଥିବାର ସ୍ଥାନୀୟ ଜନପ୍ରତିନିଧିମାନେ କ୍ଷୋଭର ସହ ପ୍ରକାଶ କରିଛନ୍ତି।

ଏ ସମ୍ପର୍କରେ ରେଞ୍ଜର ରାଜେନ୍ଦ୍ର ସାମନ୍ତରାୟଙ୍କୁ ପଚାରିବାରେ ସମ୍ପୃକ୍ତ ବନପାଳଙ୍କୁ ସେଠାରେ ରହି ଦାୟିତ୍ୱ ନିର୍ବାହ ପାଇଁ କୁହାଯାଇଛି। ଏହାଛଡା କାର୍ଯ୍ୟାଳୟ ଖୋଲା ରଖିବା, ଫିଲ୍ଡ କାର୍ଯ୍ୟ କରିବା ଏବଂ ଲୋକଙ୍କ ସହ ଉତ୍ତମ ବ୍ୟବହାର ପ୍ରଦର୍ଶନ କରିବା ତାଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ବୋଲି ରେଞ୍ଜର ସାମନ୍ତରାୟ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷେ ଡିଏଫଓ ଅନିଲ କୁମାର ରାୟ ଅଭିଯୋଗକୁ ଗୁରୁତର ସହ ଗ୍ରହଣ କରି ବିଚାର କରିବେ ବୋଲି ପ୍ରକାଶ କରିଛନ୍ତି। ଅପରପକ୍ଷେ ଉକ୍ତ କାର୍ଯ୍ୟାଳୟ ଆଗରେ ଖାଲ ଥିବା ଯୋଗୁ ଏହା ରହିବା ପାଇଁ ଅନୁପଯୁକ୍ତ ବୋଲି ଫରେଷ୍ଟର ନାୟକ ପ୍ରକାଶ କରିଛନ୍ତି। ଏହାଛଡା ସେ ଅଧିକାଂଶ ସମୟ ଫିଲ୍ଡରେ ରହୁଥିବାରୁ ତାଙ୍କୁ ଲୋକେ ଦେଖିପାରୁ ନାହାନ୍ତି ବୋଲି ପ୍ରକାଶ କରିଛନ୍ତି। ଅଭିଯୋଗକୁ ଗୁରୁତର ସହ ନେଇ ଏଥିପ୍ରତି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଜିଲାପାଳ, ଜଙ୍ଗଲ ବିଭାଗ ସଚିବ ଓ ମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି।

# ଟଙ୍କା ହରାଇ ଯୁବକଙ୍କ ଆତ୍ମହତ୍ୟା ଅଭିଯୋଗ

## ଅନ୍‌ଲାଇନ ଗେମ୍ ଜୀବନ ନେଲା

କୁଜଙ୍ଗ, ୨୬।୯(ମନୋଜ ପ୍ରଧାନ)

ଅନ୍‌ଲାଇନ୍ ଗେମ୍ ଯୋଗୁ ଅଭୟ ଚାନ୍ଦପୁର ଥାନା ଅନ୍ତର୍ଗତ ଢିଙ୍କିଆ ଗ୍ରାମର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଅନଲାଇନ ଗେମ ଖେଳି ଟଙ୍କା ହରାଇବା ପରେ ମାନସିକ ଭାରସାମ୍ୟ ହରାଇ ସେ ଗୁରୁବାର ରାତିରେ ଆତ୍ମହତ୍ୟା କରିଥିବା ପରିବାର ଲୋକେ ଥାନାରେ ଅଭିଯୋଗ କରିଛନ୍ତି। ମୃତକ ହେଲେ ନଟବର ସେଠୀଙ୍କ ସାନ ପୁଅ ନିହାର ରଞ୍ଜନ ସେଠୀ(୨୯)। ଅଭିଯୋଗ ଅନୁଯାୟୀ, ସେ ଅନ୍‌ଲାଇନ ଗେମ୍ ବହୁ ଟଙ୍କା ହରାଇବା ପରେ କିଛିଦିନ ହେବ ମାନସିକ ଚାପରେ ଥିଲେ। ଗୁରୁବାର ବିଳମ୍ବିତ ରାତିରେ ଘର ନିକଟରେ ଥିବା ଏକ ଚାଳଘରେ ନିହାର ରଶି ଲଗାଇ ଝୁଲି ପଡ଼ିଥିଲେ। ଶୁକ୍ରବାର ପରିବାର ଲୋକେ ଏ ବିଷୟରେ ଜାଣିବା ପରେ ଥାନାରେ ଜଣାଇଥିଲେ। ଖବରପାଇ ଅଭୟଚାନ୍ଦପୁର ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ଅପମୃତ୍ୟୁ ମାମଲା (ନଂ.୧୦/୨୫) ରୁଜୁ କରିଛି। ମୃତଦେହ ବ୍ୟବଚ୍ଛେଦ ନିମନ୍ତେ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ରିପୋର୍ଟ ମିଳିବା ପରେ ମୃତ୍ୟୁ ଏ ସମ୍ପର୍କରେ ଅଧିକ ତଥ୍ୟ ମିଳିପାରିବ ବୋଲି ଥାନା ଅଧିକାରୀ ସମୀର କୁମାର ରାଉତ କହିଛନ୍ତି।

# ସ୍ୱଚ୍ଛତାକୁ ନିତିଦିନିଆ ଅଭ୍ୟାସରେ ପରିଣତ କର



ଭାଜପା କର୍ମୀମାନେ ସଫେଇ କରୁଛନ୍ତି।

ରଘୁନାଥପୁର, ୨୬।୯(ରାଜେନ୍ଦ୍ର ନାରାୟଣ ସିଂହ)

## ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ

ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ

ରଘୁନାଥପୁର ବ୍ଲକ କେରେକେରାସ୍ଥିତ ପ୍ରସିଦ୍ଧ ବିଭୂତି କ୍ଷେତ୍ର ପ୍ରଭୁ ଗୋରେଖନାଥ ପୀଠରେ ଭାଜପା ଜଇପୁର ମଣ୍ଡଳ ପକ୍ଷରୁ ଶୁକ୍ରବାର ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଲଗାଣ ବର୍ଷା ସତ୍ତ୍ୱେ ସକାଳୁ ଭାଜପା ନେତା ଓ କର୍ମୀମାନେ ପୀଠର ପ୍ରବେଶଦ୍ୱାର ଓ ପରିସର ଏବଂ ସମ୍ମୁଖ ରାସ୍ତାକୁ ସଫା କରିବା ସହ ପ୍ଲାଷ୍ଟିକ ଓ ବର୍ଜ୍ୟ ବସ୍ତୁଗୁଡ଼ିକୁ ଅନ୍ୟତ୍ର ସ୍ଥାନାନ୍ତରିତ କରିଥିଲେ। ପୀଠକୁ ଆସିଥିବା ଶ୍ରଦ୍ଧାଳୁ ଭକ୍ତ ଓ ଯାତ୍ରୀମାନେ ଉତ୍ସାହିତ ହୋଇ ସେବା କାର୍ଯ୍ୟରେ ନିୟୋଜିତ ହୋଇଥିଲେ। ଏହି ଅବସରରେ ଭାଜପା କର୍ମକର୍ତ୍ତାମାନେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଜନ୍ମଦିନ ଉପଲକ୍ଷେ ପାଳିତ ସେବା ସପ୍ତାହର ତାତ୍ପର୍ଯ୍ୟ ଓ ସମର୍ପଣ ମନୋଭାବ ସମ୍ପର୍କରେ ପ୍ରକାଶ କରିଥିଲେ। ଏହାଛଡା ପ୍ରତ୍ୟେକ ନାଗରିକ ସେମାନଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ପ୍ରତି ଅନୁରକ୍ତ ହୋଇ ସ୍ୱଚ୍ଛତାକୁ ନିତିଦିନିଆ ଅଭ୍ୟାସରେ ପରିଣତ କରିବାକୁ ଆହ୍ୱାନ ଦେଇଥିଲେ। ଯୁବନେତା ପ୍ରକାଶ ଦଳାଇ, ମଣ୍ଡଳ ସଭାପତି ବନୋଜ ନାୟକ ଓ ପ୍ରଭାରୀ ବିଜୟ କୁମାର ଦାସ, କର୍ମକର୍ତ୍ତା ବଳରାମ ଦଳାଇ, ମହିଳା ମୋର୍ଚ୍ଚା ସଭାନେତ୍ରୀ ମଧୁସ୍ମିତା ଭୋଇ, ଶଶାଙ୍କ ମହାନ୍ତି, ସଞ୍ଜୟ ଖୁଣ୍ଟିଆ, ଯୁବମୋର୍ଚ୍ଚା ସଭାପତି ସ୍ମୃତିରଞ୍ଜନ ବେହେରା,ଓବିସି ମୋର୍ଚ୍ଚା ସଭାପତି ଦୀପ୍ତିରଞ୍ଜନ ମହାପାତ୍ର,ମଣ୍ଡଳ ଓବିସୀ ମୋର୍ଚ୍ଚା ସଭାପତି ଅସିତ୍ ମହାରଣା,ମମତା ଜେନା ପ୍ରମୁଖ ଏଥିରେ ସାମିଲ ହୋଇଥିଲେ।

# ବୋଟ୍‌ରୁ ଖସି ମତ୍ସ୍ୟଜୀବୀ ମୃତ

ପାରାଦୀପ,୨୬।୯(ଶରତ ରାଉତ)

ପାରାଦୀପ ମାଛଧରାବନ୍ଦର ପୋତାଶ୍ରୟ ୨ନଂ. ବର୍ଥରେ ଶୁକ୍ରବାର ବୋଟ୍‌ରୁ ଖସି ଜଣେ ମତ୍ସ୍ୟଜୀବୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପଶ୍ଚିମବଙ୍ଗର ତପନ ବର୍ମନ (୫୨)। ପୂର୍ବାହ୍ନ ପ୍ରାୟ ୧୧ଟାବେଳେ ବର୍ଷା ହେଉଥିଲା। ସେତେବେଳେ ତପନ ବୋଟ୍ ଉପରେ କାମ କରୁଥିଲେ। ଏହି ସମୟରେ ତାଙ୍କ ଗୋଡ ଖସିଯାଇଥିଲା। ଫଳରେ ତପନ ପାଣିରେ ଗଳିପଡ଼ିଥିଲେ। ତାଙ୍କୁ ଅନ୍ୟ ମତ୍ସ୍ୟଜୀବୀମାନେ ଉଦ୍ଧାର କରି ବିଜୁ ମେମୋରିଆଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ତପନଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଖବରପାଇ ମେରାଇନ ପୋଲିସ ମୃତଦେହ ଜବତ କରି ସଂରକ୍ଷିତ ରଖିଛି। ପରିବାର ଲୋକେ ଶନିବାର ପହଞ୍ଚିବା ପରେ ବ୍ୟବଚ୍ଛେଦ ହେବ ବୋଲି ପୋଲିସ କହିଛି। ରିପୋର୍ଟ ଲେଖା ହେବା ସୁଦ୍ଧା କୌଣସି ମାମଲା ରୁଜୁ ହୋଇ ନ ଥିଲା।

# ବନ୍ଧୁକ ଦେଖାଇ ଅଳଙ୍କାର ଲୁଟ୍ ଘଟଣା: ଜଣେ ଗିରଫ

କୁଜଙ୍ଗ,୨୬।୯(ମନୋଜ ପ୍ରଧାନ)

କୁଜଙ୍ଗ ଥାନା ଅନ୍ତର୍ଗତ ଗୋବର୍ଦ୍ଧନପୁର ଗ୍ରାମରେ ଜୁନ୍ ୧୩ରେ ବନ୍ଧୁକ ଦେଖାଇ ଅଳଙ୍କାର ଲୁଟ୍ ହୋଇଥିଲା। ଏହି ଘଟଣାରେ ପୋଲିସ ଉକ୍ତ ଗ୍ରାମର ବିଭୂତି ଭୂଷଣ ନାୟକ ଓରଫ ସିଲୁଙ୍କୁ ଭୁବନେଶ୍ୱରରୁ ଗିରଫ କରି କୋର୍ଟ ଚାଲାଣ କରିଛି। ତାଙ୍କ ଜାମିନ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ଜେଲ ହାଜତକୁ ପଠାଇ ଦିଆଯାଇଛି। ଅନ୍ୟତମ ଅଭିଯୁକ୍ତ ତଥା ଭାଇ ମହେନ୍ଦ୍ର ପଟ୍ଟନାୟକ ଧରାପଡ଼ିନାହାନ୍ତି। ପ୍ରକାଶ ଯେ କୁଜଙ୍ଗ ଥାନା ଅନ୍ତର୍ଗତ ଗୋବର୍ଦ୍ଧନପୁର ଗ୍ରାମର ମାଧବାନନ୍ଦ ପଟ୍ଟନାୟକ ଜୁନ ୧୩ ରାତି ୧୧ଟା ୩୦ରେ ସେହି ଗ୍ରାମର ସମ୍ପର୍କୀୟ ଭାଇ ପ୍ରଭାସ ପଟ୍ଟନାୟକଙ୍କୁ ତାଙ୍କ ଘରକୁ ଛାଡ଼ିବାକୁ ଯାଉଥିଲେ।



ଅଭିଯୁକ୍ତ ବିଭୂତି ଭୂଷଣ ନାୟକ

ଏହି ସମୟରେ ପ୍ରାଥମିକ ବିଦ୍ୟାଳୟ ନିକଟରେ ପୂର୍ବରୁ ଅଭିଯୁକ୍ତ ଦୁଇଭାଇ ସିଲୁ ଓ ମହେନ୍ଦ୍ର ଛକି ରହିଥିଲେ। ଅଭିଯୁକ୍ତ ଦ୍ୱୟ ମାଧବାନନ୍ଦଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ମାଡ ମାରିବା ସହ ସେ ପିନ୍ଧିଥିବା ୧୫ ଗ୍ରାମର ବ୍ରେସଲେଟ, ୧୨ ଗ୍ରାମର ସୁନା ଚେନ ଓ ହାତ ଘଣ୍ଟା ନେଇଯାଇଥିଲେ। ଏ ସମ୍ପର୍କରେ ମାଧବାନନ୍ଦ ଜୁନ ୧୪ରେ କୁଜଙ୍ଗ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତି କରି କୁଜଙ୍ଗ ପୋଲିସ ମାମଲା (ନଂ.୨୨୬/୨୫) ରୁଜୁ କରି ତଦନ୍ତ ଜାରି ରଖିଥିଲା।

# ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷା: କୁଜଙ୍ଗରୁ ୪ ସଫଳ



ପ୍ରୀତୀଶ ଦାଶ



ଶୁଭଦର୍ଶିନୀ ରାଉତରାୟ



ଶ୍ରୀନିବାସ ଦାଶ



ଆକାଶ ନାୟକ

କୁଜଙ୍ଗ,୨୬।୯ (ମନୋଜ ପ୍ରଧାନ)

ଓଡ଼ିଶା ଲୋକ ସେବା ଆୟୋଗ ଦ୍ୱାରା ଅନୁଷ୍ଠିତ ୨୦୨୩ ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ କୁଜଙ୍ଗ ବ୍ଲକ୍ ଅନ୍ତର୍ଗତ ଜଳଧରପୁର ଗ୍ରାମର ରମେଶ ନାୟକ ଓ ବିନୋଦିନୀ ନାୟକଙ୍କ ପୁତ୍ର ଆକାଶ ନାୟକ ୨୫ ନଂ. ର୍‍ୟାଙ୍କ ପାଇଛନ୍ତି। ଆକାଶ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟରୁ ଡିଗ୍ରୀ ପାଇବା ପରେ ଅଡିଟର ଭାବେ କାର୍ଯ୍ୟରତ ଅଛନ୍ତି। ତାଙ୍କର ଏହି ସଫଳତା ପାଇଁ ଅଭିନନ୍ଦନର ସୁଅ ଛୁଟିଛି। ସେହିପରି ଏହି ଥାନା ଅନ୍ତର୍ଗତ ମହ୍ଲାସାହି ଗ୍ରାମର ପ୍ରତାପ ଦାଶ ତଥା ଏରସମା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ଜ୍ୟୋତିର୍ମୟୀ ତ୍ରିପାଠୀଙ୍କ ଏକମାତ୍ର ପୁଅ ପ୍ରୀତୀଶ ଦାଶ ଏହି ପରୀକ୍ଷାରେ ୯୨ତମ ର୍‍ୟାଙ୍କ ପାଇଛନ୍ତି। ତାଙ୍କର ଏହି ସଫଳତାରେ ପାରାଦୀପ ବିଧାୟକ ତଥା ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଏମ୍‌ପି ଡ. ବିଭୁ ପ୍ରସାଦ ତରାଇ ଓ ସରପଞ୍ଚ ଧ୍ରୁବଚରଣ ନାୟକ ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି। ସେହିପରି କଙ୍କରଦିଆ ଗ୍ରାମର ବିଭୂରଞ୍ଜନ ରାଉତ ଓ କଳ୍ପନା ରାଉତଙ୍କ କନ୍ୟା ଶୁଭଦର୍ଶିନୀ ରାଉତରାୟ ୯୫ତମ ନମ୍ବର ର୍‍ୟାଙ୍କରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଶୁଭଦର୍ଶିନୀ ଏକ ନିମ୍ନ ମଧ୍ୟବିତ୍ତ ପରିବାରରେ ଜନ୍ମ ଗ୍ରହଣ କରିଛନ୍ତି। ଶୁଭଦର୍ଶିନୀ ଏହି ସଫଳତାର ଶ୍ରେୟ ପରିବାର ସଦସ୍ୟ, ଶିକ୍ଷୟିତ୍ରୀ, ଶିକ୍ଷକ ଓ ସାଥୀମାନଙ୍କୁ ଦେଇଛନ୍ତି। ତାଙ୍କର ଏହି ସଫଳତାରେ ବିଜୟଚାନ୍ଦ ସଂସ୍କୃତ ମହାବିଦ୍ୟାଳୟ ସମାଗୋଳ ଅଧକ୍ଷ ପ୍ରତାପ କୁମାର ମହାପାତ୍ର, ବାମଦେଇପୁର ସରପଞ୍ଚ ବୈଜୟନ୍ତୀ ମାଳା ମହାନ୍ତି, ସମିତି ସଭ୍ୟ ବିକ୍ରମ ମହାପାତ୍ର, ପୂର୍ବତନ ସରପଞ୍ଚ ଗୋପୀନାଥ ସାମନ୍ତରା, ଶ୍ରୀଜଗନ୍ନାଥ ମହାବିଦ୍ୟାଳୟର ଅର୍ଥନୀତି ଅଧ୍ୟାପକ ଧୀରେନ ପାତ୍ର, ସୁରେଶ ସାମନ୍ତରା ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି। ସେହିପରି କୁଜଙ୍ଗ ଥାନା ତଥା ଏରସମା ବ୍ଲକ ବାଲିତୁଠ ପଞ୍ଚାୟତ ଅନ୍ତର୍ଗତ ବଡଗବପୁର ଗ୍ରାମର ଶ୍ରୀନିବାସ ଦାଶ ଏହି ପରୀକ୍ଷାରେ ୧୨୩ ନଂ. ର୍‍ୟାଙ୍କ ପାଇଛନ୍ତି। ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ ବାଲିତୁଠରୁ କୃତିତ୍ୱର ସହ ମାଟ୍ରିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଏସ୍‌ଭିଏମ୍ କଲେଜ ଜଗତ୍‌ସିଂହପୁରରୁ ଯୁକ୍ତ ୨ ଓ ସିଭିରମଣ ଇଞ୍ଜିନିୟରିଂ କଲେଜ, ଭୁବନେଶ୍ୱରରୁ ଶ୍ରୀନିବାସ ବି.ଟେକ କରିଥିଲେ। ବର୍ତ୍ତମାନ ସଚିବାଳୟରେ ଏଏସ୍‌ଓ ଭାବେ କାର୍ଯ୍ୟ ରତ ଅଛନ୍ତି। ବାପା ସଞ୍ଜୟ କୁମାର ଦାଶ ଜଣେ ବ୍ୟବସାୟୀ ଏବଂ ମା'ସୌଭାଗିନୀ ଦାଶ ଗୃହିଣୀ। ଶ୍ରୀନିବାସ ପଞ୍ଚମ ପ୍ରୟାସରେ ଏହି ସଫଳତା ହାସଲ କରିଥିବା କହିଛନ୍ତି।

# ମା' ସିଦ୍ଧିଦାତ୍ରୀଙ୍କ ସ୍କନ୍ଦମାତା ବେଶ



ନାଉଗାଁ,୨୬।୯( ସୁଧା ବେହୁରା)

ଜଗତ୍‌ସିଂହପୁର ବ୍ଲକ ଅନ୍ତର୍ଗତ ସରାଫୋସ୍ଥିତ ସିଦ୍ଧିଶ୍ରୀକ୍ଷେତ୍ର ପୀଠରେ ଶାରଦୀୟ ପାର୍ବଣର ଦ୍ୱାଦଶ ଓ ନବରାତ୍ରର ପଞ୍ଚମ ଦିବସ ପୂଜା ଅବସରରେ ମା' ସିଦ୍ଧିଦାତ୍ରୀଙ୍କୁ ସ୍କନ୍ଦମାତା ବେଶରେ ସୁସଜ୍ଜିତ କରାଯାଇଛି।

# ଜିଲା କଂଗ୍ରେସ କମିଟି ନୂଆ ସଭାପତି ଦେବପ୍ରସାଦ

ଜଗତ୍‌ସିଂହପୁର, ୨୬।୯ (ପ୍ରମୋଦ କୁମାର ନାୟକ)



ଜଗତ୍‌ସିଂହପୁର ଜିଲା କଂଗ୍ରେସର ମଙ୍ଗ କିଏ ଧରିବେ ସେନେଇ ଲାଗି ରହିଥିବା କଳ୍ପନା ଜଳ୍ପନାର ଅନ୍ତ ଘଟିଛି। ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ଜଗନ୍ନାଥପୁର ପଞ୍ଚାୟତର ଦେବପ୍ରସାଦ ନାୟକ (ଫେଲୁ)ଙ୍କ ଉପରେ ଦଳ ଆସ୍ଥା ପ୍ରକଟ କରି ଜିଲା ସଭାପତି ଭାବେ ନିଯୁକ୍ତ କରିଛି। ଶୁକ୍ରବାର ଅଖିଳ ଭାରତୀୟ କଂଗ୍ରେସ କମିଟି (ଏଆଇସିସି) ପକ୍ଷରୁ ଓଡ଼ିଶାର ୩୫ଟି ଜିଲା କଂଗ୍ରେସ କମିଟି ସଭାପତିଙ୍କ ନାମ ଘୋଷଣା ପରେ ଫେଲୁଙ୍କୁ ଜଗତ୍‌ସିଂହପୁର ଦାୟିତ୍ୱ ଦିଆଯାଇଥିବା ସ୍ପଷ୍ଟ ହୋଇଛି। ଫେଲୁ ଦୀର୍ଘ ୩୫ ବର୍ଷ ଧରି ତୃଣମୂଳସ୍ତରରେ କଂଗ୍ରେସ ପାଇଁ କାମ କରିଛନ୍ତି। ଏଥିସହ ବିଭିନ୍ନ ସମୟରେ ଛାତ୍ର, ଯୁବ ଓ ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭ୍ୟ ଭାବେ ସଫଳତାର ସହ ନିଜର ଦାୟିତ୍ୱ ସମ୍ପାଦନ କରିଛନ୍ତି। ଫେଲୁଙ୍କୁ ଦଳ ଜିଲା ସଭାପତି ଘୋଷଣା ପରେ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି। ଆଗାମୀ ଦିନରେ ଜିଲାରେ କଂଗ୍ରେସ ତା'ର ପୂର୍ବ ଅବସ୍ଥାକୁ ଫେରିବା ସହ ସଂଗଠନ ସୁଦୃଢ଼ ହେବ ବୋଲି ଅନେକ କଂଗ୍ରେସ ନେତା ଓ କର୍ମୀ ଆଶାବ୍ୟକ୍ତ କରିଛନ୍ତି। ସୂଚନାଯୋଗ୍ୟ, ଏହି ପଦ ପାଇଁ ଗତ ୩ ତାରିଖରୁ ମନୋନୟନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ସ୍ଥାନୀୟ ସରଳା ଦେବୀ କଲ୍ୟାଣ ମଣ୍ଡପ ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏଆଇସିସି ପର୍ଯ୍ୟବେକ୍ଷକ ଏମ୍. ଲିଜୁ ଉପସ୍ଥିତ ରହି ସଙ୍ଗଠନ ଶ୍ରୀଜନ ଅଭିଯାନ ସମ୍ପର୍କରେ ବୁଝାଇଥିଲେ। ଜିଲା ସଭାପତି ପଦ ପାଇଁ ୫ ଜଣ ଆବେଦନ କରିଥିଲେ। କିନ୍ତୁ ସେମାନଙ୍କ ମଧ୍ୟରୁ ଫେଲୁଙ୍କ ସହ ଏହା ପୂର୍ବରୁ ଦଳ ଜିଲା ସଭାପତି ଥିବା ନଟବର ବାରିକଙ୍କ ନାଁ ଚର୍ଚ୍ଚାରେ ଥିଲା।

# 'ବରପୁତ୍ରଙ୍କ ପ୍ରତିମୂର୍ତ୍ତି ସ୍ଥାପନ ତାଲିକାରେ ନାରାୟଣ, ଲୋକନାଥଙ୍କ ନାମ ସାମିଲ ହେଉ'

କୁଜଙ୍ଗ, ୨୬।୯(ମନୋଜ ପ୍ରଧାନ)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶ ମତେ ରାଜ୍ୟ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ୨୦ଟି ଜିଲାରେ ୧୪ କୋଟି ଟଙ୍କା ବ୍ୟୟ ଅଟକଳରେ ଓଡ଼ିଶାର ୭୫ ଜଣ ବରପୁତ୍ରଙ୍କ ପ୍ରତିମୂର୍ତ୍ତି ସ୍ଥାପନ ନିଷ୍ପତ୍ତିକୁ ଜଗତ୍‌ସିଂହପୁର ପୂର୍ବତନ ଏମ୍‌ପି ଡାକ୍ତର କୁଳମଣି ସାମଲ ଏହାକୁ ସାଗତ କରିଛନ୍ତି। ସେ କହିଛନ୍ତି, ରାଜ୍ୟର ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତି ସ୍ଥାପନ ନିଷ୍ପତ୍ତି ଐତିହାସିକ ଓ ଯୁଗାନ୍ତକାରୀ। ଏଥିରୁ ପର ପିଢ଼ିମାନେ ଓଡ଼ିଆ ଜାତିର ଗୌରବମୟ ଇତିହାସ ଓ ଉତ୍ସର୍ଗୀକୃତ ମନୋଭାବ ସମ୍ପର୍କରେ ଶିକ୍ଷା ଲାଭ କରିବାର ଅବକାଶ ପାଇବେ ବୋଲି ସାମଲ କହିଛନ୍ତି। ଅନ୍ୟପଟେ କୁଜଙ୍ଗ ତଥା ଓଡ଼ିଶାର ୨ ବରପୁତ୍ର ନାରାୟଣ ବୀରବର ସାମନ୍ତ ଓ ଲୋକନାଥ ଚୌଧୁରୀଙ୍କ ନାମ ନଥିବାରୁ ସେ କ୍ଷୋଭ ପ୍ରକାଶ କରିଛନ୍ତି। ସେ କହିଛନ୍ତି, ନାରାୟଣ ବୀରବର ସାମନ୍ତ ଜଣେ ସ୍ୱାଧୀନତା ସଂଗ୍ରାମୀ ହୋଇଥିବା ବେଳେ ସେ ଓଡ଼ିଶା ବିଧାନ ସଭାର ଉପବାଚସ୍ପତି ଥିଲେ। ଅନ୍ୟପଟେ ସେ ଜଣେ ବାଗ୍ମୀ ଓ ସାରସ୍ୱତ ସାଧକ ଭାବେ ଓଡ଼ିଶାର ପୁରପଲ୍ଲୀରେ ପରିଚିତ। ସେ ଓଡ଼ିଶାର ଲବଣ ସତ୍ୟାଗ୍ରହର ନେତୃତ୍ୱ ନେଇ କାରାବରଣ କରିଥିଲେ। ଖାଲି ସେତିକି ନୁହେଁ, ସେ ସାମନ୍ତ କୁଜଙ୍ଗ ଗାନ୍ଧୀ ରୂପେ ମଧ୍ୟ ପରିଚିତ। ସେହିପରି ବାମପନ୍ଥୀ ଆନ୍ଦୋଳନର ଉତ୍ତୁଙ୍ଗ ବ୍ୟକ୍ତିତ୍ୱ ଓଡ଼ିଶା ରାଜନୀତିର ଜଣେ ମହାରଥୀ ଓ ସାମ୍ୟବାଦୀ ଆନ୍ଦୋଳନର ପଥ ପ୍ରଦର୍ଶକ ତଥା ପୂର୍ବତନ ବିଧାୟକ, ଏମ୍‌ପି ଲୋକନାଥ ଚୌଧୁରୀ ହେଉଛନ୍ତି କୁଜଙ୍ଗ ମାଟିର ସୁଯୋଗ୍ୟ ସନ୍ତାନ। ତେଣୁ ବୀରବର ଓ ଲୋକନାଥଙ୍କ ଭଳି ବରପୁତ୍ରଙ୍କ ନାମ ପ୍ରତିମୂର୍ତ୍ତି ସ୍ଥାପନ ତାଲିକାରେ ସାମିଲ କରିବାକୁ ଡାକ୍ତର ସାମଲ ଦାବି କରିଛନ୍ତି।


WANTED
A LEADING FINANCIAL SERVICES MARKETING COMPANY REQUIRES
AREA MANAGER
FOR SELLING MOTOR INSURANCE
CTC: Rs. 3.5 - 4.5 LACS/ANNUM
PREFERABLY FROM GENERAL INSURANCE COMPANIES OR INSURANCE BROKING COMPANIES WITH 3 TO 4 YEARS OF EXPERIENCE.
LOCATION: ROURKELA, SAMBALPUR, BHADRAK, BALASORE, BARIPADA, CUTTACK, PARADEEP, JEYPORE, BERHAMPUR & GOPALPUR.
Send your RESUME to resume@skiretail.in, 9840335849
Ski Retail Capital limited
No.1, Sambandam Street, T Nagar Chennai - 600 017

MINOR IRRIGATION DIVISION, RANCHI.
e-Procurement Notice
e-Tender Reference No. WRD/MID/RANCHI $F_2$ - 08/2025-26

| | | |
|---|---|---|
| 1. | Name of the work | Construction of Check dam on Oreyagarha Nala Block:- Namkum, Dist- Ranchi. |
| 2. | Estimated Cost | Rs. 1,08,49,500.00 |
| 3. | Time of Completion | (11 months) |
| 4. | Date of Publication of E - Tender on website | 18.10.2025 at 2.00 pm |
| 5. | Last date/Time for submission of E-Tender BID's | 25.10.2025 up to 5:00 pm |
| 6. | Last Date for online Submission of tender fee and EMD | e-Procurement Portal (jharkhandtenders.gov.in) 25.10.2025up to 5:00 pm |
| 7. | Date of Opening Tender | 30.10.2025at 2:00 pm |
| 8. | Name & address of office Inviting tender | Executive Engineer, M.I. Division, Ranchi, Room No. 302, AbhiyantranBhawan, KutcheryChowak, Ranchi |
| a. | Contact no. of e-Procurement officer | 0651-3512781 |
| b. | Helpline number of e-Procurement cell | 0651-3512781/Email ID-eemidran-cemr-jhr@nic.in |

Note :-(1) Only e-Tenders will be accepted.
(2) Published Estimated Cost may be Increase or Decrease
Further details can be seen on website http://jharkhandtenders.gov.in
PR 362990 Minor Irrigation(25-26).D
Executive Engineer, Minor Irrigation Division, Ranchi.

NATIONAL LAW UNIVERSITY ODISHA, CUTTACK
(Established by Odisha Act IV of 2008)
Kathajodi Campus, Sector 13, CDA, Cuttack-753015, Odisha
QUOTATION CALL NOTICE
National Law University Odisha Cuttack invites tender for providing housekeeping service at NLUO Cuttack. Last date & time of receipt is 16.10.2025 at 01.00 P.M. For details please visit: https://nluo.ac.in/ & https://tendersodisha.gov.in/
Sd/- Registrar

ଦ.ପୂ. ରେଳପଥ – ଟେଣ୍ଡର
ଇ-ଟେଣ୍ଡର ନଂ. ଏମ୍‌ଇଡି_ପାଥ୍_ସିଏଲ୍‌ଆଇଏ_ଆର୍‌ଆର୍_୧୦୭ଏ, ତାରିଖ: ୨୬।୦୯।୨୦୨୫। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମୁଖ୍ୟ ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ, ଦ.ପୂ. ରେଳପଥ, ଖଡ଼ଗପୁର-୭୨୧୩୦୧ଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ତା୨୧।୧୦।୨୦୨୫ରିଖ ୧୫.୩୦ ଘଟିକା ପୂର୍ବରୁ ଇ-ଟେଣ୍ଡର ଆହ୍ୱାନ କରାଯାଉଛି। ଟେଣ୍ଡର ତା୨୧।୧୦।୨୦୨୫ରିଖ ୧୫.୩୦ ଘଟିକାରେ ଖୋଲାଯିବ। କାର୍ଯ୍ୟର ବର୍ଣ୍ଣନା: ଦ.ପୂ. ରେଳପଥ ମଣ୍ଡଳ ଚିକିତ୍ସାଳୟ/ଖଡ଼ଗପୁରଠାରେ ବିଭିନ୍ନ ଇମ୍ୟୁନୋଲୋଜିକାଲ ଆସେ ସଞ୍ଚାଳନ ପାଇଁ ରିଏଜେଣ୍ଟ ରେଣ୍ଟାଲ୍ ସିଷ୍ଟମ୍ ଉପରେ କେମିଲୁମିନେସେନ୍ସେସ୍ ଇମ୍ୟୁନୋଆସେ ଆନାଲାଇଜର୍ (ସିଏଲ୍‌ଆଇଏ)। ଟେଣ୍ଡର ମୂଲ୍ୟ: ₹୧,୭୯,୬୩,୦୦୦/-। ଅମାନତ ରାଶି/ବିଡ୍ ଅମାନତ: ₹୨,୩୯,୮୦୦/-। ଟେଣ୍ଡର ଦସ୍ତାବିଜ ମୂଲ୍ୟ: ₹୫,୦୦୦/-। କାର୍ଯ୍ୟର ସମାପ୍ତି ଅବଧି: ୬୦ ମାସ। ବିଡିଂ ଆରମ୍ଭ ତାରିଖ: ତା୦୭।୧୦।୨୦୨୫ରିଖଠାରୁ ତା୨୧।୧୦।୨୦୨୫ରିଖ ୧୫.୦୦ ଘଟିକା ପର୍ଯ୍ୟନ୍ତ। ଟେଣ୍ଡରର ପୂର୍ଣ୍ଣ ବିବରଣୀ, ବର୍ଣ୍ଣନା, ବିନିର୍ଦ୍ଦିଷ୍ଟତା ଏବଂ ନିଜର ବିଡ୍ ଅନ୍‌ଲାଇନରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିପାରନ୍ତି। ଏହି ଟେଣ୍ଡର ପାଇଁ କୌଣସି କ୍ଷେତ୍ରରେ ମଧ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ। ବି.ଦ୍ର.: ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ www.ireps.gov.in ପରିଦର୍ଶନ କରିପାରନ୍ତି। (PR-677)

OFFICE OF THE ENGINEER-IN-CHIEF (CIVIL), ODISHA
NIRMAN SOUDHA, UNIT-V, BHUBANESWAR
E-mail ID: cebuildings_orissa@yahoo.co.in, cebuildings@rediffmail.com, Tel.: (0674) 2391523
INVITATIONS FOR BIDS (IFB)
File No. B-II-P.A.-04/2025 Lr. No. 37695 / Bhubaneswar, Dtd. 25th Sept., 2025
No. B-572
Invitation for Bids
1st Corrigendum
Bid Identification No. C.E. (B) - 26/2025-26
Name of the Work - Construction of 96 Nos. E-type Flat Quarters in 4 Blocks (E1, E2, E3, E4) and 48 Nos. F-type Flat Quarters in 2 Blocks (F1, F2) in the Residential Colony of Raj Bhavan, Bhubaneswar (Stilt +6) for 2025-26 on Turnkey Basis.
The following changes have been made in Bid Identification No. C.E.-(B) - 26/2025-26. Bid documents can be seen/downloaded from the Govt. Website i.e. www.tendersorissa.gov.in, during the period Dt.09.10.2025 to 17.30 hours of Dt.30.10.2025 instead of Dt.25.09.2025 to 17.30 hours of Dt.16.10.2025 for ONLINE BIDDING respectively.
1. A pre-bid meeting shall be held on Dt.18.10.2025 at 11.30 A.M. at the Conference Hall of Office of the Chief Engineer (Buildings-I), Odisha, Nirman Soudha, Unit-V, Bhubaneswar instead of Dt.08.10.2025.
2. Online bids shall be received till 17.30 hours of Dt.30.10.2025 instead of Dt.16.10.2025.
3. Hardcopy shall be received on or before Dt.07.11.2025 upto 17.30 hours by this office instead of Dt.23.10.2025.
4. The technical bids will be opened at 11.30 A.M. of Dt.10.11.2025 instead of Dt.24.10.2025.
All other terms and conditions remain unchanged.
OIPR-34117/11/0141/2526 Sd./- Chief Engineer (Buildings-I), Odisha

ODISHA COAL AND POWER LTD.
(A GOVT. OF ODISHA COMPANY)
Odisha Coal and Power Limited OCPL
Zone-A, Fourth Floor, Fortune Towers, Chandrasekharpur, Bhubaneswar - 751023, Odisha, Ph. No. : 0674-2300654 / 2300664
NOTICE INVITING TENDER
NIT No : OCPL/CIVIL-215/2025 Date : 27/09/2025
Sealed bids in prescribed format are invited from Companies / firms / agencies for the following work:

| Sl. No. | Name of the work | Cost of Tender Paper | Issue of Tender Document | Last date of Download of Tender Document | Last date of Submission / Opening of bid |
|---|---|---|---|---|---|
| 1 | Construction of RCC Road from Main Gate of Manoharpur Coal Mines to Durubaga Chowk, Hemgir, Sundargarh, Odisha | Rs.5,900/- (Rupees Five Thousand Nine Hundred only) including GST. | 27/09/2025 | 18/10/2025 | 03:00 PM / 03:30 PM on 29/10/2025 |

For further details, bidders may visit our website, i.e., www.ocpl.org.in. Any clarification may please be addressed to the undersigned at the above address or by email to : contracts@ocpl.org.in
Sd./- Chief Operating Officer

JHARKHAND URBAN INFRASTRUCTURE DEVELOPMENT COMPANY LIMITED
(Govt. of Jharkhand Undertaking)
JUIDCO Bhawan, Kutchary Road, Ranchi-834001, Jharkhand.
Ph No.: +91-651-2225878,
CIN: U45200JH2013SGC001752, e-mail Id-juidcolimited@gmail.com
NIT No.: JUIDCO/NIT/OB LATEHAR/666 Date- 26.09.2025
e-Procurement (Tender Notice)
2nd Call

| | | |
|---|---|---|
| 1 | Name of Work | Construction of New Nagar Panchayat Office Building at Latehar under Latehar Nagar Panchayat. |
| 2 | Mode of Bid Submission | e-tendering (http://jharkhandtenders.gov.in) |
| 3 | Estimated Cost (Rs.) | Rs. 9,73,46,387/- (Rupees Nine Crore Seventy-Three Lakh Forty-Six Thousand Three Hundred and Eighty-Seven) only. |
| 4 | Time of Completion | 11 Months (Including Monsoon & Mobilization Period) |
| 5 | Tender Fee and Bid Security to be submitted online | Tender document fee : Rs 25,000/- (Rupees Twenty-Five Thousand) only Non-Refundable. Bid Security : Rs 9,73,500/- (Rupees Nine Lakh Seventy Three Thousand Five Hundred) only |
| 6 | Date/Time of Publication of Tender on Website | 26.09.2025 17:00 Hrs |
| 7 | Last Date/Time of Bid Submission | 10.10.2025 17:00 Hrs |
| 8 | Date/Time of opening of Bid | 11.10.2025 17:00 Hrs |
| 9 | Bid Submission Address | Jharkhand Urban Infrastructure Development Company Ltd., JUIDCO Bhawan, Kutchery Chowk, Ranchi, Jharkhand- 834001 |
| 10 | Helpline Number of e-procurement Cell | 0651-2225878 |

Further details can be seen on website http://jharkhandtenders.gov.in
PR 363037 Urban Development and Housing(25-26)D
Sd/- Project Director (Technical) JUIDCO Ltd, Ranchi

# ଦୟନୀୟ ଅବସ୍ଥାରେ ବିପୁଳ ସମ୍ପତ୍ତିର ମାଲିକ ଶ୍ରୀନୀଳମାଧବ

ଖଣ୍ଡପଡ଼ା,୨୬।୯(ଅଜୟ କୁମାର ମହାରଣା)

ଜଗନ୍ନାଥ ସଂସ୍କୃତିର ଆଦି ପୀଠ ଭାବେ କଣ୍ଟିଲୋର ଶ୍ରୀନୀଳମାଧବ ପୀଠ ସର୍ବଜନ ବିଦିତ। ପୁରୀ ଶ୍ରୀମନ୍ଦିର ପ୍ରଣାମୀ ସହ ସାମଞ୍ଜସ୍ୟ ରହିଥିବା ଏହି ପୀଠ ବିଶେଷକରି ଶ୍ରୀନୀଳମାଧବ ଜୀଉଙ୍କ ବିଭିନ୍ନ ନୀତିକାନ୍ତି ପରିଚାଳନା ବିନା ପରିଚାଳକ(ଅଧିକାରୀ) ଦ୍ୱାରା ପରିଚାଳିତ ହେଉଥିବାରୁ ମାଧବଙ୍କୁ ଏକା ମାଧବ ହିଁ ସାହା ବୋଲି ନୀଳମାଧବ ପ୍ରେମୀ ଭକ୍ତ ତଥା ସାଧାରଣରେ ଆଲୋଚନା କରୁଛନ୍ତି। ପୁରାତନ କୀର୍ତ୍ତିରାଜି ଆଜି ଧ୍ୱଂସାଭିମୁଖୀ। ପ୍ରଶାସନିକ ଅବହେଳା ତଥା ରାଜନୈତିକ ଇଚ୍ଛାଶକ୍ତିର ଅଭାବରୁ ଏହି ଐତିହାସିକ ପୀଠଟି ଅବହେଳିତ ହୋଇ ପଡ଼ିଛି। ଅପରପକ୍ଷରେ ରାଜ୍ୟ ଓ କେନ୍ଦ୍ର ପ୍ରତ୍ନତତ୍ତ୍ୱ ବିଭାଗ ପକ୍ଷରୁ ଏହି ମନ୍ଦିରର ସୁରକ୍ଷା ପ୍ରତି ଅଣଦେଖା ପ୍ରଦର୍ଶନ କରାଯାଉଥିବାରୁ ଏହି ପୀଠ ଅବନତି ଆଡକୁ ଗତି କରୁଛି ବୋଲି ସାଧାରଣରେ ମତ ପ୍ରକାଶ ପାଉଛି।

ଓଡ଼ିଶାର ଗଡଜାତ ରାଜାମାନେ ନୀଳମାଧବ ଜୀଉଙ୍କ ବିଭିନ୍ନ ଯାନିଯାତ୍ରା, ସେବା ପୂଜା ପାଇଁ ଶ୍ରୀଜୀଉଙ୍କ ନାମରେ ବିପୁଳ ଭୂ-ସମ୍ପତ୍ତି ଓ ନିଷ୍କର ଖଞ୍ଜା ଭାବେ ରଖି ଯାଇଥିଲେ। ମାତ୍ର ମନ୍ଦିର ଓ ପୁରାତନ କୀର୍ତ୍ତିରାଜିର ସୁରକ୍ଷା ଦାୟିତ୍ୱ ଦେବୋତ୍ତର ବିଭାଗ ବିଶେଷ କରି ରାଜ୍ୟ ଓ କେନ୍ଦ୍ର ପ୍ରତ୍ନତତ୍ତ୍ୱ ବିଭାଗ ଉପରେ ନ୍ୟସ୍ତ ରହିଛି। ଶ୍ରୀଜୀଉଙ୍କ ନାମରେ ବିପୁଳ ଭୂ-ସମ୍ପତ୍ତି ରହିଥିଲେ ମଧ୍ୟ ତାହା ଏବେ ପ୍ରଜାମାନଙ୍କ ଦଖଲରେ ରହିଛି। ଫଳରେ ଠାକୁରଙ୍କ ପ୍ରଣାମୀ ସମ୍ପନ୍ନ କରିବାରେ ସମସ୍ୟା ସୃଷ୍ଟି ହେଉଛି। ତେବେ ଖଣ୍ଡପଡ଼ା ଦେବୋତ୍ତର ବିଭାଗ ଅଧୀନରେ ଥିବା ୧୪ଟି ମଠ ଓ ମନ୍ଦିରମାନଙ୍କ ମଧ୍ୟରୁ ନୀଳମାଧବ ମନ୍ଦିରର ଆୟ ସର୍ବାଧିକ। ଏହି ମନ୍ଦିର ଆୟରୁ ନୀଳମାଧବ ଜୀଉଙ୍କ ସମେତ କଣ୍ଟିଲୋସ୍ଥିତ ରଘୁନାଥ ମନ୍ଦିର, ରାଧାମୋହନ ମଠ, ପଥରଚକଡ଼ାସ୍ଥିତ ମା' ନାରାୟଣୀ ଏବଂ ଯଶୋମନ୍ତପୁର ମଠ ପ୍ରଭୃତି ପରିଚାଳନା ହୋଇଥାଏ। ମନ୍ଦିର ପରିଚାଳାନା ନିମନ୍ତେ



ଦେବୋତ୍ତର କମିଶନରଙ୍କ ସ୍ୱୀକୃତିକ୍ରମେ ଏକ ନୀଳମାଧବ ମନ୍ଦିର ପରାମର୍ଶଦାତା କମିଟି ଗଠନ କରାଯାଇଥିଲା। ପରାମର୍ଶଦାତା କମିଟିର ସୁପାରିଶକ୍ରମେ ତଥା ଶୃଙ୍ଖଳିତ ମନ୍ଦିର ନୀତିକାନ୍ତି ଆଦି ପରିଚାଳନା ପାଇଁ ୨୦୧୬ ମସିହାରେ ସ୍ଥାନୀୟ ଅଞ୍ଚଳର ଜଣେକ ହରିହର ଦାଶଙ୍କୁ ସ୍ୱତନ୍ତ୍ର ମ୍ୟାନେଜର ଭାବେ ନିଯୁକ୍ତି ମିଳିଥିଲା। ଏହା ପୂର୍ବରୁ ନୀଳମାଧବ ମନ୍ଦିର ପରିଚାଳନା ଦାୟିତ୍ୱ ଖଣ୍ଡପଡ଼ା ଦେବୋତ୍ତର ମ୍ୟାନେଜର ଉପରେ ନ୍ୟସ୍ତ ରହିଥିଲା। ଅପରପକ୍ଷରେ ଦୀର୍ଘ ୫ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେଲା ନୂତନ ପରାମର୍ଶଦାତା କମିଟି ଗଠନ ହୋଇ ନ ଥିବା ଜଣାଯାଇଛି। ବିଭିନ୍ନ କାରଣ ଯୋଗୁ ନୀଳମାଧବ ମନ୍ଦିର ମ୍ୟାନେଜର ଦାୟିତ୍ୱରେ ଥିବା ଦାଶ ୨୦୨୪

■ବିନା ପରିଚାଳକରେ ଚାଲିଛି ମନ୍ଦିର ପରିଚାଳନା

■ଦେବୋତ୍ତର ବିଭାଗର ଦୃଷ୍ଟି ପଡୁନାହିଁ

ମେ ମାସରୁ ଇସ୍ତଫା ଦେଇଥିବାବେଳେ ତାଙ୍କର ଇସ୍ତଫାପତ୍ରକୁ ତତ୍କାଳୀନ ଦେବୋତ୍ତର କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ତହସିଲଦାର ଗ୍ରହଣ କରି ବିକଳ୍ପ ବ୍ୟବସ୍ଥା ପ୍ରତି କୌଣସି ପଦକ୍ଷେପ ଗ୍ରହଣ କରି ନାହାନ୍ତି। ତେବେ ତତ୍କାଳୀନ ତହସିଲଦାର ତଥା ଦେବୋତ୍ତର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ମନଇଚ୍ଛା ନୀତି ନିୟମକୁ ଉଲ୍ଲଂଘନ କରି ନୀଳମାଧବ ଜୀଉଙ୍କ ଗଚ୍ଛିତ ଅର୍ଥକୁ ଯେଉଁଭଳି ଭାବେ ଖର୍ଚ୍ଚ କରିଛନ୍ତି ଏହାର ତଦନ୍ତ ହେବା ଜରୁରୀ ହୋଇପଡ଼ିଛି ବୋଲି ସାଧାରଣରେ ଦାବି ହେଉଛି। ତେବେ ନୂତନ ମ୍ୟାନେଜର ଓ ସୁପରଭାଇଜର ପଦବୀ ପୂରଣ ଦିଗରେ ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି।

# ସନ୍ଦେହ ଘେରରେ ମହିଳାଙ୍କ ମୃତ୍ୟୁ

ନୟାଗଡ଼,୨୬।୯(ଲୋକନାଥ ମିଶ୍ର)

**୩ ଜଣଙ୍କୁ ଅଟକ ରଖି ପୋଲିସର ତଦନ୍ତ**

ଶରଣକୁଳ ଥାନା କୁରୁଣ୍ଡୀ ଗାଁରେ ମୀରା ନାୟକ(୨୩)ଙ୍କ ଶୁକ୍ରବାର ମୃତ୍ୟୁ ହୋଇଛି। ମୀରା ବିଷ ପିଇଛନ୍ତି ନା ତାଙ୍କୁ ବିଷ ପିଆଇବାକୁ ବାଧ କରାଯାଇଛି ଜଣାପଡିନାହିଁ। ତେବେ ମୀରାଙ୍କ ମା' ହତ୍ୟା ଅଭିଯୋଗ ଆଣିଥିଲେ ମଧ୍ୟ ଥାନାରେ ଅଭିଯୋଗ କରିନାହାନ୍ତି। ଯେପଟେ ପୋଲିସ ଘଟଣାର ତଦନ୍ତ ପାଇଁ ମୀରାଙ୍କ ସ୍ୱାମୀ, ଶ୍ୱଶୁର ଓ ଶାଶୁଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ନୂଆଗାଁ ଥାନା ଲୁଣିସରା ଗାଁର ମୀରା ୫ ବର୍ଷ ତଳେ ଶରଣକୁଳ ଥାନା କୁରୁଣ୍ଡୀ ଗାଁର ପିତବାସ ନାୟକଙ୍କୁ ବିବାହ କରିଥିଲେ। ଏହି ଦମ୍ପତିଙ୍କର ୪ ବର୍ଷର ଝିଅ ଅଛି। ଶରଣକୁଳ ଥାନା ଆଇଆଇସି ସୁଜିତ କୁମାର ଦାସଙ୍କୁ ପଚାରିବାରେ ମୀରାଙ୍କ ମୃତ୍ୟୁର କାରଣ ଜଣାପଡିନାହିଁ। ପରିବାର ପକ୍ଷରୁ ଲିଖିତ ଅଭିଯୋଗ ହୋଇନାହିଁ। ତେବେ ଘଟଣା ସମ୍ପର୍କରେ ଜାଣିବା ପାଇଁ ଉଭୟପକ୍ଷଙ୍କୁ ଥାନାକୁ ଡକାଯାଇଥିବା ସେ କହିଛନ୍ତି।

# ଷୋଡ଼ଶୀ ବେଶରେ ଦର୍ଶନ ଦେଲେ ମା' ବିମଳା

ଖଣ୍ଡପଡ଼ା,୨୬।୯(ଅଜୟ କୁମାର ମହାରଣା)

କଣ୍ଟିଲୋ ଶ୍ରୀନୀଳମାଧବ ଜୀଉଙ୍କ ମନ୍ଦିର ପାର୍ଶ୍ୱରେ ବିରାଜିତ ମା' ବିମଳାଙ୍କୁ ଶୁକ୍ରବାର ଷୋଡଶୀ ବେଶରେ ସଜ୍ଜିତ କରାଯାଇଥିବା ବେଳେ ମା'ଙ୍କ ଦର୍ଶନ ପାଇଁ ବହୁ ଶ୍ରଦ୍ଧାଳୁ ସମାଗମ ହୋଇଥିଲେ। କଣ୍ଟିଲୋ ଶ୍ରୀନୀଳମାଧବ ଜୀଉଙ୍କ ପାର୍ଶ୍ୱ ଠାକୁରାଣୀ ମା' ବିମଳାଙ୍କ ନିକଟରେ ୯ ଦିନ ବ୍ୟାପୀ ଅନୁଷ୍ଠିତ ହେଉଥିବା ନବରାତ୍ର ପୂଜା ଅବସରରେ ଚଣ୍ଡୀପାଠ ସହ ହୋମକାର୍ଯ୍ୟ ଅନୁଷ୍ଠିତ ହେଉଛି। ପ୍ରତ୍ୟେହ ଚଣ୍ଡୀପାଠ ଓ ହୋମଯଜ୍ଞ କାର୍ଯ୍ୟ ପରିଚାଳନାରେ ପୁରୋଧା ସୁକାନ୍ତ ମିଶ୍ର, ସହଯୋଗୀ ପୁରୋହିତ ଦୟାନିଧି ମିଶ୍ର, ସାଥୀ କର୍ତ୍ତା ସମୀର ମିଶ୍ର ପ୍ରମୁଖ ସହଯୋଗ କରୁଛନ୍ତି। ଏହି ନବାଦିନାତ୍ମକ ବ୍ରତରେ



ମନୋଜ କୁମାର ମିଶ୍ର, ଶ୍ରବଣରାମ ମିଶ୍ର, ଦୟାନିଧି ମିଶ୍ର, ନୀଳମାଧବ ମିଶ୍ର, ଶଶୀ ମିଶ୍ର, ଦୀପକ ମିଶ୍ର, ଶିବ ପ୍ରସାଦ ମିଶ୍ର, ସାନୁ ମିଶ୍ର, ମୁନା ମିଶ୍ର, ରାମଚନ୍ଦ୍ର ମିଶ୍ର ପ୍ରମୁଖ ବ୍ରତଧାରୀମାନେ ଉପବାସରେ ରହି କାର୍ଯ୍ୟକ୍ରମରେ ସହଯୋଗ କରୁଥିବା ଜଣାଯାଇଛି।

# ବଡ଼ପଣ୍ଡୁସରରେ ସ୍ୱତନ୍ତ୍ର ଚିକିତ୍ସା ଶିବିର

ନୟାଗଡ଼,୨୬।୯(ଲୋକନାଥ ମିଶ୍ର)

ନୟାଗଡ଼ ବ୍ଲକ ବଡ଼ପଣ୍ଡୁସର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ କାର୍ଯ୍ୟକ୍ରମ ଅଧୀନରେ ଏକ ସ୍ୱତନ୍ତ୍ର ଚିକିତ୍ସା ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ସ୍ଥାନୀୟ ଜନସାଧାରଣଙ୍କୁ ଚିକିତ୍ସା ଶିବିରର ଲାଭ ଉଠାଇବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମରେ ନିଯୋଜିତ ଡା. ସ୍ୱର୍ଣ୍ଣଲତା ପରିଡା ସାନପଣ୍ଡୁସର ଗ୍ରାମର ଜଣେ ଯକ୍ଷ୍ମାରୋଗୀଙ୍କୁ ପୋଷ୍ୟ ଭାବେ ଗ୍ରହଣ କରି ଚିକିତ୍ସା ଚାଲିଥିବା ପର୍ଯ୍ୟନ୍ତ ସୁଷମ ଖାଦ୍ୟ କୀଟ ପ୍ରଦାନ ପାଇଁ ସମ୍ମତି ପ୍ରଦାନ କରିଛନ୍ତି। ଏହି ଅଭିଯାନ ମାଧ୍ୟମରେ ପ୍ରଧାନମନ୍ତ୍ରୀ ମାତୃ ବନ୍ଦନା ଯୋଜନା ଉପଲବ୍ଧ ମାତୃ ସେବା ସହିତ ମହିଳାମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା, ଅଣସଂକ୍ରାମକ ରୋଗର ଚିହ୍ନଟ, ଟିକାକରଣ, ଯକ୍ଷ୍ମା ଓ କର୍କଟ ପରୀକ୍ଷା, ସିକିଲ ସେଲ ଓ ଥାଲାସେମିଆ ପରୀକ୍ଷା ସହିତ ସ୍ୱାସ୍ଥ୍ୟ ସଚେତନତା କରାଯାଉଛି। ଏଥିସହ ବିଦ୍ୟାଳୟଗୁଡ଼ିକରେ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ୟୁନିଟ୍ ମାଧ୍ୟମରେ ଛାତ୍ରୀଛାତ୍ରମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ। ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଶେଷ ସେବା ପ୍ରଦାନ ପାଇଁ ବ୍ୟବସ୍ଥା ହୋଇଛି ବୋଲି ଆଲୋଚନା କରାଯାଇଥିଲା। ଏହି ଅଭିଯାନ ସମୟରେ ଲାଭାର୍ଥୀମାନେ ନିଜର ଆଧାର କାର୍ଡ କିମ୍ବା ଆଭା ନମ୍ବର ସହିତ ଯେକୌଣସି ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ସେମାନଙ୍କ ପଞ୍ଜୀକରଣ ସହିତ ସ୍ୱାସ୍ଥ୍ୟ ପରୀକ୍ଷା ଓ ଚିକିତ୍ସା ପାଇଁ ପରାମର୍ଶ ଦିଆଯାଇ ପାରିବ ବୋଲି ଜିଲ୍ଲା ମୁଖ୍ୟ ଚିକିତ୍ସା ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ସୁଶାନ୍ତ କୁମାର ଦାସ କହିଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ଡା. ଜ୍ଞାନଜ୍ୟୋତି ଦାସ, ବିଶେଷଜ୍ଞ ଡା. ପୀତବାସ ତ୍ରିପାଠୀ, ଡା. ପ୍ରଶାନ୍ତ ନାୟକ, ଡା. ସବିତା ବରାଡ଼, ବ୍ଲକ କାର୍ଯ୍ୟକ୍ରମ ପରିଚାଳିକା ନିବେଦିତା ପ୍ରଧାନ, ବରିଷ୍ଠ ଚିକିତ୍ସା ତଦାରଖକାରୀ ଦୀପକ ଦଳବେହେରା ଓ ସ୍ୱାସ୍ଥ୍ୟ ବିଭାଗର ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ସୁରେନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦେଇ ଶିବିର ପରିଚାଳନାରେ ସହଯୋଗ କରିଥିଲେ।



କାର୍ଯ୍ୟକ୍ରମକୁ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ଫିତା କାଟି ଉଦ୍‌ଘାଟନ କରୁଛନ୍ତି।

# ଉତ୍କଳ ଗାୟକ ସୌରଭ ରତ୍ନ ସମ୍ମାନ ପାଇଲେ ପାଲା ଗାୟକ ମନୋଜ

ନୟାଗଡ଼,୨୬।୯( ଲୋକନାଥ ମିଶ୍ର)

ନୟାଗଡ଼ ଜିଲ୍ଲା ଗୋଡିପଡା ଗ୍ରାମର ବିଶିଷ୍ଟ ପାଲାଗାୟକ ମନୋଜ କୁମାର ମିଶ୍ରଙ୍କୁ ସାହିତ୍ୟ କ୍ଷେତ୍ରରେ ଚଳିତବର୍ଷର ମର୍ଯ୍ୟାଦା ଜନକ ରାଜ୍ୟସ୍ତରୀୟ ସମ୍ମାନ ଉତ୍କଳ ଗାୟକ ସୌରଭ ରତ୍ନ ସମ୍ମାନ-୨୦୨୫ ପ୍ରଦାନ କରାଯାଇଛି। ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ବିଭାଗ, ଓଡ଼ିଶା ସାହିତ୍ୟ ଏକାଡେମୀ ଓ କୁମାର କବି ଫାଉଣ୍ଡେଶନ ମିଳିତ ଆନୁକୂଲ୍ୟରେ ଗୁରୁବାର ପୁରୀ ସଂସ୍କୃତି ଭବନରେ ଅନୁଷ୍ଠିତ ପଞ୍ଚଦଶତମ ରାଜ୍ୟସ୍ତରୀୟ କୁମାର କବି ଶ୍ରଦ୍ଧାଞ୍ଜଳି ସମାରୋହରେ ମିଶ୍ରଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଏମସ୍ ଭୁବନେଶ୍ୱରର ପୂର୍ବତନ ନିର୍ଦ୍ଦେଶକ ପଦ୍ମଶ୍ରୀ ପ୍ରଫେସର ଡ. ଅଶୋକ କୁମାର ମହାପାତ୍ର, ବିଶିଷ୍ଟ ଓଡ଼ିଶୀ କଣ୍ଠଶିଳ୍ପୀ ପଦ୍ମଶ୍ରୀ ଶ୍ୟାମାମଣୀ ଦେବୀ, ବିଶିଷ୍ଟ ଲେଖକ ତଥା ଶିଶୁ ସାହିତ୍ୟିକ ପ୍ରଫେସର ଦାଶ ବେନହୁର, ପ୍ରଫେସର ଡ. କୈଳାସ ଚନ୍ଦ୍ର ଟିକାୟତରାୟ ପ୍ରମୁଖ ଅତିଥି ଭାବେ ଯୋଗଦେଇ ମିଶ୍ରଙ୍କୁ ମାନପତ୍ର, ଉପଢୌକନ, ପୁଷ୍ପଗୁଚ୍ଛ ଓ ଫଳକ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ପ୍ରକାଶ ଥାଉକି ଗୋଡିପଡାର ଗାୟକ କଳାନିଧି ପଣ୍ଡିତ ମନୋଜ କୁମାର ମିଶ୍ର ପାଲାଗାୟକ ଭାବେ ଓଡ଼ିଶାରେ ସୁନାମ ଅର୍ଜନ କରିଥିବା ବେଳେ ସାହିତ୍ୟ କ୍ଷେତ୍ରରେ ତାଙ୍କର ଅଗାଧ ପାଣ୍ଡିତ୍ୟ ରହିଛି। ତାଙ୍କର ଏହି ସଫଳତା ପାଇଁ ଜିଲ୍ଲାର ବିଭିନ୍ନ ସାହିତ୍ୟ ଅନୁଷ୍ଠାନ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



ବିଶିଷ୍ଟ ପାଲାଗାୟକ ମନୋଜ କୁମାର ମିଶ୍ରଙ୍କୁ ରାଜ୍ୟସ୍ତରୀୟ ସମ୍ମାନ ଉତ୍କଳ ଗାୟକ ସୌରଭ ରତ୍ନ ସମ୍ମାନ-୨୦୨୫ରେ ସମ୍ମାନିତ କରାଯାଉଛି।

# ନିଷ୍କାସନ ବ୍ୟବସ୍ଥା ନାହିଁ, ମୁଖ୍ୟ ରାସ୍ତାପାର୍ଶ୍ୱରେ ଜମି ରହୁଛି ପାଣି

ଖଣ୍ଡପଡ଼ା, ୨୬।୯ (ଅଜୟ କୁମାର ମହାରଣା) ସାମାନ୍ୟ ବର୍ଷା ହେଲେ ଖଣ୍ଡପଡ଼ା ସହରର ଅଗ୍ନିଶମ କାର୍ଯ୍ୟାଳୟ ସମ୍ମୁଖସ୍ଥ ମୁଖ୍ୟ ରାସ୍ତା ପାର୍ଶ୍ୱରେ ପାଣି ଜମି ରହୁଛି। ପାଣି ନିଷ୍କାସନ ନିମନ୍ତେ ଡ୍ରେନେଜ ବ୍ୟବସ୍ଥା ନ ଥିବାରୁ ଏପରି ପରିସ୍ଥିତି ସୃଷ୍ଟି ହୋଇଥିବା ଜଣାଯାଇଛି। ଫଳରେ ରାସ୍ତାପାର୍ଶ୍ୱରେ ବାସଗୃହ ନିର୍ମାଣ କରି ରହୁଥିବା ଚିନିକଳ ସାହି ବାସିନ୍ଦା ବାସଗୃହକୁ ଯିବା ଆସିବା ନିମନ୍ତେ ଅସୁବିଧାର ସମ୍ମୁଖୀନ ହେଉଥିବା ଜଣାପଡିଛି। ଅପରପକ୍ଷେ ବହୁଦିନ ଧରି ରାସ୍ତାରେ ପାଣି ଜମି ରହିବା ଯୋଗୁ ରାସ୍ତାରୁ ପିଚୁ ଉଠି ଯାଉଥିବା ନଜରକୁ ଆସୁଛି। ଖଣ୍ଡପଡ଼ାରୁ ନୟାଗଡ଼ ସହରକୁ ସଂଯୋଗ କରୁଥିବା ଏହି ରାସ୍ତା ପ୍ରତି ପୂର୍ତ୍ତ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଓ ନୟାଗଡ଼ ଅଧୀକ୍ଷଣ ଯନ୍ତ୍ରୀ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।



# ଘରୋଇ ହିଂସାରୁ ମହିଳାଙ୍କ ସୁରକ୍ଷା ଅଧିନିୟମ ସଚେତନତା

## ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ଶିବିର

ନୟାଗଡ଼,୨୬।୯(ଲୋକନାଥ ମିଶ୍ର)

ଘରୋଇ ହିଂସାରୁ ମହିଳାମାନଙ୍କ ସୁରକ୍ଷା ଅଧିନିୟମ ୨୦୨୫ ଉଦ୍ଦେଶ୍ୟରେ ସଚେତନତା ପାଇଁ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ଶିବିର ଜିଲ୍ଲାପାଳଙ୍କ ସଦ୍‌ଭାବନା ଗୃହରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ଅଞ୍ଜଳି ମାଛକୁଣ୍ଡ ଉତ୍ସବ ସମ୍ପାଦକ ଭାବେ ଯୋଗଦେଇଥିଲେ। ନୟାଗଡ଼ ଅତିରିକ୍ତ ଜିଲ୍ଲାପାଳ ବିଜୟାନନ୍ଦ ନାୟକ, ଉପଜିଲ୍ଲାପାଳ କର୍ଣ୍ଣଦେବ ସମକ୍ଷଦାର, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ପୁଷ୍ପଲତା ପାତ୍ର, ଜୟଶ୍ରୀ ପ୍ରଧାନ, ସିଡିପିଓ, ମହିଳା ସଶକ୍ତୀକରଣର ଜିଲ୍ଲା ସଂଯୋଜକ ସୌମ୍ୟ ରଞ୍ଜନ ଦାଶ ଅତିଥି ରୂପେ ଯୋଗଦେଇଥିଲେ। ନୟାଗଡ଼ ଜିଲ୍ଲାର ଗ୍ରାମାଞ୍ଚଳ ଘରୋଇ ହିଂସା ଯେପରି ହେବ ନାହିଁ ସେ ଉପରେ ପୁଙ୍ଖାନୁପୁଙ୍ଖ ଭାବରେ ଆଲୋଚନା କରାଯାଇଥିଲା। ସେହିପରି ବେଟି ବଢ଼ାଅ ବେଟି ବଞ୍ଚାଅ ଉପରେ ଜିଲ୍ଲାସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉପରୋକ୍ତ ଅତିଥି ରୂପେ ଯୋଗ ଦେଇଥିଲେ।

# ବିଦ୍ୟାଳୟ ଗୃହ ନିର୍ମାଣ କାର୍ଯ୍ୟ ନିମ୍ନମାନର ଅଭିଯୋଗ

ଖଣ୍ଡପଡ଼ା, ୨୬।୯
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକର ବଳଭଦ୍ରପ୍ରସାଦ ପଞ୍ଚାୟତ ଅଧୀନ ନୂଆପଡ଼ା ଗ୍ରାମରେ 'ବିକଶିତ ଗାଁ ବିକଶିତ ଓଡ଼ିଶା' ଯୋଜନାରେ ନିର୍ମାଣାଧୀନ ବିଦ୍ୟାଳୟ ଗୃହ କାର୍ଯ୍ୟ ନିମ୍ନମାନର ହେଉଥିବା ନେଇ ଅଭିଯୋଗ ହେଉଛି। ଖଣ୍ଡପଡ଼ା ବ୍ଲକ ପ୍ରଶାସନ ପକ୍ଷରୁ ୩.୨୦ ଲକ୍ଷ ଟଙ୍କା ବ୍ୟୟରେ ବିଦ୍ୟାଳୟର ନୂତନ ଶ୍ରେଣୀଗୃହ ନିର୍ମାଣ କରାଯାଉଛି। ବ୍ଲକ ପ୍ରଶାସନ ପକ୍ଷରୁ ଡିପାର୍ଟମେଣ୍ଟାଲ ଭାବେ ଏହି ଶ୍ରେଣୀଗୃହ ନିର୍ମାଣ କାର୍ଯ୍ୟ କରାଯାଉଥିବା ବେଳେ ଉକ୍ତ କାର୍ଯ୍ୟ ତଦାରଖ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ଓ ସହକାରୀ ନିର୍ବାହୀଯନ୍ତ୍ରୀଙ୍କ ଉଦାସୀନତାର ସୁଯୋଗ ନେଇ କାର୍ଯ୍ୟରେ ନିୟୋଜିତ କାର୍ଯ୍ୟ ନିର୍ବାହୀ ଅନିୟମିତତା ଭାବେ କାର୍ଯ୍ୟ ସମ୍ପାଦନ କରିଥିବା ଅଭିଯୋଗ ହେଉଛି। ଫଳରେ ନିର୍ମାଣାଧୀନ ଶ୍ରେଣୀଗୃହର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେଣୁ ଏଥିପ୍ରତି ଖଣ୍ଡପଡ଼ା ବିଡିଓ, ବ୍ଲକ ସହକାରୀ ନିର୍ବାହୀଯନ୍ତ୍ରୀ ଓ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।



**ଦ.ପୂ. ରେଳପଥ – ଟେଣ୍ଡର**

ଇ-ଟେଣ୍ଡର ନଂ. ଏମ୍‌ଇଡି_ପାଥ୍_ସିଏଲ୍‌ଆଇଏ_ଆର୍‌ଆର୍_୧୦୭ଏ, ତାରିଖ: ୨୬।୦୯।୨୦୨୫। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମୁଖ୍ୟ ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ, ଦ.ପୂ. ରେଳପଥ, ଖଡ଼ଗପୁର-୭୨୧୩୦୧ଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ **ତା୨୧।୧୦।୨୦୨୫ରିଖ ୧୫.୩୦ ଘଟିକା** ପୂର୍ବରୁ ଇ-ଟେଣ୍ଡର ଆହ୍ୱାନ କରାଯାଉଛି । ଟେଣ୍ଡର **ତା୨୧।୧୦।୨୦୨୫ରିଖ ୧୫.୩୦ ଘଟିକାରେ ଖୋଲାଯିବ । କାର୍ଯ୍ୟର ବର୍ଣ୍ଣନା:** ଦ.ପୂ. ରେଳପଥ ମଣ୍ଡଳ ଚିକିତ୍ସାଳୟ/ଖଡ଼ଗପୁରଠାରେ ବିଭିନ୍ନ ଇମ୍ୟୁନୋଲୋଜିକାଲ ଆସେ ସଞ୍ଚାଳନ ପାଇଁ ରିଏଜେଣ୍ଟ ରେଣ୍ଟାଲ୍ ସିଷ୍ଟମ୍ ଉପରେ କେମିଲୁମିନେସେନ୍ସେସ୍ ଇମ୍ୟୁନୋଆସେ ଆନାଲାଇଜର୍ (ସିଏଲ୍‌ଆଇଏ) । **ଟେଣ୍ଡର ମୂଲ୍ୟ: ₹୧,୭୯,୬୩,୦୦୦/- । ଅମାନତ ରାଶି/ବିଡ୍ ଅମାନତ: ₹୨,୩୯,୮୦୦/- । ଟେଣ୍ଡର ଦସ୍ତାବିଜ ମୂଲ୍ୟ: ₹୫,୦୦୦/-।** କାର୍ଯ୍ୟର ସମାପ୍ତି ଅବଧି: ୬୦ ମାସ । **ବିଡିଂ ଆରମ୍ଭ ତାରିଖ:** ତା୦୭।୧୦।୨୦୨୫ରିଖଠାରୁ ତା୨୧।୧୦।୨୦୨୫ରିଖ ୧୫.୦୦ ଘଟିକା ପର୍ଯ୍ୟନ୍ତ । ଟେଣ୍ଡରର ପୂର୍ଣ୍ଣ ବିବରଣୀ, ବର୍ଣ୍ଣନା, ବିନିର୍ଦ୍ଦିଷ୍ଟତା ଏବଂ ନିଜର ବିଡ୍ ଅନ୍‌ଲାଇନରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ **www.ireps.gov.in** ପରିଦର୍ଶନ କରିପାରନ୍ତି । ଏହି ଟେଣ୍ଡର ପାଇଁ କୌଣସି କ୍ଷେତ୍ରରେ ମଧ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ବି.ଦ୍ର.: ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ **www.ireps.gov.in** ପରିଦର୍ଶନ କରିପାରନ୍ତି । (PR-677)

**NATIONAL LAW UNIVERSITY ODISHA, CUTTACK**
(Established by Odisha Act IV of 2008)
Kathajodi Campus, Sector 13, CDA, Cuttack-753015, Odisha

**QUOTATION CALL NOTICE**

National Law University Odisha Cuttack invites tender for providing housekeeping service at NLUO Cuttack. Last date & time of receipt is **16.10.2025 at 01.00 P.M.** For details please visit: **https://nluo.ac.in/ & https://tendersodisha.gov.in/**

Sd/- Registrar

**OFFICE OF THE ENGINEER-IN-CHIEF (CIVIL), ODISHA**
**NIRMAN SOUDHA, UNIT-V, BHUBANESWAR**
E-mail ID: cebuildings_orissa@yahoo.co.in, cebuildings@rediffmail.com, Tel.: (0674) 2391523

**INVITATIONS FOR BIDS (IFB)**

File No. B-II-P.A.-04/2025 Lr. No. 37695 / Bhubaneswar, Dtd. 25th Sept., 2025

No. B-572 **Invitation for Bids**

**1st Corrigendum**

**Bid Identification No. C.E. (B) - 26/2025-26**

Name of the Work - Construction of 96 Nos. E-type Flat Quarters in 4 Blocks (E1, E2, E3, E4) and 48 Nos. F-type Flat Quarters in 2 Blocks (F1, F2) in the Residential Colony of Raj Bhavan, Bhubaneswar (Stilt +6) for 2025-26 on Turnkey Basis.

The following changes have been made in Bid Identification No. C.E.-(B) - 26/2025-26. Bid documents can be seen/downloaded from the Govt. Website i.e. **www.tendersorissa.gov.in**, during the period **Dt.09.10.2025 to 17.30 hours of Dt.30.10.2025** instead of **Dt.25.09.2025 to 17.30 hours of Dt.16.10.2025** for ONLINE BIDDING respectively.

1. A pre-bid meeting shall be held on Dt.18.10.2025 at 11.30 A.M. at the Conference Hall of Office of the Chief Engineer (Buildings-I), Odisha, Nirman Soudha, Unit-V, Bhubaneswar instead of Dt.08.10.2025.
2. Online bids shall be received till 17.30 hours of Dt.30.10.2025 instead of Dt.16.10.2025.
3. Hardcopy shall be received on or before Dt.07.11.2025 upto 17.30 hours by this office instead of Dt.23.10.2025.
4. The technical bids will be opened at 11.30 A.M. of Dt.10.11.2025 instead of Dt.24.10.2025.

All other terms and conditions remain unchanged.

OIPR-34117/11/0141/2526 Sd./- Chief Engineer (Buildings-I), Odisha

Odisha Coal and Power Limited OCPL

**ODISHA COAL AND POWER LTD.**
**(A GOVT. OF ODISHA COMPANY)**
Zone-A, Fourth Floor, Fortune Towers, Chandrasekharpur, Bhubaneswar - 751023, Odisha, Ph. No. : 0674-2300654 / 2300664

**NOTICE INVITING TENDER**

NIT No : OCPL/CIVIL-215/2025 Date : 27/09/2025

Sealed bids in prescribed format are invited from Companies / firms / agencies for the following work:

| Sl. No. | Name of the work | Cost of Tender Paper | Issue of Tender Document | Last date of Download of Tender Document | Last date of Submission / Opening of bid |
|---|---|---|---|---|---|
| 1 | Construction of RCC Road from Main Gate of Manoharpur Coal Mines to Durubaga Chowk, Hemgir, Sundargarh, Odisha | Rs.5,900/- (Rupees Five Thousand Nine Hundred only) including GST. | 27/09/2025 | 18/10/2025 | 03:00 PM / 03:30 PM on 29/10/2025 |

For further details, bidders may visit our website, i.e., www.ocpl.org.in. Any clarification may please be addressed to the undersigned at the above address or by email to : contracts@ocpl.org.in

Sd./- Chief Operating Officer

ski retail capital
**WANTED**
A LEADING FINANCIAL SERVICES MARKETING COMPANY REQUIRES
**AREA MANAGER**
FOR SELLING MOTOR INSURANCE
CTC: Rs. 3.5 - 4.5 LACS/ANNUM
PREFERABLY FROM GENERAL INSURANCE COMPANIES OR INSURANCE BROKING COMPANIES WITH 3 TO 4 YEARS OF EXPERIENCE.
LOCATION: ROURKELA, SAMBALPUR, BHADRAK, BALASORE, BARIPADA, CUTTACK, PARADEEP, JEYPORE, BERHAMPUR & GOPALPUR.
Send your RESUME to resume@skiretail.in, 9840335849
**Ski Retail Capital limited**
No.1, Sambandam Street, T Nagar Chennai - 600 017

**MINOR IRRIGATION DIVISION, RANCHI.**

e-Procurement Notice

e-Tender Reference No. WRD/MID/RANCHI $F_2$ - 08/2025-26

| | | |
|---|---|---|
| 1. | Name of the work | Construction of Check dam on Oreyagarha Nala Block:- Namkum, Dist- Ranchi. |
| 2. | Estimated Cost | Rs. 1,08,49,500.00 |
| 3. | Time of Completion | (11 months) |
| 4. | Date of Publication of E - Tender on website | 18.10.2025 at 2.00 pm |
| 5. | Last date/Time for submission of E-Tender BID's | 25.10.2025 up to 5:00 pm |
| 6. | Last Date for online Submission of tender fee and EMD | e-Procurement Portal (jharkhandtenders.gov.in) 25.10.2025up to 5:00 pm |
| 7. | Date of Opening Tender | 30.10.2025at 2:00 pm |
| 8. | Name & address of office Inviting tender | Executive Engineer, M.I. Division, Ranchi, Room No. 302, AbhiyantranBhawan, KutcheryChowak, Ranchi |
| a. | Contact no. of e-Procurement officer | 0651-3512781 |
| b. | Helpline number of e-Procurement cell | 0651-3512781/Email ID-eemidran-cemr-jhr@nic.in |

Note :-(1) Only e-Tenders will be accepted.
(2) Published Estimated Cost may be Increase or Decrease
Further details can be seen on website http://jharkhandtenders.gov.in

PR 362990 Minor Irrigation(25-26).D

Executive Engineer,
Minor Irrigation Division, Ranchi.

**JHARKHAND URBAN INFRASTRUCTURE DEVELOPMENT COMPANY LIMITED**
(Govt. of Jharkhand Undertaking)
JUIDCO Bhawan, Kutchary Road, Ranchi-834001, Jharkhand.
Ph No.: +91-651-2225878,

CIN: U45200JH2013SGC001752, e-mail Id-juidcolimited@gmail.com
NIT No.: JUIDCO/NIT/OB LATEHAR/666 Date- 26.09.2025

e-Procurement (Tender Notice)
2nd Call

| | | |
|---|---|---|
| 1 | Name of Work | Construction of New Nagar Panchayat Office Building at Latehar under Latehar Nagar Panchayat. |
| 2 | Mode of Bid Submission | e-tendering (http://jharkhandtenders.gov.in) |
| 3 | Estimated Cost (Rs.) | Rs. 9,73,46,387/- (Rupees Nine Crore Seventy-Three Lakh Forty-Six Thousand Three Hundred and Eighty-Seven) only. |
| 4 | Time of Completion | 11 Months (Including Monsoon & Mobilization Period) |
| 5 | Tender Fee and Bid Security to be submitted online | Tender document fee : Rs 25,000/- (Rupees Twenty-Five Thousand) only Non-Refundable. Bid Security : Rs 9,73,500/- (Rupees Nine Lakh Seventy Three Thousand Five Hundred) only |
| 6 | Date/Time of Publication of Tender on Website | 26.09.2025 17:00 Hrs |
| 7 | Last Date/Time of Bid Submission | 10.10.2025 17:00 Hrs |
| 8 | Date/Time of opening of Bid | 11.10.2025 17:00 Hrs |
| 9 | Bid Submission Address | Jharkhand Urban Infrastructure Development Company Ltd., JUIDCO Bhawan, Kutchery Chowk, Ranchi, Jharkhand- 834001 |
| 10 | Helpline Number of e-procurement Cell | 0651-2225878 |

Further details can be seen on website http://jharkhandtenders.gov.in

PR 363037 Urban Development and Housing(25-26)D

Sd/-
Project Director (Technical)
JUIDCO Ltd, Ranchi

# ପର୍ଯ୍ୟଟନ ଏବଂ ସ୍ଥାୟୀ ପରିବର୍ତ୍ତନ



## ଆଜି ବିଶ୍ୱ ପର୍ଯ୍ୟଟନ ଦିବସ

ସକାରାତ୍ମକ ପରିବର୍ତ୍ତନର ଏକ ପ୍ରତିନିଧି ଭାବେ ପର୍ଯ୍ୟଟନର ପରିବର୍ତ୍ତନଶୀଳ ସମ୍ଭାବନାକୁ ଉଜ୍ଜ୍ୱଳ କରେ ବିଶ୍ୱ ପର୍ଯ୍ୟଟନ ଦିବସ। ପ୍ରତିବର୍ଷ ସେପ୍ଟେମ୍ବର ୨୭ରେ ଏହି ଦିବସ ପାଳିତ ହୋଇଆସୁଛି। ତେବେ ଏହି ସମ୍ଭାବନାକୁ ଅନୁଭବ କରିବା ପାଇଁ ସୁଶାସନ, ରଣନୈତିକ ଯୋଜନା, ଦୃଢ଼ ତଦାରଖ ଏବଂ ଦୀର୍ଘକାଳୀନ ସ୍ଥାୟିତ୍ୱ ଲକ୍ଷ୍ୟ ସହ ସମନ୍ୱିତ ସ୍ପଷ୍ଟ ପ୍ରାଥମିକତା ନିର୍ଦ୍ଧାରଣ ଆବଶ୍ୟକ। ପର୍ଯ୍ୟଟନ କେବଳ ଏକ ଅର୍ଥନୈତିକ କ୍ଷେତ୍ର ନୁହେଁ, ଏହା ସାମାଜିକ ପ୍ରଗତି ପାଇଁ ଏକ ଉତ୍ପ୍ରେରକ, ଶିକ୍ଷା, ନିଯୁକ୍ତି ପ୍ରଦାନ ଏବଂ ସମସ୍ତଙ୍କ ଲାଗି ନୂତନ ସୁଯୋଗ ସୃଷ୍ଟି କରେ। ସୂଚନାଯୋଗ୍ୟ ୧୯୭୦ ମସିହାରେ ବିଶ୍ୱ ପର୍ଯ୍ୟଟନ ସଂଗଠନ(UNWTO) ଆନୁଷ୍ଠାନିକ ଭାବେ ମିଳିତ ଜାତିସଂଘର ଏକ ଏଜେନ୍ସି ଭାବରେ ପ୍ରତିଷ୍ଠିତ ହୋଇଥିଲା। ସେହି ବର୍ଷ ସେପ୍ଟେମ୍ବର ୨୭ରେ ଜାତିସଂଘ ବିଶ୍ୱ ପର୍ଯ୍ୟଟନ ସଂଗଠନର ନିୟମାବଳୀ ଗ୍ରହଣ କରିଥିଲା। ଏଥିସହ ବିଶ୍ୱ ପର୍ଯ୍ୟଟନ ସହଯୋଗର ମୂଳଦୁଆ ସ୍ଥାପନ କରିଥିଲା। ତେବେ ଚଳିତ ବର୍ଷ ବିଶ୍ୱ ଉକ୍ତ ଦିବସ ଲାଗି ବିଷୟବସ୍ତୁ ରହିଛି 'ପର୍ଯ୍ୟଟନ ଏବଂ ସ୍ଥାୟୀ ପରିବର୍ତ୍ତନ'। ଯାହା ଦାୟିତ୍ୱପୂର୍ଣ୍ଣ ଯାତ୍ରା ଅଭ୍ୟାସର ଗୁରୁତ୍ୱ ଏବଂ ସ୍ଥାୟୀ ବିକାଶରେ ପର୍ଯ୍ୟଟନର ଭୂମିକାକୁ ଗୁରୁତ୍ୱ ଦିଏ।

# ପ୍ରୋତ୍ସାହନ ଅପେକ୍ଷାରେ 'ଚିତ୍ରଡ଼ା ରାଜାବନ୍ଧ'

ପ୍ରାକୃତିକ ସୌନ୍ଦର୍ଯ୍ୟର ଗନ୍ତାଘର ଭାବେ ବିଦିତ ମୟୂରଭଞ୍ଜ। ଏହି ଜିଲାର ମୋରଡ଼ା ବ୍ଲକ୍‌ରେ ଥିବା 'ଚିତ୍ରଡ଼ା ରାଜାବନ୍ଧ' ଅନ୍ୟତମ ଆକର୍ଷଣୀୟ ସ୍ଥାନ ଭାବେ ପରିଚିତ। କିନ୍ତୁ ପର୍ଯ୍ୟାପ୍ତ ସୁଯୋଗ ଓ ଭିତ୍ତିଭୂମି ଥିଲେ ମଧ୍ୟ ରାଜନୈତିକ ଇଚ୍ଛାଶକ୍ତିର ଅଭାବ, ପ୍ରଶାସନିକ ଅବହେଳା ଯୋଗୁ 'ଚିତ୍ରଡ଼ା ରାଜାବନ୍ଧ' ସମେତ ଏହି ବ୍ଲକ୍‌ର ଘୋଳମୁହାଁର ରାଙ୍ଗା ଦାଳାଙ୍ଗ ଓ ଖେଜୁରିଆ ବନ୍ଧ ଭଳି ପର୍ଯ୍ୟଟନସ୍ଥଳୀର ବିକାଶ ହୋଇପାରୁନାହିଁ। ସରକାରୀ ପ୍ରୋତ୍ସାହନ ଅପେକ୍ଷାରେ ଥିବା ଏହି ପର୍ଯ୍ୟଟନସ୍ଥଳୀଗୁଡ଼ିକର ଉନ୍ନତି ଜରୁରୀ ହୋଇପଡ଼ିଛି।

### ଚିତ୍ରଡ଼ା ରାଜାବନ୍ଧ

ମୋରଡ଼ା ବ୍ଲକ୍ ଅଧୀନ ହଳଦୀପାଳ ପଞ୍ଚାୟତର ତଥା ଚିତ୍ରଡ଼ା-ଅମର୍ଦା ରାଜ୍ୟ ରାଜପଥ କଡ଼ରେ ରହିଛି ରାଜାରାଜୁଡ଼ା ଅମଳ ସମୟରେ ଖୋଳାଯାଇଥିବା ରାଜାବନ୍ଧ। କିନ୍ତୁ ପ୍ରଶାସନର ଅବହେଳା ଯୋଗୁ ଏହି ବନ୍ଧ ଏବେ ପରିଚୟ ହରାଇବାକୁ ବସିଛି। ପ୍ରାୟ ୩୦୦ ହେକ୍ଟରରୁ ଊର୍ଦ୍ଧ୍ୱ ଚାଷଜମିକୁ ଏହି ବନ୍ଧ ପାଣି ଯୋଗାଉଥିବା ବେଳେ ଚାଷୀମାନେ ଉଭୟ ଖରିଫ ଓ ରବିଋତୁରେ ଧାନଚାଷ ସହ ଅନ୍ୟାନ୍ୟ ଚାଷ କାର୍ଯ୍ୟ କରି ପରିବାର ପ୍ରତିପୋଷଣ କରୁଥିଲେ। କିନ୍ତୁ ଦୁଃଖର ବିଷୟ, ବିଗତ କିଛି ବର୍ଷ ହେବ ଚାଷ କାର୍ଯ୍ୟ ପାଇଁ ବର୍ଷାଜଳ ହିଁ ଭରସା ପାଲଟିଛି। ଦିନକୁ ଦିନ ବନ୍ଧ ପୋତି ହୋଇଯାଉଛି। ପୂର୍ବ ଭଳି ବନ୍ଧରେ ଅଧିକ ଜଳ ସଂରକ୍ଷଣ ହେଉନାହିଁ। ଦଳ ଭର୍ତ୍ତି ହୋଇଥିବାରୁ ଲୋକେ ଏହି ବନ୍ଧରେ ଗାଧୋଇବା ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ବନ୍ଧର ପୁନରୁଦ୍ଧାର ସହ ଏଠାରେ ବୋଟିଂ, ଲାଇଟିଂ ସୁବିଧା କଲେ ପର୍ଯ୍ୟଟନଙ୍କ ସୁଅ ଛୁଟିବା ସହ ପ୍ରତ୍ୟକ୍ଷ ପରୋକ୍ଷ ଭାବରେ ସ୍ଥାନୀୟ ଲୋକେ ରୋଜଗାର ପାଇ ପାରିବେ ବୋଲି ବରିଷ୍ଠ ନାଗରିକମାନେ ମତ ଦେଇଛନ୍ତି।

### ଘୋଳମୁହାଁର ରାଙ୍ଗା ଦାଳାଙ୍ଗ

ମୋରଡ଼ା ବ୍ଲକ୍ ଘୋଳମୁହାଁ ପଞ୍ଚାୟତରେ ରାଙ୍ଗା ଦାଳାଙ୍ଗ ନାମକ ସ୍ଥାନ ଜମ୍ବୀରା ନଦୀ କୂଳରେ ଅବସ୍ଥିତ। ପିକ୍‌ନିକ୍ ପାଇଁ ବିଭିନ୍ନ ସ୍ଥାନର ଲୋକଙ୍କ ସୁଅ ଏଠାକୁ ଛୁଟେ। ଜମ୍ବୀରା ନଦୀର ଜଳସ୍ରୋତ କୁଳୁକୁଳୁ ନାଦକରି ପଥର ଚଟାଣ ହୋଇ ଧୁଡ଼ା ବଣ ଦେଇ ପ୍ରବାହିତ ହେଉଛି। ନଦୀର ଗୋଟିଏ ପଟରେ ବିସ୍ତୀର୍ଣ୍ଣ ବାଲି ପଡ଼ିଆ ଓ ପଟାସ ଜଙ୍ଗଲ ଥିବା ବେଳେ ଅନ୍ୟ ଏକ ପଟେ ଘଞ୍ଚ ଜଙ୍ଗଲ, ଯାହାର ପ୍ରାକୃତିକ ସୌନ୍ଦର୍ଯ୍ୟ ଲୋକଙ୍କୁ ଆକୃଷ୍ଟ କରୁଛି। ପୂର୍ବରୁ ଏଠାରେ ନାଲିରଙ୍ଗର ମାଟି ପାହାଡ଼ ଥିବା ବେଳେ ପରେ ଏହା ପାଣିରେ ଧୋଇହୋଇଯିବାରୁ ନଦୀର ଜଳ ଲାଲ ରଙ୍ଗ ହୋଇଯାଇଥିଲା। ତେଣୁ ସ୍ଥାନର ନାମ ରାଙ୍ଗା ଦାଳାଙ୍ଗ ରଖାଯାଇଛି ବୋଲି କୁହାଯାଏ। ତେବେ ଆଲୋକ ବ୍ୟବସ୍ଥା ନ ଥିବା ହେତୁ ସନ୍ଧ୍ୟା ପୂର୍ବରୁ ଲୋକେ ଏଠାରୁ ଫେରିଯାଆନ୍ତି। ପ୍ରଶାସନ ନଜର ଦେଲେ ଉକ୍ତ ସ୍ଥାନର ବିକାଶ ହେବା ସହ ଅଞ୍ଚଳର ଉନ୍ନତି ହୋଇପାରିବ ବୋଲି ଲୋକେ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

### ଖେଜୁରିଆ ବନ୍ଧ

ସୁରେଇଡ଼ିହି ପଞ୍ଚାୟତ ତଥା କେନ୍ଦୁଛାଟିଆ ଜଙ୍ଗଲ କଡ଼ରେ ଖେଜୁରିଆ ବନ୍ଧ ଅବସ୍ଥିତ। ଶୀତଋତୁ ଆସିଲେ ଏଠାକୁ ଅନେକ ପକ୍ଷୀଙ୍କ ଆଗମନ ହୋଇଥାଏ। ମନଲୋଭା ଦୃଶ୍ୟରେ ଭରପୂର ଥିଲେ ମଧ୍ୟ ଦୃଷ୍ଟି ଆଢୁଆଳରେ ରହିଯାଇଛି ଏହି ବନ୍ଧ। ତେଣୁ ପ୍ରଶାସନ ଦୃଷ୍ଟିଦେଇ ବନ୍ଧର ଉନ୍ନତୀକରଣ କଲେ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧିପାଇବ ବୋଲି ମତ ପ୍ରକାଶ ପାଇଛି।

ବ୍ଲକ୍ ଅଞ୍ଚଳରେ ଅନେକ ପର୍ଯ୍ୟଟନ ସ୍ଥାନ ଥିଲେ ମଧ୍ୟ ଏହାର ବିକାଶ ହୋଇପାରୁନାହିଁ। ସ୍ଥାନୀୟ ଲୋକ ପ୍ରତିନିଧି, ପ୍ରଶାସନ ଆନ୍ତରିକତା ଦେଖାଇ ଏହିସବୁର ବିକାଶ କରିବା ପାଇଁ ଦାବି ହେଉଛି।

– ସ୍ମାରକ ମାଝୀ, ମୋରଡ଼ା



ଚିତ୍ରଡ଼ା ରାଜାବନ୍ଧ।




# ଆତିଥେୟ ପାଇଁ ଖୋଲିବ ୪୫୦ 'ହୋମ୍ ଷ୍ଟେ'

## ପର୍ଯ୍ୟଟନ ବିଭାଗକୁ ପର୍ଯ୍ୟଟକଙ୍କ ଚିନ୍ତା

### ୫ବର୍ଷରେ ଦିଆଯିବ ୫୦କୋଟିର ରିହାତି

ଭୁବନେଶ୍ୱର,୨୬।୯ (ରବିନାରାୟଣ ଜେନା)

ରାଜ୍ୟରେ ପର୍ଯ୍ୟଟନ ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ସରକାରଙ୍କ ପକ୍ଷରୁ ଗୁରୁତ୍ୱ ଦିଆଯାଇଛି। ପର୍ଯ୍ୟଟକମାନେ ଯେଭଳି ଓଡ଼ିଶାର ପର୍ଯ୍ୟଟନସ୍ଥଳୀ ପ୍ରତି ଆକୃଷ୍ଟ ହେବେ ଏବଂ କଳା, ସାହିତ୍ୟ, ସଂସ୍କୃତି ଓ ପରମ୍ପରା ସମ୍ପର୍କରେ ଭଲ ଭାବେ ଜାଣିପାରିବେ ଏବଂ ଓଡ଼ିଆ ଚାଲିଚଳଣି ଓ ଖାଦ୍ୟ ରୁଚିର ସ୍ୱାଦ ପାଇବେ ସେନେଇ ପର୍ଯ୍ୟଟନ ବିଭାଗ ପକ୍ଷରୁ ଏକ ସ୍ୱତନ୍ତ୍ର ଯୋଜନା କାର୍ଯ୍ୟକାରୀ ହେବ। ଏନେଇ ଚଳିତମାସ ୨୨ରେ ପର୍ଯ୍ୟଟନ ବିଭାଗର ଅର୍ଥପରାମର୍ଶଦାତା ବାବୁଲାଲ ପାତ୍ର ୯ଟି ବିଭାଗର ମୁଖ୍ୟଙ୍କୁ ଅବଗତ କରାଇଛନ୍ତି।

ବିଭାଗର ସୂଚନା ଅନୁଯାୟୀ, ଖୁବ୍‌ଶୀଘ୍ର ଏକ 'ଓଡ଼ିଶା ହୋମ୍ ଷ୍ଟେ ଏଷ୍ଟାବ୍ଲିଶ୍‌ମେଣ୍ଟ ସ୍କିମ୍-୨୦୨୫' ଅଣାଯିବ। ଏଥିରେ ପ୍ରତ୍ୟେକ ଗ୍ରାମାଞ୍ଚଳ ଓ ପର୍ଯ୍ୟଟନସ୍ଥଳୀ ନିକଟରେ ପର୍ଯ୍ୟଟକଙ୍କୁ ଆତିଥେୟ ଲାଗି ହୋମ୍ ଷ୍ଟେ ପ୍ରତିଷ୍ଠା କରାଯିବ। ଯୁବପିଢ଼ିଙ୍କୁ ରୋଜଗାର ଯୋଗାଇବା ତଥା ଓଡ଼ିଶାର ପର୍ଯ୍ୟଟନସ୍ଥଳକୁ ଦେଶ-ବିଦେଶରେ ଅଧିକ ଆକୃଷ୍ଟ କରାଇବା ଲାଗି ରାଜ୍ୟରେ ୪୫୦ଟି ହୋମ୍ ଷ୍ଟେ ପ୍ରତିଷ୍ଠା ହେବ, ଯେଉଁଥିରେ ୧୮୦୦ଟି ସ୍ୱତନ୍ତ୍ର ଶଯ୍ୟାର ବ୍ୟବସ୍ଥା ରହିବ। ପ୍ରାଥମିକ ପର୍ଯ୍ୟାୟରେ ୨୦୨୫-୨୬ରୁ ୨୦୨୯-୩୦ ଆର୍ଥିକବର୍ଷ ମଧ୍ୟରେ ଏହି ଯୋଜନା କାର୍ଯ୍ୟକାରୀ ହେବାକୁ ବିଭାଗ ଲକ୍ଷ୍ୟ ରଖିଛି। ଏହି ହୋମ୍ ଷ୍ଟେ ଖୋଲିବା ପାଇଁ ୧୮ବର୍ଷରୁ ଊର୍ଦ୍ଧ୍ୱ ଥିବା ବ୍ୟକ୍ତି, ଯାହାର କି ସ୍ଥାନୀୟ ଅଞ୍ଚଳରେ ନିଜସ୍ୱ ଜମି ଓ ବାସସ୍ଥାନର ପ୍ରମାଣପତ୍ର ରହିଥିବ ତାକୁ ଆବେଦନ କରିବାର ସୁଯୋଗ ମିଳିବ। ତେବେ ରାଜ୍ୟ ସରକାର କିମ୍ବା କେନ୍ଦ୍ର ସରକାରଙ୍କ ଅଧୀନରେ କାର୍ଯ୍ୟରତ କର୍ମଚାରୀଙ୍କୁ ଏହି ହୋମ ଷ୍ଟେ ଖୋଲିବାକୁ ଅନୁମତି ମିଳିବ ନାହିଁ।

ତଥ୍ୟ ଅନୁଯାୟୀ, ଜିଲା ପ୍ରଶାସନର ସମନ୍ୱୟରେ ବିଭାଗ ପକ୍ଷରୁ ହୋମ୍ ଷ୍ଟେ ଖୋଲିବାକୁ ଅନୁମତି ଦିଆଯିବ। ଏହି ହୋମ୍ ଷ୍ଟେ ଖୋଲିବା ପାଇଁ ଜିଲାସ୍ତରରେ ଏକ କମିଟି ଗଠନ ହେବ, ଏଥିରେ ବିଡିଓ ଜଣେ ସଭ୍ୟ ରହିବେ। ଏହି ହୋମ୍ ଷ୍ଟେ ପାଇଁ ୫୦ପ୍ରତିଶତ ରିହାତିର ବ୍ୟବସ୍ଥା ରହିଛି। ଜଣଙ୍କୁ ୪ଟି ପ୍ରକୋଷ୍ଠ ଥିବା ହୋମ୍ ଷ୍ଟେ ପାଇଁ ଅନୁମତି ମିଳିପାରିବ, ଅଥବା ସର୍ବାଧିକ ୧୦ଲକ୍ଷ ଟଙ୍କାର ଇନ୍‌ସେନ୍‌ଟିଭ(ରିହାତି) ଦିଆଯାଇପାରିବ। ବିଭାଗ ପକ୍ଷରୁ ହୋମ୍ ଷ୍ଟେ ଖୋଲିବା ପାଇଁ ୫୦କୋଟି ଟଙ୍କାର ଏକ ବଜେଟ ପ୍ରସ୍ତୁତ କରାଯାଇଛି। ପ୍ରଥମ ବର୍ଷରେ ୨.୩୭୫୦କୋଟିର ରିହାତି ବ୍ୟବସ୍ଥା ରହିଥିବାବେଳେ ଦ୍ୱିତୀୟ ବର୍ଷରେ ୧୧.୭୭୫୦କୋଟି, ତୃତୀୟବର୍ଷ ପାଇଁ ୧୫.୧୫୦୦କୋଟି, ଚତୁର୍ଥ ବର୍ଷ ପାଇଁ ୭.୨୭୫୦କୋଟି ଏବଂ ଶେଷ ବର୍ଷ ପାଇଁ ୧୩.୪୨୫୦କୋଟିର ରିହାତି ବ୍ୟବସ୍ଥା ରହିଛି।

ତଥ୍ୟ ଅନୁଯାୟୀ ବିଭାଗ ପକ୍ଷରୁ ଆସନ୍ତା ଅତିରିକ୍ତ ବଜେଟରେ ଏହାକୁ ଅନୁମୋଦନ ପାଇଁ ପ୍ରେରଣ କରାଯିବ। ଏହି ହୋମ୍ ଷ୍ଟେ ଖୋଲିବାପାଇଁ ଅନୁସୂଚିତ ଜାତି, ଜନଜାତି, ମହିଳା ଓ ଦିବ୍ୟାଙ୍ଗ ବର୍ଗଙ୍କୁ ରିହାତି ସୁଯୋଗ ମିଳିବ ବୋଲି ଚଳିତମାସ ୨୨ରେ ବିଭାଗୀୟ ସଚିବଙ୍କ ପକ୍ଷରୁ ଜାରି ଷ୍ଟାଣ୍ଡିଂ ଫାଇନାନ୍ସ କମିଟି(ଏସ୍‌ଏଫ୍‌ସି) ବୈଠକରୁ ଜଣାଯାଇଛି।

# ପ୍ରାଚୀନ ଐତିହ୍ୟକୁ ଗୁରୁତ୍ୱ

ଓଡ଼ିଶାରେ ଥିବା ଉତ୍କୃଷ୍ଟ ପରିବେଶ, ଜଙ୍ଗଲ ଓ ପ୍ରାକୃତିକ ପର୍ଯ୍ୟଟନସ୍ଥଳୀ ମାଧ୍ୟମରେ କିଭଳି ଓଡ଼ିଶା ପର୍ଯ୍ୟଟନକୁ ଏକ ନୂଆ ପରିଚୟ ମିଳିବ ସେଥିଲାଗି ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଉଛି। ରାଜ୍ୟର ପାରମ୍ପରିକ, ଆଧ୍ୟାତ୍ମିକ ଓ ଐତିହ୍ୟ ପର୍ଯ୍ୟଟନରୁ ବାହାରି ପ୍ଲାଷ୍ଟିକ୍ ବର୍ଜନ ଓ ସବୁଜ ଓଡ଼ିଶାକୁ ଗୁରୁତ୍ୱ ଦିଆଯାଉଛି।

ରାଜ୍ୟରେ ପର୍ଯ୍ୟଟନ ଦିବସରେ ଚଳିତବର୍ଷ ହେରିଟେଜ୍ ୱାକ୍‌ରେ ଏକ ବିଶାଳ ପଦଯାତ୍ରାରେ ପ୍ଲାଷ୍ଟିକ୍ ମୁକ୍ତ ଓ ସବୁଜ ଓଡ଼ିଶାର ବାର୍ତ୍ତା ନେଇ ଏକାମ୍ରକ୍ଷେତ୍ର ଯାତ୍ରା କରିବେ। ସେଠାରେ ଥିବା ଐତିହ୍ୟ ମନ୍ଦିର ପର୍ଶୁରାମେଶ୍ୱର ଓ ମୁକ୍ତେଶ୍ୱର ମନ୍ଦିର, ଅନନ୍ତ ବାସୁଦେବ ମନ୍ଦିର, ବିନ୍ଦୁସାଗର, ଲିଙ୍ଗରାଜ ମନ୍ଦିର ଭଳି ପ୍ରାଚୀନ ମନ୍ଦିରର ରହିଥିବା ଐତିହ୍ୟ ସମ୍ପର୍କରେ ଅବଗତ କରାଇବେ।

–ସୌମ୍ୟରଞ୍ଜନ ରାଉତ, ଭୁବନେଶ୍ୱର



ପର୍ଶୁରାମେଶ୍ୱର ମନ୍ଦିର

## ରାଜ୍ୟ ଖବର

# ୧୨୦ ସେବା ଦେବ ହ୍ୱାଟ୍ସଆପ୍ ବଟ୍ 'ଆମ ସାଥୀ'

■ ମିଳିବ ଆୟ ପ୍ରମାଣପତ୍ର, ଡିଏଲ୍ ପାଇଁ ଆବେଦନ ସୁବିଧା

■ ଏକୀକୃତ ନମ୍ବର ଜାରି କଲେ ରାଜ୍ୟ ସରକାର

ଭୁବନେଶ୍ୱର,୨୬।୯(ଅନୁରାଧା ମହାରଣା)

ନାଗରିକଙ୍କୁ ୧୨୦ ସେବା ପ୍ରଦାନ କରିବ ଏକୀକୃତ ହ୍ୱାଟ୍ସଆପ୍ ବଟ୍ 'ଆମ ସାଥୀ'। ରାଜ୍ୟ ସରକାର ମେଟା ସହ ସହଭାଗିତାରେ ଏହାକୁ କାର୍ଯ୍ୟକାରୀ କରିଛନ୍ତି। ମେଟାର ସହଯୋଗୀ ବିଜ୍‌ନେସ୍ ଇଣ୍ଟେଲିଜେନ୍ସ ପ୍ରଫେସନାଲ୍ସ ଦ୍ୱାରା ବିକଶିତ ଏକକ ହ୍ୱାଟ୍ସଆପ୍ ନମ୍ବର ୯୪୩୭୨୯୨୦୦୦ ମାଧ୍ୟମରେ ଉପଲବ୍ଧ ଚାଟ୍‌ବଟ୍‌ରେ ଭଏସ୍ କ୍ଷମତା ରହିଛି। ଆଗାମୀ କିଛି ମାସ ମଧ୍ୟରେ ୫୦୦ଟି ନାଗରିକ ସେବାକୁ ବୃଦ୍ଧି ପାଇବ ଓ ଏହାଦ୍ୱାରା ରାଜ୍ୟର ୪.୫ କୋଟିରୁ ଅଧିକ ଲୋକ ଉପକୃତ ହେବେ ବୋଲି ଆଶା କରାଯାଉଛି। ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଉପସ୍ଥିତିରେ ଶୁଭାରମ୍ଭ ହୋଇଥିବା ଚାଟ୍‌ବଟ୍ ଓଡ଼ିଆ ଏବଂ ଇଂଲିଶ ଭାଷାରେ ଉପଲବ୍ଧ। ଏହାକୁ ଏକ ୱାନ୍-ଷ୍ଟପ୍ ଡିଜିଟାଲ ସହାୟକ ଭାବରେ ଡିଜାଇନ୍ କରାଯାଇଛି । ଏହା ମାଧ୍ୟମରେ ନାଗରିକମାନେ ଜନ୍ମ ଓ ଆୟ ପ୍ରମାଣପତ୍ର ପାଇବା ସହ ଡ୍ରାଇଭିଂ ଓ ସାର ଲାଇସେନ୍ସ ପାଇଁ ଆବେଦନ କରିପାରିବେ। ସେହିଭଳି ଜାତୀୟ ପରିବାର କଲ୍ୟାଣ ଯୋଜନା ଭଳି ବିଭିନ୍ନ ଯୋଜନା ସହ ଗୁରୁତ୍ୱପୂର୍ଣ୍ଣ ସରକାରୀ ସେବାଗୁଡ଼ିକ ଗୋଟିଏ ହ୍ୱାଟ୍ସଆପ୍ ନମ୍ବର ମାଧ୍ୟମରେ ପାଇପାରିବେ। ସାଧାରଣ ଅଭିଯୋଗ କରିବା ସହ ଏହାର ଷ୍ଟାଟସ୍ ଟ୍ରାକ୍ କରିପାରିବେ, ସାଧାରଣ ପ୍ରଶାସନ ବିଭାଗ ସହ ଯୋଗାଯୋଗ କରିପାରିବେ। ଚାଷୀ ଓ ଛାତ୍ରୀଛାତ୍ରମାନେ ଶିକ୍ଷା, କୃଷି ଏବଂ ଉଦ୍ୟାନ କୃଷି ସମ୍ବନ୍ଧୀୟ ସମୟୋଚିତ ସୂଚନା ପାଇବେ। ନାଗରିକମାନେ ସହାୟତା ପାଇଁ ପୋଲିସ ସେବା ସହ ଯୋଗାଯୋଗ କରିବା ସହ ଜମି ରେକର୍ଡ ଏବଂ ରାଜସ୍ୱ ବିବରଣୀ ମଧ୍ୟ ପାଇପାରିବେ।

ଏହି ଅବସରରେ ମୁଖ୍ୟ ଶାସନ ସଚିବ ଆହୁଜା କହିଛନ୍ତି, ପ୍ରଯୁକ୍ତିବିଦ୍ୟା ଏବଂ ତାଲିମରେ ଆମର ନିବେଶ କରିବାର ଲକ୍ଷ୍ୟ ହେଉଛି ପ୍ରଶାସନିକ ବାଧା ଦୂର କରିବା ଏବଂ ସାମଗ୍ରିକ ସୁଗମତା ବୃଦ୍ଧି କରିବା। ଏହିଭଳି ପଦକ୍ଷେପଗୁଡ଼ିକ ସ୍ୱଚ୍ଛ, ଉତ୍ତରଦାୟୀ ଏବଂ ସୁଶାସନ ପାଇଁ ପ୍ରଯୁକ୍ତିବିଦ୍ୟାର ଉପଯୋଗ କରିବାର ଓଡ଼ିଶାର ଦୃଷ୍ଟିକୋଣକୁ ପ୍ରତିଫଳିତ କରୁଥିବା ଆହୁଜା କହିଛନ୍ତି। ମେଟାର ଭାରତ ପରିଚାଳନା ନିର୍ଦ୍ଦେଶକ ଏବଂ ଦେଶ ମୁଖ୍ୟ ଅରୁଣ ଶ୍ରୀନିବାସ କହିଛନ୍ତି, 'ଆମ ସାଥୀ' ଆରମ୍ଭ କରିବା ପାଇଁ ଆମେ ଓଡ଼ିଶା ସରକାରଙ୍କ ସହିତ ସହଭାଗିତା ସ୍ଥାପନ କରି ଗର୍ବିତ।

ଆନ୍ଧ୍ରପ୍ରଦେଶ ସରକାରଙ୍କ 'ମନ ମିତ୍ର' ପରେ ଓଡ଼ିଶାରେ ଆରମ୍ଭ ହୋଇଥିବା ଏହା ଦେଶର ଦ୍ୱିତୀୟ ହ୍ୱାଟ୍ସଆପ୍ ଚାଟ୍‌ବଟ୍। ନିକଟରେ ମେଟା ତାମିଲନାଡୁ ସରକାରଙ୍କ ସହ ଏକ ବୁଝାମଣାପତ୍ର ସ୍ୱାକ୍ଷର କରିଛି, ଯାହାଦ୍ୱାରା ରାଜ୍ୟର ଲୋକଙ୍କ ପାଇଁ ନାଗରିକ ସେବାଗୁଡ଼ିକୁ ଏକ ହ୍ୱାଟ୍ସଆପ୍ ଚାଟ୍ ଅଧୀନରେ ଅଣାଯାଇପାରିବ। ବର୍ତ୍ତମାନ ସୁଦ୍ଧା 'ମନ ମିତ୍ର' ୭୦୦ରୁ ଅଧିକ ନାଗରିକ ସେବା ପ୍ରଦାନ କରୁଛି ଏବଂ ଚାଟ୍‌ବଟ୍ ୪ ମିଲିୟନ ନାଗରିକଙ୍କ ଦ୍ୱାରା ସେମାନଙ୍କ ପସନ୍ଦର ଭାଷାରେ ଅତ୍ୟାବଶ୍ୟକ ସରକାରୀ ସେବାଗୁଡ଼ିକୁ ପାଇବା ପାଇଁ ବ୍ୟବହାର କରାଯାଇଛି।

# ହାତୀ ଆକ୍ରମଣରେ ଯୁବକ ମୃତ

ଛେଣ୍ଡିପଦା,୨୬।୯(ଅଜିତ ଧଳ)

ଅନୁଗୋଳ ଜିଲା ଛେଣ୍ଡିପଦା ବନାଞ୍ଚଳ ନୂଆଗାଁରେ ଶୁକ୍ରବାର ହାତୀ ଆକ୍ରମଣରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ନୂଆଗାଁ ଗ୍ରାମର ସୁବାସ ପ୍ରଧାନ। ସୂଚନା ଅନୁଯାୟୀ, ସୁବାସ ଗ୍ରାମର ଅନ୍ୟ କେତେଜଣଙ୍କ ସହିତ ଛତୁ ଖୋଜିବାକୁ ମାରୁଡ଼ିପ ଜଙ୍ଗଲକୁ ଯାଇଥିବାବେଳେ ଦନ୍ତାହାତୀ ହାବୁଡ଼ରେ ପଡ଼ିଥିଲେ। ହାତୀଟି ସୁବାସଙ୍କୁ ଶୁଣ୍ଢରେ ଟେକି କଚାଡ଼ି ଦେଇଥିଲା। ଏହାଦେଖି ଅନ୍ୟମାନେ ଭୟରେ ଦୌଡି ପଳାଇ ଯାଇଥିଲେ। ଖବରପାଇ ବନ ବିଭାଗ କର୍ମଚାରୀମାନେ ପହଞ୍ଚି ସୁବାସଙ୍କୁ ଉଦ୍ଧାର କରି ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରୁ ତାଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତରିତ କରାଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ବନବିଭାଗ ପକ୍ଷରୁ ଲୋକଙ୍କୁ ସଚେତନ କରାଯାଉଥିଲେ ମଧ୍ୟ ଲୋକମାନେ ହାତୀ ଥିବା ସ୍ଥାନକୁ ଯାଉଥିବାରୁ ଏପରି ଅଘଟଣ ଘଟୁଛି। ଏ ନେଇ ସଚେତନତାର ଅଭାବ ରହୁଥିବା ବନାଞ୍ଚଳ ଅଧିକାରୀ ଶୁଭ୍ରାଂଶୁସ୍ମିତା ମହାପାତ୍ର ପ୍ରକାଶ କରିଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଅନ୍ତର୍ଜାତୀୟ ଖାଦ୍ୟ ପ୍ରଦର୍ଶନୀରେ ଫାର୍ମ ବି'



**କଟକ,୨୬।୯(କାର୍ତ୍ତିକ ସାହୁ)**

କେନ୍ଦ୍ର ସରକାରଙ୍କ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ମନ୍ତ୍ରଣାଳୟ ପକ୍ଷରୁ ନୂଆଦିଲ୍ଲୀର ପ୍ରଗତି ମଇଦାନସ୍ଥିତ ଭାରତମଣ୍ଡପମ୍‌ଠାରେ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି ୱାର୍ଲଡ ଫୁଡ୍ ଇଣ୍ଡିଆ-୨୦୨୫ ଅନ୍ତର୍ଜାତୀୟ ପ୍ରଦର୍ଶନୀ। ଭାରତ ସମେତ ୨୧ଟି ଦେଶର ପ୍ରତିଷ୍ଠିତ ଖାଦ୍ୟ ଉଦ୍ୟୋଗୀମାନେ ଏଥିରେ ଅଂଶଗ୍ରହଣ କରିଥିବା ବେଳେ ଓଡ଼ିଶାର ବିଶ୍ୱେଶ୍ୱର ଫୁଡ୍ସ ପ୍ରାଇଭେଟ୍ ଲିମିଟେଡ୍‌ର ଫାର୍ମ ବି' ବ୍ରାଣ୍ଡ ଏଥିରେ ଯୋଗଦେଇଛି। ଫାର୍ମ ବି' ଉଦ୍ୟୋଗର ନିର୍ଦ୍ଦେଶିକା ରଶ୍ମି ସାହୁଙ୍କ ନେତୃତ୍ୱରେ ଓଡ଼ିଶାର ଉନ୍ନତମାନର କୃଷି ଶିଳ୍ପଜାତ ଉତ୍ପାଦିତ ସାମଗ୍ରୀ ସ୍ୱାସ୍ଥ୍ୟପ୍ରଦ ଛତୁଆ, ଦଳିଆ, ଦେବଭୋଗ ଖେଚୁଡ଼ି, ପଞ୍ଜାବୀ ତଡ୍‌କା, ଇନ୍‌ଷ୍ଟାଣ୍ଟ ବିରିଆନି, ଚୁଡ଼ା ପାଉଡର, ମାଣ୍ଡିଆଚୂନା ଓ ଶାଗୁ ଭଳି ବିଭିନ୍ନ ସାମଗ୍ରୀ ଏଥିରେ ସ୍ଥାନ ପାଇଛି। ସୂଚନାଯୋଗ୍ୟ, ବର୍ତ୍ତମାନ ଜୈବିକ କୃଷିଜାତ ସାମଗ୍ରୀ ପ୍ରତି ଖାଉଟିମାନଙ୍କ ବିଶେଷ ଆଗ୍ରହ ସୃଷ୍ଟି ହୋଇଥିଲା ବେଳେ ଫାର୍ମ ବି' ଉତ୍ପାଦିତ ସାମଗ୍ରୀର ବେଶ୍ ଆଦର ରହିଛି। ଉଦ୍‌ଘାଟନୀ ଦିବସରେ ବିଭିନ୍ନ ପ୍ରଦର୍ଶନକାରୀମାନେ ଏହି ଖାଦ୍ୟସାମଗ୍ରୀ ପ୍ରତି ବିଶେଷ ଆଗ୍ରହ ପ୍ରକାଶ କରିବା ସହିତ ଫାର୍ମ ବି' ମଣ୍ଡପ ପରିଦର୍ଶନ କରିଥିଲେ।

# ୨୮ରେ ଅରୁନ୍ଧତୀ ଜୁଏଲର୍ସର ୧୦ମ ଶୋ'ରୁମ୍ ଶୁଭାରମ୍ଭ



**ଅନୁଗୋଳ, ୨୬।୯ (ମାନସ ବିଶ୍ୱାଳ)**

ଅନୁଗୋଳ ସହରସ୍ଥିତ ଶଙ୍କର ସିନେମା ହଲ୍ ରୋଡ୍‌ଠାରେ ଓଡ଼ିଶାର ଅଗ୍ରଣୀ ଜୁଏଲେରି ପ୍ରତିଷ୍ଠାନ ଅରୁନ୍ଧତୀ ଜୁଏଲର୍ସର ନୂତନ ଶୋ'ରୁମ୍ ଆସନ୍ତା ୨୮ ତାରିଖ ପୂର୍ବାହ୍ନ ୧୧ଟାରେ ଶୁଭାରମ୍ଭ ହେବ। ଏଥିରେ ବଲିଉଡ୍ ଅଭିନେତ୍ରୀ ମହିମା ଚୌଧୁରୀ ଯୋଗଦାନ କରିବେ। ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀର ଅରୁନ୍ଧତୀର ପରିଚାଳନା ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ମେହେର କହିଛନ୍ତି, ଅରୁନ୍ଧତୀ ଆଜି ଓଡ଼ିଶାର ଏକ ପ୍ରତିଷ୍ଠିତ ସୁନା ଓ ହୀରା ଗହଣା ବ୍ରାଣ୍ଡଭାବେ ମାନ୍ୟତା ପାଇବା ସହ ଓଡ଼ିଶାର ନିଜସ୍ୱ ବ୍ରାଣ୍ଡ୍ ହିସାବରେ ସର୍ବାଧିକ ସହରରେ ଉପସ୍ଥିତି ଜାହିର କରିପାରିଛି। ସୁନାଗହଣା ଓ ହୀରା ମାନରେ ଶୁଦ୍ଧତା, ପ୍ରତ୍ୟେକ ବ୍ୟବସାୟିକ ପଦକ୍ଷେପରେ ସମ୍ପୂର୍ଣ୍ଣ ସେବା ଯୋଗାଇଦେଇ ସ୍ୱଚ୍ଛତା ଓ ପାରଦର୍ଶିତା ଅବଲମ୍ବନକରି ଅରୁନ୍ଧତୀ ଓଡ଼ିଶା ଲୋକଙ୍କ ହୃଦୟରେ ଏକ ସ୍ୱତନ୍ତ୍ର ସ୍ଥାନ ନେଇପାରିଛି। ଅନୁଗୋଳ ଶଙ୍କର ସିନେମା ହଲ୍ ରୋଡ୍‌ଠାରେ ଏହି ନୂତନ ଓ ଅତ୍ୟାଧୁନିକ ଫ୍ଲାଗ୍‌ଶିପ୍ ଶୋ'ରୁମ୍ ୭୫୦୦ ବର୍ଗଫୁଟ ପରିମିତ ଏବଂ ଏହା ମଧ୍ୟରେ ୧୦,୦୦୦ରୁ ଅଧିକ ହୀରା ଗହଣା ସହ ସମ୍ପୂର୍ଣ୍ଣ ହଲ୍‌ମାର୍କ ଶୁଦ୍ଧତାଯୁକ୍ତ ସୁନାଗହଣା, ରୁପାଗହଣାର ଆକର୍ଷଣୀୟ କାରୁକୃତି, ଶାଢ଼ିର ସମ୍ଭାର ରଖାଯାଇଛି। ପାର୍ବଣ ଋତୁ ଅବସରରେ ଅରୁନ୍ଧତୀରେ ୫୧ ଜଣ ଲକ୍ଷପତି ମେଗା ଆକର୍ଷଣୀୟ ଅଫର ଘୋଷଣା କରାଯାଇଛି। ସୁନାଗହଣାର ଗଢ଼ା ମଜୁରିରେ ୫୦% ରିହାତି ସହ ପ୍ରତ୍ୟେକ କ୍ରୟରେ ନିଶ୍ଚିତ ଉପହାର ଦିଆଯିବ। ସେହିଭଳି ଅଗ୍ରୀମ ବୁକିଂରେ ସର୍ବନିମ୍ନ ଦରରେ ସୁନା କ୍ରୟ ଏବଂ ପ୍ଲେ ଜିରୋ ଫୋର ଇଜି ଜୁଏଲର୍ସର ପର୍‌ଚେଜ୍ ପ୍ଲାନ୍ ରଖାଯାଇଛି। ହୀରା ଗହଣା କ୍ରୟରେ ହୀରା ମୂଲ୍ୟରେ ୨୦ ପ୍ରତିଶତ ରିହାତି ସହ ମାଗଣା ସ୍ୱର୍ଣ୍ଣମୁଦ୍ରା ମଧ୍ୟ ପ୍ରଦାନ କରାଯାଉଛି।

## ଯୋଗଦେବେ ବଲିଉଡ୍ ଅଭିନେତ୍ରୀ ମହିମା ଚୌଧୁରୀ

# ୟୁବିଆଇ ପକ୍ଷରୁ 'ୱାକାଥନ୍'




**ଭୁବନେଶ୍ୱର, ୨୬।୯(ଅନୁରାଧା ମହାରଣା)**

ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ(ୟୁବିଆଇ)ର ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ସତର୍କତା ସଚେତନତା ସପ୍ତାହ ଅବସରରେ ଏକ 'ୱାକାଥନ୍' ଅନୁଷ୍ଠିତ ହୋଇଯାଇଛି। ବ୍ୟାଙ୍କର ମୁମ୍ବାଇସ୍ଥିତ କାର୍ଯ୍ୟାଳୟର ମୁଖ୍ୟ ସତର୍କତା ଅଧିକାରୀ ଅଜୟ କୁମାର ସିଂ, ବ୍ୟାଙ୍କର ଭୁବନେଶ୍ୱର ଅଞ୍ଚଳର କ୍ଷେତ୍ର ମହାପ୍ରବନ୍ଧକ ତଥା ଅଞ୍ଚଳ ମୁଖ୍ୟ ଏଚ୍. କେ ଦାସ, ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟର କ୍ଷେତ୍ରୀୟ ମୁଖ୍ୟ ନିରଞ୍ଜନ ବାରିକ ପ୍ରମୁଖ ଯୋଗ ଦେଇଥିଲେ। ଏହି ୱାକାଥନ୍ ରୁପାଲି ଛକରୁ ଆରମ୍ଭ ହୋଇ ରାମ ମନ୍ଦିର ଛକ ପର୍ଯ୍ୟନ୍ତ ଯାଇ ରୁପାଲି ଛକକୁ ଫେରିଥିଲା।


## ମନେ ପଡ଼ନ୍ତି

### ୩୪ତମ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତ ଗୌତମ ପ୍ରସାଦ ପଣ୍ଡା**
ଆବିର୍ଭାବ: ୨୦।୦୭।୧୯୬୫
ତିରୋଧାନ: ୧୩।୧୦।୧୯୯୧
(ଆଶ୍ୱିନ ଶୁକ୍ଳ ଷଷ୍ଠୀ ତିଥି)

ଆଜି ୩୪ତମ ଶ୍ରାଦ୍ଧବାର୍ଷିକ ଅବସରରେ ତୋର ଅମର ଆତ୍ମାର ଚିରଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣରେ ପ୍ରାର୍ଥନା କରୁଅଛୁ।

**:ଶୋକସନ୍ତପ୍ତ:**
ମାତା: ଲଳିତା ପଣ୍ଡା, ନନା: ସିଦ୍ଧାର୍ଥ କୁମାର ପଣ୍ଡା, ଭାଉଜ: ଶାନ୍ତିଲତା ପତି, ଭାଇ: ମିଟୁ, ଲୁଲୁ, ବାବୁଲି ଓ ଟୁଲୁ, ଭାଇବୋହୂ: ସିଲା, ଟିନା, ଟୋପା, ସିଲୁ, ଭଉଣୀ: ଲିଲି ଓ ମାମି, ଭିଣୋଇ: ଜୟଦୀପ ମିଶ୍ର ଓ ଲକ୍ଷ୍ମୀନାରାୟଣ ମିଶ୍ର ଏବଂ ବନ୍ଧୁବର୍ଗ।

ଧ-୨୧୧୭


# ଜିନ୍ଦଲ ଷ୍ଟିଲ୍ ଦ୍ୱାରା ଅନୁଗୋଳରେ ବ୍ଲାଷ୍ଟ ଫର୍ନେସ କାର୍ଯ୍ୟକ୍ଷମ

**ଭୁବନେଶ୍ୱର, ୨୬।୯**

ଜିନ୍ଦଲ ଷ୍ଟିଲ୍ ଅନୁଗୋଳରେ ଏହାର ଦ୍ୱିତୀୟ ବ୍ଲାଷ୍ଟ ଫର୍ନେସ କାର୍ଯ୍ୟକ୍ଷମ କରିଛି। 'ଭଗବତୀ ଶୁଭଦ୍ରିକା' ନାମରେ ନାମିତ ଏହି ବ୍ଲାଷ୍ଟ ଫର୍ନେସ-୨କୁ ଜିନ୍ଦଲ ଷ୍ଟିଲ୍‌ର ଅଧ୍ୟକ୍ଷ ନବୀନ ଜିନ୍ଦଲ ଶୁଭାରମ୍ଭ କରିଛନ୍ତି। ୫,୪୯୯ ବର୍ଗ ମିଟର ବିଶିଷ୍ଟ ଏହି ବ୍ଲାଷ୍ଟ ଫର୍ନେସ ଭାରତୀୟ ଇସ୍ପାତ ନିର୍ମାଣ କ୍ଷେତ୍ରରେ ଏକ ମାଇଲଖୁଣ୍ଟ ହେବାକୁ ଯାଉଛି। ଏହି ଅବସରରେ ନବୀନ କହିଛନ୍ତି, ଅନୁଗୋଳ ଇସ୍ପାତ କାରଖାନାର କ୍ଷମତାକୁ ବାର୍ଷିକ ୧୨ ନିୟୁତ ଟନ୍‌କୁ ଦ୍ୱିଗୁଣିତକରି, ଆମେ ଆମର ବିଶ୍ୱସ୍ତରୀୟ ପ୍ରତିସ୍ପର୍ଦ୍ଧାକୁ ସୁଦୃଢ଼ କରିବା ସହିତ 'ଆତ୍ମନିର୍ଭର ଭାରତ' ପ୍ରତି ଆମର ଯୋଗଦାନକୁ ଦର୍ଶାଉଛୁ।



କମ୍ପାନୀର ଭବିଷ୍ୟତର ସମ୍ପ୍ରସାରଣ ପାଇଁ ଅନୁଗୋଳ ଏବେ କେନ୍ଦ୍ରୀୟ ଭୂମିକା ଗ୍ରହଣ କରିବ। ପରିକଳ୍ପିତ ପ୍ରକଳ୍ପମାନଙ୍କ ମଧ୍ୟରେ ପାରାଦୀପରେ ଏକ ସମର୍ପିତ ବନ୍ଦର, ସ୍ଲରୀ ପାଇପ୍‌ଲାଇନ, କୋଲ ପାଇପ କନ୍‌ଭେୟର ଯାହା ଯୋଗାଣ ଶୃଙ୍ଖଳା ଦକ୍ଷତା ବୃଦ୍ଧି କରିବ ଶ୍ରୀଭୂମି ପାୱାର୍ ପ୍ଲାଣ୍ଟ ଏବଂ ନୂତନ କୋକ୍ ଓଭେନ ଅନ୍ତର୍ଭୁକ୍ତ । ଏହି ସମସ୍ତ ପ୍ରକଳ୍ପ ଦ୍ୱାରା ଅନଗୋଳ ଜିନ୍ଦଲ ଷ୍ଟିଲ୍‌ର ବିଶ୍ୱସ୍ତରୀୟ ବିକାଶ ରଣନୀତିର ଆଧାରକେନ୍ଦ୍ର ହେବ ବୋଲି ଆଶା କରାଯାଉଛି।


# Classified Everyday

**0674-2580101, 9692975378**



**AUTOMOBILE SALE**

Voltix E-Scooter Lithium Battery Three Wheeler (For Handicrafts) only 345K.M. running. Brands new for sale. Contact: 9090533314. D-60986




**Warehouse To-let at Hanspal near NH-16, Bhubaneswar 33000sqft. Plinth+ 11000sqft. Mezzanine. Contact: 7205809501, 9861096613.** D-1985



**REAL ESTATE SALE**

**Ready to move 1/2BHK flat for sale @ 18/24lakh at Gudiapokhari Bhubaneswar, Call- 9861642492.** D-2018

ଭୁବନେଶ୍ୱର **NISER, IIT** ଜଟଣୀ ପାଖରେ ପ୍ରସ୍ତାବିତ **BDA 200ft** ରୋଡକୁ ଲାଗି **investment** ପ୍ଲଟ୍ ପୋଜେସନ ଥାଇ **Sqft.- 650/-, 850/-** ବିକ୍ରି ହେଉଛି– **9337166296.** D-1942

ପିତାପଲ୍ଲୀ ଛକ NH Side 60ft ରାସ୍ତାକୁ ଲାଗି ସଙ୍ଗେ ସଙ୍ଗେ ଘରକଲା ଭଳି ପ୍ଲଟ ପାଚେରି, ଇଲେକ୍ଟ୍ରିସିଟି ଥାଇ ମିଳୁଛି। **(owner)- 9090963952.** D-02

ପୁରୀ ବାଟମଙ୍ଗଳା ସମ୍ମୁଖ **200** ଫୁଟ **Bypass** ରୋଡ୍ ପାଖରେ ଅତିଶୀଘ୍ର ଘର କରିବା ଯୋଗ୍ୟ ପ୍ଲଟ୍ ଡିସିମିଲକୁ **12** ଲକ୍ଷ୍ୟ ଟଙ୍କା। ଯୋଗାଯୋଗ–**9438109040/ 8144658008.** D-2134

**AFFIDAVIT**

By virtue of an affidavit sworn before Executive Magistrate, Chhendipada Vide No.- 1607, dated 17.09.2025, I, Meghi Naik, resident of Village- At- Kankurapal, P.O.-Chhendipada, Dist.- Angul (Odisha), PIN- 759124, currently Sundrapal, P.O.- Nuapada, P.S.- Rengali, Dist.- Angul (Odisha), India. Declare that I have changed my name from Damaynti Naik to Meghi Naik. Henceforth, I shall be known as Meghi Naik for all purpose. D-2131

By virtue of an affidavit sworn before the Notary Public, Nuapada, No.- 1220, date 25.09.25, I, SABITA MAJHI, D/o- LUPSINGA MAJHI, R/o. At- Patora, P.O.- Maraguda, P.S.- Dharambandha, Dist.- Nuapada, PIN- 766105 declare that I have changed my name from BARSA MAJHI to SABITA MAJHI. Henceforth, I shall be known as SABITA MAJHI for all purposes.
SABITA MAJHI D-2128

I, Mamata Parida (39), W/o- Rajiba Parida, Vill- Bhakutidiha, P.O.- Badhinuapalli, P.S.- Khallikote, Ganjam have changed my name from Mamata Parida to Namita Parida vide affidavit No.- A/3485, 26.09.2025 of Executive Magistrate, Khallikote, Ganjam. Henceforth, I shall be known as Namita Parida for all future and needfull purposes. D-2133

By virtue of affidavit sworn an before Executive Magistrate, Bhubaneswar, dated 24th day of September, 2025, I, Jyotsnamayee Muduli, Address: At- Panisalia, P.O./P.S.- Jagatsinghpur, Dist.- Jagatsinghpur- 754103, Odisha declare that I have changed my name from Jyotsna Muduli and Jyotsnamayee Muduli. Henceforth, I shall be known as Jyotsnamayee Muduli for all purposes.
Jyotsnamayee Muduli D-75399

By virtue of an affidavit sworn before Notary Public, Cuttack, dated 24.09.2025, I, KASIRAJAN SELVARAJAN CASIMIR, Address- FABER RESIDENCE, XIM UNIVERSITY, NIJIGARH, KURKI, HARIRAJPUR- 752050, declare that I have changed my name from K S CASIMIR to KASIRAJAN SELVARAJAN CASIMIR. Henceforth, I shall be known as KASIRAJAN SELVARAJAN CASIMIR for all purposes. D-2130

I, PURUSHOTTAM BARIK, S/o- Parsuram Barik residing at Qr. B44, Sector-16, Rourkela, Odisha declare by the affidavit No.- 567, dated- 25.08.2025 that recorded father's name in all Educational Certificate of my son Shivaji Barik shall be known as Purushottam Barik instead of Purusottam Barik. D-2132

By virtue of an affidavit sworn before Executive Magistrate, Bargarh, I, Tulasi Biswal, D/o- Belal Biswal, At/P.O.- Kalapani Block/Tahasil/ Dist.- Bargarh do hereby declared that I have changed my name from Mita Biswal to Tulasi Biswal. Henceforth, I shall be known as Tulasi Biswal for all purposes. D-2129

By virtue of an affidavit sworn before Notary Public, BBSR, dated- 28.05.2025, I, Alok Das, Address- Alok Das Gangada Bandhamunda, Deriki, Naugaon, Jagatsinghpur declare that I have changed the name of my daughter's Aradhya Das to Subhashree Das. Henceforth, she shall be known as Subhashree Das for all purposes.
Alok Das D-2127

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By virtue of an affidavit sworn before the Executive Magistrate, Thuamul Rampur, dated 01.07.2025, I, Sushila Naik, R/o. At/P.O.- Dumerpadar, P.S.Th. Rampur, Dist.- Kalahandi, PIN- 766037, Odisha, declare that I have changed my name from Gedela Susila to Sushila Naik. Henceforth, I shall be known as Sushila Naik for all future purposes.
Sushila Naik D-2138

By virtue of an affidavit sworn before the Executive Magistrate, Thuamul Rampur, dated 19.06.2025, I, Mangtia Majhi, R/o. At- Nikeshjor, P.O.- Kathakura, P.S.- Th. Rampur, District.- Kalahandi, PIN-766037, Odisha, declare that I have changed the name of my daughter's from Jati Majhi to Jyoti Majhi. Henceforth, she shall be known as Jyoti Majhi Pradhani for all purposes.
Mangtia Majhi D-2137

By virtue of an affidavit No.- 7206 before the Executive Magistrate, Basudevpur, dated 25.09.2025, I, Lipipuspa Panda, Vill/P.O./Via- Eram, P.S.-Basudevpur, Dist.- Bhadrak, Odisha, PIN- 756162 declare that I have changed my daughter's name from Lipipuspa Panda to Pralipta Panda. Henceforth, she shall be known as Pralipta Panda for all purposes.
Lipipuspa Panda D-2135

**LEGAL NOTICE**

ଭଦ୍ରକ ମୁକାମ ସିଭିଲ ଜଜ୍ ସିନିୟର ଡିଭିଜନ ଅଦାଲତ
ଆଇଏ ନଂ.– ୪୮୪/୨୦୨୪
ସିଏସ୍ ନଂ.– ୧୧୬୦/୨୦୨୪

୧– ନଜର ଇମାମି ବିଜେ, ବହୁଦରଢ଼ା, ୨– ଶ୍ରୀ ରାକେଶ କୁମାର ନାୟକ, ବ୩୦ର୍ଷ, ପିତା: ଗଙ୍ଗାଧର ନାୟକ, ୩– ଶ୍ରୀ ସତ୍ୟାଶୁ ଶେଖର ରାଉତ, ବ୪୧ର୍ଷ, ପିତା: ୰ଗୋଲକ ଚନ୍ଦ୍ର ରାଉତ, ୪– ସେକ ଇସାକ, ବ୬୫ର୍ଷ, ପିତା: ୰ସେକ ରୁସ୍ତମ
ସମସ୍ତଙ୍କର ସା/ପୋ: ବହୁଦରଢ଼ା, ଥାନା: ଭଦ୍ରକ (ଗ୍ରା.), ଜି: ଭଦ୍ରକ
...ବାଦୀ/ଦରଖାସ୍ତକାରୀ

ବନାମ

୧. ଫରିଦ ଖାଁ, ବ୬୫ର୍ଷ, ପିତା– ୰ମେହେରବାନ ଖାଁ, ସା: ମିର୍ଜାପୁର, ପୋ/ଥାନା: ପୁରୁଣାବଜାର, ଜି: ଭଦ୍ରକ, ୨. ଶ୍ରୀ ନରେଶ କୁମାର ସାହୁ, ବ୪୦ର୍ଷ, ପିତା: ଉମାକାନ୍ତ ସାହୁ, ୩. ଶ୍ରୀମତୀ ସୁନନ୍ଦା ସାହୁ, ବ୩୯ର୍ଷ, ସ୍ୱାମୀ: ନରେଶ କୁମାର ସାହୁ, ୪. ଆନନ୍ଦି କଲ୍ୟାଣ ସିଂ, ବ୩୪ର୍ଷ, ସ୍ୱାମୀ: ରାଜେଶ କୁମାର ସାହୁ, ନଂ ୨ ଲ ୪ମ୍ବର ବିବାଦୀମାନଙ୍କର ସା: ବଙ୍କସାହି, ପୋ/ଥାନା/ଜି: ଭଦ୍ରକ, ୫. ଶ୍ରୀ ଶୈଳେନ୍ଦ୍ର କୁମାର ରାଉତ, ବ୪୭ର୍ଷ, ପିତା: ୰ଗୟାଧର ରାଉତ, ସା: କୁଆଁସ (ଟାଉନ ଥାନା ନିକଟସ୍ଥ), ପୋ/ଥାନା/ଜି: ଭଦ୍ରକ, ୬. ସେକ ଅବଦୁଲ ହଏସନ, ବ୪୭ର୍ଷ, ପିତା: ସେକଅବଦୁଲ ସାହିଦ, ସା: ଇସଫପୁର (ଛଡ଼ାକମହଲା), ପୋ/ଥାନା: ପୁରୁଣାବଜାର, ଜି: ଭଦ୍ରକ, ୭, ସାଏନାଜ ବାନୋ, ବ୩୭ର୍ଷ, ସ୍ୱାମୀ: ସେକ ଅବଦୁଲ ରଫିକ, ସା: ଇସଫପୁର (ଛଡ଼ାକମହଲା), ପୋ/ଥାନା: ପୁରୁଣାବଜାର, ଜି: ଭଦ୍ରକ, ୮. ଅନୁରା ବିବି, ବ୩୭ର୍ଷ, ସ୍ୱାମୀ: ସେକ ଅଜଗର ଅଲ୍ଲୀ, ସା: ମିର୍ଜାପୁର (ପାଟଣାସାହି) ଛଡ଼ାକମହଲା, ପୋ/ଥାନା: ପୁରୁଣାବଜାର, ଜି: ଭଦ୍ରକ ।
ହାଲ୍ ସା– B-87, AC Enclave, Old Haibatpur, Sent Dev Nagar Colony, Haibatpur, Goutam Buddha Nagar, Uttar Pradesh, PIN- 201009.
୯. ଶ୍ରୀ ରମେଶ ଚନ୍ଦ୍ର ଜେନା, ବ୫୯ର୍ଷ, ପିତା: ୰ଜଗବନ୍ଧୁ ଜେନା, ସା/ପୋ: ବହୁଦରଢ଼ା, ଥାନା: ଭଦ୍ରକ (ଗ୍ରା.), ଜି: ଭଦ୍ରକ ।
....ଅପରପକ୍ଷମାନେ

ଦେୱାନୀ କାର୍ଯ୍ୟବିଧି ଆଇନର ଅର୍ଡର ୫, ରୁଲ୍ ୨୦ ଅନୁଯାୟୀ ନୋଟିସ
ପ୍ରାପ୍ତେଷୁ,
ଅନୁରା ବିବି, ବ୩୭ର୍ଷ, ସ୍ୱାମୀ: ସେକ ଅଜଗର ଅଲ୍ଲୀ, ସା: ମିର୍ଜାପୁର (ପାଟଣାସାହି) ଛଡ଼ାକମହଲା, ପୋ/ଥାନା: ପୁରୁଣାବଜାର, ଜି: ଭଦ୍ରକ। ହାଲ୍ ସା– B-87, AC Enclave, Old Haibatpur, Sent Dev Nagar Colony, Haibatpur, Goutam Buddha Nagar, Uttar Pradesh, PIN- 201009

ଏତଦ୍ୱାରା ଆପଣଙ୍କ ଗୋଚରାର୍ଥେ ଜଣାଇ ଦିଆଯାଉଛି କି ନିମ୍ନ ତଫସିଲ ବୃତ୍ତି ପକ୍ଷେ ଅସ୍ଥାୟୀ ନିଷେଧାଜ୍ଞା ଦାବିରେ ଦରଖାସ୍ତକାରୀ ଆପଣ ନ୮ମ୍ବର ଅପରପକ୍ଷଙ୍କ ବିରୁଦ୍ଧରେ ନିମ୍ନ ତଫସିଲ ବୃତ୍ତି ପକ୍ଷେ ମୋକଦ୍ଦମା ଦାଖଲ କରିଅଛନ୍ତି ଓ ତହିଁର ନୋଟିସ ଆପଣଙ୍କ ପାଖକୁ ପଠାଯାଇ ଥିଲେ ହେଁ ଆପଣ ଜାଣିଶୁଣି ଉକ୍ତ ନୋଟିସ ଗ୍ରହଣ କରୁ ନ ଥିବାରୁ ଅତ୍ର ଖବରକାଗଜ ନୋଟିସ ଜରିଆରେ ଆପଣଙ୍କୁ ଅବଗତ କରାଯାଉଅଛି କି ଆପଣ ତା୨୩।୧୦।୨୫ରିଖ ଦିବା ୧୦ ଘଟିକା ୩୦ ମିନିଟ୍‌ରେ ଅଦାଲତରେ ନିଜେ କିମ୍ବା ଆପଣଙ୍କ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଜରିଆରେ ହାଜର ହୋଇ କାହିଁକି ଉକ୍ତ ବୃତ୍ତି ପକ୍ଷେ ଅସ୍ଥାୟୀ ନିଷେଧାଜ୍ଞା ଜାରି କରା ନ ଯିବ ତହିଁର କାରଣ ଦର୍ଶାଇବେ, ନଚେତ ଆଇନ ଅନୁଯାୟୀ ଉଚିତ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ।

ତଫସିଲ ବୃତ୍ତି

ଜିଲ୍ଲା– ଭଦ୍ରକ, ଥା– ଭଦ୍ରକ (R), ମୌଜା– ବହୁଦରଢ଼ା, ଚକବନ୍ଦୀ ଖା୮୩୫ତା, ଖ୨୬୫୫ସଢ଼ା ଏ୦.୫୭ଡ଼ି, ଖ୨୬୩୦ସଢ଼ା ଏ୦.୨୩ଡ଼ି, ଖ୩୫୨୭ସଢ଼ା ଏ୦.୬୧ଡ଼ି ଯାହାକି ବନ୍ଦୋବସ୍ତ ଖା୬୫୫ତା ଖ୨୦୭୩ସଢ଼ା ଏ୦.୫୭ଡ଼ି, ଖ୨୦୦୮ସଢ଼ା ଏ୦.୨୩ଡ଼ି, ଖ୨୪୬୬/୪୨୮୭ସଢ଼ା ଏ୦.୬୧ଡ଼ି ଯାହାକି ସାବକ ଖା୫ତା ଖ୧୯୮୮ସଢ଼ା ଏ୦.୨୪ଡ଼ି, ଖ୨୦୫୧ସଢ଼ା ଏ୦.୬୧ଡ଼ି, ଖ୨୩୩୩ସଢ଼ା ଏ୦.୮୨ଡ଼ି. ।

ସ୍ୱାକ୍ଷର ସିଭିଲ ଜର୍ଜ (ସିନିୟର ଡିଭିଜନ), ଭଦ୍ରକ
ଧ-୨୧୩୬


4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

सत्यमेव जयते

# BHARAT AT THE HEART, SWADESHI AT THE CORE

Indigenous 4G puts Bharat among the World's Top 5



Prime Minister Narendra Modi

Service is the resolve,
India First the inspiration...75 years

## Inauguration of Swadeshi 4G (5G ready) Network

By

## Prime Minister Shri Narendra Modi

Odisha | 27th September, 2025 | 11:30 AM

## Connecting the Unconnected, Empowering Citizens

- Under the initiative, more than 97,500 mobile towers have been rolled out in less than one year
- Fully indigenous technology to free Bharat from import dependency
- Over 26,700 villages get high speed internet connectivity for the first time
- People in rural areas to have easy access to services like digital learning, smarter farming tools and 24x7 telemedicine
- 2.2+ crore citizens now have access to 4G data at affordable prices
- New opportunities for youth with strong digital infrastructure

CORE POWERED BY सी-डॉट C-DOT

BSNL Connecting Bharat

tcs TATA CONSULTANCY SERVICES

Say with Pride - It is Swadeshi

न्यूज़ Live telecast on DD News and it's Social Media Channels

Scan to watch live